# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୨୬/୨୦୨୩ (୧୪ ପୃଷ୍ଠା) Bhubaneswar, Wednesday, April 26/2023 Page 14 ₹ 7.00

୪୯ଶ ଭାଗ ୧୫୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 151 ମୂଲ୍ୟ ₹୭/-




### ଟେଷ୍ଟ ଦଳକୁ ଫେରିଲେ ରାହାନେ
ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଫାଇନାଲ ପାଇଁ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ବ୍ୟାଟର ଅଜିଙ୍କ୍ୟ ରାହାନେ।

୧୪

୦୪

### ୨୦୨୪ ପାଇଁ ବାଇଡେନ୍‌ଙ୍କ ପ୍ରସ୍ତୁତି
ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ୨୦୨୪ରେ ପୁନଃ ନିର୍ବାଚିତ ହେବା ପାଇଁ ମଙ୍ଗଳବାର ପ୍ରସ୍ତୁତି ଆରମ୍ଭ କରିଛନ୍ତି।





ମହିଳା ଆଥ୍‌ଲେଟ୍‌ଙ୍କୁ ଯୌନ ନିର୍ଯାତନାର କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ପ୍ରତିବାଦରେ ନୂଆଦିଲ୍ଲୀସ୍ଥିତ ଯନ୍ତରମନ୍ତରଠାରେ ରବିବାରଠାରୁ ଧାରଣା ଦେଇଥିବା ରେସ୍‌ଲରମାନଙ୍କୁ ସମର୍ଥନ ଜଣାଉଛନ୍ତି ସିପିଆଇଏମ୍ ନେତ୍ରୀ ବ୍ରିନ୍ଦା କରାଟ୍ ଓ ଚାଷୀ ନେତାମାନେ। **(ଫଟୋ: ଚମନ ଗୌତମ)**।

# ବ୍ରିଜ୍‌ଭୂଷଣଙ୍କ ନାଁରେ ଏଫ୍‌ଆଇଆର୍ ନିର୍ଦ୍ଦେଶ

- **ମହିଳା କୁସ୍ତିଯୋଦ୍ଧାଙ୍କୁ ଯୌନ ଉତ୍ପୀଡ଼ନ ଅଭିଯୋଗ**
- **ଦିଲ୍ଲୀ ସରକାରଙ୍କୁ ସୁପ୍ରିମକୋର୍ଟ ନୋଟିସ**

**ନୂଆଦିଲ୍ଲୀ,୨୫।୪**

ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ଅଧ୍ୟକ୍ଷ ତଥା ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିରୋଧରେ ମହିଳା କୁସ୍ତିଯୋଦ୍ଧାମାନେ ଆଣିଥିବା ଯୌନ ଉତ୍ପୀଡ଼ନ ମାମଲାରେ ଦିଲ୍ଲୀ ପୋଲିସର ଭୂମିକା ସନ୍ଦେହ ଘେରରେ। ଏହି ପ୍ରସଙ୍ଗରେ କନ୍ନଟପ୍ଲେସ୍ ଥାନାରେ ଅଭିଯୋଗ ସତ୍ତ୍ୱେ ପୋଲିସ ମାମଲା ରୁଜୁ କରୁ ନ ଥିବା ଦର୍ଶାଇ ୭ ମହିଳା ରେସ୍‌ଲର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସର୍ବୋଚ୍ଚ ଅଦାଲତ ମଙ୍ଗଳବାର ଦିଲ୍ଲୀ ସରକାରଙ୍କୁ ନୋଟିସ କରିଛନ୍ତି। ଏଥିସହ ବ୍ରିଜ୍‌ଭୂଷଣଙ୍କ ନାମରେ ମାମଲା ରୁଜୁ କରିବାକୁ ଦିଲ୍ଲୀ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଭିନେଶ ଫୋଗଟ, ସାକ୍ଷୀ ମଲିକଙ୍କ ସମେତ ☞ **ପୃଷ୍ଠା-୪**



ବ୍ରିଜ୍‌ଭୂଷଣ ଶରଣ ସିଂ

# ରାଜ୍ୟ ସରକାରଙ୍କୁ ରିପୋର୍ଟ ତଲବ

## ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଘଟଣା

## କମିଶନ ରିପୋର୍ଟ ସାର୍ବଜନୀନ କରାଯାଉ: ଆବେଦନକାରୀ

**ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବାକୁ ନେଇ ସୃଷ୍ଟ ବିବାଦ ଏବେ ଆଉ ଥରେ ମୁଣ୍ଡ ଟେକିଛି। ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ଗଠିତ କମିଶନ ରିପୋର୍ଟ ଦାଖଲକୁ ଇତିମଧ୍ୟରେ ୪ବର୍ଷରୁ ଊର୍ଦ୍ଧ୍ୱ ବିତିଥିଲେ ମଧ୍ୟ ଏହାକୁ ସାର୍ବଜନୀନ କରାଯାଉ ନାହିଁ। ତେଣୁ କମିଶନ ରିପୋର୍ଟକୁ ସାର୍ବଜନୀନ କରିବାକୁ ହାଇକୋର୍ଟରେ ହୋଇଥିବା ମାମଲାରେ ରାଜ୍ୟ ସରକାରଙ୍କୁ ଜବାବ ତଲବ କରାଯାଇଛି। ଏଥିରେ ମୁଖ୍ୟ ଶାସନ ସଚିବ ଏବଂ ଆଇନ ସଚିବଙ୍କୁ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଥିବାବେଳେ ଜୁଲାଇ ୧୦ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।**



**କଟକ ଅଫିସ/ପୁରୀ ଅଫିସ,୨୫।୪**

ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ମାମଲାକୁ ନେଇ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ମଙ୍ଗଳବାର ନୋଟିସ ଜାରି କରିଛନ୍ତି। ଜଷ୍ଟିସ ରଘୁବୀର ଦାସ କମିଶନଙ୍କ ତଦନ୍ତ ରିପୋର୍ଟକୁ ସତ୍ୟପାଠ ଆକାରରେ ଦାଖଲ କରିବାକୁ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଜୁଲାଇ ୧୦ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ତେଣୁ ଜୁଲାଇ ୧ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି।

ଆବେଦନକାରୀ ଦିଲୀପ କୁମାର ବରାଳଙ୍କ ପକ୍ଷରୁ ଦାଏର କରାଯାଇଥିବା ମାମଲାର ବିବରଣୀ ଅନୁଯାୟୀ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ଏକ ବିବାଦୀୟ ସ୍ଥିତି ସୃଷ୍ଟି ହୋଇଥିଲା। ୨୦୧୮ ଏପ୍ରିଲ୍ ୪ ତାରିଖରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଓ ରାଜ୍ୟ ସରକାରଙ୍କ ଅନୁମତି ପରେ ୧୭ ଜଣିଆ ପ୍ରାଧିକୃତ ସଦସ୍ୟ ରତ୍ନଭଣ୍ଡାର ଖୋଲିବା ପାଇଁ ମନ୍ଦିର ଭିତରକୁ ଯାଇଥିବାବେଳେ ଚାବି ହଜିବା ନାଟକ ରଚନା କରାଯାଇଥିଲା। ପରେ ଏହାକୁ ନେଇ ବିଭିନ୍ନ ବର୍ଗରୁ ଆନ୍ଦୋଳନ ତେଜିବା ପରେ ସରକାର ସେହିବର୍ଷ ଜୁନ୍ ୬ ତାରିଖରେ ଜଷ୍ଟିସ ରଘୁବୀର ଦାସ ତଦନ୍ତ କମିଶନ ବସାଇଥିଲେ। ୬ମାସ ଏହାର ସମୟ ଅବଧି ରହିଥିଲା। ରଘୁବୀର ଦାସ କମିଶନ ୨୦୧୮ ନଭେମ୍ବର ୨୯ରେ ୩୨୪ ପୃଷ୍ଠାର ଏକ ରିପୋର୍ଟ ପ୍ରସ୍ତୁତ କରି ରାଜ୍ୟ ଗୃହ ବିଭାଗକୁ ପ୍ରଦାନ କରିଥିଲେ। ତଦନ୍ତ ବାବଦକୁ ରାଜକୋଷରୁ ୨୨ ଲକ୍ଷ ୨୭ ହଜାର ୯୧୮ ଟଙ୍କା ଖର୍ଚ୍ଚ ହୋଇଥିଲା। କମିଶନ୍ ଅଫ୍ ଇନକ୍ୱାରି ଆକ୍ଟ ୧୯୫୨ ଅନୁଯାୟୀ ସରକାର ଉକ୍ତ ରିପୋର୍ଟକୁ ପରଖିବା ପରେ ବିଧାନସଭାରେ ଉପସ୍ଥାପନ କରିବା କଥା। ହେଲେ ରିପୋର୍ଟ ଦାଖଲକୁ ଇତିମଧ୍ୟରେ ୪ବର୍ଷରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ସୁଦ୍ଧା ରିପୋର୍ଟ କିମ୍ବା ମେମୋରାଣ୍ଡମ୍ ଉପସ୍ଥାପନ ହୋଇପାରି ନାହିଁ। ତେଣୁ କମିଶନ ରିପୋର୍ଟରେ କ'ଣ ଅଛି ତାହା ଲୋକଲୋଚନକୁ ଆସି ପାରିଲା ନାହିଁ। ଏପରି କି ବିରୋଧୀ ଦଳ ମଧ୍ୟ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ନିମନ୍ତେ କିଛି ଦିନ ତଳେ ବିଧାନସଭାରେ ପ୍ରସଙ୍ଗ ଉଠାଇଥିଲେ। ହେଲେ ଉକ୍ତ ରିପୋର୍ଟକୁ ସରକାର ଚପାଇ ରଖିଛନ୍ତି। ରିପୋର୍ଟକୁ ବିଧାନସଭାରେ ଉପସ୍ଥାପନ ପୂର୍ବକ ସାର୍ବଜନୀନ କରିବାକୁ ଆବେଦନକାରୀ ପିଟିଶନ୍‌ରେ ଦର୍ଶାଇଛନ୍ତି। ଏଥିସହ ସେ ଆହୁରି ମଧ୍ୟ ପ୍ରାର୍ଥନା କରିଛନ୍ତି ଯେ, ରତ୍ନଭଣ୍ଡାରରେ କ'ଣସବୁ ଅଳଙ୍କାର ରହିଛି, ତା'ର ତାଲିକା ୧୯୭୮ ମସିହା ପରଠାରୁ ଏଯାବତ୍ ପ୍ରସ୍ତୁତ ହୋଇନାହିଁ। ଏହି ତାଲିକା ପ୍ରସ୍ତୁତ କରିବା ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ମଧ୍ୟ ଆବେଦନ କରାଯାଇଛି। ଏଥିସହ ରତ୍ନଭଣ୍ଡାର ଦୁର୍ବଳ ହୋଇପଡ଼ିବା କାରଣରୁ ତାହାର ମରାମତି ନିମନ୍ତେ ଏଏସ୍‌ଆଇକୁ ଦାୟିତ୍ୱ ଦିଆଯାଉ ବୋଲି ଆବେଦନ କରାଯାଇଛି। ☞ **ପୃଷ୍ଠା-୪**

## ପ୍ରକାଶ ସିଂ ବାଦଲଙ୍କ ପରଲୋକ



**ଚଣ୍ଡିଗଡ଼,୨୫।୪:** ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଶିରୋମଣି ଅକାଳୀ ଦଳ (ଏସ୍‌ଏଡି)ର ମୁଖ୍ୟ ପ୍ରକାଶ ସିଂ ବାଦଲଙ୍କର ମଙ୍ଗଳବାର ରାତି ୮ଟାରେ ମୋହାଲିର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୯୫ ବର୍ଷ ହୋଇଥିଲା। ଶ୍ୱାସକ୍ରିୟାରେ ସମସ୍ୟା ଅନୁଭବ କରିବାରୁ ବାଦଲଙ୍କୁ କିଛିଦିନ ପୂର୍ବରୁ ମୋହାଲିର ଫୋର୍ଟିସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ସହ ପୁଅ ତଥା ଏସ୍‌ଏଡି ଅଧ୍ୟକ୍ଷ ସୁଖବୀର ସିଂ ବାଦଲ ଏବଂ ☞ **ପୃଷ୍ଠା-୪**

**ଆଜିର ସମ୍ପାଦକୀୟ**

**ଇ-ଯାନ ସମସ୍ୟା**

# ଛାତ୍ରୀଛାତ୍ରଙ୍କ ସଫଳତା ଓଡ଼ିଶାର ସଫଳତା: ନବୀନ

## ୪ ଜିଲାର ୩୫୭ ରୂପାନ୍ତରିତ ସ୍କୁଲକୁ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୫।୪(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ୫-ଟି ସ୍କୁଲ ରୂପାନ୍ତରଣ ଅଭିଯାନର ୩ୟ ପର୍ଯ୍ୟାୟର ଶୁଭାରମ୍ଭ କରିଛନ୍ତି। ପ୍ରଥମ ଦିନରେ ୪ ଜିଲାର ୩୫୭ଟି ରୂପାନ୍ତରିତ ସ୍କୁଲକୁ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଛନ୍ତି। ଏଥିରେ ଗଞ୍ଜାମ ଜିଲାର ୧୦୬ଟି ହାଇସ୍କୁଲ, ଅନୁଗୋଳର ୮୭, କେନ୍ଦୁଝରର ୫୭ ଓ ଜଗତ୍‌ସିଂହପୁରର ୧୦୭ ହାଇସ୍କୁଲ ଅନ୍ତର୍ଭୁକ୍ତ ଅଛି। ୩ୟ ପର୍ଯ୍ୟାୟରେ ସମୁଦାୟ ୨,୧୫୧ ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହେବ। ସୂଚନାଯୋଗ୍ୟ, ଗତ ୨ଟି ପର୍ଯ୍ୟାୟରେ ରାଜ୍ୟରେ ୩,୯୮୧ ସ୍କୁଲ ରୂପାନ୍ତରିତ ହୋଇଛି। ୩ଟି ପର୍ଯ୍ୟାୟ ସମ୍ପୂର୍ଣ୍ଣ ହେବା ପରେ ରାଜ୍ୟରେ ସମୁଦାୟ ୬,୧୩୨ ସ୍କୁଲ ରୂପାନ୍ତରିତ ହେବ। ଏହି ଅବସରରେ ଭିଡିଓ କନ୍‌ଫରେନ୍ସରେ ଯୋଡ଼ିହୋଇଥିବା ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଛାତ୍ରୀଛାତ୍ରଙ୍କ ସଫଳତା ହେଉଛି ଓଡ଼ିଶାର ସଫଳତା। ୫-ଟି ସ୍କୁଲଗୁଡ଼ିକରେ ପିଲାଙ୍କୁ ସବୁ ପ୍ରକାର ଆଧୁନିକ ସୁବିଧା ଦେବା ପାଇଁ ପ୍ରଚେଷ୍ଟା କରାଯାଇଛି। ପିଲାମାନେ ଏହାର ସୁଯୋଗ ନେଇ ନିଜ ପ୍ରତିଭାର ପରିଚୟ ପ୍ରଦାନ କରିପାରିଲେ ସେମାନଙ୍କ ନିଜର ଓ ପରିବାରର ଗୌରବ ବୃଦ୍ଧି ପାଇବ। ଏହା ସହ ଓଡ଼ିଶାର ଗୌରବ ବଢ଼ିବ। ପିଲାମାନେ ଯଦି ନିଜ ଜୀବନରେ ୫-ଟିର ଉପଯୋଗ କରିବେ, ତେବେ ସେମାନେ ଜୀବନର ସବୁ କ୍ଷେତ୍ରରେ ସଫଳ ହେବେ। ବର୍ତ୍ତମାନ ଟେକ୍ନୋଲୋଜିର ଯୁଗ। ତେଣୁ ପିଲାମାନେ ନୂଆ ନୂଆ ଟେକ୍ନୋଲୋଜି ବିଷୟରେ ଜାଣିବାକୁ ଚେଷ୍ଟା କରିବା ଆବଶ୍ୟକ। କ୍ରୀଡ଼ା କ୍ଷେତ୍ରରେ ଟିମ୍‌ୱାର୍କ ଅତି ଜରୁରୀ। ଜୀବନରେ ସାଧୁତା ନିତାନ୍ତ ଆବଶ୍ୟକ। ସାଧୁତା ଦ୍ୱାରା ମଣିଷର ବିଶ୍ୱସନୀୟତା ବୃଦ୍ଧି ପାଇଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକଗଣ, ପଞ୍ଚାୟତ ପ୍ରତିନିଧି, ସ୍କୁଲ ପରିଚାଳନା କମିଟିର ସଦସ୍ୟ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ ☞ **ପୃଷ୍ଠା-୪**



# ଶିଶୁଙ୍କ ବୋଧଶକ୍ତି କମାଇପାରେ ବାୟୁ ପ୍ରଦୂଷଣ

**ନୂଆଦିଲ୍ଲୀ,୨୫।୪**

ଭାରତରେ ଦୁଇ ବର୍ଷରୁ କମ୍ ବୟସର ଶିଶୁମାନଙ୍କଠାରେ ଦେଖାଦେଉଥିବା ବୋଧଶକ୍ତି ସମସ୍ୟା ସହ ନିମ୍ନମାନର ବାୟୁର ସମ୍ପର୍କ ରହିଥାଇପାରେ ବୋଲି ଏକ ଅଧ୍ୟୟନରେ କୁହାଯାଇଛି। ୨ ବର୍ଷ ବୟସ ମଧ୍ୟରେ ଶିଶୁମାନଙ୍କର ମସ୍ତିଷ୍କର ସର୍ବାଧିକ ଅଭିବୃଦ୍ଧି ହୋଇଥାଏ। ଏହି ସମୟରେ ଚିନ୍ତା କରିବା, ଅଭିଜ୍ଞତା ଏବଂ ଇନ୍ଦ୍ରୀୟାନୁଭୂତି ମାଧ୍ୟମରେ ଜ୍ଞାନ ଓ ବୁଦ୍ଧି ଆହରଣ କରିବା ପ୍ରକ୍ରିୟାକୁ ବୋଧଶକ୍ତି କୁହାଯାଏ। ନିଷ୍କ୍ରିୟତା ପିଲାମାନଙ୍କ ଦୀର୍ଘମିଆଦୀ ମସ୍ତିଷ୍କ ବିକାଶ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ, ଯାହାର ପରିଣାମ ଜୀବନରେ ଅନୁଭୂତ ହୋଇପାରେ ବୋଲି ଗବେଷକମାନେ କହିଛନ୍ତି। ପିଲାଙ୍କଠାରେ ବୋଧଶକ୍ତି ଅଭାବ ସହ ନିମ୍ନମାନର ବାୟୁର ସମ୍ପର୍କ ରହିଥିବା ପ୍ରାରମ୍ଭିକ ଅଧ୍ୟୟନରୁ ଜଣାପଡ଼ିଛି। ଏହା ଭାବପ୍ରବଣତା ଏବଂ ଆଚରଣଗତ ସମସ୍ୟା ମଧ୍ୟ ସୃଷ୍ଟି କରିଥାଏ, ଯାହା ପରିବାର ଉପରେ ଗମ୍ଭୀର ପ୍ରଭାବ ପକାଇପାରେ ବୋଲି ମୁଖ୍ୟ ଗବେଷକ ବ୍ରିଟେନ ୟୁନିଭର୍ସିଟି ଅଫ୍ ଇଷ୍ଟ ଆଙ୍ଗ୍ଲିଆର ପ୍ରଫେସର ଜନ୍ ସ୍ପେନ୍‌ସର କହିଛନ୍ତି। ତାଙ୍କ କହିବା ଅନୁଯାୟୀ ବାୟୁରେ ଥିବା ଅତି କ୍ଷୁଦ୍ର କଣିକା ଅତ୍ୟନ୍ତ ଚିନ୍ତାଜନକ। କାରଣ ସେଗୁଡ଼ିକ ଶ୍ୱାସନଳୀରେ ଯାଇ ମସ୍ତିଷ୍କରେ ଅଟକି ଯାଇଥାଏ। ତେବେ ନିମ୍ନମାନର ବାୟୁ ସହ ଶିଶୁଙ୍କ ବୋଧଶକ୍ତି ସମସ୍ୟା ମଧ୍ୟରେ ସମ୍ପର୍କ ଏବଂ ବିଷାକ୍ତ କଣିକା ସହ ମସ୍ତିଷ୍କ ନିର୍ଦ୍ଦିଷ୍ଟ ଭାବେ ସମ୍ବେଦନଶୀଳ କି ନୁହେଁ, ବର୍ତ୍ତମାନ ପର୍ଯ୍ୟନ୍ତ ଅଧ୍ୟୟନରୁ ସ୍ପଷ୍ଟ ଜଣାପଡ଼ିନାହିଁ। ଏହାକୁ ନେଇ ଭାରତର ଗ୍ରାମାଞ୍ଚଳରେ ରହୁଥିବା ପରିବାର ଉପରେ ଅଧିକ ଅଧ୍ୟୟନ ଜାରି ରହିଥିବା ସ୍ପେନ୍‌ସର କହିଛନ୍ତି। ଉକ୍ତ ଗବେଷକ ଟିମ୍ ସହ ଲକ୍ଷ୍ନୌର କମ୍ୟୁନିଟି ଏମ୍ପାୱାରମେଣ୍ଟ ଲାବ୍ କାର୍ଯ୍ୟ କରୁଛି। ଉତ୍ତରପ୍ରଦେଶର ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଶିବଗଡ଼ ଅଞ୍ଚଳର ପରିବାର ଉପରେ ଅଧ୍ୟୟନ ଚାଲିଛି, ଯେଉଁଠାରେ ବାୟୁ ମାନ ଅତ୍ୟନ୍ତ ନିମ୍ନ ମାନର।






**ଅଫିସ୍ ଭିତରେ ଭିଏଓଙ୍କୁ ହାଣିଲେ ବାଲି ମାଫିଆ**

ତାମିଲନାଡୁର ମୁରରାପ୍ପାନାଡୁରେ ବାଲି ମାଫିଆମାନେ ମଙ୍ଗଳବାର ୫୩ ବର୍ଷୀୟ ଗ୍ରାମ ପ୍ରଶାସନିକ ଅଧିକାରୀ (ଭିଏଓ) ୱାଇ. ଲୁର୍ଥୁ ଫାନ୍ସିସଙ୍କୁ ତାଙ୍କ କାର୍ଯ୍ୟାଳୟରେ ହାଣି ହତ୍ୟା କରିଛନ୍ତି। ପୂର୍ବରୁ ଭିଏଓଙ୍କ ଅଭିଯୋଗ ଆଧାରରେ ପୋଲିସ ବାଲି ମାଫିଆ ଗ୍ୟାଙ୍ଗଷ୍ଟର ରାମାସୁବ୍ବୁଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ଏହି ଘଟଣା ପରେ ଭିଏଓଙ୍କୁ ହତ୍ୟା କରାଯାଇଛି। ପୋଲିସ ରାମସୁବ୍ବୁଙ୍କୁ ଗିରଫ କରିଥିବାବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୋଜୁଛି।



## ସଂକ୍ଷେପରେ

### ୨୭ରେ ଭାରତ-ଚାଇନା ପ୍ରତିରକ୍ଷା ମନ୍ତ୍ରୀ ବୈଠକ


ଜେନେରାଲ ଲି ଶାଙ୍ଗଫୁ

**ନୂଆଦିଲ୍ଲୀ,୨୫।୪:** ନୂଆଦିଲ୍ଲୀ ଗସ୍ତରେ ଆସୁଥିବା ଚାଇନା ପ୍ରତିରକ୍ଷା ମନ୍ତ୍ରୀ ଜେନେରାଲ ଲି ଶାଙ୍ଗଫୁ ଗୁରୁବାର ତାଙ୍କ ଭାରତ ପ୍ରତିପକ୍ଷ ରାଜନାଥ ସିଂଙ୍କୁ ଭେଟିବେ। ୨୦୨୦ ମେ'ରେ ପୂର୍ବ ଲଦାଖର ଗଲୱାନ୍ ଉପତ୍ୟକାରେ ଦୁଇ ଦେଶର ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ପରେ ଦୁଇ ଦେଶର ପ୍ରତିରକ୍ଷା ମନ୍ତ୍ରୀଙ୍କ ମଧ୍ୟରେ ଏହା ପ୍ରଥମ ବୈଠକ ହେବାକୁ ଯାଉଛି। ପୂର୍ବ ଲଦାଖ ଅଞ୍ଚଳରେ ଦୁଇ ଦେଶର ସୈନ୍ୟଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତିର ସମାଧାନ ପାଇଁ ପୂର୍ବରୁ ୧୯ ଥର ସାମରିକ କମାଣ୍ଡର ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ସୀମା ପ୍ରସଙ୍ଗ ସମେତ ଦୁଇ ପ୍ରତିରକ୍ଷା ମନ୍ତ୍ରୀ ଆଞ୍ଚଳିକ ଶାନ୍ତି ଓ ନିରାପତ୍ତା, ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ମଧ୍ୟରେ ଆତଙ୍କବାଦ ନିରୋଧୀ ଉଦ୍ୟମ ଏବଂ ବହୁପାକ୍ଷିକ ପ୍ରସଙ୍ଗରେ ଆଲୋଚନା କରିବେ ବୋଲି ଏକ ବିବୃତିରେ କୁହାଯାଇଛି। ଏସ୍‌ସିଓ ବୈଠକରେ ଯୋଗଦେବା ଲାଗି ଜେନେରାଲ ଲି ଭାରତ ଗସ୍ତରେ ଆସୁଛନ୍ତି।

### ନାବାଳିକା ମୃତ୍ୟୁକୁ ନେଇ ପଶ୍ଚିମବଙ୍ଗରେ ଥାନା ଜାଳିଦେଲେ

**ନୂଆଦିଲ୍ଲୀ,୨୫।୪:** ପଶ୍ଚିମବଙ୍ଗର କାଲିୟାଗଞ୍ଜରେ ଜଣେ ନାବାଳିକାଙ୍କ ମୃତ୍ୟୁକୁ କେନ୍ଦ୍ରକରି ମଙ୍ଗଳବାର ଉତ୍ୟକ୍ତ ଲୋକେ ଥାନା ଜାଳିଦେଇଛନ୍ତି। ଦଶମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ପ୍ରତିବାଦରେ ଭାଜପା ପକ୍ଷରୁ ଜୋର୍‌ଦାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଉତ୍ତର ଦିନାଜପୁର ଜିଲାର ରାଇଗଞ୍ଜରେ ବିକ୍ଷୋଭକାରୀମାନେ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରିବା ପରେ ପୁନର୍ବାର ଉତ୍ତେଜନା ଦେଖାଦେଇଥିଲା। ଉତ୍ୟକ୍ତ ଲୋକେ ଟେକାମାଡ଼ କରିବାରୁ ଆଇନ ଶୃଙ୍ଖଳା ରକ୍ଷା କରିବାକୁ ଯାଇ ପୋଲିସ ଲାଠିଚାଳନା କରିବା ସହ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ଭାଜପା ଉତ୍ତେଜନା ବଢ଼ାଇ ହିଂସା ସୃଷ୍ଟି କରାଉଥିବା ଶାସକ ଟିଏମ୍‌ସି ଅଭିଯୋଗ କରିଛି। ବିଷାକ୍ତ ଖାଦ୍ୟ ଖାଇ ନାବାଳିକାଙ୍କ ମୃତ୍ୟୁ ଘଟିଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି ବୋଲି ପୋଲିସ କହୁଥିବାବେଳେ ଏହା ଏକ ବଳାତ୍କାର ହତ୍ୟା ବୋଲି ଭାଜପା ଦାବି କରିଛି। ଦଶମ ଶ୍ରେଣୀ ଛାତ୍ରୀଙ୍କ ମୃତଦେହ କାଲିୟାଗଞ୍ଜରୁ ସନ୍ଦେହଜନକ ଅବସ୍ଥାରେ ମିଳିଥିଲା।

**ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲା**

### ସିସୋଡିଆଙ୍କ ନାଁରେ ସିବିଆଇ ଚାର୍ଜଶିଟ୍


ମନୀଷ ସିସୋଡିଆ

**ନୂଆଦିଲ୍ଲୀ,୨୫।୪:** ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ସିବିଆଇ ଦାଖଲ କରିଥିବା ଚାର୍ଜଶିଟ୍‌ରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ମଙ୍ଗଳବାର ଦାଖଲ ହୋଇଥିବା ସପ୍ଲିମେଣ୍ଟାରି ଚାର୍ଜଶିଟ୍‌ରେ ଅନ୍ୟମାନଙ୍କ ମଧ୍ୟରେ ବିଆର୍‌ଏସ୍ ନେତ୍ରୀ କେ. କବିତାଙ୍କ ପୂର୍ବତନ ଅଡିଟର ବୁଚି ବାବୁ, ଅର୍ଜୁନ ପାଣ୍ଡେ ଏବଂ ଅମନଦୀପ୍ ଧଲଙ୍କ ନାଁ ରହିଛି। ଅନ୍ୟ ଅଭିଯୁକ୍ତମାନଙ୍କ ଭୂମିକା ସମ୍ପର୍କରେ ତଥ୍ୟ ପ୍ରମାଣ ଯୋଗାଡ଼ ଲାଗି ସିବିଆଇ ଅଧିକ ତଦନ୍ତ ଜାରି ରଖିଛି। ଗତ ସପ୍ତାହରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ସିବିଆଇ ପାଖାପାଖି ୯ ଘଣ୍ଟା ଜେରା କରିଥିଲା। ଏହା ପୂର୍ବରୁ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଝିଅ କେ. କବିତା ଜେରାର ସମ୍ମୁଖୀନ ହୋଇଥିଲେ। ଅବକାରୀ ଦୁର୍ନୀତି ମାମଲାରେ ସିସୋଡିଆ ଫେବୃଆରୀ ୨୬ରୁ ଗିରଫ ହୋଇ ଜେଲରେ ଅଛନ୍ତି।

# ମୁସ୍‌ଲିମ ସଂରକ୍ଷଣ ଉଚ୍ଛେଦ ମେ' ୯ ପର୍ଯ୍ୟନ୍ତ ସ୍ଥଗିତ

**କର୍ଣ୍ଣାଟକ ସରକାରଙ୍କୁ ସୁପ୍ରିମକୋର୍ଟ ଝଟ୍‌କା**


ସରକାରଙ୍କ ନିଷ୍ପତ୍ତି ମିଥ୍ୟା ଧାରଣା ଆଧାରିତ: ଖଣ୍ଡପୀଠ

**ନୂଆଦିଲ୍ଲୀ,୨୫।୪**

ମେ' ୧୦ରେ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ହେବ। ରାଜ୍ୟରେ କ୍ଷମତାସୀନ ଭାଜପା ସରକାର ଏହାକୁ ଦୃଷ୍ଟିରେ ରଖି ଏପ୍ରିଲ ୧୩ରେ ମୁସଲମାନ ସମ୍ପ୍ରଦାୟର ଲୋକଙ୍କୁ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଶ୍ରେଣୀରେ ଦିଆଯାଉଥିବା ପୂର୍ବର ୪% ସଂରକ୍ଷଣକୁ ଉଚ୍ଛେଦ କରିଥିଲେ। ଏଥିସହ ଏହି ୪% ସଂରକ୍ଷଣକୁ ଲିଙ୍ଗାୟତ ଓ ଭୋକାଲିଙ୍ଗା ସମ୍ପ୍ରଦାୟ ମଧ୍ୟରେ ସମାନ ଦୁଇଭାଗ କରି ବାଣ୍ଟିଦେବା ପାଇଁ ନିଷ୍ପତ୍ତି ନେଇଥିଲେ। ଉକ୍ତ ନିଷ୍ପତ୍ତି ଅନୁସାରେ ଲିଙ୍ଗାୟତମାନେ ପୂର୍ବରୁ ୫% ସରଂକ୍ଷଣ ପାଉଥିବାବେଳେ ବର୍ତ୍ତମାନ ୭% ପାଇବେ। ସେହିପରି ଭୋକାଲିଙ୍ଗା ସମୁଦାୟକୁ ମିଳୁଥିବା ୪% ସରଂକ୍ଷଣ ସୁବିଧାକୁ ୬% ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ତେବେ ଉକ୍ତ ନିଷ୍ପତ୍ତି ନିର୍ବାଚନ ବେଳେ ଜନମତକୁ ପ୍ରଭାବିତ କରିବା ଆଶଙ୍କା ଥିବା ଦର୍ଶାଇ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଏହା ଉପରେ ଜବାବ ଦାଖଲ ପାଇଁ କର୍ଣ୍ଣାଟକ ସରକାର ଶୀର୍ଷ ଅଦାଲତଙ୍କୁ ଅଧିକ ସମୟ ମାଗିଛନ୍ତି। ତେଣୁ ମୁସଲମାନ ସଂରକ୍ଷଣ ଉଚ୍ଛେଦ ସମ୍ପର୍କିତ ନିଷ୍ପତ୍ତି ମେ' ୯ ପର୍ଯ୍ୟନ୍ତ ଲାଗୁ ହେବ ନାହିଁ ବୋଲି ମଙ୍ଗଳବାର ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। କର୍ଣ୍ଣାଟକ ସରକାରଙ୍କ ନିଷ୍ପତ୍ତି ମିଥ୍ୟା ଧାରଣା ଉପରେ ଆଧାରିତ ବୋଲି ଶୀର୍ଷ ଅଦାଲତ କହିଛନ୍ତି।

ନୂଆ ନୀତି ଅନୁସାରେ କୌଣସି ନିଯୁକ୍ତି ଦିଆଯିବ ନାହିଁ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ଦୁଷ୍ୟନ୍ତ ଦାଭେ ମେହେଟ୍ଟାଙ୍କ ସ୍ଥଗିତ ନିବେଦନକୁ ବିରୋଧ କରିବାରୁ ତୁଷାର କହିଥିଲେ, ଅଦାଲତଙ୍କ ଅନ୍ତରୀଣ ନିର୍ଦ୍ଦେଶ ଆବେଦନକାରୀଙ୍କ ସପକ୍ଷରେ ହିଁ ରହିଛି। ତେଣୁ ଜବାବ ଦାଖଲ ଲାଗି ଅଧିକ ସମୟ ମିଳୁ। ଜଷ୍ଟିସ୍ କେ.ଏମ୍. ଜୋସେଫ୍ ଏବଂ ବି.ଭି. ନାଗରତ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ପୂର୍ବ ସରକାର ଅମଳରେ ମୁସଲମାନ ସମ୍ପ୍ରଦାୟ ପାଇଁ ସ୍ଥିର କରାଯାଇଥିବା ୪% ସଂରକ୍ଷଣ ଉଚ୍ଛେଦ ନୀତି ମେ' ୯ରେ ପରବର୍ତ୍ତୀ ଶୁଣାଣି ହେବା ଯାଏ କାର୍ଯ୍ୟକାରୀ ହେବ ନାହିଁ। ପ୍ରକାଶ ଯେ, ଗତ ୧୮ ତାରିଖରେ ଏସମ୍ପର୍କିତ ଏକାଧିକ ଆବେଦନର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୫ରେ କରିବାକୁ ଧାର୍ଯ୍ୟ କରିଥିଲେ। ଭୋକାଲିଙ୍ଗା ଓ ଲିଙ୍ଗାୟତ ସମ୍ପ୍ରଦାୟକୁ ଶିକ୍ଷାନୁଷ୍ଠାନରେ ନାମଲେଖା ତଥା ସରକାରୀ ନିଯୁକ୍ତି କ୍ଷେତ୍ରରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସଂରକ୍ଷର ଦିଆଯିବ ନାହିଁ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କ ନେତୃତ୍ୱାଧନ ସରକାର ଦେଇଥିବା ପ୍ରତିଶ୍ରୁତିକୁ ମଧ୍ୟ ଖଣ୍ଡପୀଠ ରେକର୍ଡ କରିଥିଲେ।

### କର୍ଣ୍ଣାଟକରେ ଭୋଟ ଧ୍ରୁବୀକରଣ ପ୍ରୟୋଗ



➞କର୍ଣ୍ଣାଟକ ବିଧାନସଭାର ୨୨୪ ଆସନ ପାଇଁ ମେ' ୯ରେ ନିର୍ବାଚନ ଅନୁଷ୍ଠିତ ହେବ।

➞ଏପ୍ରିଲ ୧୩ରେ ରାଜ୍ୟର ଭାଜପା ସରକାର ମୁସଲମାନ ସମ୍ପ୍ରଦାୟକୁ ପୂର୍ବରୁ ଦିଆଯାଉଥିବା ୪% ସରଂକ୍ଷଣକୁ ଉଚ୍ଛେଦ କରିଛନ୍ତି।

➞ରାଜ୍ୟର ମୋଟ ଜନସଂଖ୍ୟାର ୧୭% ଲିଙ୍ଗାୟତ ଏବଂ ୧୫% ହେଉଛନ୍ତି ଭୋକାଲିଙ୍ଗା।

➞ଲିଙ୍ଗାୟତ ସମ୍ପ୍ରଦାୟକୁ ପୂର୍ବରୁ ୫% ସଂରକ୍ଷଣ ମିଳୁଥିବାବେଳେ ବୋମାଇ ସରକାର ଏହାକୁ ୭%କୁ ବୃଦ୍ଧି କରିଛନ୍ତି।

➞ଭୋକାଲିଙ୍ଗା ସମ୍ପ୍ରଦାୟର ଲୋକେ ପୂର୍ବରୁ ୪% ସଂରକ୍ଷଣ ପାଉଥିବାବେଳେ ବର୍ତ୍ତମାନ ୬%କୁ ବଢ଼ାଯାଇଛି।

**ଦକ୍ଷିଣ ଭାରତରେ ତୁଷ୍ଟୀକରଣ ରାଜନୀତି**

# ଶାହା-ଓୱାଇସି ମୁହାଁମୁହିଁ

**ନୂଆଦିଲ୍ଲୀ,୨୫।୪**


ଅମିତ ଶାହା


ଅସାଦୁଦ୍ଦିନ ଓୱାଇସି

ଦକ୍ଷିଣ ଭାରତର ତାମିଲନାଡୁ, କର୍ଣ୍ଣାଟକ, ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା ଓ କେରଳରେ ପୂର୍ବ କିମ୍ବା ବର୍ତ୍ତମାନର ରାଜ୍ୟ ସରକାରମାନେ ଭୋଟ ହାତେଇବା ପାଇଁ ସଂଖ୍ୟାଲଘୁ ସମ୍ପ୍ରଦାୟକୁ ଅଧିକ ସୁବିଧା ଦେଉଥିବା ଭାଜପା ପକ୍ଷରୁ ଅଭିଯୋଗ ହୋଇଆସୁଛି। ଏଭଳି ସ୍ଥିତିରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କର୍ଣ୍ଣାଟକର ବଗଲକୋଟରେ ଭାଜପାର ଏକ ସଭାକୁ ସମ୍ବୋଧିତ କରି ମୁସଲମାନ ସମ୍ପ୍ରଦାୟ ପାଇଁ ଉଦ୍ଦିଷ୍ଟ ୪% ସଂରକ୍ଷଣ ଉଚ୍ଛେଦ ନିଷ୍ପତ୍ତିକୁ ଯଥାର୍ଥ ଦର୍ଶାଇଛନ୍ତି। ଶାହା କହିଛନ୍ତି ଧର୍ମ ଅଧାରିତ ସଂରକ୍ଷଣକୁ ଭାଜପା ବିଶ୍ୱାସ କରେନାହିଁ। ବିଧାନସଭା ନିର୍ବାଚନ ପରେ କ୍ଷମତାକୁ ଆସିଲେ କଂଗ୍ରେସ ଏହି ବ୍ୟବସ୍ଥାକୁ ପୁନଃ ପ୍ରଚଳନ କରିବା ନେଇ ଦେଇଥିବା ପ୍ରତିଶ୍ରୁତିକୁ ମଧ୍ୟ ଶାହା ସମାଲୋଚନା କରିଛନ୍ତି। ଭାଜପା ଧର୍ମ ଆଧାରିତ ଭୋଟ ବ୍ୟାଙ୍କ ରାଜନୀତିରେ ବିଶ୍ୱାସ କରେନାହିଁ। ତେଣୁ ମୁସଲମାନ ସଂରକ୍ଷଣ ହଟାଇ ଲିଙ୍ଗାୟତ ଓ ଭୋକାଲିଙ୍ଗାଙ୍କ କୋଟା ହାରକୁ ବୃଦ୍ଧି କରିଛି ବୋଲି କର୍ଣ୍ଣାଟକରେ। ଏହାର ଦିନକ ପୂର୍ବରୁ ଶାହା ତେଲଙ୍ଗାନାର ଚେଭେଲ୍ଲା ରାଲିରେ କହିଥିଲେ, ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ଧର୍ମ ଆଧାରିତ ସଂରକ୍ଷଣ ଅସାମ୍ବିଧାନିକ। ଭାଜପା ତେଲଙ୍ଗାନାରେ କ୍ଷମତାକୁ ଆସିଲେ ମୁସଲମାନ ସମ୍ପ୍ରଦାୟକୁ ଦିଆଯାଉଥିବା ୪% ସଂରକ୍ଷଣକୁ ଉଚ୍ଛେଦ କରାଯିବ। କେସିଆର୍ ରାଜ୍ୟରେ ଏମ୍‌ଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସିଙ୍କ ଏଜେଣ୍ଡାକୁ କାର୍ଯ୍ୟକାରୀ କରୁଛନ୍ତି। ଏହା ଉପରେ ଓୱାଇସି କହିଛନ୍ତି, ମୋ ନାମ ଧରି ଆଉ କେତେଦିନ କାନ୍ଦିବ। ରେକର୍ଡ ଭାଙ୍ଗୁଥିବା ମୁଦ୍ରାସ୍ଫୀତି ଓ ବେକାରି ପ୍ରସଙ୍ଗ ଉପରେ କିଛି କୁହନ୍ତୁ ବୋଲି ଶାହାଙ୍କ ଉଦ୍ଦେଶ୍ୟରେ ସେ ଟୁଇଟ୍ କରିଛନ୍ତି।

**ଦକ୍ଷିଣ ଭାରତର ଜନସଂଖ୍ୟା ତତ୍ତ୍ୱ**

| ରାଜ୍ୟ | ମୋଟ ଜନସଂଖ୍ୟା | ମୁସଲମାନ |
|---|---|---|
| ତାମିଲନାଡୁ | ୭ କୋଟି୨୦ ଲକ୍ଷ | ୪୨ ଲକ୍ଷ |
| କର୍ଣ୍ଣାଟକ | ୬ କୋଟି | ୮୦ ଲକ୍ଷ |
| ଆନ୍ଧ୍ର ପ୍ରଦେଶ | ୪ କୋଟି ୯୦ ଲକ୍ଷ | ୩୬ ଲକ୍ଷ |
| ତେଲଙ୍ଗାନା | ୩ କୋଟି ୫୦ ଲକ୍ଷ | ୪୫ ଲକ୍ଷ |
| କେରଳ | ୩ କୋଟି ୩୦ ଲକ୍ଷ | ୯୦ ଲକ୍ଷ |

## ମହାମାରୀର ନୂଆ ରୂପ 'ଆର୍କଟୁରସ୍'

**ନୂଆଦିଲ୍ଲୀ/ଲଣ୍ଡନ,୨୫।୪**



ସମ୍ପ୍ରତି ଭାରତ ସମେତ ବିଶ୍ୱର ବିଭିନ୍ନ ଦେଶରେ କୋଭିଡ୍-୧୯ ସଂକ୍ରମଣ ବୃଦ୍ଧି ପାଉଥିବାବେଳେ ମହାମାରୀର ଏକ ନୂଆ ରୂପକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି। ଆର୍କଟୁରସ୍ ନାମକ ଏହି ଭୂତାଣୁ ହେଉଛି ଓମିକ୍ରନ୍ ସବ୍-ଭାରିଆଣ୍ଟର ଏକ ଷ୍ଟ୍ରେନ୍। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଏହାକୁ ଏକ୍ସବିବି.୧.୧୬ ଆଖ୍ୟା ଦେଇ 'ଭାରିଆଣ୍ଟ ଅଫ୍ ଇଣ୍ଟ୍ରେଷ୍ଟ' ଭାବେ ଅଭିହିତ କରିଛି। ବର୍ତ୍ତମାନ ସୁଦ୍ଧା ଆର୍କଟୁରସ୍ ସିଙ୍ଗାପୁର, ଅଷ୍ଟ୍ରେଲିଆ, ବ୍ରିଟେନ୍ ଓ ଆମେରିକା ସମେତ ୩୪ ରାଷ୍ଟ୍ରରେ ଚିହ୍ନଟ ହେଲାଣି। ଏଥିରେ ସଂକ୍ରମିତ ହୋଇଥିବା ବ୍ରିଟେନ୍‌ର ୫ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଲାଣି। ଏହା ଉପରେ ଡବ୍ଲ୍ୟୁଏଚ୍‌ଓ ମାର୍ଚ୍ଚ ୨୨ରୁ ସତର୍କ ଦୃଷ୍ଟି ରଖିଛି। ସ୍ପାଇକ୍ ପ୍ରୋଟିନ୍‌ରେ ଏହାର ଦ୍ୱିତୀୟ ମ୍ୟୁଟେଶନ୍ ରହିଥିବା ଲାବରେଟୋରି ପ୍ରୟୋଗ ବେଳେ ଜଣାପଡ଼ିଛି। ଏକ୍ସବିବି.୧.୧୬ ଷ୍ଟ୍ରେନ୍ ପୂର୍ବ ଭୂତାଣୁଗୁଡ଼ିକ ତୁଳନାରେ ଦ୍ରୁତ ସଂକ୍ରମଣକାରୀ ହୋଇଥିବା ସତ୍ତ୍ୱେ ଏହା ଅଧିକ ଲୋକଙ୍କୁ ଅସୁସ୍ଥ କରୁ ନ ଥିବା ଡବ୍ଲ୍ୟୁଏଚ୍‌ଓ କହିଛି। ଡବ୍ଲ୍ୟୁଏଚ୍‌ଓ ମତରେ ଏହି ଭାରିଆଣ୍ଟ ଅଧିକ ବିପଜ୍ଜନକ ନୁହେଁ। କୋଭିଡ୍-୧୯ ଭୂତାଣୁର ଅନ୍ୟ ଷ୍ଟ୍ରେନ୍‌ଗୁଡ଼ିକ ଦ୍ୱାରା ଆକ୍ରାନ୍ତ ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱାସ୍ଥ୍ୟଗତ ପରାମର୍ଶ ଆର୍କଟୁରସ୍ ଲାଗି ମଧ୍ୟ ପ୍ରଯୁଜ୍ୟ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ସ୍ୱାତୀ ନକ୍ଷତ୍ରମଣ୍ଡଳର ସବୁଠୁ ତେଜିୟାନ୍ ତାରକା 'ଆର୍କଟୁରସ୍' ଅନୁସାରେ ଏହାର ନାମକରଣ କରାଯାଇଛି।

## ମାନହାନି ମାମଲା: ଗୁଜରାଟ ହାଇକୋର୍ଟ ଗଲେ ରାହୁଲ



**ନୂଆଦିଲ୍ଲୀ,୨୫।୪**

'ସବୁ ଚୋରଙ୍କ ସାଙ୍ଗିଆ ମୋଦି କାହିଁକି' ମନ୍ତବ୍ୟ ପାଇଁ ମାନହାନି ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଉକ୍ତ ରାୟ ଉପରେ ସ୍ଥଗିତାଦେଶ ପାଇଁ ମଙ୍ଗଳବାର ଗୁଜରାଟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୨୦୧୯ ଲୋକ ସଭା ନିର୍ବାଚନ ସମୟରେ କର୍ଣ୍ଣାଟକର କାରୋଲରେ ଏକ ସଭାକୁ ଉଦ୍‌ବୋଧନ ଦେବା ବେଳେ ରାହୁଲ ଉପରୋକ୍ତ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ସୁରଟର ମାଜିଷ୍ଟ୍ରେଟ କୋର୍ଟ ରାହୁଲଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ୨ ବର୍ଷ ଜେଲ ଦଣ୍ଡାଦେଶ ଦେବାରୁ ତାଙ୍କର ଲୋକ ସଭା ସଦସ୍ୟତା ରଦ୍ଦ ହୋଇଯାଇଛି। ଉକ୍ତ ରାୟ ବିରୋଧରେ ସେ ସୁରଟ ସେସନ୍ସ କୋର୍ଟରେ ଆବେଦନ କରିଥିଲେ ହେଁ ସେଠାରେ ତାହା ଅଗ୍ରାହ୍ୟ ହୋଇଯାଇଥିଲା। ସେସନ୍ସ କୋର୍ଟଙ୍କ ଏପ୍ରିଲ ୨୦ ନିର୍ଦ୍ଦେଶନାମାକୁ ରାହୁଲ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ହାଇକୋର୍ଟର ଜଣିକିଆ ଖଣ୍ଡପୀଠ ଏହାର ଶୁଣାଣି କରିବେ ବୋଲି ଜଣାପଡ଼ିଛି।

## ସିଜେଆଇଙ୍କୁ ଚିଠି ଲେଖିଲେ ୪୦୦ ମାତାପିତା

**ବିବାହରେ ସମାନତା ଦାବି**

**ନୂଆଦିଲ୍ଲୀ,୨୫।୪**

ସମଲିଙ୍ଗୀ ବିବାହକୁ ଆଇନଗତ ମଞ୍ଜୁରୀ ପ୍ରଦାନ ନିମନ୍ତେ ପିଟିଶନଗୁଡ଼ିକର ଶୁଣାଣି କରୁଥିବା ସୁପ୍ରିମକୋର୍ଟର ସାମ୍ବିଧାନିକ ପୀଠର ମୁଖ୍ୟ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ୪୦୦ରୁ ଉର୍ଦ୍ଧ୍ୱ ମାତାପିତାଙ୍କ ଏକ ଗ୍ରୁପ୍ ପତ୍ର ଲେଖି ସେମାନଙ୍କର ଏଲ୍‌ଜିବିଟିକ୍ୟୁଆଇଏ++ ପିଲାମାନଙ୍କୁ ବିବାହ ସମାନତା ଅଧିକାର ପ୍ରଦାନ ଲାଗି ନିବେଦନ କରିଛନ୍ତି। ସମଲିଙ୍ଗୀ ବିବାହକୁ ଆଇନଗତ ବୈଧତା ଆବେଦନର ଶୁଣାଣି ମଙ୍ଗଳବାର ଚତୁର୍ଥ ଦିନ ପାଇଁ ଜାରି ରହିଥିବାବେଳେ 'ସ୍ୱୀକାର-ଦି ରେନ୍‌ବୋ ପ୍ୟାରେଣ୍ଟସ' ପକ୍ଷରୁ ସୁପ୍ରିମକୋର୍ଟଙ୍କୁ ଦିଆଯାଇଥିବା ପତ୍ର ଉଲ୍ଲେଖନୀୟ। ଦେଶର ସ୍ୱତନ୍ତ୍ର ବିବାହ ଆଇନରେ ଆମ ପିଲା ଓ ସେମାନଙ୍କ ପାର୍ଟନରମାନଙ୍କ ସମ୍ପର୍କକୁ ଆଇନଗତ ସ୍ୱୀକୃତି ମିଳିବା ଆମେ ଦେଖିବାକୁ ଚାହୁଁ ବୋଲି ମାତାପିତାମାନେ ସେମାନଙ୍କ ପତ୍ରରେ ଦର୍ଶାଇଛନ୍ତି। ଭାରତୀୟ ଏଲ୍‌ଜିବିଟିକ୍ୟୁଆଇଏ++ମାନଙ୍କ ମାତାପିତାଙ୍କୁ ନେଇ 'ସ୍ୱୀକାର-ଦି ରେନ୍‌ବୋ ପ୍ୟାରେଣ୍ଟସ୍' ସଂଗଠନ ଗଢ଼ାଯାଇଛି।

## ଭାରତୀୟ ବଂଶୋଦ୍ଭବଙ୍କୁ ଆଜି ଫାଶୀ ଦେବ ସିଙ୍ଗାପୁର

**ନିଶା ଚୋରା କାରବାର ମାମଲାରେ ଦୋଷୀ**

**ସିଙ୍ଗାପୁର,୨୫।୪**


ଟାଙ୍ଗାରାଜୁ ସୁପିଆ

ନିଶା ଚୋରା କାରବାର ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିବା ଭାରତୀୟ ବଂଶୋଦ୍ଭବ ଟାଙ୍ଗାରାଜୁ ସୁପିଆଙ୍କୁ ସିଙ୍ଗାପୁର ସରକାର ବୁଧବାର ଫାଶୀ ଦେବାକୁ ଯାଉଛି। ମୃତ୍ୟୁଦଣ୍ଡକୁ ବିରୋଧ କରୁଥିବା ପ୍ରମୁଖ ବ୍ୟକ୍ତିମାନେ ଫାଶୀ ରୋକିବା ଲାଗି କରିଥିବା ଅନୁରୋଧକୁ ସିଙ୍ଗାପୁର ସରକାର ଅଗ୍ରାହ୍ୟ କରିଦେଇନ୍ତି। ୨୦୧୪ରେ ସିଙ୍ଗାପୁରକୁ ୧ କିଲୋଗ୍ରାମ ଗଞ୍ଜେଇ ଚାଲାଣ କରିବାକୁ ଉଦ୍ୟମ କରୁଥିବା ଅଭିଯୋଗରେ ଟାଙ୍ଗାରାଜୁଙ୍କୁ ଗିରଫ କରାଯାଇଥିଲା। ୨୦୧୮ ଅକ୍ଟୋବର ୯ରେ ତାଙ୍କୁ ଅଦାଲତ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ। ବ୍ରିଟେନ୍‌ର ବିଲିଅନେୟାର ରିଚାର୍ଡ ବ୍ରାନ୍‌ସନ, ୟୁରୋପୀୟ ସଂଘର ପ୍ରତିନିଧି ଏବଂ ଅଷ୍ଟ୍ରେଲିଆ ଏମ୍‌ପି ଗ୍ରାହାମ ପେରେଟ୍ଟ ଅଭିଯୁକ୍ତ ଟାଙ୍ଗାରାଜୁଙ୍କ ଫାଶୀଦଣ୍ଡକୁ ବିରୋଧ କରିଥିଲେ।

## ପୁଟିନ୍‌ଙ୍କ ଗିରଫ ପରୱାନାକୁ ନେଇ ଚିନ୍ତାରେ ରୁଷିଆ

**ମସ୍କୋ,୨୫।୪**



ଯୁଦ୍ଧ ଅପରାଧ ଅଭିଯୋଗରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍‌ଙ୍କ ବିରୋଧରେ ଅନ୍ତର୍ଜାତୀୟ ଫୌଜଦାରି କୋର୍ଟ (ଆଇସିସି) ଗତ ମାସରେ ଗିରଫ ପରୱାନା ଜାରି କରିଥିବାରୁ ଦେଶର ବରିଷ୍ଠ ଅଧିକାରୀମାନେ ଭୟଭୀତ ଥିବା ଜଣାପଡ଼ିଛି। ଆଇସିସି ଆରେଷ୍ଟ ୱାରେଣ୍ଟ ଜବାବରେ ରୁଷିଆ କ'ଣ ପଦକ୍ଷେପ ନେବ, ତାହା ଉପରେ ଆଲୋଚନା ଲାଗି କ୍ରେମ୍‌ଲିନ ଏକ ସ୍ୱତନ୍ତ୍ର ବୈଠକ ଆୟୋଜନ କରିଥିଲା ବୋଲି କେତେଜଣ ସରକାରୀ ଅଧିକାରୀ ତଥା ପୂର୍ବତନ ଅଧିକାରୀ ଗଣମାଧ୍ୟମକୁ କହିଛନ୍ତି। ଗତବର୍ଷ ଫେବୃୟାରୀରେ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିଥିଲା। ୧୪ ମାସ ହେଲା ସଂଘର୍ଷ ଲାଗିରହିଥିବାବେଳେ ପୁଟିନ୍ ବେଆଇନ ଭାବେ ୟୁକ୍ରେନ୍‌ରୁ ପିଲାମାନଙ୍କୁ ଅନ୍ୟ ଦେଶକୁ ନେଇଯାଇଥିବା ଅଭିଯୋଗ ହୋଇଛି। ଆଇସିସିର ଗିରଫ ପରୱାନାକୁ ମସ୍କୋ ନିନ୍ଦା କରିଥିବାବେଳେ ଏହାର ସମ୍ଭାବ୍ୟ ରାଜନୈତିକ ପ୍ରଭାବକୁ ନେଇ ଚିନ୍ତାପ୍ରକଟ କରିଛି। ରୁଷିଆ ସରକାରଙ୍କୁ ଗାଦିଚ୍ୟୁତ କରିବା ଲାଗି ଏହା ଏକ ଆହ୍ୱାନ ବୋଲି ଶାସକ ୟୁନାଇଟେଡ୍ ରୁଷିଆ ପାର୍ଟିର ପାର୍ଲାମେଣ୍ଟାରି ଡେପୁଟି ଗଣମାଧ୍ୟମକୁ କହିଛନ୍ତି।

## ଲିଙ୍ଗ ନିରୂପଣ ଆଧାରିତ ଗର୍ଭପାତ ଅସମାନତା ବଢ଼ାଇବ: ଦିଲ୍ଲୀ ହାଇକୋର୍ଟ

**ନୂଆଦିଲ୍ଲୀ,୨୫।୪(ପି.ଟି.)**

ଲିଙ୍ଗ ନିରୂପଣ ଆଧାରିତ ଗର୍ଭପାତ ଦେଶରେ ଲିଙ୍ଗଗତ ଅସମାନତା ବଢ଼ାଇବ ବୋଲି ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ଲୋକଙ୍କ ମାନସିକତାରେ ପରିବର୍ତ୍ତନ ନ ଆସିବା ପର୍ଯ୍ୟନ୍ତ ଏଭଳି ସ୍ଥିତିକୁ ରୋକିବା ଲାଗି କଠୋର ଆଇନ ଆଣିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଭ୍ରୁଣର ଲିଙ୍ଗ ନିରୂପଣ ଉପରେ ରହିଥିବା କଟକଣା ସିଧାସଳଖ ଭାବେ ନାରୀ ଦ୍ୱେଷ ସମସ୍ୟା ସହ ଜଡ଼ିତ, ଯାହା ବିଶ୍ୱରେ ସବୁ ସାମାଜିକ, ଅର୍ଥନୈତିକ ବର୍ଗର ମହିଳାଙ୍କୁ ପ୍ରଭାବିତ କରିଛି। ଗର୍ଭଧାରଣ ପୂର୍ବ ଏବଂ ପ୍ରସବ ପୂର୍ବ ନିଦାନ ପ୍ରଯୁକ୍ତି ଅଧିନିୟମ, ୧୯୯୪ (ପିସିପିଏନ୍‌ଡିଟି ଆକ୍ଟ)କୁ କଡ଼ାକଡ଼ି ଅନୁପାଳନ କରିବା ଲାଗି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ଅବସରରେ ଜଷ୍ଟିସ ସ୍ୱରନ କାନ୍ତ ଶର୍ମା ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ବେଆଇନ ଲିଙ୍ଗ ନିରୂପଣ ଘଟଣାରେ ଏକ ହସ୍ପିଟାଲରେ ଚଢ଼ାଉ କରାଯାଇ ଜଣେ ଡାକ୍ତରଙ୍କ ବିରୋଧରେ ପିସିପିଏନ୍‌ଡିଟି ଆଇନରେ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାକୁ ରଦ୍ଦ କରିବା ଲାଗି ସେ କରିଥିବା ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି।

**ଅପରେଶନ କାବେରୀ**

## ସୁଦାନ ଛାଡ଼ିଲେ ୨୭୮ ଭାରତୀୟ

**ନୂଆଦିଲ୍ଲୀ,୨୫।୪**



ସୁଦାନରେ ୧୦ ଦିନ ହେଲା ସୈନ୍ୟବାହିନୀ ଓ ଅର୍ଦ୍ଧସାମରିକ ବାହିନୀ ମଧ୍ୟରେ ସଂଘର୍ଷ ଲାଗିରହିଥିବାବେଳେ ସେଠାରେ ଫସିଥିବା ୩,୦୦୦ରୁ ଉର୍ଦ୍ଧ୍ୱ ଭାରତୀୟଙ୍କ ମଧ୍ୟରୁ ପ୍ରଥମ ବ୍ୟାଚ୍‌ରେ ୨୭୮ ଜଣ ପୋର୍ଟ ସୁଦାନ ଛାଡ଼ିଛନ୍ତି। ଭାରତୀୟମାନଙ୍କୁ ଫେରାଇ ଆଣିବା ପାଇଁ ଅପରେଶନ କାବେରୀ ଆରମ୍ଭ ହୋଇଥିବାବେଳେ ନୌସେନା ଜାହାଜ ଆଇଏନ୍‌ଏସ୍ ସୁମେଧରେ ୨୭୮ ଜଣ ପୋର୍ଟ ସୁଦାନରୁ ଜେଦ୍ଦା ଅଭିମୁଖେ ଯାଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ ଟୁଇଟ୍ କରିଛନ୍ତି। ଅପରେଶନ କାବେରୀରେ ଭାରତ ଦୁଇଟି ପରିବହନ ବିମାନ ଜେଦ୍ଦାକୁ ପଠାଇଥିବାବେଳେ ଆଇଏନ୍‌ଏସ୍ ସୁମେଧକୁ ପୋର୍ଟ ସୁଦାନ ପଠାଇଥିଲା। ଭାରତୀୟମାନେ ଜେଦ୍ଦାରେ ପହଞ୍ଚିବା ପରେ ସେଠାରୁ ବିମାନ ଯୋଗେ ଭାରତ ଫେରିବେ। ପୂର୍ବରୁ ସାଉଦି ଆରବ ଏବଂ ଫ୍ରାନ୍ସ କେତେଜଣ ଭାରତୀୟଙ୍କ ସମେତ ଅନ୍ୟ ଦେଶର ନାଗରିକଙ୍କୁ ସୁଦାନରୁ ଉଦ୍ଧାର କରିଥିଲେ। ସୁଦାନ ରାଜଧାନୀ ଖାର୍ଟୁମ୍ ଏବଂ ଅନ୍ୟ ଅଞ୍ଚଳରେ ଏପ୍ରିଲ ୧୫ରୁ ସଂଘର୍ଷ ଲାଗି ରହିଛି। ସେନାମୁଖ୍ୟ ଆବଡେଲ୍ ଫତାହ ଅଲ୍-ବୁର୍‌ହାନ ଏବଂ ତାଙ୍କ ଡେପୁଟି ତଥା ବିଦ୍ରୋହୀ ମହମ୍ମଦ ହମଦାନ୍ ଡାଗ୍‌ଲୋଙ୍କ ସମର୍ଥନଙ୍କ ମଧ୍ୟରେ ଜୋର୍‌ଦାର ସଂଘର୍ଷରେ ୪୦୦ରୁ ଉର୍ଦ୍ଧ୍ୱ ନିହତ ହେଲେଣି।




ଭାରତର ଜନସଂଖ୍ୟା ସର୍ବାଧିକ ହେବା ସହିତ ଚାଇନାକୁ ଟପିଯାଇଛି। ଏହାକୁ ଆଧାର କରି ଜର୍ମାନୀର ଏକ ଖବରକାଗଜରେ ପ୍ରକାଶିତ କାର୍ଟୁନ।

# ମେ' ୧ରୁ ବଢ଼ିବ ଛେନା, ପନିର, ଖୁଆ ଦର

**କଟକ ଜିଲା ଦୁଗ୍ଧଜାତ ଦ୍ରବ୍ୟ ବ୍ୟବସାୟୀ ସଂଘର କାର୍ଯ୍ୟକାରୀ କମିଟି ବୈଠକରେ ନିଷ୍ପତ୍ତି**

କଟକ ଅଫିସ, ୨୫।୪

ଆସନ୍ତା ମେ' ୧ରୁ ଛେନା, ପନିର ଓ ଖୁଆ ଦର ବଢ଼ିବ। ଲିଙ୍କ୍‌ରୋଡ୍‌ସ୍ଥିତ ଛେନା ମଣ୍ଡିଠାରେ ମଙ୍ଗଳବାର ଅନୁଷ୍ଠିତ କଟକ ଜିଲା ଦୁଗ୍ଧଜାତ ଦ୍ରବ୍ୟ ବ୍ୟବସାୟୀ ସଂଘର କାର୍ଯ୍ୟକାରୀ କମିଟି ବୈଠକରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ସଂଘର ଜିଲା ସଭାପତି ସୁବାସ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ପ୍ରଦୀପ କୁମାର ବେହେରା କହିଛନ୍ତି, ଗତ ୧ ତାରିଖରେ ଓମ୍‌ଫେଡ୍ କ୍ଷୀର ଲିଟର ପ୍ରତି ୪ ଟଙ୍କା ବୃଦ୍ଧି ପାଇଛି। ଏଥିସହିତ ଗୋଖାଦ୍ୟ ଓ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ଦର ମଧ୍ୟ ବୃଦ୍ଧି ଘଟିଛି। ଏହାକୁ ଦୃଷ୍ଟିରେ ରଖି ମେ' ୧ ତାରିଖରୁ ସଂଘ ପକ୍ଷରୁ ଛେନା ଦର କିଲୋ ପ୍ରତି ୨୦ ଟଙ୍କା ବୃଦ୍ଧି କରାଯାଇ ନୂତନ ଦର ୧୯୫ ଟଙ୍କା ଧାର୍ଯ୍ୟ କରାଯାଇଛି। ସେହିପରି ପନିର୍ କିଲୋ ପ୍ରତି ୩୦ ଟଙ୍କା ବୃଦ୍ଧି କରାଯାଇ ନୂତନ ଦର ୨୫୫ ଟଙ୍କା ଓ କଞ୍ଚା ଖୁଆ କିଲୋ ପ୍ରତି ୬୦ ଟଙ୍କା ବୃଦ୍ଧି କରାଯାଇ ନୂତନ ଦର ୩୨୦ ଟଙ୍କା ଧାର୍ଯ୍ୟ ହୋଇଛି। ଏତଦ୍‌ବ୍ୟତୀତ କଟକରୁ ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର ଓ ରାଜ୍ୟର ଅନ୍ୟ ଅଞ୍ଚଳକୁ ବିକ୍ରି ପାଇଁ ପଠାଯାଉଥିବା ଦୁଗ୍ଧଜାତ ଦ୍ରବ୍ୟ ମୂଲ୍ୟ ଏହି ଅନୁପାତରେ ବୃଦ୍ଧି କରାଯିବ ବୋଲି ସେ କହିଛନ୍ତି। ଏହି ବୈଠକରେ ସଂଘର କର୍ମକର୍ତ୍ତା ଜ୍ୟୋତିରଞ୍ଜନ ଦାସ, ବିନୋଦ ବେହେରା, ପ୍ରେମାନନ୍ଦ ବେହେରା ଓ ବୁଲେଇ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ବୈଦ୍ୟନାଥ ଘରେ ଡାକ୍ତର
ପ୍ରାକୃତିକ ଆୟୁର୍ବେଦିକ ଔଷଧ

| ରୋଗ | ଔଷଧ |
| --- | --- |
| ଏସିଡିଟି | ଆୟୁସିଡ୍, ଏସିଡିଟି ଗାର୍ଡ |
| ଆମିବାୟାସିସ | ଇସାବେଲ୍-ଏଚ୍, ଆମିବିକା ଟାବଲେଟ୍ |
| ଆନେମିଆ | ହେମୋପ୍ଲସ୍, ନବାୟସ ଲୌହ |
| ଡାଇବେଟିସ୍ | ମଧୁମେହାରି ଗ୍ରାନ୍ୟୁଲ୍ସ, ଡାଇବେଟ୍ ଗାର୍ଡ |
| ଗ୍ୟାସ, ପେଟ ଫାମ୍ପିବା | ଗ୍ୟାସନ୍ତକ ବଟି, ଗ୍ୟାସ ଗାର୍ଡ |
| ସାଧାରଣ ଦୁର୍ବଳତା | ଜେଷ୍ଟ ମେନ୍, ଜେଷ୍ଟ ଓମେନ୍ |
| କେଶ ସମସ୍ୟା | ଲିଭଗୁଡ୍, ମହାଭୃଙ୍ଗରାଜ ତେଲ, ଭୃଙ୍ଗରାଜସବ |
| ଉଚ୍ଚ କୋଲେଷ୍ଟ୍ରଲ | ଗୁଡ୍ ହାର୍ଟ, କୋଲେଷ୍ଟ ଗାର୍ଡ |
| ବଦହଜମି | ଏକ୍ସାଜେଷ୍ଟ, ଅଜୱାଇନ୍ ଅର୍କ, ଡାଇଜେଷ୍ଟ ଗାର୍ଡ |
| ଅନିଦ୍ରା ଏବଂ ଚିନ୍ତା | ଥଣ୍ଡା କଲ୍ୟାଣ ତେଲ, ନାଇଟଜ୍, ଷ୍ଟ୍ରେସ୍ ଗାର୍ଡ |
| ଲିଭର ରୋଗ | ଲିଭ୍ ଗୁଡ୍, ଲିଭରୋଲ୍ ଷ୍ଟ୍ରଙ୍ଗ |
| ଅନିୟମିତ ରକ୍ତସ୍ରାବ | ସୁନ୍ଦରୀ ସଖୀ, ମେନୋଗାର୍ଡ |
| ମେଦବହୁଳତା | ଇଜି ସ୍ଲିମ୍, ମେଦୋହର ବିଡାଙ୍ଗାଦି ଲୌହ |
| ତ୍ୱଚାର ସମସ୍ୟା | ନିମ୍ ଗାର୍ଡ କ୍ୟାପ୍‌ସୁଲ୍, ନିମ୍ ଅଏଲ୍ |
| ମୂତ୍ରରୋଗ | ଚନ୍ଦ୍ରପ୍ରଭା ଟାବଲେଟ୍, ଗୋକ୍ଷୁରାଦି ଗୁଗ୍ଗୁଳୁ |

ଡାକ୍ତରଙ୍କ ପରାମର୍ଶ ପାଇଁ କଲ୍ କରନ୍ତୁ
JAIPUR: 9439088809 BERHAMPUR: 9861540324 CUTTACK: 9439486929 BHUBANESWAR: 8249945802 PURI: 9861068109 DHENKANAL: 8249703170 ANGUL: 9937734509 BALASORE: 9438725025 BARIPADA: 9437350156 KENDUJHAR: 6370698870 BHADRAK: 7978313169 ROURKELA: 7008870227 SAMBALPUR: 8763343900 / 9437681346 BOLANGIR: 7008384344 KUCHINDA: 7978655905

# ବରଗଡ଼ରେ ୧୨ଦିନ ଲୁଚିଥିଲେ ଗୁଡ୍ଡୁ ମୁସଲିମ୍

**ପଦାକୁ ଆସିଲା ରାଜ୍ୟ ଗୋଇନ୍ଦା, ବରଗଡ଼ ପୋଲିସର ବିଫଳତା**



ଗୁଡ୍ଡୁ ମୁସଲିମ୍

- ଛତିଶଗଡ଼ର ଅପରାଧୀ ରାଜା ଖାନ୍‌ଙ୍କ ସହ ଥିଲେ
- ପୋଷାକ ବ୍ୟାଗ୍ ଛାଡ଼ି ପଳାଇଥିଲେ ଗୁଡ୍ଡୁ
- ବେଶ ବଦଳାଇ ବୁଲୁଛନ୍ତି, ଶେଷ ଲୋକେସନ୍ ଛତିଶଗଡ଼

ଭୁବନେଶ୍ୱର,୨୫।୪ (ବ୍ୟୁରୋ)

ଗୁଳିମାଡ଼ରେ ମୃତ ଗ୍ୟାଙ୍ଗଷ୍ଟର ଅତିକ୍ ଅହମ୍ମଦଙ୍କ ସହଯୋଗୀ ଗୁଡ୍ଡୁ ମୁସଲିମ୍‌ଙ୍କୁ ଧରିବାକୁ ଉତ୍ତରପ୍ରଦେଶ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଉଦ୍ୟମ ଚଳାଇଛି। ହେଲେ ଗୁଡ୍ଡୁ ପୋଲିସକୁ ଭୁଆଁ ବୁଲାଇ ଦେଶସାରା ଲୁଚି ବୁଲୁଛନ୍ତି। ଓଡ଼ିଶାରେ ମଧ୍ୟ ସେ କିଛିଦିନ ଲୁଚିଥିଲେ। ଏପ୍ରିଲ ୧୮ରେ ୟୁପି ଏସ୍‌ଟିଏଫ୍‌ର ୫ ଜଣିଆ ଟିମ୍ ଗୁଡ୍ଡୁଙ୍କ ଡ୍ରାଇଭରଙ୍କ ସମ୍ପର୍କୀୟ ବରଗଡ଼ ଜିଲା ଭଟଲିରେ ରହୁଥିବା ରାଜା ଖାନ୍‌ଙ୍କୁ ପଚରାଉଚରା କରି ଫେରିଯାଇଥିଲା। ଏହାପରେ ଉତ୍ତରପ୍ରଦେଶ ଗ୍ୟାଙ୍ଗଷ୍ଟର୍‌ଙ୍କ ଓଡ଼ିଶା ଲିଙ୍କ୍ କଥା ଜଣାପଡିଥିଲା। ଏଭଳି ସ୍ଥିତିରେ ଗୁଡ୍ଡୁଙ୍କ ଓଡ଼ିଶା ରହଣି ନେଇ ଆଉ ଏକ ବଡ଼ ତଥ୍ୟ ସାମ୍ନାକୁ ଆସିଛି। ଗୁଡ୍ଡୁ ବରଗଡ଼ରେ ୧୨ଦିନ ଆତ୍ମଗୋପନ କରିଥିଲେ ବୋଲି ୟୁପି ଏସ୍‌ଟିଏଫ୍‌ର ସୂଚନା ଆଧାରରେ ଜାତୀୟ ଗଣମାଧ୍ୟମରେ ପ୍ରସାରିତ ଖବରରୁ ଜଣାପଡିଛି। ଉକ୍ତ ଖବର ଅନୁଯାୟୀ, ୟୁପି ଏସ୍‌ଟିଏଫ୍‌କୁ ଗୁଡ୍ଡୁ ଭୁଆଁ ବୁଲାଇବା ପାଇଁ ପ୍ରୟାଗରାଜରୁ ମିରଟ, ଆଜ୍‌ମେର୍, ଝାନ୍‌ସୀ, ନାସିକ୍ ଓ ପୁଣେ ପରେ ଓଡ଼ିଶା ଆସିଥିଲେ। ରାଜାଙ୍କ ଜରିଆରେ ଗୁଡ୍ଡୁ ବରଗଡ଼ରେ ଏପ୍ରିଲ ୨ରୁ ୧୩ ଯାଏ ଲୁଚି ରହିଥିଲେ। ପରେ ଗୁଡ୍ଡୁ ଛତିଶଗଡ଼ ପଳାଇଯାଇଥିବା ୟୁପି ଏସ୍‌ଟିଏଫ୍ ଟ୍ରାକ୍‌ରୁ ଜାଣିବାକୁ ପାଇଛି। ତେବେ ଗୁଡ୍ଡୁ ଏଠାରୁ ଯିବାବେଳେ ଏକ ପୋଷାକ ବ୍ୟାଗ୍ ଛାଡ଼ି ପଳାଇଥିଲେ। ରାଜାଙ୍କୁ ଜେରା ପରେ ଉକ୍ତ ବ୍ୟାଗ୍‌କୁ ୟୁପି ଏସ୍‌ଟିଏଫ୍ ନେଇଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ୟୁପି ଏସ୍‌ଟିଏଫ୍ ସ୍କାନର୍‌କୁ ରାଜା ଆସିଥିବାବେଳେ ସେ ଏବେ କେଉଁଠି ତାହାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ରାଜା ଛତିଶଗଡ଼ର ମୂଳ ବାସିନ୍ଦା ହୋଇଥିବାବେଳେ ସେ ଓଡ଼ିଶା-ଛତିଶଗଡ଼ ସୀମାନ୍ତ ତଥା ବଡ଼ଗଡ଼ ଜିଲାର ସୋହେଲା ଲୁହୁରାଚଟି ଓ ଭଟଲିରେ ରହି ଅପରାଧ ସାମ୍ରାଜ୍ୟ ଚଳାଉଥିଲେ। ରାଜାଙ୍କ ନାମରେ ଛତିଶଗଡ଼ରେ ନିଶା କାରବାର, ଆର୍ମ୍ସ ଆକ୍ଟରେ ମାମଲା ରହିଥିବା ମହାସମୁନ୍ଦ ଏସ୍‌ପି ଧର୍ମେନ୍ଦ୍ର ସିଂ ଚୱାଇ ଗଣମାଧ୍ୟମକୁ କହିଛନ୍ତି। ତେବେ ରାଜା ଛତିଶଗଡ଼ର ହୋଇଥିବାରୁ ସେ ଗୁଡ୍ଡୁଙ୍କୁ ନେଇ ସେଠାରେ ଲୁଚାଇ ରଖିଥିବା ମଧ୍ୟ ଚର୍ଚ୍ଚା ହେଉଛି। ତେବେ ଏହା ଭିତରେ ଗୁଡ୍ଡୁ ନିଜ ବେଶ ବଦଳାଇ ଦେଇଥିବା ମଧ୍ୟ ସୂଚନା ମିଳିଛି। ସେ ନିଜ ପରିଚୟକୁ ଲୁଚାଇବା ପାଇଁ ଦାଢ଼ି ଓ ଚୁଟିକୁ ଅଧିକ ଲମ୍ବା କରି ଦେଇଛନ୍ତି। ଅନ୍ୟପକ୍ଷରେ ଗୁଡ୍ଡୁ ୧୨ଦିନ ବରଗଡ଼ରେ ରହିଥିବା ଘଟଣାକୁ ନେଇ ସାଧାରଣରେ ବେଶ୍ ଚର୍ଚ୍ଚା ହେଉଛି। ଗ୍ୟାଙ୍ଗଷ୍ଟର ଗୁଡ୍ଡୁ ଏଠାରେ ଏତେଦିନ ରହିବା ପରେ ମଧ୍ୟ ବରଗଡ଼ ପୋଲିସ ଓ ରାଜ୍ୟ ଗୋଇନ୍ଦା ବିଭାଗ କିପରି ତାଙ୍କ ବିଷୟରେ ସାମାନ୍ୟତମ ସୂଚନା ପାଇପାରିଲେ ନାହିଁ ତାହାକୁ ନେଇ ପ୍ରଶ୍ନ ଉଠିଛି। ଏପରିକି ରାଜା ଜଣେ ବଡ଼ ଅପରାଧୀ ହୋଇଥିବାବେଳେ ଛତିଶଗଡ଼ରେ ତାଙ୍କ ନାମରେ ବଡ଼ ବଡ଼ ଆପରାଧିକ ମାମଲା ରହିଥିଲେ ମଧ୍ୟ ଓଡ଼ିଶା ପୋଲିସ ତାଙ୍କ ଉପରେ କାହିଁକି ନଜର ରଖି ନ ଥିଲା ? ଏହାକୁ ରାଜ୍ୟ ଗୋଇନ୍ଦା ବିଭାଗର ବିଫଳତା ବୋଲି ମଧ୍ୟ କୁହାଯାଉଛି। ଅପରାଧୀମାନେ ଲୁଚିବା ପାଇଁ ଓଡ଼ିଶାକୁ ସୁରକ୍ଷିତ ସ୍ଥାନ ଭାବେ ବାଛି ନେଇଥିବା ଏଥିରୁ ସ୍ପଷ୍ଟ ହେଉଛି।

ସୂଚନାଯୋଗ୍ୟ, ୨୦୦୫ରେ ବିଏସ୍‌ପିର ତତ୍କାଳୀନ ବିଧାୟକ ରାଜୁ ପାଲ୍‌ଙ୍କୁ ଅତିକ ଓ ତାଙ୍କ ଭାଇ ଅଶ୍ରଫ୍ ହତ୍ୟା କରିଥିଲେ। ପରେ ମୁଖ୍ୟ ସାକ୍ଷୀ ଥିବା ଆଇନଜୀବୀ ଉମେଶ ପାଲ୍‌ଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହି ସମୟରେ ଗୁଡ୍ଡୁ ବୋମା ମାଡ଼ କରିଥିଲେ।

MARUTI SUZUKI ARENA

ଶାନଦାର କାର ଉପରେ ଗ୍ରୀଷ୍ମଋତୁର ସବୁଠାରୁ ଭଲ ଅଫର୍ସ!

ଆପଣଙ୍କ ମନପସନ୍ଦର ମାରୁତି ସୁଜୁକୀ ଏରିନା କାର ଉପରେ ସୁନ୍ଦର ଗ୍ରୀଷ୍ମଋତୁ ଓ ବିଶେଷ ଅଫର୍ସର ଆନନ୍ଦ ଉପଭୋଗ କରନ୍ତୁ ।




BIG SAVINGS
ALTO K10 ₹49000*
WAGONR ₹49000*
S-PRESSO ₹49000*
CELERIO ₹44000*
100%^ ON-ROAD FUNDING AVAILABLE

ALTO K10 S-PRESSO WAGONR CELERIO

E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.

JYOTE MOTORS
BHUBANESWAR: LEWIS ROAD: 9798190190. NAYAPALLI: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. KENDRAPARA: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950. BASUDEVPUR: 9798190190.

SKY AUTOMOBILES
BHUBANESWAR: PATIA : 7381045356. CUTTACK: 9776677771, 7381873818. DHENKANAL: 7381045357. NARSHINGPUR: 7381045357. KAMAKHYANAGAR: 7381045357. JAJPUR: 9776900777, SALEPUR: 9583544555, CHANDIKHOL: 9583544555, TANGI: 7381045356.

NARAYANI MOTORS
BHUBANESHWAR: RASULGARH: 9583022019,7440019592,9583022013. JAGATSINGHPUR: 9583022090. PURI: 9583022035. NIMAPARA: 7381094851. PARADEEP: 9583022034/ 48. PURI HIGHWAY PIPLI: 9583022013.

ODYSSEY MOTORS
ANGUL: 7752076136, 9776901481, PALLAHARA: 7873565435, 9437831123.

TUSHI MOTORS
CUTTACK: 9078076450. PANIKOILI: 9078076450. ATHAGARH: 9078076450.

*Offer includes consumer offer, exchange bonus and institutional or rural offer (wherever applicable) on selected models/ variants. Above mentioned savings amount is the value of maximum savings on selected models. *^Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 30th April, 2023.

**ଆଜିର ମନ୍ତବ୍ୟ**

"ପୂର୍ବ ସରକାରମାନେ ପ୍ରକଳ୍ପଗୁଡ଼ିକୁ ବିଳମ୍ବ କରାଇ ଭୋଟ ବ୍ୟାଙ୍କ ରାଜନୀତି କରୁଥିଲେ। ଏବର ସରକାର କାର୍ଯ୍ୟ ସଂସ୍କୃତି ଉପରେ ବିଶ୍ୱାସ କରି ଆଗକୁ ବଢ଼ୁଛନ୍ତି।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘର ଦେଖେ, ବର ଦେଖେ
କାନ୍ଥ ଖୋଲି କୁଜ ଦେଖେ ।**

ଝିଅଟିଏ ବିଭାଦେବା ପୂର୍ବରୁ ପୁଅ ଘରର ଖାନଦାନି, ଚାଲିଚଳନ, ପୁଅର ଖୁଣ, ଗୁଣ, ସ୍ୱଭାବ, ରୂପ, ରୋଗ ବୈରାଗ ସବୁ ଜାଣି ଧୀରସ୍ଥିର ଭାବରେ ସ୍ଥିର କରିବା ଦରକାର। କୌଣସି ନିଷ୍ପତ୍ତି ନେବା ଆଗରୁ ଘଟଣାଟିକୁ ଭଲ ଭାବରେ ସବୁ ଦିଗରୁ ତର୍ଜମା କରି ବୁଝିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘୋଡ଼ା ମୁଣ୍ଡ ଟାକୁ ଟାକୁ
କାହୁଁ ଆଣିଥିଲି ଥାକୁଲିଟାକୁ
ଚୁଡ଼ା କୁଟି ଖାଇବାକୁ ।**

ଆବଶ୍ୟକତାଠୁ ଅଧିକ ମୋଟା ହେଲେ ବ୍ୟକ୍ତି ସ୍ୱାଚ୍ଛନ୍ଦ୍ୟରେ କାମଦାମ କରିପାରି ନ ଥାଏ। ଥାକୁଲି ସ୍ତ୍ରୀ ମୋଟୀ ହୋଇଥିବା ଦୃଷ୍ଟିରୁ ଆଦୌ କାର୍ଯ୍ୟଦକ୍ଷ ହୋଇପାରୁ ନ ଥିବାବେଳେ ତା'ପ୍ରତି ଏଭଳି ବ୍ୟଙ୍ଗୋକ୍ତି ଭାବ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ୨୦୨୪ ପାଇଁ ବାଇଡେନ୍‌ଙ୍କ ପ୍ରସ୍ତୁତି

**ୱାଶିଂଟନ,୨୫।୪:** ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ୨୦୨୪ରେ ପୁନଃ ନିର୍ବାଚିତ ହେବା ପାଇଁ ମଙ୍ଗଳବାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ବାଇଡେନ୍‌ଙ୍କ ସହ ତାଙ୍କ ରନିଂ ମେଟ୍ ତଥା ଉପରାଷ୍ଟ୍ରପତି କମଳା ହାରିସ୍ ମଧ୍ୟ ନୂଆ ଇନିଂସ୍ ଲାଗି ଅଭିଯାନ ଆରମ୍ଭ କରିଛନ୍ତି। ୮୦ ବର୍ଷୀୟ ଡେମୋକ୍ରାଟ୍ ବାଇଡେନ୍ ୩ ମିନିଟ୍ ବିଶିଷ୍ଟ ଏକ ପ୍ରମୋଶନାଲ ଭିଡିଓରେ 'ଫ୍ରିଡମ୍' (ସ୍ୱାଧୀନତା) ଶବ୍ଦ ଉଚ୍ଚାରଣ କରି ସମ୍ବୋଧନ ଆରମ୍ଭ କରିଛନ୍ତି। ଦେଶବାସୀଙ୍କୁ ନିଜ ସମ୍ବୋଧନରେ ସେ କହିଛନ୍ତି, ଗର୍ଭପାତ ଅଧିକାର, ଗଣତନ୍ତ୍ରର ପ୍ରତିରକ୍ଷା, ମତଦାନ ଅଧିକାର ଓ ସାମାଜିକ ସୁରକ୍ଷା ୨୦୨୪ ସାଧାରଣ ନିର୍ବାଚନରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେବାକୁ ଯାଉଛି। ପ୍ରତ୍ୟେକ ପିଢ଼ିର ଏକ ମୁହୂର୍ତ୍ତ ଥାଏ, ଯେଉଁ ସମୟରେ ସେମାନଙ୍କୁ ଗଣତନ୍ତ୍ର ପାଇଁ ଛିଡ଼ା ହେବାକୁ ପଡ଼ିଥାଏ। ବର୍ତ୍ତମାନ ଆମେରିକା ପାଇଁ ସେହି ସମୟ ଉପନୀତ। ତେଣୁ ସେ ପୁନର୍ବାର ଆମେରିକା ରାଷ୍ଟ୍ରପତି ନିର୍ବାଚନ ଲଢ଼ିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଆମ ସହ ସାମିଲ ହୁଅନ୍ତୁ। ଆସନ୍ତୁ, ଏହି କାର୍ଯ୍ୟକୁ ଶେଷ କରିବା ବୋଲି ଆମେରିକୀୟମାନଙ୍କୁ ବାଇଡେନ୍ ଆହ୍ୱାନ ଦେଇଛନ୍ତି। ରାଷ୍ଟ୍ରପତିଙ୍କ ଆନୁଷ୍ଠାନିକ ନିର୍ବାଚନ ପ୍ରଚାର ଆରମ୍ଭ ବେଳେ ହାରିସ୍ କହିଛନ୍ତି, ବାଇଡେନ୍ ଓ ମୁଁ ପୁନଃ ନିର୍ବାଚିତ ହେବା ପାଇଁ ବାହାରିଛୁ। ଆପଣମାନଙ୍କ ସହଯୋଗ ଅପରିହାର୍ଯ୍ୟ।

# 'ବି' ସେଟ୍ ପରୀକ୍ଷାର୍ଥୀଙ୍କୁ ୧୭ ମାର୍କ ମିଳିବା ଖବର ମିଥ୍ୟା: ରାମାଶିଷ

**ମାଟ୍ରିକ୍ ସାମାଜିକ ବିଜ୍ଞାନ ପ୍ରଶ୍ନପତ୍ରରେ ତ୍ରୁଟି ପ୍ରସଙ୍ଗ**

**କଟକ ଅଫିସ,୨୫।୪:** ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ମୁଦ୍ରଣଜନିତ ତ୍ରୁଟି ପାଇଁ ସାମାଜିକ ବିଜ୍ଞାନ 'ବି' ସେଟ୍ ଛାତ୍ରୀଛାତ୍ରଙ୍କୁ ୧୭ ମାର୍କ ମିଳିବା ନେଇ ସୋସିଆଲ୍ ମିଡିଆରେ ଚର୍ଚ୍ଚା ଜୋର୍ ଧରିଛି। ହେଲେ ବୋର୍ଡ କର୍ତ୍ତୃପକ୍ଷ ଏହାକୁ ଖଣ୍ଡନ କରିଛନ୍ତି। ମୁଦ୍ରଣଜନିତ ତ୍ରୁଟି ପାଇଁ ଛାତ୍ରୀଛାତ୍ରଙ୍କୁ ଉପଯୁକ୍ତ ନମ୍ବର ପ୍ରଦାନ କରାଯାଇଛି। ପ୍ରାୟ ୫,୫୦୦ ପରୀକ୍ଷାର୍ଥୀ ଏହି ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏହି ତ୍ରୁଟି ଟେକ୍ନିକାଲଜନିତ। ଏହା ଯେପରି ପୁନର୍ବାର ନ ହେବ ସେଥିପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଚର୍ଚ୍ଚା ହେଉଛି। ଏହାକୁ ବୋର୍ଡ ସଭାପତି ରାମାଶିଷ ହାଜରା ଖଣ୍ଡନ କରି କହିଛନ୍ତି, ଏଭଳି କୌଣସି ନିଷ୍ପତ୍ତି ବୋର୍ଡ ପକ୍ଷରୁ ନିଆଯାଇନାହିଁ। ପିଲାଙ୍କ ହିତକୁ ଦୃଷ୍ଟିରେ ରଖି ଆବଶ୍ୟକ ପଦକ୍ଷେପ ନିଆଯିବ। ହେଲେ ୧୭ ମାର୍କ ଦିଆଯିବା ନେଇ ଆମ ପକ୍ଷରୁ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ଏଭଳି ମିଥ୍ୟା ଖବର ପ୍ରଚାର କରାଯାଇ ବିବାଦ ସୃଷ୍ଟି କରିବାକୁ ଚେଷ୍ଟା କରାଯାଉଛି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ମାଟ୍ରିକ୍ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ହୋଇଥିବା ଅଭିଯୋଗକୁ ବୋର୍ଡ କର୍ତ୍ତୃପକ୍ଷ ପୂର୍ବରୁ ସ୍ୱୀକାର କରିଥିଲେ। ଏହି ତ୍ରୁଟି ପରୀକ୍ଷାର୍ଥୀମାନଙ୍କ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ବୋର୍ଡ କର୍ତ୍ତୃପକ୍ଷ ସ୍ପଷ୍ଟ କରିଥିଲେ। ଆଉଥରେ ପରୀକ୍ଷା ହେବାର ସମ୍ଭାବନା ନ ଥିବା ସ୍ପଷ୍ଟ କରିଥିବାବେଳେ ଛାତ୍ରୀଛାତ୍ରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୂଲ୍ୟାୟନ କରାଯିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଥିଲା। 'ଏ' ସେଟ୍‌ର ପ୍ରଶ୍ନପତ୍ରର କିଛି ଅଂଶ 'ବି' ସେଟ୍‌ରେ ରହି ଯାଇଥିଲା। ଛାତ୍ରୀଛାତ୍ରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୂଲ୍ୟାୟନ କରାଯିବ, ଯେପରି କୌଣସି ଛାତ୍ରୀଛାତ୍ର କମ୍ ମାର୍କ ପାଇବେ ନାହିଁ।




# 'ଶିକ୍ଷା, ଦକ୍ଷତା ବିକାଶକୁ ନେଇ ଭାରତ-ସିଙ୍ଗାପୁର କାମ କରିବେ'

## ଜି-୨୦ ବୈଠକ

- ୩ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା
- ସ୍କୁଲ ପାଠ୍ୟକ୍ରମରେ ସିଙ୍ଗାପୁର ଆଣିଥିବା ସ୍କିଲିଂ ବିଷୟକୁ ଗ୍ରହଣ କରାଯିବ

ଭୁବନେଶ୍ୱର ୨୫।୪ (ବ୍ୟୁରୋ)




କର୍ମଶାଳାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।

ନୂଆ ଜାତୀୟ ଶିକ୍ଷାନୀତି ଆଧାରରେ ଦେଶର ଯୁବବର୍ଗଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ନିମନ୍ତେ ଶିକ୍ଷା ଓ ଦକ୍ଷତା ପରିସଂସ୍ଥାନର ରୂପାନ୍ତରଣ ପାଇଁ ଭାରତ ଓ ସିଙ୍ଗାପୁର ମଧ୍ୟରେ ଆଲୋଚନା ହୋଇଛି। ଏହି ଦୁଇ ରାଷ୍ଟ୍ର ଆଗାମୀ ଦିନରେ ଶିକ୍ଷା ସହ ଦକ୍ଷତା ବିକାଶ ପାଇଁ କାମ କରିବେ। ମଙ୍ଗଳବାର ଭୁବନେଶ୍ୱରଠାରେ ଜି-୨୦ ଶିକ୍ଷା ୱାର୍କିଂ ଗ୍ରୁପ୍‌ର ତୃତୀୟ ବୈଠକ ପରିପ୍ରେକ୍ଷୀରେ ଭାରତ-ସିଙ୍ଗାପୁର ମଧ୍ୟରେ ଆୟୋଜିତ କର୍ମଶାଳାରେ ଯୋଗଦେଇ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। 'ଫ୍ୟୁଚର ଅଫ୍ ୱାର୍କ: ଭାରତ ଓ ସିଙ୍ଗାପୁରର ସ୍କିଲ୍ ଆର୍କିଟେକ୍‌ଚର ଓ ଗଭର୍ନାନ୍ସ ମଡେଲ' ବିଷୟବସ୍ତୁ ଉପରେ ଅନୁଷ୍ଠିତ ଏହି କର୍ମଶାଳାରେ କେନ୍ଦ୍ରମନ୍ତ୍ରୀ କହିଲେ, ଭାରତ ଓ ସିଙ୍ଗାପୁରର ରଣନୈତିକ ଭାଗୀଦାରିରେ ଦକ୍ଷତା ବିକାଶ ଏବଂ ଜ୍ଞାନ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଦୁଇଦେଶ ମିଳିତ ଭାବରେ କାମ କଲେ ଉଭୟ ରାଷ୍ଟ୍ର ପାଇଁ ଅନେକ ସୁଯୋଗ ରହିଛି। ବିଶେଷକରି ଭବିଷ୍ୟତର ଶ୍ରମବଳ ପ୍ରସ୍ତୁତ କରିବା ଦିଗରେ କାମ କଲେ ଉଭୟ ଦେଶର ଲକ୍ଷ୍ୟ ସଫଳ ହେବ। ଏହି କର୍ମଶାଳାରେ ଭବିଷ୍ୟତର କାର୍ଯ୍ୟଶୈଳୀ ଉପରେ ଭାରତ ଓ ସିଙ୍ଗାପୁର ମଧ୍ୟରେ ୩ଟି ପ୍ରସଙ୍ଗ ଯଥା ଦକ୍ଷତା ପାଇଁ ନୂଆ ପାଠ୍ୟକ୍ରମର ବିକାଶ, ଧନ୍ଦାମୂଳକ ଶିକ୍ଷା, ଉଚ୍ଚଶିକ୍ଷା କ୍ଷେତ୍ରରେ ଦକ୍ଷତା ପରିସଂସ୍ଥାନ ପାଇଁ ଫ୍ରେମ୍‌ୱାର୍କ ଏବଂ ଜୀବନବ୍ୟାପୀ ସ୍କିଲିଂ ପାଇଁ ଆପ୍ରେଣ୍ଟିସଶିପ୍ ଏବଂ ଫ୍ରେମ୍‌ୱାର୍କ ପାଇଁ ଆଲୋଚନା କରାଯାଇଥିଲା। ସିଙ୍ଗାପୁର ସରକାରଙ୍କ ଶିକ୍ଷା ତଥା ଦକ୍ଷତା ବିଭାଗର ଅଧିକାରୀ, ବୈଦେଶିକ ବିଭାଗର ଅଧିକାରୀଙ୍କ ସହ ଭାରତ ସରକାରଙ୍କ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରଣାଳୟ, ସ୍କୁଲ ଏବଂ ଉଚ୍ଚଶିକ୍ଷା ବିଭାଗ ଜାତୀୟ ଧନ୍ଦାମୂଳକ ଶିକ୍ଷା ଏବଂ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଭିଟି), ପ୍ରଶିକ୍ଷଣ ମହାନିର୍ଦ୍ଦେଶାଳୟ(ଡିଜିଟି), ଜାତୀୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ(ଏନ୍‌ସିଇଆରଟି), କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ), ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ(ଏଆଇସିଟିଇ) ମିଳିତ ଭାବେ ସିଙ୍ଗାପୁର ମଡେଲକୁ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ କିପରି ଉପଯୋଗ କରାଯାଇପାରିବ ସେ ନେଇ ଉଭୟ ଦେଶ ଆଲୋଚନା କରିଥିଲେ। ଏ ନେଇ ସିଙ୍ଗାପୁରର ବୈଦେଶିକ ବିଭାଗ ମନ୍ତ୍ରୀଙ୍କ ସହ ମଧ୍ୟ ବିସ୍ତୃତ ଆଲୋଚନା ହୋଇଛି। ସେହିପରି ଭାରତର ଅନେକ ରାଜ୍ୟ ସିଙ୍ଗାପୁର ସହ ଅନୁବନ୍ଧିତ ହୋଇଛନ୍ତି। ତେଣୁ ଭାରତ ଓ ସିଙ୍ଗାପୁର ମିଶି ସ୍କୁଲ ପାଠ୍ୟକ୍ରମରେ ସିଙ୍ଗାପୁର ଆଣିଥିବା ସ୍କିଲିଂ ବିଷୟକୁ ମଧ୍ୟ ଗ୍ରହଣ କରାଯିବ। ଏଆଇସିଟିଇ ଦ୍ୱାରା ପରିଚାଳିତ ଇଞ୍ଜିନିୟରିଂ ଏବଂ ପଲିଟେକନିକ କଲେଜର ଛାତ୍ରୀଛାତ୍ର କିପରି ଦକ୍ଷତା ପରିସଂସ୍ଥାନରେ ଅଧିକ ଯୋଡ଼ିହେବେ ତାହାର ଯୋଜନା କରାଯିବ। ଏହାସହ ବର୍ତ୍ତମାନର ୱାର୍କଫୋର୍ସକୁ ନିରନ୍ତର ରି-ସ୍କିଲିଂ ଏବଂ ଅପ୍-ସ୍କିଲିଂ କରାଯିବା ନେଇ ଗୁରୁତ୍ୱ ଦିଆଯାଉଛି। ବିଗତ ଶତାବ୍ଦୀରେ ଅର୍ଥନୀତିର ଦ୍ରୁତ ପ୍ରଗତି କ୍ଷେତ୍ରରେ ସିଙ୍ଗାପୁର ବିଶ୍ୱର ଗୋଟିଏ ମଡେଲ ହୋଇଛି। ଆଣବିକ କ୍ଷେତ୍ରରେ ଭାରତ ଓ ସିଙ୍ଗାପୁର ମିଳିତ ଭାବରେ କାମ କରିବା ଦିଗରେ ଉଦ୍ୟମ ଜାରି ରହିଛି। ଭାରତର ୟୁପିଆଇ ସିଷ୍ଟମକୁ ସିଙ୍ଗାପୁର ସରକାର ଲାଗୁ କରିଛନ୍ତି। ଫଳରେ ଭାରତ ଓ ସିଙ୍ଗାପୁରର ସମ୍ପର୍କ ମଜଭୁତ ହେଉଥିବା କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି। କର୍ମଶାଳାରେ ଭାରତରେ ଅବସ୍ଥାପିତ ସିଙ୍ଗାପୁର ହାଇକମିଶନର ସିମନ ୱଙ୍ଗ୍, ସିଙ୍ଗାପୁରର ଉଚ୍ଚଶିକ୍ଷା, ଦକ୍ଷତା ଏବଂ ଶିକ୍ଷା ମନ୍ତ୍ରଣାଳୟର ଉପସଚିବ ମେଲିସା ଖୁ, ଭାରତର ଶିକ୍ଷା ମନ୍ତ୍ରଣାଳୟ, ଦକ୍ଷତା ମନ୍ତ୍ରଣାଳୟ, ସ୍କୁଲ ଶିକ୍ଷା ଏବଂ ସାକ୍ଷରତା ବିଭାଗର ସଚିବ ଏବଂ ଶିକ୍ଷା ଓ ଦକ୍ଷତା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହାସହ ଭାରତ ଓ ସିଙ୍ଗାପୁରର ଶିକ୍ଷା ଓ ଦକ୍ଷତା କ୍ଷେତ୍ରର ଷ୍ଟେକ୍‌ହୋଲଡର, ଶିକ୍ଷାବତ୍ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବନ୍ଧୁଙ୍କ ଆଦର, ସ୍ନେହ, ସଦିଚ୍ଛା ଦୁଃଖ ଦୂର କରିଦେବ। ପ୍ରତ୍ୟେକ କ୍ଷେତ୍ରରେ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରିବା ନିଷ୍ପତ୍ତି ନେବେ। ଆର୍ଥିକ ସ୍ୱଚ୍ଛଳତା ଫେରିପାଇବେ ସତ, ମାତ୍ର ଶନିଙ୍କ କ୍ରୁର ଦୃଷ୍ଟିରୁ ଅର୍ଥ ପ୍ରାପ୍ତି ହେବ ନାହିଁ। ଅଧ୍ୟାପନା, କ୍ରୀଡ଼ା, ସାହିତ୍ୟ, ଚଳଚ୍ଚିତ୍ର ତଥା ପ୍ରତିଯୋଗିତା କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବୃଷ** ଶାରୀରିକ ସୁସ୍ଥତା ରହିଲେ ମଧ୍ୟ କର୍ମଜଞ୍ଜାଳ ଦିନଟିକୁ ବ୍ୟସ୍ତତା ମଧ୍ୟରେ ଅତିବାହିତ କରାଇବ। ଆଜି ଦିନଟିରେ ବହୁତଗୁଡ଼ିଏ କାମ ହାତକୁ ନେଇ ବ୍ୟସ୍ତ ହୋଇପାରନ୍ତି। ଅପରାହ୍ନରେ ବନ୍ଧୁଙ୍କଠାରୁ ସାହାଯ୍ୟର ପ୍ରତିଶ୍ରୁତି ପାଇ ଟେନସନ୍ ଦୂର ହେବ। ସଭାସମିତି, କଳା, ସାହିତ୍ୟ, ସଙ୍ଗୀତାଦି ମନୋରଞ୍ଜନ କ୍ଷେତ୍ରରୁ ସୁଫଳ ଓ ଆନନ୍ଦ ମିଳିବ।

**ମିଥୁନ** ଆଜି ଆର୍ଥିକ, ସାମାଜିକ ଓ କର୍ମକ୍ଷେତ୍ର ସକାଶେ ଦିନଟି ଶୁଭଙ୍କରୀ ହେବ। ମଧୁର ବ୍ୟବହାର, ସୌଜନ୍ୟ ଓ ସୌହାର୍ଦ୍ଦ୍ୟତା ଦ୍ୱାରା ବ୍ୟକ୍ତିତ୍ୱର ପରିପ୍ରକାଶ ଘଟିବ। ସକାଳୁ ବଳକା କାମକୁ ଶୀଘ୍ର ଶେଷ କରିବା ସକାଶେ ବ୍ୟସ୍ତ ହୋଇପଡ଼ିବେ। ପାରିବାରିକ ସ୍ତରରେ ସାଧାରଣ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**କର୍କଟ** ଆଜି ଉନ୍ନତ ଚିନ୍ତା, ସୁପରିକଳ୍ପିତ ଯୋଜନା ଏବଂ ପ୍ରତିବନ୍ଧକ ବିହୀନ କାର୍ଯ୍ୟରୁ ଖୁସି ରହିବେ। ପ୍ରତ୍ୟେକ କ୍ଷେତ୍ରରେ ଅଟକି ରହିଥିବା କାମ ସୁରୁଖୁରୁରେ ସମ୍ପନ୍ନ ହେବ। ବାଣିଜ୍ୟ, ବ୍ୟବସାୟ, ପରିବହନରେ ସଫଳତା ହାସଲ କରିବେ। ଆକର୍ଷଣୀୟ ଭାବମୂର୍ତ୍ତି ପଦସ୍ଥ ବ୍ୟକ୍ତି ବିଶେଷ ଓ ବୁଦ୍ଧିଜୀବୀମାନଙ୍କ ଦ୍ୱାରା ଆଦୃତି ଲାଭ କରିବ।

**ସିଂହ** କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଭାଗ ନ ନେଇ ପଛେଇ ରହିବେ। ଅତୀତର କେତେକ ଅଶାନ୍ତ ଭାବନା ମନକୁ ଅସ୍ଥିର କରି ରଖିପାରେ। ଅବଶ୍ୟ ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଚିହ୍ନା ପଡ଼ିବାକୁ ପସନ୍ଦ କରିବେ ନାହିଁ। କର୍ମକ୍ଷେତ୍ର ଗତାନୁଗତିକ ରୀତିରେ ଗଡ଼ି ଚାଲିଲେ ମଧ୍ୟ ସାଧାରଣ ଝଟକାରୁ ବାଦ୍ ପଡ଼ିବ ନାହିଁ।

**କନ୍ୟା** କର୍ମକ୍ଷେତ୍ରରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱରେ ପଡ଼ି ପାରନ୍ତି। ମିତବ୍ୟୟିତା ଗୁଣ ଅବଲମ୍ବନ କରି ଅନାବଶ୍ୟକ ଜିନିଷଠାରୁ ଦୂରେଇ ରହିବାକୁ ପସନ୍ଦ କରିବେ। ପାରିବାରିକ ସ୍ଥିତି ଭଲ ନ ରହିଲେ ମଧ୍ୟ ଗୁରୁତର ଆକାର ଧାରଣ କରିବ ନାହିଁ। ସମ୍ପର୍କୀୟମାନେ ପଛରେ ଗୁଡିକଟୁ କଥା କହିପାରନ୍ତି।

**ତୁଳା** ଦୀର୍ଘ ଦିନରୁ ରହିଥିବା ରୋଗର ପ୍ରାଦୁର୍ଭାବ ଆଜି ଦେଖିବାକୁ ମିଳିପାରେ। କିଛି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିବା ବନ୍ଧୁଟି ଠିକଣା ସମୟରେ ବିଭିନ୍ନ ଆଳ ଦେଖାଇ ଦୂରେଇ ରହିବ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଉପରିସ୍ଥ ଅଫିସର ଭୁଲ୍ ବୁଝିପାରନ୍ତି। ବାଣିଜ୍ୟ, ପରିବହନରେ ବିଭିନ୍ନ ପ୍ରତିବନ୍ଧକ ଦେଖାଦେଇପାରେ।

**ବିଛା** ପରିବାରର ବ୍ୟତିକ୍ରମକୁ ସୁଧାରି ନେବାରେ ସଫଳ ହେବା ଦୁରୂହ ହୋଇପଡ଼ିବ। ମନର ଦୁଃଖକୁ ମନ ଭିତରେ ଲୁଚାଇ କାର୍ଯ୍ୟକ୍ଷେତ୍ରରେ ଅବତୀର୍ଣ୍ଣ ହେବେ। ମାନସିକ ସନ୍ତୁଳନ ହରାଇବା କାରଣରୁ ଦିନଟି ବିଶେଷ ଉପଭୋଗ୍ୟ ନ ହୋଇପାରେ। କିଣାବିକା କ୍ଷେତ୍ରରେ ସତର୍କ ନ ରହିଲେ ଠକାମିରେ ପଡ଼ିପାରନ୍ତି।

**ଧନୁ** ପ୍ରତିକୂଳ ସମୟ ହେତୁ ନିଜର ବିଶୃଙ୍ଖଳିତ ବିଚାରଧାରା ବିଷମ ପରିସ୍ଥିତି ସୃଷ୍ଟି କରିପାରେ। ସନ୍ଦେହ, ଅବିଶ୍ୱାସ ଓ ଭୁଲ୍ ବୁଝାମଣା ହେତୁକ ପାରିବାରିକ କ୍ଷେତ୍ର ଶୃଙ୍ଖଳିତ ନ ରହିପାରେ। କିନ୍ତୁ ଆଧ୍ୟାତ୍ମିକତା, ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ଆର୍ଥିକ, ସାମାଜିକ, ସୃଜନାତ୍ମକ କାମରେ ଉନ୍ନତମାନର ଫଳ ମିଳିବ।

**ମକର** ଆଜିର ପ୍ରତ୍ୟୁଷ ଯାତ୍ରା, କର୍ମାରମ୍ଭ, ଶିକ୍ଷା, ପରୀକ୍ଷା, ବନ୍ଧୁ ସମ୍ପର୍କ କ୍ଷେତ୍ର ଭଲ ରହିବ। କର୍ମ କ୍ଷେତ୍ରରେ ଖୁବ୍ ଆଶାବାଦୀ ହେବେ ଏବଂ ଆନୁଷଙ୍ଗିକ ସୁବିଧା ଓ ସୁଯୋଗ ପାଇପାରିବେ। ସହକର୍ମୀଙ୍କ ସହ ସମ୍ପର୍କ ହାନି ଦୁଶ୍ଚିନ୍ତାର କରଣ ହୋଇପାରେ। ବକେୟା ଅର୍ଥକୁ ଯୁକ୍ତିତର୍କ ମାଧ୍ୟମରେ ଆଦାୟ କରିବାରେ ସକ୍ଷମ ହେବେ।

**କୁମ୍ଭ** ପ୍ରତ୍ୟେକ କାମ ମନ୍ଥର ଗତିରେ ହେଉଥିବାରୁ ସାମାନ୍ୟ ବିରକ୍ତ ହେବେ। ପାରିବାରିକ ଓ କର୍ମକ୍ଷେତ୍ର ସୁନ୍ଦର ଓ ସାବଲୀଳ ରହି ପ୍ରୀତିପ୍ରଦ ହେବ। ଦୀର୍ଘ ଦିନରୁ ଚିନ୍ତା କରୁଥିବା ଯାନବାହନ, ଯାନ୍ତ୍ରିକ ଜିନିଷ କିମ୍ବା ଧାତୁ ଅଳଙ୍କାରାଦି କ୍ରୟ କରିବାର ସୁଯୋଗ ଜୁଟିବ। ଶିଳ୍ପ, ବ୍ୟବସାୟରେ ସମସ୍ୟା ସମାଧାନ ପୂର୍ବକ ଉନ୍ନତି ପରିଲକ୍ଷିତ ହେବ।

**ମୀନ** ଆପଣଙ୍କ ବାସ୍ତବବାଦୀ ଚିନ୍ତାଧାରା ଓ ରୋକ୍‌ଠୋକ୍ କଥାକୁ ବିଜ୍ଞ ବ୍ୟକ୍ତିଙ୍କ ଗ୍ରହଣୀୟ ହେବ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ କୌଣସି ମିଥ୍ୟାବାଦିନୀ ଦୋଷାରୋପ ଲଗାଇପାରନ୍ତି। ସଭାସମିତିରେ ସହମତି ମାଧ୍ୟମରେ କାମ କରିପାରିବାରେ ଅସୁବିଧା ରହିବ ନାହିଁ। ଆକସ୍ମିକ ଭାବରେ ଭ୍ରମଣ ସୁଯୋଗ ଲାଭ କରିପାରନ୍ତି।

ଆଜି ବୈଶାଖ ଶୁକ୍ଳ ଷଷ୍ଠୀ ଯୁକ୍ତ ସପ୍ତମୀ ବୁଧବାର, ଏପ୍ରିଲ ୨୬ ତାରିଖ, ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ, ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, ସପ୍ତମୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୨୪ମି. ଗତେ ଘ.୦୭.୦୬ମି. ମଧ୍ୟେ, ଘ.୧୦.୦୯ମି. ଗତେ ଘ.୧୧.୧୯ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୪୪ମି. ଗତେ ଘ.୦୧.୧୯ମି. ମଧ୍ୟେ ରାହୁ କାଳ।

ପ୍ରଥମ ପୃଷ୍ଠାରୁ...

## ରାଜ୍ୟ ସରକାରଙ୍କୁ...

ସୂଚନା ଅଧିକାରୀ କର୍ମୀ ଦିଲୀପ ବରାଳ ଗତ ୧୯ ତାରିଖରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ନଂ.୧୨୪୩୨/୨୩) ରୁଜୁ କରିଥିଲେ। ଏଥିରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ଆଇନ ବିଭାଗ ସଚିବ, ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରଶାସକ, ଉପମୁଖ୍ୟ ପ୍ରଶାସକ, ଶ୍ରୀମନ୍ଦିର ପରିଚାଳନା କମିଟି, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ମହାନିର୍ଦ୍ଦେଶକ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରାଯାଇଛି। ୨୦୧୮ ଏପ୍ରିଲ୍ ୪ ତାରିଖରେ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଯାଞ୍ଚ ସମୟରେ ଏହାର ସ୍ଥିତି ଦୁର୍ବଳ ଥିବାନେଇ ଜଣାପଡ଼ିଥିଲା। ରତ୍ନଭଣ୍ଡାର ତୁରନ୍ତ ମରାମତି ଓ ସଂରକ୍ଷଣ କରାଯିବା ନେଇ ଯାଞ୍ଚ ରିପୋର୍ଟରେ ଉଲେଖ କରାଯାଇଥିଲା। ଚାବି ହଜିବା ନେଇ ତଦନ୍ତ କମିଶନ ବସିବା ପରଠାରୁ ରତ୍ନଭଣ୍ଡାର ପ୍ରସଙ୍ଗକୁ ସରକାର ଅଣ ଦେଖା କରୁଛନ୍ତି। ରତ୍ନ ଭଣ୍ଡାର ମରାମତି କରୁନାହାନ୍ତି। ରତ୍ନ ଅଳଙ୍କାର ଗଣତି ଓ ମଣତି କରୁନାହାନ୍ତି, ଯାହାକୁ ନେଇ ଭକ୍ତଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହେଉଛି। ଏପରିକି ଦିନକୁ ଦିନ ରତ୍ନଭଣ୍ଡାର ସ୍ଥିତି ଦୁର୍ବଳ ହେଉଛି। ତଦନ୍ତ ରିପୋର୍ଟ ସାର୍ବଜନୀନ, ରତ୍ନାଭଣ୍ଡାର ମରାମତି ଓ ଗଣତି କରିବା ପାଇଁ ବରାଳ ୨୦୨୧ ଅକ୍ଟୋବର ୨୨ ଏବଂ ଡିସେମ୍ବର ୪ ତାରିଖରେ ସରକାରଙ୍କୁ ଚିଠି ଲେଖିଥିଲେ। ମାତ୍ର ସରକାର କୌଣସି ପଦକ୍ଷପ ନ ନେବାରୁ ବରାଳ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା କହିଛନ୍ତି। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ପୂର୍ବରୁ ସରକାର ବାରମ୍ବାର ହାଇକୋର୍ଟଙ୍କୁ ଭ୍ରମାତ୍ମକ ତଥ୍ୟ ଦେଇ ସମୟ ନେଉଥିବା ବେଳେ ଏଥର ଏଭଳି ନ କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି। ଏଥିସହ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ସବୁ ମହଲରୁ ସ୍ୱାଗତ କରାଯାଇଛି। ନିୟମ ଅନୁଯାୟୀ ପ୍ରତ୍ୟେକ ୩ ବର୍ଷରେ ଥରେ ରତ୍ନଭଣ୍ଡାର ଯାଞ୍ଚ ହେବାର ନିୟମ ରହିଛି। ମାତ୍ର ଗତ ୩୭ ବର୍ଷ ହେବ ଭିତର ରତ୍ନଭଣ୍ଡାର ଖୋଲା ଯାଇନାହିଁ। ତେଣୁ ରତ୍ନଭଣ୍ଡାର ଖୋଲାଯାଇ ରତ୍ନଭଣ୍ଡାର ଯାଞ୍ଚ, ମରାମତି କରିବା ନେଇ ସାଧାରଣରେ ଦାବି ହେଉଛି।

## ଛାତ୍ରୀଛାତ୍ରଙ୍କ ସଫଳତା...

କହିଛନ୍ତି, ଟେକ୍ନୋଲୋଜି ପ୍ରୟୋଗରେ ସ୍କୁଲରେ ସ୍ମାର୍ଟ କ୍ଲାସ୍ ରୁମ୍, କମ୍ପ୍ୟୁଟର ଓ ଆଧୁନିକ ଲାବୋରେଟୋରିର ବିକାଶ କରାଯାଇଛି। ସେହିପରି ଏହି ରୂପାନ୍ତର କାମକୁ ସମସ୍ତଙ୍କ ମିଳିତ ଉଦ୍ୟମରେ କରାଯାଇଛି, ଯାହା ଟିମ୍‌ୱାର୍କର ପ୍ରତୀକ। ଏସବୁ କାମରେ ପ୍ରତି ସ୍ତରରେ ସ୍ୱଚ୍ଛତା ବା ଟ୍ରାନ୍ସପରେନ୍ସି ରକ୍ଷା କରାଯାଇଛି। ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ସହିତ ଆଲୋଚନା କରାଯାଇ କାମ ହେଉଛି। ସ୍ୱଚ୍ଛତା ୫-ଟିର ସବୁଠାରୁ ବଡ଼ ଶକ୍ତି। ଏହି ଅବସରରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ୫-ଟି ରୂପାନ୍ତର ସମ୍ପର୍କରେ ସେମାନଙ୍କର ଅଭିଜ୍ଞତା ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପିଲାମାନଙ୍କ ସହ ମତ ବିନିମୟକରି ସେମାନେ ଭବିଷ୍ୟତରେ କ'ଣ ହେବାକୁ ଚାହାନ୍ତି ବୋଲି ପଚାରିବାରୁ, ସେମାନେ ପ୍ରଶାସନିକ ଅଧିକାରୀ, ଡାକ୍ତର ଓ ଇଞ୍ଜିନିୟର ହେବେ ବୋଲି କହିଥିଲେ।

କାର୍ଯ୍ୟକ୍ରମରେ ଉପବାଚସ୍ପତି ରଜନୀକାନ୍ତ ସିଂ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଏବଂ ପାଟଣା ବିଧାୟକ ଜଗନ୍ନାଥ ନାୟକ ପ୍ରମୁଖ ନିଜର ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିର ଉଚ୍ଚ ପ୍ରଶଂସା କରିଥିଲେ। ପିଲାଙ୍କ ସହିତ ଆଲୋଚନାରେ ଭାଗ ନେଇ ୫-ଟି ସଚିବ ଭି.କେ. ପାଣ୍ଡିଆନ କହିଥିଲେ, ମୁଖ୍ୟମନ୍ତ୍ରୀ ସରକାରୀ ସ୍କୁଲର ପିଲାଙ୍କ ପାଇଁ କେବଳ ଉନ୍ନତ ଶିକ୍ଷା ବ୍ୟବସ୍ଥା କରିନାହାନ୍ତି, ଏହାସହ ସେମାନଙ୍କ ପାଇଁ ମେଡିକାଲ ଓ ଇଞ୍ଜିନିୟରିଂ କଲେଜରେ ୧୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ମଧ୍ୟ କରିଛନ୍ତି। ଆସନ୍ତା ୬ ମାସରେ ରାଜ୍ୟର ସବୁ ସ୍କୁଲକୁ ରୂପାନ୍ତରିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ବୋଲି ସେ କହିଥିଲେ। ୩ଟି ପର୍ଯ୍ୟାୟରେ ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମର ସଫଳତା ପାଇଁ ସେ ଜିଲାସ୍ତରରେ କାମ କରୁଥିବା ଟିମ୍‌ଗୁଡ଼ିକୁ ଧନ୍ୟବାଦ ଦେଇଛନ୍ତି। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓସେପାର ସ୍ୱତନ୍ତ୍ର ପ୍ରୋଜେକ୍ଟ ଡାଇରେକ୍ଟର ଧନ୍ୟବାଦ ଅର୍ପଣ କରିଛନ୍ତି। ବିଭିନ୍ନ ବିଭାଗର ପ୍ରମୁଖ ସଚିବ, ସଚିବ ଓ ଅନ୍ୟ ପଦାଧିକାରୀମାନେ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ବ୍ରିଜ୍‌ଭୂଷଣଙ୍କ ନାଁରେ...

ଅନ୍ତର୍ଜାତୀୟ ମହିଳା କୁସ୍ତିଯୋଦ୍ଧା ଓ ଅଲିମ୍ପିଆନ୍‌ମାନେ ଗତ ଜାନୁୟାରୀରେ ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିରୋଧରେ ମାନସିକ ନିର୍ଯାତନା ଏବଂ ଯୌନ ଉତ୍ପୀଡ଼ନ କରିଥିବା ଅଭିଯୋଗ ଆଣିଥିଲେ। ଏପରି କି ୨୦୨୧ରେ ଆୟୋଜିତ ଏକ ରେସ୍‌ଲିଂ ଟୁର୍ନାମେଣ୍ଟ ବେଳେ ସେ ଜଣେ କୁସ୍ତିଯୋଦ୍ଧାଙ୍କୁ ମଞ୍ଚ ଉପରେ ଚାପୁଡ଼ା ମାରିଥିବା ଦୃଶ୍ୟ କ୍ୟାମେରାରେ କଏଦ୍ ହୋଇଥିଲା। ବ୍ରିଜ୍‌ଭୂଷଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ତାଙ୍କୁ ଡବ୍ଲ୍ୟୁଏଫ୍‌ଆଇ ଅଧ୍ୟକ୍ଷ ପଦରୁ ହଟାଇବା ଦାବିରେ ପ୍ରାୟ ୨୦୦ କୁସ୍ତିଯୋଦ୍ଧା ଚଳିତ ବର୍ଷ ଆରମ୍ଭରେ ଦିଲ୍ଲୀର ଯନ୍ତରମନ୍ତରଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିବାଦ ଘନେଇବାରୁ ଏହି ପ୍ରସଙ୍ଗରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ହସ୍ତକ୍ଷେପ କରିଥିଲା। ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଅନୁରାଗ ସିଂ ଠାକୁର ଗତ ଜାନୁୟାରୀ ୧୯ରେ କୁସ୍ତିଯୋଦ୍ଧାମାନଙ୍କ ସହ ଆଲୋଚନା କରି ତଦନ୍ତ କମିଟି ଗଠନ କରିଥିଲେ। କିନ୍ତୁ ୩ ମାସର ଅପେକ୍ଷା ପରେ ମଧ୍ୟ କିଛି ସୁଫଳ ନ ମିଳିବାରୁ କୁସ୍ତିଯୋଦ୍ଧାମାନେ ଯନ୍ତରମନ୍ତରଠାରେ ରବିବାରଠାରୁ ପୁଣି ଧାରଣା ଦେଇଛନ୍ତି। ସେମାନଙ୍କ କହିବା ହେଲା, ଏପ୍ରିଲ ୨୧ରେ ମହିଳା କୁସ୍ତିଯୋଦ୍ଧାମାନେ କେନ୍ଦ୍ରୀୟ ଦିଲ୍ଲୀର କନଟ ଥାନାକୁ ଏତଲା ଦେବା ପାଇଁ ଯାଇଥିଲେ। ପୋଲିସ ସେମାନଙ୍କ ଏତଲା ଗ୍ରହଣ କରିଥିଲା, କିନ୍ତୁ ଏଫ୍‌ଆଇଆର୍ କପି ୩ ଘଣ୍ଟା ପର୍ଯ୍ୟନ୍ତ ଦେଇ ନ ଥିଲା। ଅଭିଯୋଗକାରିଣୀମାନଙ୍କ ପ୍ରତି ପୋଲିସର ବ୍ୟବହାର ଚକିତ କରିଦେବା ଭଳି ଥିଲା। ଏଭଳି ଆଭିମୁଖ୍ୟ ଘୋର ଅନ୍ୟାୟ ଓ ସେମାନଙ୍କ ମୌଳିକ ମାନବାଧିକାରଗୁଡ଼ିକର ଖୋଲା ଉଲ୍ଲଂଘନ। ଏନେଇ ୭ ମହିଳା କୁସ୍ତିଯୋଦ୍ଧା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଦିଲ୍ଲୀ ପୋଲିସର ଆଚରଣ ଉପରେ ପ୍ରଶ୍ନ ଉଠାଇଛନ୍ତି। ଆଇନାନୁସାରେ ଏଫ୍‌ଆଇଆର୍ ହେବା କଥା। କିନ୍ତୁ ମାମଲା ରୁଜୁ କରିବା ପରିବର୍ତ୍ତେ ପୋଲିସ କର୍ମଚାରୀମାନେ ଅଭିଯୋଗପତ୍ରର ଫଟୋ ଉଠାଇ ଲୋକଙ୍କ ନିକଟକୁ ପଠାଉଥିଲେ। ୩ ଦିନ ହେଲା ପୋଲିସ କିଛି କରୁନାହିଁ। ଯଦି ତଦନ୍ତ କମିଟି ବ୍ରିଜ୍‌ଭୂଷଣଙ୍କୁ କ୍ଲିନ୍‌ଚିଟ୍ ଦେଇଛି, ତେବେ ତାକୁ ସାର୍ବଜନୀନ କରାଯିବା ଉଚିତ। କିନ୍ତୁ ଅନୁରୋଧ ସତ୍ତ୍ୱେ କ୍ରୀଡ଼ା ମନ୍ତ୍ରଣାଳୟ ଓଭରସାଇଟ୍ କମିଟିର ଉକ୍ତ ରିପୋର୍ଟକୁ ସାର୍ବଜନୀନ କରୁନାହିଁ। ତେଣୁ ସର୍ବୋଚ୍ଚ ଅଦାଲତ ଏଥିରେ ହସ୍ତକ୍ଷେପ କରନ୍ତୁ ବୋଲି ଆବେଦନକାରିଣୀମାନେ ନିବେଦନ କରିଛନ୍ତି।

ମେଡାଲ ବିଜେତା ଓ ବିକ୍ଷୋଭରତ କୁସ୍ତିଯୋଦ୍ଧାମାନଙ୍କ ଅଭିଯୋଗକୁ ମଙ୍ଗଳବାର ସୁପ୍ରିମକୋର୍ଟ ଗମ୍ଭୀରତା ସହ ନେଇଛନ୍ତି। ଡବ୍ଲ୍ୟୁଏଫ୍‌ଆଇ ମୁଖ୍ୟ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ଅଦ୍ୟାବଧି କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ ବୋଲି ଦିଲ୍ଲୀ ପୋଲିସକୁ ପ୍ରଶ୍ନ କରିଛନ୍ତି। ୭ ମହିଳା କୁସ୍ତିଯୋଦ୍ଧାଙ୍କ ଯୌନ ଉତ୍ପୀଡ଼ନ ଅଭିଯୋଗ ଆଧାରରେ ତାଙ୍କ ବିରୋଧରେ ଏଫ୍‌ଆଇଆର୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତ ପ୍ରଥମେ ଏହାର ଶୁଣାଣି ଆସନ୍ତା ଶୁକ୍ରବାର କରିବାକୁ ସ୍ଥିର କରିଥିଲେ। ତେବେ ବରିଷ୍ଠ ଆଇନଜୀବୀ କପିଲ ସିବଲଙ୍କ ଯୁକ୍ତି ଶୁଣିବା ପରେ ମାମଲାର ତତ୍କାଳ ବିଚାର ପାଇଁ ନିଷ୍ପତ୍ତି ନେଲେ। ସିବଲ କହିଥିଲେ, ଜଣେ ନାବାଳିକାଙ୍କ ସମେତ ୭ ଅଭିଯୋଗକାରିଣୀ ଯୌନ ଉତ୍ପୀଡ଼ନ ଅଭିଯୋଗ ଆଣିବା ସତ୍ତ୍ୱେ ପୋଲିସ ଏଫ୍‌ଆଇଆର୍ ରୁଜୁ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏପରି କି କମିଟି ରିପୋର୍ଟ ମଧ୍ୟ ସାର୍ବଜନୀନ କରାଯାଇ ନାହିଁ। ଏଭଳି ଗମ୍ଭୀର ଅଭିଯୋଗକୁ ନେଇ ଏଫ୍‌ଆଇଆର୍ ପଞ୍ଜୀକରଣ ନ କରିବା ଅଭିଯୋଗରେ ପୋଲିସ ଅଧିକାରୀଙ୍କ ବିରୋଧରେ ମାମଲା ଚାଲିପାରିବ। ଏହା ଉପରେ ସୁପ୍ରିମକୋର୍ଟ ଦିଲ୍ଲୀ ପୋଲିସକୁ ନୋଟିସ କରିବା ସହ ଶୁକ୍ରବାର ପରବର୍ତ୍ତୀ ଶୁଣାଣି ପାଇଁ ରାଜି ହୋଇଛନ୍ତି। ଅନ୍ୟପକ୍ଷେ ପୂର୍ବରୁ ଅଭିଯୋଗକୁ ଖଣ୍ଡନ କରିଆସିଥିବା ବ୍ରିଜ୍‌ଭୂଷଣ ଏବେ ମାମଲା ସୁପ୍ରିମକୋର୍ଟକୁ ଯାଇଥିବାରୁ ଏନେଇ ମନ୍ତବ୍ୟ ଦେବାକୁ ମନା କରିଦେଇଛନ୍ତି।

## ପ୍ରକାଶ ସିଂ...

ଝିଅ ପରନୀତ କୌର ରହୁଥିଲେ। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ୨୦୨୨ ପର୍ଯ୍ୟନ୍ତ ନିର୍ବାଚନୀ ରାଜନୀତିରେ ସକ୍ରିୟ ରହିଥିବା ବାଦଲ ହେଉଛନ୍ତି ଦେଶର ସର୍ବବରିଷ୍ଠ ପ୍ରାର୍ଥୀ। ସେ ତ୍ରୟୋଦଶ ଥର ପାଇଁ ବିଧାନସଭା ନିର୍ବାଚନ ଲଢ଼ି ଏଏପି ପ୍ରାର୍ଥୀ ଗୁରମିତ୍ ସିଂ ଖୁଡିଆନଙ୍କଠାରୁ ହାରିଯାଇଥିଲେ। ଏହା ପରେ ସେ କ୍ୱଚିତ୍ ରାଜନୀତିରେ ସକ୍ରିୟ ରହିଥିଲେ। ବାଦଲ ରାଜନୀତି କ୍ୟାରିୟରରେ ଏକାଧିକ ରେକର୍ଡ ସୃଷ୍ଟି କରିଛନ୍ତି। ୧୯୫୨ରେ ସେ ସର୍ବକନିଷ୍ଠ ସରପଞ୍ଚ ନିର୍ବାଚିତ ହୋଇଥିଲେ। ସେହିପରି ୧୯୭୦ରେ ସେ ପଞ୍ଜାବର ସର୍ବକନିଷ୍ଠ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୧୨ରେ ସେ ଥିଲେ ସର୍ବବରିଷ୍ଠ ମୁଖ୍ୟମନ୍ତ୍ରୀ। ସେ ୫ ଥର ମୁଖ୍ୟମନ୍ତ୍ରୀ ରହିଥିଲେ। ଗୋଟିଏ ଥର ଲୋକ ସଭାକୁ ନିର୍ବାଚିତ ହୋଇ ସେ ସ୍ୱଳ୍ପ ସମୟ ପାଇଁ କେନ୍ଦ୍ରରେ କୃଷିମନ୍ତ୍ରୀ ହୋଇଥିଲେ।

"ମନୁଷ୍ୟମାନେ ଭଗବାନଙ୍କଠାରୁ ଦୂରେଇ ଯାଇପାରନ୍ତି ଏବଂ ସେମାନେ ପ୍ରାୟ ସବୁବେଳେ ହିଁ ଦୂରେଇ ଯାନ୍ତି। କିନ୍ତୁ ପରମକାରୁଣିକ ଭଗବାନଙ୍କ ପକ୍ଷରେ ମନୁଷ୍ୟଠାରୁ ଦୂରେଇ ଯିବା ଅସମ୍ଭବ ବ୍ୟାପାର। -ଶ୍ରୀମା

# ଇ-ଯାନ ସମସ୍ୟା

ଓଡ଼ିଶା ସରକାର ଇଲେକ୍ଟ୍ରିକ ଭେହିକିଲ ବା ବୈଦ୍ୟୁତିକ ଯାନ (ଇଭି) ପ୍ରତି ଲୋକମାନଙ୍କୁ ଆକୃଷ୍ଟ କରିବା ଲାଗି ରିହାତି ହାର ବୃଦ୍ଧି କରିବାକୁ ନିକଟରେ କ୍ୟାବିନେଟ୍‌ରେ ନିଷ୍ପତ୍ତି ନେଇଛନ୍ତି। ଇ-ଭେହିକିଲ ପଲିସି ବା ବୈଦ୍ୟୁତିକ ଯାନ ନୀତି ୨୦୨୧କୁ ଫଳପ୍ରଦ କରିବା ଲାଗି ସରକାରଙ୍କର ଏହି ପଦକ୍ଷେପ ଅନେକ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି । ସୂଚନାଯୋଗ୍ୟ ଯେ,୨୦୨୫ ସୁଦ୍ଧା ରାଜ୍ୟରେ ୨୦ ପ୍ରତିଶତ ବୈଦ୍ୟୁତିକ ଯାନ ପଞ୍ଜୀକରଣ ଲକ୍ଷ୍ୟ ନେଇ ଏହି ନୀତିକୁ ସରକାର ସେପ୍ଟେମ୍ବର ୨୦୨୧ରେ ଲାଗୁ କରିଥିଲେ। ଉକ୍ତ ନୀତିରେ ବିଭିନ୍ନ ବର୍ଗର ଉପଭୋକ୍ତା ଓ ଗାଡ଼ି ନିର୍ମାତାଙ୍କ ପାଇଁ ରିହାତି ବ୍ୟବସ୍ଥା କରାଯାଇଛି। ସେହିପରି ଜାତୀୟ ସ୍ତରରେ ନୀତି ଆୟୋଗ କହିଛନ୍ତି , ଇ-ଯାନ କ୍ଷେତ୍ରରେ ୨୦୩୦ ସୁଦ୍ଧା ଭାରତରେ ୮୦% ଦୁଇଚକିଆ ଯାନ, ୪୦% ବସ୍ ଏବଂ ୩୦-୭୦% କାର୍ ଗଡ଼ିବ। ନୀତି ଆୟୋଗ ହୁଅନ୍ତୁ କିମ୍ବା ରାଜ୍ୟ ସରକାର, ଭାବୁଛନ୍ତି ଯେ, ଇ-ଯାନକୁ ପ୍ରୋତ୍ସାହନ ଦେଲେ ଜୀବାଶ୍ମ ଇନ୍ଧନ ଦ୍ୱାରା ନିର୍ଗମନ ହେଉଥିବା କାର୍ବନ ମନୋକ୍ସାଇଡ୍ ହ୍ରାସ ହେବା ସହ ପ୍ରଦୂଷଣ ରୋକିବାରେ ପ୍ରମୁଖ ଭୂମିକା ନେବ। ହେଲେ ଇ-ଯାନ କିଣିବା ସାଧାରଣ ଭାରତୀୟ ପାଇଁ କଷ୍ଟକର। ମଧ୍ୟବିତ୍ତ ପରିବାର ପାଖରେ ସାଧାରଣତଃ ଗୋଟିଏ ଗାଡ଼ି ଥାଏ। ଆଜି ପର୍ଯ୍ୟନ୍ତ ସେହି ଗାଡ଼ି ଜୀବାଶ୍ମ ଇନ୍ଧନ( ଫସିଲ ଫୁଏଲ) ଦ୍ୱାରା ପରିଚାଳିତ ହୋଇଆସୁଛି। ଦଶବର୍ଷିଆ ନିୟମକୁ ମାନିବା ପାଇଁ ଇଚ୍ଛୁକ ନାଗରିକ ତାଙ୍କର ଗାଡ଼ି ବିକ୍ରି କରିବାକୁ ଚାହିଁଲେ କିଣିବା ପାଇଁ କେହି ନାହାନ୍ତି। ଯଦି ଗ୍ରାହକ ମିଳୁଛି ତେବେ ନିହାତି କମ୍ ଦରରେ ନେବା ପାଇଁ ଇଚ୍ଛା ପ୍ରକାଶ କରୁଛନ୍ତି। ବିକ୍ରି ଅର୍ଥକୁ ବ୍ୟାଙ୍କରେ ଋଣ ପାଇଁ ଦେଇ ନୂଆ ଗାଡ଼ି କିଣୁଥିବା ବ୍ୟକ୍ତି ସେହି ସୁବିଧା ହାସଲ କରିବାରୁ ବଞ୍ଚିତ ହୋଇପାରନ୍ତି। ଅର୍ଥାତ୍ ମୂଳ ଜମା ପରିମାଣ ପହଞ୍ଚିବା ପାଇଁ ଗାଡ଼ି ବିକ୍ରି କଲାପରେ ନିଜ ହାତରୁ ଅର୍ଥ ଯୋଡ଼ି ବ୍ୟାଙ୍କରେ ଦେବାକୁ ପଡ଼ିବ। ଏହା ବ୍ୟତୀତ ଆଜି ପର୍ଯ୍ୟନ୍ତ ଭାରତକୁ ଆସୁଥିବା ପ୍ରାୟ ସବୁ ଇ-ଯାନ ଚାଇନା ନିର୍ମିତ ହୋଇଥିବାରୁ ସେଗୁଡ଼ିକରେ ନିଆଁ ଲାଗିଯିବା ଭଳି ଅନ୍ୟସବୁ ବିପଦ କ୍ରମଶଃ ଜଣାପଡ଼ିବ। ତତ୍‌ସହିତ ଏହିସବୁ ଗାଡ଼ିର ଚାର୍ଜିଂ କରାଇବା ପାଇଁ ଭିନ୍ନ ପ୍ରକାର ଯନ୍ତ୍ରପାତି ବ୍ୟବହୃତ ହେଉଥିବାରୁ ଜଣେ ଇ-ଗାଡ଼ି ମାଲିକ ଦୂର ବାଟ ଯିବା ପାଇଁ ଭୟ କରିବେ। କାରଣ ରାସ୍ତାରେ ଚାର୍ଜିଂ ଷ୍ଟେଶନ ଆରମ୍ଭ ହୋଇନାହିଁ। ଆର୍ଥିକ ସମସ୍ୟା ବ୍ୟତୀତ ଆମକୁ ମନେରଖିବାକୁ ହେବ ଯେ, ଇ-ଯାନ ବ୍ୟବହାର କରିବାକୁ ହେଲେ ଗାଡ଼ି ବ୍ୟାଟେରିକୁ ଚାର୍ଜିଂ କରିବାକୁ ପଡ଼ିଥାଏ। ସେହି ଚାର୍ଜିଂ ପାଇଁ ବିଦ୍ୟୁତ୍ ଶକ୍ତିର ପ୍ରୟୋଜନ ପଡୁଛି। ଯେତେବେଳେ ଗାଡ଼ିର ସଂଖ୍ୟା ବଢ଼ିବ ସେତେବେଳେ ଅଧିକ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିବାକୁ ହେବ। ମନେରଖିବାକୁ ହେବ ଯେ,ଭାରତରେ ଅଧାରୁ ଅଧିକ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ଏବେ କୋଇଲା ଉପରେ ନିର୍ଭରଶୀଳ। ଏଣୁ ଅଧିକ ଚାହିଦା ହେଲେ ଅଧିକ କୋଇଲା ପୋଡ଼ି ବିଦ୍ୟୁତ୍ ଉତ୍ପାଦନ କରାଯିବ। ସେଥିପାଇଁ ପେଟ୍ରୋଲ ଏବଂ ଡିଜେଲକୁ ବାଦ୍ ପକାଇଲେ କୋଇଲା ଧୂଆଁ ଏବଂ ପାଉଁଶରେ ଆମ ଦେଶର ଅନେକ ଅଂଶ ଅନୁଗୋଳ ଜିଲା ଭଳି 'ଆଶ୍-ପଣ୍ଡ'ରେ ବୁଡ଼ିଯିବେ। ଏଥିରୁ ବୁଝିବାକୁ ହେବ ଯେ,ଇ-ଯାନ ପଛରେ ଧାଇଁଲେ ସମସ୍ୟାର ଦୀର୍ଘମିଆଦୀ ସମାଧାନ ହେବ ନାହିଁ।

**ଭାରତରେ ଅଧାରୁ ଅଧିକ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ଏବେ କୋଇଲା ଉପରେ ନିର୍ଭରଶୀଳ। ଏଣୁ ଅଧିକ ଚାହିଦା ହେଲେ ଅଧିକ କୋଇଲା ପୋଡ଼ି ବିଦ୍ୟୁତ୍ ଉତ୍ପାଦନ କରାଯିବ। ସେଥିପାଇଁ ପେଟ୍ରୋଲ ଏବଂ ଡିଜେଲକୁ ବାଦ୍ ପକାଇଲେ କୋଇଲା ଧୂଆଁ ଏବଂ ପାଉଁଶରେ ଆମ ଦେଶର ଅନେକ ଅଂଶ ଅନୁଗୋଳ ଜିଲା ଭଳି 'ଆଶ୍-ପଣ୍ଡ'ରେ ବୁଡ଼ିଯିବେ। ଏଥିରୁ ବୁଝିବାକୁ ହେବ ଯେ,ଇ-ଯାନ ପଛରେ ଧାଇଁଲେ ସମସ୍ୟାର ଦୀର୍ଘମିଆଦୀ ସମାଧାନ ହେବ ନାହିଁ।**

ତଥାପି ଇ-ଯାନ ପାଇଁ ସମସ୍ତଙ୍କ ମନରେ ପ୍ରବଳ ଇଚ୍ଛା ଏବଂ ନୀତିନିର୍ଦ୍ଧାରକମାନଙ୍କର ନିଶା ଭାରତକୁ ଏକ ନୂଆ ବିପଦ ଆଡ଼େ ଟାଣି ନେଇପାରେ। ଏଭଳି ପରିସ୍ଥିତିକୁ ବୁଝିପାରିଥିବାରୁ ବ୍ରାଜିଲ ଭଳି ଦେଶ ତାହାର ସବୁଗାଡ଼ିକୁ ଇଥାନଲରେ ଚଳାଉଛି। ପାଶ୍ଚାତ୍ୟ ଦେଶଗୁଡ଼ିକର ଆଣବିକ ବିଦ୍ୟୁତ୍ କେନ୍ଦ୍ର ଥିବାରୁ କୋଇଲାଜନିତ ପ୍ରଦୂଷଣ ହେଉନାହିଁ। ସରକାର ଇ-ଯାନ ଗାଡ଼ି ନିର୍ମାତାଙ୍କ ଚାପରେ କିଛି ରିହାତି ଯାଚି ଦେଉଛନ୍ତି। କିନ୍ତୁ ଏହି ପରିବର୍ତ୍ତନ ଦ୍ୱାରା ଭବିଷ୍ୟତରେ ନୂତନ ପ୍ରକାର ସମସ୍ୟା ସୃଷ୍ଟିହେବାର ସବୁ ସମ୍ଭାବନା ରହିଛି।

# ନିଯୁକ୍ତି ବୃଦ୍ଧି ଗୁରୁତ୍ୱପୂର୍ଣ୍ଣ



ଡ. ସନ୍ତୋଷ କୁମାର ମହାପାତ୍ର

କରୋନା ମହାମାରୀ ସମୟରେ 'ଆତ୍ମନିର୍ଭର ଭାରତ' ସ୍ଲୋଗାନ ଦିଆଯାଇଥିଲା। ସେହିପରି ସ୍ୱାବଲମ୍ବୀ ଓଡ଼ିଶା ବା ଆତ୍ମନିର୍ଭର ଓଡ଼ିଶା କଥା କୁହାଯାଉଛି। କିନ୍ତୁ ଚିନ୍ତାର ବିଷୟ ହେଉଛି 'ଆତ୍ମ ନିର୍ଭର ଭାରତ' କେବଳ ସ୍ଲୋଗାନରେ ରହିଯାଇଛି। କିନ୍ତୁ ବର୍ତ୍ତମାନ, 'ଆତ୍ମନିର୍ଭର ବା ସ୍ୱାବଲମ୍ବନ କଥା କହି ସଂଗଠିତ କ୍ଷେତ୍ରରେ ନିଯୁକ୍ତି ବା ଚାକିରି ସୃଷ୍ଟି କରିବାରେ ସରକାରଙ୍କ ବିଫଳତାକୁ ଘୋଡ଼ାଇବାକୁ ପ୍ରୟାସ କରାଯାଉଛି। ଏପରି କି ଶାସକ ଶ୍ରେଣୀ ପରୋକ୍ଷରେ ସନ୍ଦେଶ ଦେବାକୁ ଚାହାନ୍ତି ଯେ ଶିକ୍ଷିତ ବେକାରିଙ୍କ ପାଇଁ ସଙ୍ଗଠିତ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି କରିବା ସରକାରଙ୍କ ଦାୟିତ୍ୱ ନୁହେଁ। ଶାସକ ଶ୍ରେଣୀ ତଥା କିଛି କିଣା ବୁଦ୍ଧିଜୀବୀଙ୍କ ତରଫରୁ କୁହାଯାଉଛି ଯେ ଜଣେ ଚାକିରି ପଛରେ ନ ଦୌଡ଼ି ନିଜେ ଔଦ୍ୟୋଗତାକୁ ଆଦରି ନେଇ ଚାକିରି ସୃଷ୍ଟି କରିବା ଉଚିତ।

ଏହାକୁ ଉପରକୁ ଶୁଣିବାକୁ ଭଲ ଲାଗୁଛି। କିନ୍ତୁ ବାସ୍ତବରେ ଜଣେ ସାଧାରଣ ଲୋକ ପାଇଁ ଉଦ୍ୟୋଗୀ ହେବା ଏତେ ସହଜ ନୁହେଁ। ଯଦି ସହଜ, ତେବେ ଛୋଟ, ବଡ଼ ଅନେକ ଘରୋଇ ଓ ସରକାରୀ ସଂସ୍ଥା, ବ୍ୟବସାୟିକ ସଂସ୍ଥା, କ୍ଷୁଦ୍ର ଉଦ୍ୟୋଗ, ଶିଳ୍ପ ରୁଗ୍ଣ କାହିଁକି ହେଉଛି ବା ବନ୍ଦ ହେଉଛି। କାହିଁକି ପୁଣି ଚାଲୁ କରାଯାଇପାରୁ ନାହିଁ। ତାହାର ମୂଳ କାରଣ ସେହି ସବୁ ସଂସ୍ଥା ଦ୍ୱାରା ଉତ୍ପାଦିତ ଦ୍ରବ୍ୟ ଓ ସେବାର ଚାହିଦା ବା କ୍ରେତାର ଅଭାବ। ଚାହିଦା ବା କ୍ରେତାର ଅଭାବର କାରଣ ହେଲା ଲୋକଙ୍କ କ୍ରୟଶକ୍ତି ହ୍ରାସ ପାଇବା। କ୍ରୟଶକ୍ତି ହ୍ରାସ ପାଇବାର ଏକ କାରଣ ହେଲା ନିଯୁକ୍ତି ସଂକୋଚନ ହେବା, ଛଟେଇ ବୃଦ୍ଧି ପାଇବା, ଲୋକଙ୍କ ହାତକୁ କାମ ନ ମିଳିବା। ଅନ୍ୟ ଏକ କାରଣ ହେଲା ନିର୍ଦ୍ଦିଷ୍ଟ ଦ୍ରବ୍ୟ ଓ ସେବା ବିକିବାକୁ ଆବଶ୍ୟକଠାରୁ ବେଶି ବିକ୍ରେତା ଅଛନ୍ତି। ମନେକର ଜଣେ ପକୁଡ଼ି, ବରା ଗୋଟିଏ ଜାଗାରେ ବିକୁଛି। ତାହାର ୫୦ ଜଣ ଗ୍ରାହକ ଅଛନ୍ତି। ସେ ମାସକୁ ୨୦ ହଜାର ଟଙ୍କା ଲାଭ କରୁଛି। ଆତ୍ମନିର୍ଭର ହେବା ନାଁରେ ସେଠି ଆଉ ୫ ଜଣ ଶିକ୍ଷିତ ଯୁବତୀଯୁବକ ବା ଅନ୍ୟ ଲୋକ ପକୁଡ଼ି ବରା ବିକିଲେ। ଯଦି ଗ୍ରାହକ ସଂଖ୍ୟା ନ ବଢ଼ିଲା, ତେବେ ସମସ୍ତଙ୍କର ବିକ୍ରି କମ୍ ହେବ ଏବଂ କ୍ଷତି ସହିବେ। ଆମ ଘର ପାଖରେ ଆମେ ନିଜେ ଦେଖିଛୁ ଯେ କ୍ରେତା ଅଭାବରୁ କିପରି ଅନେକ ଦୋକାନୀ ତାଙ୍କ ବ୍ୟବସାୟ କାରବାର ବନ୍ଦ କରିଛନ୍ତି।



ପୁନଶ୍ଚ ଅନେକ ସମୟରେ ଗୋଟିଏ ସଂସ୍ଥା ଅନ୍ୟକୁ ଦୁର୍ବଳ କରି ଉଠିଥାଏ। ସାମଗ୍ରିକ ଭାବେ ଉତ୍ପାଦନ ଓ ନିଯୁକ୍ତି ବୃଦ୍ଧି ପାଏନା। ଗୋଟିଏ ସଂସ୍ଥାରେ ଯେତିକି ଉତ୍ପାଦନ ଓ ନିଯୁକ୍ତି ବୃଦ୍ଧିପାଏ, ଅନ୍ୟ କେଉଁଠି ସେତିକି ହ୍ରାସ ପାଇଥାଏ। ଅନେକେ କହନ୍ତି ଯେ ଅମକ ଘରୋଇ ସଂସ୍ଥା ଏତେ ଉତ୍ପାଦନ କରିଛି ଏବଂ ଏତେମାତ୍ରରେ ନିଯୁକ୍ତି ସୃଷ୍ଟି କରିଛି। କିନ୍ତୁ ସତ୍ୟ ହେଉଛି, ଯେତିକି ଉତ୍ପାଦନ ଓ ନିଯୁକ୍ତି ସେହି ସଂସ୍ଥା ନୂତନ ଭାବେ ସୃଷ୍ଟି କରିଛି, ଅନୁରୂପ ଭାବେ ଅନ୍ୟ କେଉଁଠି ସମ ପରିମାଣରେ ବା କମ୍ ବା ବେଶି ଉତ୍ପାଦନ ଓ ନିଯୁକ୍ତି ସଙ୍କୋଚନ ହୋଇଥିବ। ଆଉ କୌଣସି ଶିଳ୍ପ ଦୁର୍ବଳ ବା ରୁଗ୍‌ଣ ହୋଇଥିବ, ଏପରି କି ବନ୍ଦ ହୋଇଥିବ।

ଅନେକ ସମୟରେ କୌଣସି ସଂସ୍ଥା ବନ୍ଦ ହୋଇଯିବାର ଏକ କାରଣ ହେଲା ଯେ ସମୟ ଅନୁସାରେ ସେହି ସଂସ୍ଥା ଦ୍ୱାରା ଉତ୍ପାଦିତ ଦ୍ରବ୍ୟ ଅନାବଶ୍ୟକ ହୋଇପଡ଼ିବା ବା ତାହାଠାରୁ ଆଉ ଏକ ଉନ୍ନତ ମାନର ଦ୍ରବ୍ୟ ବା ସେବା ଉପଲବ୍ଧ ହେବା। ଏକଦା କୋଡାକ ରିଲ୍‌ର ଚାହିଦା ବିଶ୍ୱବ୍ୟାପୀ ଥିଲା। ଡିଜିଟାଲ କ୍ୟାମେରା, ମୋବାଇଲ ଆସିବା ପରେ ବର୍ତ୍ତମାନ ଏହାର କୌଣସି ସ୍ଥିତି ନାହିଁ। କାଇନେଟିକ୍ ହୋଣ୍ଡାର ଚାହିଦା ଏପରିଥିଲା ଯେ ଏହା ସହଜରେ ମିଳୁ ନ ଥିଲା, କିନ୍ତୁ ବର୍ତ୍ତମାନ ବିଲୁପ୍ତ। ବଜାଜ୍ ସ୍କୁଟରର ଆଗରୁ ବୁକ୍ କରିବାକୁ ପଡୁଥିଲା, କିନ୍ତୁ ବର୍ତ୍ତମାନ ଆଉ ଦେଖିବାକୁ ମିଳୁନି।

ସମସ୍ତେ ଭଲ ବ୍ୟବସାୟ, ବାଣିଜ୍ୟ କରିପାରିବେ ନାହିଁ କି ଭଲ ଉଦ୍ୟୋଗୀ ହୋଇପାରିବେ ନାହିଁ। ସଫଳ ଉଦ୍ୟୋଗୀ ହେବାପାଇଁ ଶାସକ ଶ୍ରେଣୀର ରାଜନୈତିକ ନେତା, ପ୍ରଶାସକଙ୍କ ସମର୍ଥନ ମଧ୍ୟ ଆବଶ୍ୟକ। ଏଥିରେ ମଧ୍ୟ ଅନିଶ୍ଚିତତା ଏବଂ ଟେନ୍‌ସନ ରହିଛି। ''ଜୋର ଯା'ର ମୂଳକ ତା'ର''ନୀତି ବେଶି କାର୍ଯ୍ୟ କରିଥାଏ। ଏପରି କି ଏଥିରେ ମାନିପୁଲେସନ ଆବଶ୍ୟକ। ସମସ୍ତେ ମାନିପୁଲେସନ କରିପାରିବେ ନାହିଁ। ବହୁତ କମ ଲୋକ ଅଛନ୍ତି ଯେଉଁମାନେ ସତ୍ ଉପାୟରେ ସଫଳ ଶିଳ୍ପପତି ବା ବ୍ୟବସାୟୀ ହୋଇଛନ୍ତି। ଅନେକ ଅତିକମରେ ଟିକସ ଫାଙ୍କିଥାନ୍ତି। ଏହାର ଅର୍ଥ ନୁହେଁ, ଜଣେ ଭଲ ଉଦ୍ୟୋଗୀ ବା ଶିଳ୍ପପତି ବା ବ୍ୟବସାୟୀ ହେବାପାଇଁ ଚେଷ୍ଟା ନ କରୁ, କିନ୍ତୁ ଏସବୁ ସଂଗଠିତ କ୍ଷେତ୍ରରେ ସରକାର ନିଯୁକ୍ତି ସୃଷ୍ଟି କରିବାର ବିକଳ୍ପ ନୁହେଁ। ପୁନଶ୍ଚ ଜଣେ ପାଠ ପଢ଼ିଲା ବେଳେ କିଛି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖିଥାଏ। ସେଥିରୁ ଭଲ ଚାକିରି କରିବା ଅନ୍ୟତମ। ଚାକିରି ସୃଷ୍ଟି ନ ହେଲେ ଯୁବ ସମାଜ ପଥଭ୍ରଷ୍ଟ ହେବ ଓ ସାମାଜିକ ଅସ୍ଥିରତା ବୃଦ୍ଧିପାଇବ।

ପୁନଶ୍ଚ ଅସଂଗଠିତ କ୍ଷେତ୍ରରେ ନିଯୁକ୍ତି ବୃଦ୍ଧି କରିବାକୁ ହେଲେ ପ୍ରଥମେ ସଂଗଠିତ କ୍ଷେତ୍ରରେ ନିଯୁକ୍ତି ଆବଶ୍ୟକ। ଜଣେ ଚାକିରି କଲେ ଗୋଟିଏ ଟିଭି, ଗାଡ଼ି, ଘର ତଥା ବିଭିନ୍ନ ଦ୍ରବ୍ୟ ଓ ସେବା କିଣିପାରେ। ଡ୍ରାଇଭର, ଘର କାର୍ଯ୍ୟ ପାଇଁ ମହିଳା ନିଯୁକ୍ତି ଦେଇପାରେ। ବିଭିନ୍ନ ଜିନିଷ ବେଶିମାତ୍ରାରେ କିଣିପାରେ। ଏଣୁ କ୍ରେତା ବୃଦ୍ଧି ପାଇଁ ସଂଗଠିତ କ୍ଷେତ୍ରରେ ନିଯୁକ୍ତି ଆବଶ୍ୟକ। ଏଣୁ ଆତ୍ମ ନିର୍ଭର କଥା କହି ସରକାର, କମ୍ପାନୀମାନେ ଅଧିକ ନିଯୁକ୍ତି ବା ଚାକିରି ସୃଷ୍ଟି କରିବାର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରୁ ମୁକ୍ତ ବୋଲି ଭାବିବା ଅନୁଚିତ। ଏକଥା ସତ୍ୟ ସମସ୍ତଙ୍କୁ ଚାକିରି ଯୋଗାଇ ଦେଇହେବ ନାହିଁ, କିନ୍ତୁ ନିଯୁକ୍ତି ବୃଦ୍ଧି ପରିବର୍ତ୍ତେ କିପରି ହ୍ରାସ କରାଯାଉଛି।

ପୁନଶ୍ଚ ବ୍ୟବସାୟ, ଉଦ୍ୟୋଗତାକୁ ଆଦରି ନେଇ ସଫଳ ହେବା ପାଇଁ ଭିନ୍ନ ଦକ୍ଷତା ଆବଶ୍ୟକ। ଯଦି ଆତ୍ମନିର୍ଭର ହେବାପାଇଁ ସୁଯୋଗ ଥା'ନ୍ତା, ତେବେ ଅଳ୍ପ କିଛି ଅର୍ଥ ପାଇଁ ଆଜି ଯୁବତୀଯୁବକ ରାଜନେତାଙ୍କ ହାତବାରିସ ହୁଅନ୍ତେ ନାହିଁ କି ସାମାଜିକ ଗଣମାଧ୍ୟମରେ ସମାଲୋଚକ, ବୁଦ୍ଧିଜୀବୀଙ୍କ ବିରୁଦ୍ଧରେ ଘୃଣା ସୃଷ୍ଟି କରନ୍ତେ ନାହିଁ। ଅବଶ୍ୟ ଘୃଣା ସୃଷ୍ଟିକରିବା, ମିଥ୍ୟା ଓ ଅର୍ଦ୍ଧସତ୍ୟ ଖବର ପ୍ରସାର କରିବା ଏକ ନିଯୁକ୍ତି ବୋଲି ବିବେଚନା କରାଯାଉଛି। କାରଣ ଏହି କାର୍ଯ୍ୟ କରିବା ପାଇଁ ବିଭିନ୍ନ ରାଜନୈତିକ ଦଳ ଯୁବତୀଯୁବକଙ୍କୁ କିଛି ଅର୍ଥ ବିନିମୟରେ ନିଯୁକ୍ତି ଦେଉଛନ୍ତି , ଯାହା ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳେ। କିନ୍ତୁ ଏହା ଠିକ୍ ନୁହେଁ। ସଂଗଠିତ କ୍ଷେତ୍ରରେ ନିଯୁକ୍ତି ବୃଦ୍ଧି ପାଇଁ ପ୍ରଚେଷ୍ଟା ହେବା ଉଚିତ।

Email:skmohapatra67@gmail.com
ମୋ:୯୪୩୭୨୦୮୭୬୨

# ନ କହିଲେ କୁଳ ଭାସି ଯାଏ



ଶ୍ରୁତକୀର୍ତ୍ତି ତ୍ରିପାଠୀ

ଆମ ଭାରତୀୟ ସଂସ୍କୃତିରେ ଗୁରୁ ଶିଷ୍ୟ ପରମ୍ପରାକୁ ସବୁବେଳେ ବିଶେଷ ମର୍ଯ୍ୟାଦା ଦିଆଯାଇଛି। ଏପରି କି ଗୁରୁଙ୍କୁ 'ସାକ୍ଷାତ ଈଶ୍ୱର' ରୂପ ବୋଲି କୁହାଯାଇଛି। ଶିଷ୍ୟ ଜୀବନକୁ ଅନୁଶାସନ, ସଂଯମ ଏବଂ ଶିକ୍ଷାର ପୁଟ ଦେଇ, ଉତ୍ତମ ମଣିଷଟିଏରେ ପରିଣତ କରିବାର ଗୁରୁଦାୟିତ୍ୱ ଶିକ୍ଷକଙ୍କ କାନ୍ଧରେ ରହିଥାଏ। ଗୁରୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସୁନାଗରିକ ହେବାର କାମନା ପ୍ରତି ମାତା ପିତାଙ୍କ ଅନ୍ତରର ଇଚ୍ଛା। ହେଲେ ଏସବୁ କିଛି ଦଶନ୍ଧି ପୂର୍ବେ ସମ୍ଭବ ହେଉଥିଲା। ବର୍ତ୍ତମାନ ପରିସ୍ଥିତି ଅନ୍ୟ ପ୍ରକାରର। ଶିକ୍ଷକମାନେ ପିଲାଙ୍କ ଭୁଲ୍ ପାଇଁ ସେମାନଙ୍କୁ ଦଣ୍ଡିତ କରିବା ତ ଦୂରର କଥା, ପଦେ ଅଧେ ଗାଳି କରିବା ପାଇଁ ବି ନିରାପଦ ମଣୁ ନାହାନ୍ତି। ଲାଗୁଛି ବିଦ୍ୟାଳୟ ରୂପକ 'ଦଣ୍ଡମୁକ୍ତ ଅଞ୍ଚଳ'ରେ ପିଲାଙ୍କୁ ଆକଟ କରିବାର ଅଧିକାର ଟିକକ ବି ଶିକ୍ଷକମାନଙ୍କଠାରୁ ଛଡ଼େଇ ନିଆଯାଇଛି। ଶିକ୍ଷକମାନେ ମଧ୍ୟ ଭୟ ପାଇବା ସ୍ୱାଭାବିକ; କାରଣ ପିଲାଙ୍କୁ ସୁଧାରିବାକୁ ଯାଇ ସେମାନଙ୍କୁ ଅନୁଶାସନରେ ରଖିବାର ପରିଣାମ ସ୍ୱରୂପ ଅଭିଭାବକଙ୍କ ଅଭିଯୋଗ ଓ ଅସନ୍ତୋଷ ଜନକ ଶବ୍ଦଦ୍ୱାରା ଶିକ୍ଷକମାନେ ଅପଦସ୍ଥ ହେଉଛନ୍ତି।

ସରକାରୀ ବିଦ୍ୟାଳୟର ଶିକ୍ଷକଙ୍କ କଥା ଧରାଯାଉ। ଜଣେ ଶିକ୍ଷକ ପିଲାଙ୍କୁ ପାଠ ପଢ଼େଇବା ସହିତ ଆହୁରି ଅନେକ କାମରେ ଜଡ଼ିତ ଥାଆନ୍ତି। ପିଲାଙ୍କ ଆଡ୍‌ମିଶନ, ମଧ୍ୟାହ୍ନଭୋଜନ ବ୍ୟବସ୍ଥାର ତତ୍ତ୍ୱାବଧାନ, ବହି ବିତରଣ, ପରୀକ୍ଷା ଖାତା ମୂଲ୍ୟାୟନ ଭଳି କାମରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସହଯୋଗ ଶିକ୍ଷାଦାନ ଓ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ; ମାତ୍ର ଜନଗଣନା ପାଇଁ ଘର ଘର ବୁଲି ତଥ୍ୟ ସଂଗ୍ରହ କରିବା, ଟିକାକରଣରେ ଯୋଗଦାନ, କୋଭିଡ୍ ସମୟରେ ଘର ଘର ଯାଇ ସଂକ୍ରମିତଙ୍କ ଯାଞ୍ଚ ଓ ଗଣନା, ରାଜ୍ୟ ବାହାରୁ ଆସିଥିବା କୋଭିଡ୍ ସଂକ୍ରମିତଙ୍କ ନିୟମିତ ଫୋନ ଯୋଗେ ସୁସ୍ଥତା ପରୀକ୍ଷା, ବିଦ୍ୟାଳୟ ବନ୍ଦ ଥିବା ଯୋଗୁ ପିଲାଙ୍କ ଘରକୁ ଯାଇ ପଢ଼ାବହି ବଣ୍ଟନ ଭଳି ଆହୁରି ଅନେକ କାର୍ଯ୍ୟଭାର ସେମାନଙ୍କ ଉପରେ ନ୍ୟସ୍ତ କରାଯାଏ। ମନରେ ପ୍ରଶ୍ନ ଉଠେ ଏସବୁ କାମ ଶିକ୍ଷକମାନଙ୍କୁ କେଉଁ ଆଧାରରେ କରିବାକୁ କୁହାଯାଉଛି ! ନିଶ୍ଚିତ ଭାବରେ ଏମାନେ ଜନସାଧାରଣଙ୍କ ସହ ଦୃଢ଼ ଭାବରେ ସମ୍ପୃକ୍ତ ବୋଲି। ପିଲାଙ୍କ ଜରିଆରେ ଶିକ୍ଷକ/ ଶିକ୍ଷୟିତ୍ରୀ ପୂରା ସମାଜକୁ ଅନୁପ୍ରାଣିତ, ଉତ୍ସାହିତ ଏବଂ ପ୍ରେରିତ କରିବେ ବୋଲି ସରକାରଙ୍କ ଧାରଣା।

ଏତେ ସବୁ କାମର ଚାପ ଭିତରେ ଶିକ୍ଷକ ପିଲାମାନଙ୍କୁ ଠିକ୍‌ରୂପେ ପାଠ ପଢ଼େଇବା କେତେଦୂର ସମ୍ଭବ ହେଉଥିବ ! ଶିକ୍ଷାଗ୍ରହଣ ଏକ ସାଧନା ହେଲେ ଶିକ୍ଷାଦାନ ମଧ୍ୟ କମ୍ ଗୁରୁ ଦାୟିତ୍ୱର କାର୍ଯ୍ୟ ନୁହେଁ! ଯଦି ବିଦ୍ୟାଦାନ ସମୟରେ ଶିକ୍ଷକ/ଶିକ୍ଷୟିତ୍ରୀ ବିଦ୍ୟାଳୟର ଅନ୍ୟ କାର୍ଯ୍ୟଭାରରେ କ୍ଲାନ୍ତ, ଅବସନ୍ନ ହେବେ; ଅନିଚ୍ଛା ସତ୍ତ୍ୱେ ବାଧ୍ୟତାମୂଳକ ଭାବରେ ପାଠ ପଢ଼େଇବେ ତେବେ ସେ ଅଧ୍ୟାପନାର ମୂଲ୍ୟ କେତେ ଏବଂ ସେଥିରୁ ପିଲାମାନେ କ'ଣ ଆହରଣ କରିବେ ତାହା ଏକ ବଡ଼ ପ୍ରଶ୍ନବାଚୀ!

ଦୁଇ ବର୍ଷ ତଳେ ଆମେ ଦେଖିଛେ, କୋଭିଡ୍ କଟକଣା ସତ୍ତ୍ୱେ ଶିକ୍ଷକମାନେ ପ୍ରତିଦିନ ଘରେ ରହି କିମ୍ବା ବିଦ୍ୟାଳୟକୁ ଯାଇ ନିଜର କର୍ତ୍ତବ୍ୟ ସମ୍ପାଦନ କରୁଥିଲେ। ପିଲାମାନେ ବିଦ୍ୟାଳୟକୁ ନ ଆସି ମଧ୍ୟ ପାଠପଢ଼ାରେ ଅସୁବିଧା ନ ହେବ ବୋଲି ୟୁ- ଟ୍ୟୁବ୍‌ରେ ପାଠ ପ୍ରସ୍ତୁତ କରୁଥିଲେ; ଯାହା ପାଇଁ ସେମାନଙ୍କୁ ଅଧିକ ଶ୍ରମଦାନ ଓ ପ୍ରଚେଷ୍ଟା କରିବାକୁ ହୋଇଥିଲା। ଭିଡିଓ ପ୍ରସ୍ତୁତି ପାଇଁ ଲାଗୁଥିବା ଅଧିକ ସମୟ ତାଙ୍କୁ ବିଦ୍ୟାଳୟ ଓ ଘରର ନିତିଦିନିଆ କାମ ସହିତ କରିବାକୁ ପଡୁଥିଲା। ସତ କହିବାକୁ ଗଲେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ କର୍ମବ୍ୟସ୍ତତା ଓ କାର୍ଯ୍ୟଭାର କ୍ରମେ ବଢ଼ିଯାଇଛି। ଏବେ ସବୁ ସ୍ୱାଭାବିକତା ଫେରିଆସିବା ପରେ ସେମାନେ ବିଦ୍ୟାଦାନ ଛଡ଼ା ବିଦ୍ୟାଳୟର ଅନ୍ୟ କାମରେ ମଧ୍ୟ ଜଡ଼ିତ ରହୁଛନ୍ତି। ମାତ୍ର ଦୁଃଖର ବିଷୟ, ଏତେ ସବୁ କରିବା ସତ୍ତ୍ୱେ ସେମାନଙ୍କର ଦରମା ବୃଦ୍ଧି କିମ୍ବା ଛୁଟି ମିଳିବାର ସମ୍ଭାବନା ନାହିଁ।



ଜଣେ ଶିକ୍ଷକ/ଶିକ୍ଷୟିତ୍ରୀ ତା' ଜୀବନ କାଳରେ ପଦୋନ୍ନତି ପାଇବାର ବେଶି ସମ୍ଭାବନା ନ ଥାଏ। ବେଶିରୁ ବେଶି ହେଲେ ଜଣେ କନିଷ୍ଠରୁ ବରିଷ୍ଠ ଶିକ୍ଷକ ଏବଂ ଅତି ବେଶିରେ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ହୋଇ ଅବସର ଗ୍ରହଣ କରନ୍ତି। ଅନ୍ୟାନ୍ୟ ସଂସ୍ଥା ଭଳି ଯଦି କିଛି ପରୀକ୍ଷା ଦେବାର ସୁଯୋଗ ସୃଷ୍ଟି କରାଯାଇ ସେମାନଙ୍କ ପଦୋନ୍ନତି ସମ୍ଭବ ହେଉଥାନ୍ତା, ତା' ହେଲେ ଶିକ୍ଷକମାନେ ଆହୁରି ଉତ୍ସାହିତ ହେଉଥାନ୍ତେ। ଅଧ୍ୟାପନା କ୍ଷେତ୍ରରେ ଏପରି ଏକ ପରିବର୍ତ୍ତନ ସଭିଙ୍କ ପାଇଁ ନୂଆ ଆଶା ସୃଷ୍ଟି କରିପାରନ୍ତା।

ଥରେ ଭାବି ଦେଖନ୍ତୁ ତ ଶିକ୍ଷକଙ୍କ ବିନା ଶିକ୍ଷାଦାନରେ ସମାଜରେ କୌଣସି ବୃତ୍ତି ସମ୍ଭବପର କି ? ବିଚାରଯୋଗ୍ୟ ଯେ ସମାଜରେ ବହୁ ପ୍ରତିଷ୍ଠିତ ଡାକ୍ତର, ଇଞ୍ଜିନିୟର, ଅଫିସର, ବୈଜ୍ଞାନିକ, ବ୍ୟବସାୟୀ, ମହାକାଶଚାରୀ ଆହୁରି ଅନେକ ପଦବୀଧାରୀଙ୍କୁ ସୃଷ୍ଟି କରୁଥିବା ଶିକ୍ଷକଗୋଷ୍ଠୀ ଆଜି ନିଜେ କେତେ ସୁବିଧା ଓ ସୁଯୋଗ ପାଉଛନ୍ତି ? ସେମାନଙ୍କ ଶିକ୍ଷା, ସଂସ୍କାର, ଆଦର୍ଶରେ ଅନୁପ୍ରାଣିତ ହୋଇ ପିଲାମାନେ ଜୀବନରେ ସଫଳତା ଲାଭ କରୁଛନ୍ତି ସତ; କିନ୍ତୁ ବାସ୍ତବରେ ଏହା ବଦଳରେ ମଣିଷ ସମାଜ ଓ ସରକାରଠାରୁ ସେମାନେ ପାଉଛନ୍ତି କ'ଣ ? ଅବଶ୍ୟ ଗୁରୁ ଶବ୍ଦର ମହନୀୟତା ତ ବିନା କୌଣସି ସ୍ୱାର୍ଥ ଓ ଲାଭ ଆଶାରେ ଶିକ୍ଷାଦାନ କରିବା।

ସରକାରୀ କିମ୍ବା ବେସରକାରୀ ପ୍ରତି ସ୍ତରରେ ଶିକ୍ଷକ / ଶିକ୍ଷୟିତ୍ରୀମାନେ ନିଜର ପରିଶ୍ରମ, ଶିକ୍ଷାଦାନ ପ୍ରତି ସମର୍ପଣ ମନୋଭାବ ଏବଂ ପିଲାଙ୍କ ପ୍ରତି ଭଲ ପାଇବାରେ ସମ୍ପୂର୍ଣ୍ଣ ଯୋଗଦାନ କରିଆସୁଛନ୍ତି। ଗୁରୁ ବିନା ଶିଷ୍ୟ ଜୀବନରେ ସଫଳତା ହାସଲ କରିବା ଅସମ୍ଭବ। ପ୍ରାଥମିକ ଶିକ୍ଷାଠାରୁ ଆରମ୍ଭ କରି ଜୀବନର ପ୍ରତି କ୍ଷେତ୍ରରେ କେହି ନା କେହି ଗୁରୁ ସାଜି ମାର୍ଗଦର୍ଶନ ଦେଲେ ହିଁ ବ୍ୟକ୍ତି ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ସହଜ ହୋଇଥାଏ। ଏଣୁ, ଏବେ ସମୟ ଆସିଛି ଏହାର ପ୍ରତି ବଦଳରେ ସେମାନଙ୍କୁ କିଛି ଦେବା। ଆଉ କିଛି ନ ହେଲା ନାହିଁ, ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଯଥୋଚିତ ସମ୍ମାନ, ଆଦର ସହିତ ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ଉତ୍ତମ ବ୍ୟବହାର ଦେଖାଇଲେ, ଏହା ହିଁ ହେବ ସେମାନଙ୍କ ପ୍ରତି ଉତ୍କୃଷ୍ଟ ଗୁରୁଦକ୍ଷିଣା। ଉପରୋକ୍ତ ସବୁ ତଥ୍ୟ ବିଷୟରେ ସମସ୍ତେ ଅଳ୍ପବହୁତ ଅବଗତ, ମାତ୍ର ଏହାକୁ ମାନି କାର୍ଯ୍ୟରେ ପରିଣତ କରିବାରେ ହେଳା ବା ସଂକୋଚ ସେଇଟା ପାଠକେ କହିବେ। ଏ ଅକିଞ୍ଚନ ଲେଖିକା ସ୍ୱତନ୍ତ୍ର ଭାବରେ ଏହି ବିଷୟ ଉପରେ ଲେଖିବାର ଆବଶ୍ୟକତା ଅନୁଭବ କରିଛି କାରଣ କଥାଟି ଏଭଳି ହେବାକୁ ଯାଉଛି..... 'କହିଲେ ତ କୁଳ କୁଟୁମ୍ବକୁ ଲାଜ....., ନ କହିଲେ କୁଳ ଭାସି ଯାଏ.....'।

ଭୁବନେଶ୍ୱର
ମୋ:୬୩୭୦୫୧୬୪୭୮

## ଏଇ ଭାରତରେ

ସେବାର ମୂଲ୍ୟ ବୁଝିଥିବା ଜଣେ ଡାକ୍ତର ଓ ତାଙ୍କ ସ୍ତ୍ରୀ ଉତ୍ତରପୂର୍ବାଞ୍ଚଳର ଗ୍ରାମୀଣ ଅଞ୍ଚଳରେ ସୁବିଧାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛନ୍ତି। ଏହି ଦମ୍ପତି ହେଉଛନ୍ତି ସେନାର ପୂର୍ବତନ ଡାକ୍ତର ସୁନୀଲ କୌଲ ଏବଂ ଜେନିଫର୍ ଲିଆଙ୍ଗ। ସେମାନେ ମୁଖ୍ୟତଃ ମାନସିକ ରୋଗୀମାନଙ୍କୁ ଶସ୍ତାରେ ଚିକିତ୍ସା ଯୋଗାଇ ଦେଉଛନ୍ତି। ପ୍ରଥମେ ଉକ୍ତ ଦମ୍ପତି ୨୦୦୦ରେ ଗାନ୍ଧିବାଦୀ ସ୍ୱର୍ଗତ ରବୀନ୍ଦ୍ରନାଥ ଉପାଧ୍ୟାୟଙ୍କ ସହଯୋଗରେ ଉତ୍ତରପୂର୍ବାଞ୍ଚଳର ଦୁର୍ଗମ ଗାଁରେ ସେବା ଆରମ୍ଭ କରିଥିଲେ। ଏବେ ଆସାମର ୧୩ ଜିଲାର ୨୦ଟି ସ୍ଥାନରେ ଚିକିତ୍ସା ଯୋଗାଇ ଦେଉଛନ୍ତି। ଏହା ବ୍ୟତୀତ ମେଘାଳୟ ଓ ପଶ୍ଚିମବଙ୍ଗର ରୋଗୀମାନେ ବି ଚିକିତ୍ସା ସୁବିଧା ପାଉଛନ୍ତି। ଏଥିପାଇଁ ସେ ମେଣ୍ଟାଲ ଇଲ୍‌ନେସ ଟ୍ରିଟ୍‌ମେଣ୍ଟ ଆଲିଆନ୍ସ(ଏମ୍‌ଆଇଟିଏ) ଏନ୍‌ଜିଓ ଗଠନ କରିଛନ୍ତି। ଏହି ଅଭିଯାନରେ ଅନେକ ଡାକ୍ତର ବି ଯୋଡ଼ି ହୋଇଛନ୍ତି। ଏବେ ୪,୦୦୦ ଲୋକ ସେମାନଙ୍କ ଚିକିତ୍ସାରୁ ଉପକୃତ ହେଉଛନ୍ତି, ଯେଉଁମାନେ ଚିକିତ୍ସା, ଔଷଧ ବାବଦରେ ମାତ୍ର ମାସକୁ ୩୦୦ଟଙ୍କା ଦେଉଛନ୍ତି। ଏମାନଙ୍କୁ ଛାଡ଼ିଦେଲେ ବହୁ ଲୋକଙ୍କୁ ମାଗଣାରେ ଚିକିତ୍ସା ଓ ଔଷଧ ଯୋଗାଇ ଦିଆଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ଏପ୍ରିଲ ୧୯୯୮

- ଗୁଜରାଟର ତ୍ରୟୋଦଶ ରାଜ୍ୟପାଳ ଭାବେ ଜଷ୍ଟିସ୍ ଅଂଶୁମାନ ସିଂଙ୍କ ଶପଥ।
- ଜମ୍ମୁସ୍ଥିତ ଦ୍ରବଶାଳା ନିକଟରେ ଏକ ଯାତ୍ରୀବାହୀ ବସ୍ ରାସ୍ତାକଡ଼ର ଗାତ ଭିତରକୁ ଖସିପଡ଼ିବା ଫଳରେ ୨୬ ମୃତ।
- କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏବଂ କଲେଜ ଅଧ୍ୟାପକମାନଙ୍କ ସଂଶୋଧିତ ବେତନ ହାର ଘୋଷିତ।

## ଚିରନ୍ତନୀ

ଜୀବନର ପ୍ରତି କ୍ଷେତ୍ରେ ଟେଳି ତୁଙ୍ଗ
କୀରତି ଦେଉଳ
ଦେଶେ ଦେଶେ ଉଡ଼ାଇଲ ବିଜୟର
କେତନ ବହୁଳ।
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | | | | |
| | 9 | | 4 | | 2 | | | |
| 3 | | | | | | | 1 | |
| 2 | | | | 7 | | 8 | | |
| | 8 | 1 | 9 | 6 | | | 3 | |
| 6 | | | | | 4 | 9 | | |
| | | | | | | | | |
| 4 | | | | | | 5 | | |
| | | 8 | 6 | 2 | 1 | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 7 | 1 | 8 | 3 | 5 | 4 | 6 |
| 5 | 3 | 8 | 7 | 6 | 4 | 2 | 9 | 1 |
| 4 | 6 | 1 | 5 | 9 | 2 | 7 | 8 | 3 |
| 3 | 7 | 4 | 8 | 5 | 1 | 6 | 2 | 9 |
| 6 | 8 | 9 | 4 | 2 | 7 | 3 | 1 | 5 |
| 1 | 5 | 2 | 6 | 3 | 9 | 4 | 7 | 8 |
| 8 | 9 | 3 | 2 | 7 | 6 | 1 | 5 | 4 |
| 2 | 4 | 6 | 9 | 1 | 5 | 8 | 3 | 7 |
| 7 | 1 | 5 | 3 | 4 | 8 | 9 | 6 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଟ୍ରେନ୍ ଶୌଚାଳୟର ଦୁର୍ଗନ୍ଧମୟ ପରିବେଶ

ମହାଶୟ,

ପ୍ରତିଦିନ ଭାରତୀୟ ରେଳଗାଡ଼ିରେ କୋଟି କୋଟି ଲୋକ ବିଭିନ୍ନ ସ୍ଥାନକୁ ଯାତ୍ରା କରୁଛନ୍ତି ; କିନ୍ତୁ ସବୁ ପ୍ରକାର ଟ୍ରେନ୍‌ର ବଗିରେ ଥିବା ଶୌଚାଳୟର ଅବସ୍ଥା ଅତ୍ୟନ୍ତ କଦର୍ଯ୍ୟ। ଏସବୁ ଶୌଚାଳୟରେ ମଳମୂତ୍ର ପଡ଼ିରହି ଅତ୍ୟନ୍ତ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟିକରୁଛି। ଏସବୁକୁ ପ୍ରତ୍ୟେକ ଷ୍ଟେଶନରେ ଥିବା ସଫେଇ କର୍ମଚାରୀ ଆଦୌ ସଫା କରୁନାହାନ୍ତି ; ଫଳତଃ ସବୁ ଯାତ୍ରୀ ହଇରାଣ ହେଉଛନ୍ତି। ଏହା ହେଉଛି ପ୍ରତ୍ୟକ୍ଷ ଅନୁଭବର ବିଷୟ। ଅନେକ ଯାତ୍ରୀ ଶୌଚାଳୟରୁ ଫେରି ବାନ୍ତି କରୁଛନ୍ତି। ଏ ବିଷୟ ନେଇ ମୁଁ ଟୁଇଟର ଓ ଖବରକାଗଜ ମାଧ୍ୟମରେ ଅନେକ ଥର ରେଳମନ୍ତ୍ରୀଙ୍କୁ ଅବଗତ କଲିଣି ; କିନ୍ତୁ ସେ ଏହାର ସମାଧାନ କରୁନାହାନ୍ତି। ମନ୍ତ୍ରୀ ଯଦି ଭୁବନେଶ୍ୱର ଷ୍ଟେଶନରେ ରହିଥିବା କୌଣସି ଏକ ଯାତ୍ରୀବାହୀ ଟ୍ରେନ୍‌ର ଶୌଚାଳୟଗୁଡ଼ିକୁ ଆମ ଉପସ୍ଥିତିରେ ଯାଞ୍ଚ କରନ୍ତେ, ତେବେ ସେ ନିଶ୍ଚିତ ଭାବେ ଅଭିଯୋଗର ସମସ୍ୟାକୁ ଉପଲବ୍ଧି କରନ୍ତେ। ରେଳମନ୍ତ୍ରୀ ସ୍ୱଚ୍ଛ ଭାରତ ଅଭିଯାନକୁ ରେଳଗାଡ଼ି ଶୌଚାଳୟରେ ପ୍ରୟୋଗ କରୁନାହାନ୍ତି କାହିଁକି ? ମଳମୂତ୍ର ପଡ଼ିଥିବା ଦୁର୍ଗନ୍ଧମୟ ରେଳ ଶୌଚାଳୟରେ ଯାତ୍ରୀଗଣ ଶୌଚ କରିବେ କେମିତି ? ଏହି ଶୌଚ ସମସ୍ୟାର ସମାଧାନ କରାଯାଉ।

**-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଦୁର୍ଘଟଣାରେ ବାପା, ପୁଅ ଗୁରୁତର

ପାଣିକୋଇଲି,୨୫।୪(ଡି.ଏନ.ଏ.): ପାଣିକୋଇଲି ଥାନା ଅନତି ଦୂରରେ ଭାରସାମ୍ୟ ହରାଇ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ବାପା,ପୁଅ ଗୁରୁତର ହୋଇଛନ୍ତି। ପାଣିକୋଇଲି ପୋଲିସ ଓ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ସେମାନେ ହେଲେ ଚଣ୍ଡିଖୋଲ ଖୋସାଲପୁର ଗ୍ରାମର କେ. ଗୋବିନ୍ଦ ଓ ତାଙ୍କ ପୁଅ କେ. ସିରିଆ। ଉଭୟ ମଙ୍ଗଳବାର ମଧ୍ୟାହ୍ନରେ ଚଣ୍ଡିଖୋଲରୁ ଯାଜପୁର ଟାଉନ ଯାଉଥିଲେ। କେ. ସିରିଆ ତାଙ୍କ ବାପାଙ୍କୁ ବସାଇ ଯାଉଥିବାବେଳେ ରାସ୍ତାରେ ପଡ଼ିଥିବା ଏକ କାଠ ଗରଣ୍ଡାରେ ବାଇକ୍ ପିଟି ହୋଇ ଏକ ବାଡ଼ାରେ ବାଜିଥିଲା। ଫଳରେ ବାଇକ୍ ସହ ବାପା, ପୁଅ ପଡ଼ି ଯାଇଥିଲେ। ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ଓ ବ୍ୟବସାୟୀ ପହଞ୍ଚି ୧୦୮ ଏବଂ ପୋଲିସକୁ ଖବର ଦେଇଥିଲେ।

### ବିପୁଳ ଗଞ୍ଜେଇ ଜବତ, ୩ ଅଟକ

ଚଣ୍ଡିଖୋଲ,୨୫।୪(ଡି.ଏନ୍.ଏ.): ବଡ଼ଚଣା ଥାନା ଅନ୍ତର୍ଗତ ୫୩ନଂ. ଜାତୀୟ ରାଜପଥର ବେଣାପୁର ଛକ ନିକଟରୁ ମଙ୍ଗଳବାର ମଧ୍ୟାହ୍ନରେ ଜିଲା ପୋଲିସର ସ୍ପେଶାଲ ସ୍କ୍ୱାଡ୍ ୩ଜଣଙ୍କୁ କାବୁ କରିଛି। ଏଥିସହ ସେମାନଙ୍କ ନିକଟରୁ ପାଖାପାଖି ୫୦ କେଜି ଗଞ୍ଜେଇ ଓ ୨ ମୋଟର ସାଇକେଲ ଜବତ କରିଛି। ଗଞ୍ଜେଇ ଚୋରା ଚାଲାଣ ନେଇ କୌଣସି ସୂତ୍ରରୁ ଯାଜପୁର ଏସ୍‌ପି ବିନୀତ୍ ଅଗ୍ରୱାଲ ଖବର ପାଇଥିଲେ। ତେଣୁ ସ୍ପେଶାଲ ସ୍କ୍ୱାର୍ଡ଼କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଚଣ୍ଡିଖୋଲ ଛକରୁ ୨ ମଟରସାଇକେଲ ଯୋଗେ ବସ୍ତାରେ ଗଞ୍ଜେଇ ନିଆଯାଉଥିବାବେଳେ ବେଣାପୁର ଛକ ନିକଟରରେ ସ୍ପେସାଲ ସ୍କ୍ୱାଡ୍ ଓ ପୋଲିସ ସେମାନଙ୍କୁ ଧରିଥିଲେ। ଏହାପରେ ସେମାନଙ୍କୁ ବଡ଼ଚଣା ଥାନା ଜିମା ଦିଆଯାଇଛି। ଏ ସମ୍ପର୍କରେ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକଙ୍କୁ ପଚାରିବାରେ ସେ କୁହନ୍ତି ଅଧିକ ତଦନ୍ତ ଚାଲିଛି। ତଦନ୍ତ ପରେ ସବିଶେଷ ସୂଚନା ମିଳିବ।

### ଯୁବକଙ୍କ ଅକାଳ ବିୟୋଗ

ଚଣ୍ଡିଖୋଲ,୨୫।୪(ଡି.ଏନ୍.ଏ.): ବାଲିଚନ୍ଦ୍ରପୁର ଗ୍ରାମର ସାମାଜିକ କର୍ମୀ ବେଦଭୂଷଣ ମହାନ୍ତି(ବାପି)ଙ୍କ ମଙ୍ଗଳବାର ସକାଳେ ଅକାଳ ବିୟୋଗ ହୋଇଛି। ତାଙ୍କୁ ୪୪ ବର୍ଷ ବୟସ ହୋଇଥିଲା। ସେ ଅସୁସ୍ଥ ହୋଇ ଦୀର୍ଘ ଦିନ ହେଲା ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ହେଲେ ଅବସ୍ଥାରେ ସୁଧାର ଆସି ନ ଥିଲା। ମଙ୍ଗଳବାର ଅପରାହ୍ନରେ ବାପିଙ୍କ ମୃତଦେହ ପହଞ୍ଚିବା ପରେ ବହୁ ଲୋକ ତାଙ୍କ ଶେଷଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ମୃତ୍ୟୁ ଖବର ପାଇ ବାଲିନ୍ଦ୍ରପୁର ଗ୍ରାମ ସମେତ ବଜାରରେ ଶୋକର ଛାୟା ଖେଳିଯାଇଛି।

# ଗଚ୍ଛିତ ଚାଉଳକୁ ନେଇ ଅଡୁଆରେ ରିଟେଲର

- ରିଟେଲରଙ୍କ ନିକଟରେ ଗଚ୍ଛିତ ଚାଉଳକୁ ମିଶାଇ ୩ ମାସର ଯୋଗାଣ ନିର୍ଦ୍ଦେଶ
- ଚାଉଳ ଗଚ୍ଛିତ ନ ଥିବା ନେଇ କାଗଜପତ୍ର ହାସଲ କରିବାକୁ ଚାଲିଛି ପ୍ରୟାସ

ଚଣ୍ଡିଖୋଲ,୨୫।୪(ଡି.ଏନ୍.ଏ.):


ଗଚ୍ଛିତ ଥିବା ଚାଉଳ।

କେନ୍ଦ୍ର ସରକାର ଗତ ଜାନୁୟାରୀରୁ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ମାଗଣା ଚାଉଳ ପ୍ରଦାନ କରିବା ପରେ ଚାଉଳ ଯୋଗାଣ ନିୟମ କଡ଼ାକଡ଼ି କରିଛନ୍ତି। ଏଥିନେଇ ଗତ ୧୯ତାରିଖରେ ରାଜ୍ୟ ସରକାରଙ୍କ ଖାଦ୍ୟଯୋଗାଣ ବିଭାଗ ଅତିରିକ୍ତ ସଚିବ ନେତ୍ରମଣି ପଣ୍ଡା ପତ୍ର ସଂଖ୍ୟା ୬୬୯୧ରେ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖି ଏପ୍ରିଲ, ମେ' ଓ ଜୁନ୍ ମାସର ଚାଉଳ ହିତାଧିକାରୀଙ୍କୁ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ରିଟେଲରଙ୍କ ନିକଟରେ ବଳକା ଥିବା ଚାଉଳକୁ ହିସାବ କରି ଯୋଗାଣ କରିବାକୁ ସୂଚନା ଦେଇଛନ୍ତି, ଯାହାକୁ ନେଇ ରିଟେଲରମାନେ ଅଡୁଆରେ ପଡ଼ିଛନ୍ତି।

ଅନ୍‌ଲାଇନ୍ ଯୋଗେ ପିଏସ୍‌ଓ ମେଶିନ୍ ମାଧ୍ୟମରେ ହିତାଧିକାରୀଙ୍କୁ ଚାଉଳ ଦେବାକୁ ନିର୍ଦ୍ଦେଶ ପରେ ଏହି ସର୍ଭରରୁ ଜଣାପଡ଼ିଛି କେଉଁକେଉଁ ରିଟେଲରଙ୍କ ନିକଟରେ କେତେ ଚାଉଳ ଗଚ୍ଛିତ ଅଛି। ସରକାରୀ ହିସାବ ଅନୁଯାୟୀ ବଡ଼ଚଣା ବ୍ଲକରେ ୭୭ ରିଟେଲରଙ୍କ ନିକଟରେ ୧୦୪୭ କୁଇଣ୍ଟାଲ ଚାଉଳ ଗଚ୍ଛିତ ରହିଛି। ସେଥିମଧ୍ୟରୁ ସୁରେନ୍ଦ୍ର ନାୟକ ନାମକ ରିଟେଲରଙ୍କ ନିକଟରେ ୧୨୫ କୁଇଣ୍ଟାଲ ଚାଉଳ ଗଚ୍ଛିତ ଥିବାବେଳେ ବିଜୟ ସାରଥି ପଣ୍ଡାଙ୍କ ନିକଟରେ ୧୩୪ କୁଇଣ୍ଟାଲ ଚାଉଳ ରହିଛି। ସେହିଭଳି ଦିଲୀପ ଜେନାଙ୍କ ନିକଟରେ ୩୨ କୁଇଣ୍ଟାଲରୁ ଅଧିକ, ଅଜୟ ଦାସଙ୍କ ନିକଟରେ ୨୮ କୁଇଣ୍ଟାଲ ଓ କୈଳାସ ଚନ୍ଦ୍ର ମଲ୍ଲିକଙ୍କ ନିକଟରେ ୪୧ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଚାଉଳ ଅଛି। ଅନ୍ୟମାନଙ୍କ ନିକଟରେ ୮ କୁଇଣ୍ଟାଲରୁ ୨୦ କୁଇଣ୍ଟାଲ ଭଳି ଚାଉଳ ଗଚ୍ଛିତ ଥିବା ସରକାରୀ ରିପୋର୍ଟରୁ ଜଣାପଡ଼ିଛି।

ଏହା ମଧ୍ୟରେ କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ହିତାଧିକାରୀ, ରାଜ୍ୟ ଖାଦ୍ୟ ସୁରକ୍ଷା ହିତାଧିକାରୀ, ଅନ୍ତ୍ୟୋଦୟ ଯୋଜନା ଓ ଅନ୍ନପୂର୍ଣ୍ଣା ଯୋଜନା ହିତାଧିକାରୀ ସାମିଲ ଅଛନ୍ତି। କେବଳ ବଡ଼ଚଣା ବ୍ଲକ୍‌ରେ ୬୪୬ କୁଇଣ୍ଟାଲ ୧ କିଲୋ କେନ୍ଦ୍ରୀୟ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କ ଚାଉଳ ରହିଥିବାବେଳେ ଅନ୍ତ୍ୟୋଦୟ ଯୋଜନାରେ ୨୫୨ କୁଇଣ୍ଟାଲ ୨୨ କେଜି, ରାଜ୍ୟ ସୁରକ୍ଷା ହିତାଧିକାରୀଙ୍କ ୧୧୦ କୁଇଣ୍ଟାଲ ଓ ଅନ୍ନପୂର୍ଣ୍ଣା ଯୋଜନାରେ ୩୮ କୁଇଣ୍ଟାଲ ୭୩ କେଜି ଚାଉଳ ଗଚ୍ଛିତ ରହିଛି। ତେବେ ଏହି ଚାଉଳ ରିଟେଲରଙ୍କ ପାଖରେ ନ ଥିବାବେଳେ ସରକାରଙ୍କ ରେକର୍ଡରେ ଗଚ୍ଛିତ ଥିବା ପ୍ରଦର୍ଶିତ ହୋଇଛି। ତେବେ କିପରି ସମସ୍ତ ଡିଲରଙ୍କ ପାଖରେ ଚାଉଳ ନ ଥିବା ନେଇ କାଗଜପତ୍ର ହାସଲ କରାଯିବ କରିବେ ସେଥିନେଇ ପ୍ରୟାସ ଆରମ୍ଭ ହୋଇଛି। ଏଥିପାଇଁ ବ୍ଲକରେ ୨ ଦଲାଲଙ୍କ ମାଧ୍ୟମରେ ଟଙ୍କା ଆଦାୟ ଚାଲିଥିବା ଜଣାପଡ଼ିଛି।

ସେହିଭଳି ଧାନମଣ୍ଡଳସ୍ଥିତ ଖାଦ୍ୟ ପଣ୍ୟାଗାରରୁ ନେଉଥିବା ବରୀ ବ୍ଲକରେ ୩,୯୭୫ କୁଇଣ୍ଟାଲ ୮୯ କେଜି, ଧର୍ମଶାଳାରେ ୨୨୦୯ କୁଇଣ୍ଟାଲ ୪୯ କେଜି ଗଚ୍ଛିତ ଥିବା ଦର୍ଶାଯାଇଛି। ରସୁଲପୁର ବ୍ଲକରେ ୮୦୭ କୁଇଣ୍ଟାଲ ୧୨ କେଜି ଚାଉଳ ଗଚ୍ଛିତ ଥିବା ଅତିରିକ୍ତ ସଚିବଙ୍କ ଚିଠିରୁ ଜଣାପଡ଼ିଛି। ସରକାରଙ୍କ ନିୟମ ମୁତାବକ ପ୍ରତ୍ୟେକ ୨ ଓ ୩ ମାସରେ ଥରେ ଲେଖାଏ ହିତାଧିକାରୀଙ୍କୁ ଚାଉଳ ଦେବାକୁ ଯୋଗାଣ ଠିକାଦାରଙ୍କ ମାଧ୍ୟମରେ ରିଟେଲରଙ୍କୁ ଦିଆଯାଇଥାଏ। ସେମାନେ ନେଇଥିବା ଚାଉଳକୁ ହିତାଧିକାରୀଙ୍କୁ ଦେଇସାରିବା ପରେ ପରବର୍ତ୍ତୀ ମାସ ପାଇଁ ଚାଉଳ ଗ୍ରହଣର ନିୟମ ରହିଛି। ତେବେ କିପରି ଏତେ ପରିମାଣର ଚାଉଳ ଠିକାଦାର ଓ ରିଟେଲରଙ୍କ ନିକଟରେ ଗଚ୍ଛିତ ରହୁଛି ତାହା ଆଶ୍ଚର୍ଯ୍ୟ ପ୍ରକଟ କରୁଛି। ଏ ସମ୍ପର୍କରେ ବଡ଼ଚଣା ଯୋଗାଣ ଅଧିକାରୀ ବିଶ୍ୱଜିତ୍ ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ଚାଉଳ ଯୋଗାଣ ସମୟରେ ମେଶିନ୍‌ରେ କିଛି ତ୍ରୁଟି ଦେଖାଦେଇଛି। ତେବେ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଗଚ୍ଛିତ ଥିବା ଚାଉଳକୁ ବାଦ୍ ଦେଇ ପରବର୍ତ୍ତୀ ଚାଉଳ ଦିଆଯିବ।

# ବରପଦା ମୁଖ୍ୟ ଗଡ଼ାଣି ମରାମତି ନ ହେଲେ ଧାରଣା

ପାଣିକୋଇଲି,୨୫।୪(ଡି.ଏନ.ଏ.):

କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ ବରପଦା ଗ୍ରାମର ମୁଖ୍ୟ ଗଡ଼ାଣୀ ୪ ଦିନ ମଧ୍ୟରେ ମରାମତି ନ ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ପକ୍ଷରୁ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ। ଏନେଇ ମଙ୍ଗଳବାର ୫ ନମ୍ବର ୱାର୍ଡସଭ୍ୟା ପ୍ରତିଭା ପରିଡ଼ା ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

ସେ ଦର୍ଶାଇଛନ୍ତି ଯେ, ବୈତରଣୀ ନଦୀ ବନ୍ଧରୁ ବରପଦା ଗ୍ରାମକୁ ଯାଇଥିବା ଗଡ଼ାଣି ରାସ୍ତାକୁ ଦୁଇ ମାସ ତଳେ କେତେଜଣ ଲୋକ ୧୦/୧୨ ଟ୍ରିପ ମାଟି ପକାଇ ଛାଡ଼ି ଦେଇଛନ୍ତି। ଫଳରେ ଯାତାୟାତ ବାଧାପ୍ରାପ୍ତ ହେଉଛି। ୨ ମାସ ହେବ ଏହାର ମରାମତି କରାଯାନାହିଁ କି ବାଲି ମୋରମ ପକାଯାଉନାହିଁ, ଯଦ୍ଵାରା ଆମ୍ବୁଲାନ୍ସ, ସ୍କୁଲ ବସ ଏମିତିକି ଡାକ୍ତରଖାନା ଯିବା ଆସିବା ମଧ୍ୟ କଷ୍ଟକର ହୋଇପଡୁଛି। ଉକ୍ତ କାର୍ଯ୍ୟ ସମ୍ପର୍କରେ ସାଧାରଣ ଲୋକଙ୍କ ଅବଗତି ନିମନ୍ତେ କୌଣସି ସୂଚନା ଫଳକ ନାହିଁ। କେବଳ ମାଟି ପକାଇ ଛାଡିଦେବା ଯୋଗୁ ଗ୍ରାମବାସୀ ଭୋଗୁଥିବା ଅବସ୍ଥା ନେଇ ବିଡିଓ ରଞ୍ଜନ କୁମାର ପରିଡ଼ାଙ୍କ ନିକଟରେ ୧୫ ଦିନ ତଳେ ଅଭିଯୋଗ କରାଯାଇଥିଲା। ମାତ୍ର ବିଡିଓଙ୍କ ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେରେ ଅଟକି ରହିଛି। ବର୍ଷା ହେବା ଯୋଗୁ ଗଡ଼ାଣିରେ ଯାତାୟାତ ଠପ ହୋଇଯାଇଛି। ରାସ୍ତାରେ ବାଲି ମୋରମ ପକାଇବା ପାଇଁ ୱାର୍ଡ ସଭ୍ୟା ଦାବି କରିଛନ୍ତି।



ବିଡିଓଙ୍କୁ ଅଭିଯୋଗ କରିବାକୁ ଆସିଥିବା ୱାର୍ଡ ସଭ୍ୟା।

# ଟାଟାଷ୍ଟିଲ୍ ଫାଉଣ୍ଡେଶନ ପକ୍ଷରୁ ବିଶ୍ୱ ମ୍ୟାଲେରିଆ ଦିବସ

କଳିଙ୍ଗନଗର,୨୫।୪(ଡି.ଏନ.ଏ.):



ଟିଏସ୍‌ଏଫ୍ ପକ୍ଷରୁ ଜଣେ ମହିଳାଙ୍କୁ ମଶାରି ପ୍ରଦାନ କରାଯାଉଛି।

ଟାଟାଷ୍ଟିଲ୍ ଫାଉଣ୍ଡେଶନ (ଟିଏସ୍‌ଏଫ୍) ପକ୍ଷରୁ ମଙ୍ଗଳବାର ଯାଜପୁର ଜିଲା ଦାନଗଦି ବ୍ଲକ୍ ଅଧୀନ ଶାଳିଜଙ୍ଗା ପଞ୍ଚାୟତ କାର୍ଯ୍ୟାଳୟରେ ଏକ ସଚେତନତା ଅଧିବେଶନ ସହ ବିଶ୍ୱ ମ୍ୟାଲେରିଆ ଦିବସ ପାଳନ କରାଯାଇଛି। ଜିଲା ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ଓ ଜାତୀୟ ଭୂତାଣୁ(ଭେକ୍ଟର) ବାହିତରୋଗ (ଭିବିଡି) ନିୟନ୍ତ୍ରଣ ସହଯୋଗିତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମାଜରେ ସଚେତନତା ବଢ଼ାଇବା ଲାଗି ଅଧିବେଶନ ବ୍ୟତୀତ, ପଞ୍ଚାୟତର ସମସ୍ତ ବାସିନ୍ଦାଙ୍କୁ ୧୩୦୦୦ ମଶାରୀ ବଣ୍ଟନ କରାଯାଇଥିଲା। ସାର୍ବଜନୀନ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ଲାଗି ଫାଉଣ୍ଡେଶନର ରହିଥିବା ସାମଗ୍ରୀକରଣ ନୀତି ଅନୁସାରେ ଏହି ଅଭିଯାନ ଆୟୋଜନ କରାଯାଇଥିଲା। ଏହି ଅବସରରେ ଯାଜପୁରର ମୁଖ୍ୟ ଜିଲା ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ) ଶିବାଶିଷ ମହାରଣା ମୁଖ୍ୟଅତିଥି , ଅତିରିକ୍ତ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଦୀପ୍ତ କୁମାର ସାହୁ, ଭେକ୍ଟରବାହିତରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମର ଉପଦେଷ୍ଟା ସୁନିଲ କୁମାର ମହାତୋ, ଶାଳିଜଙ୍ଗା ପଞ୍ଚାୟତ ସରପଞ୍ଚ ବିଜୟଲକ୍ଷ୍ମୀ ଦାଶ, ଟିଏସ୍‌ଏଫ୍‌ର ଜନସ୍ୱାସ୍ଥ୍ୟ ଓଡ଼ିଶାର ମୁଖ୍ୟ ନୀଳିମା ତିର୍କୀ, ଟିଏସ୍‌ଏଫ୍‌ର ଗୋଷ୍ଠୀସ୍ୱାସ୍ଥ୍ୟ ଅଭିଯାନର ପ୍ରବନ୍ଧକ ଅକ୍ଷୟ କୁମାର ନାୟକ, ଜିଲା ସ୍ୱାସ୍ଥ୍ୟବିଭାଗ ଓ ଟାଟାଷ୍ଟିଲ୍ ଫାଉଣ୍ଡେଶନର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଶୂନ୍ୟ ମ୍ୟାଲେରିଆ ଲକ୍ଷ୍ୟ ସମେତ ସ୍ୱାସ୍ଥ୍ୟକର ସମାଜ ଗଠନ କରିବା ଏବଂ ମ୍ୟାଲେରିଆ, ଡେଙ୍ଗୁ, ଫିଲାରିଆସିସ୍, ଜାପାନିଜ୍ ଏନ୍‌ସେଫାଲାଇଟିସ୍ ଇତ୍ୟାଦି ମଶା ଜନିତ ବିଭିନ୍ନ ରୋଗର ମୁକାବିଲା କରିବା ଲାଗି ଟାଟାଷ୍ଟିଲ୍ ଫାଉଣ୍ଡେଶନ ପ୍ରତିଶ୍ରୁତିବଦ୍ଧ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ଏହି ଅଭିଯାନ ସମ୍ପର୍କରେ ଟାଟାଷ୍ଟିଲ୍ ଫାଉଣ୍ଡେଶନର ଜନ ସ୍ୱାସ୍ଥ୍ୟ ମୁଖ୍ୟ ଅନୁଜ ଭଟ୍ଟନାଗର କହିଥିଲେ, ସ୍ୱାସ୍ଥ୍ୟକର ସମାଜ ଗଠନ କରିବା ଏବଂ ମଶା ଜନିତ ବିଭିନ୍ନ ରୋଗର ମୁକାବିଲା କରିବା ଲାଗି ଟାଟାଷ୍ଟିଲ୍ ଫାଉଣ୍ଡେଶନ ସଦାସର୍ବଦା ତତ୍ପରତା ପ୍ରକାଶ କରିଆସୁଛି। ବିଭିନ୍ନ ଜିଲାସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ସହଯୋଗିତାରେ ଟିଏସ୍‌ଏଫ୍ ପକ୍ଷରୁ ଓଡ଼ିଶା ଓ ଝାଡ଼ଖଣ୍ଡର ୮ ବ୍ଲକ୍‌ରେ ୬୭,୯୭୩ ମଶାରୀ ବଣ୍ଟନ କରାଯାଇଥିଲା। ମଶାରୀର ଉପଯୁକ୍ତ ବ୍ୟବହାର ଓ ଯତ୍ନ ଉପରେ ସମାଜକୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ବିଶ୍ୱ ମ୍ୟାଲେରିଆ ଦିବସରେ ଓଡ଼ିଶା ଓ ଝାଡ଼ଖଣ୍ଡର ବିଭିନ୍ନ ଦୁର୍ଗମ ଅଞ୍ଚଳରେ ମଶାରୀ ବଣ୍ଟନ ଏବଂ ଏହି ରୋଗ ଉପରେ ସଚେତନତା ସୃଷ୍ଟି କରିବା ଉକ୍ତ କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ରହିଛି ବୋଲି ସୂଚନା ଦିଆଯାଇଥିଲା।

## ଅନ୍ଧାରରେ ଜାରକା ଅସ୍ଥାୟୀ ବସ୍‌ଷ୍ଟାଣ୍ଡ

ଧର୍ମଶାଳା,୨୫।୪(ଡି.ଏନ.ଏ.):

୧୬ନଂ. ଜାତୀୟ ରାଜପଥର ଜାରକା ନୂତନ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ପରିସର ଅନ୍ଧାରରେ ରହିଛି। ଜାରକାଠାରେ ଜାତୀୟ ରାଜପଥ ପ୍ରଶସ୍ତୀକରଣ କାର୍ଯ୍ୟ ଶେଷ ହେବା ପରେ ରାଜପଥର ଉଭୟ ପାର୍ଶ୍ୱରେ ହାଇ ମାଷ୍ଟ ଲାଇଟର ବ୍ୟବସ୍ଥା କରାଯାଇଥିଲା। ହେଲେ ଗତ ଏକ ମାସ ହେବ ଆଉ ଲାଇଟଗଡ଼ିକ ଜଳୁନାହିଁ। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏହି ସ୍ଥାନଟି ଏକ ନିଛାଟିଆ ଅଞ୍ଚଳ। ଅନ୍ଧାରର ସୁଯୋଗ ନେଇ କେତେଜଣ ଦୁର୍ବୃତ୍ତ ବସ୍‌କୁ ଅପେକ୍ଷା କରି ରହିଥିବା ଯାତ୍ରୀଙ୍କୁ କମେଣ୍ଟ ମାରୁଥିବା ଅଭିଯୋଗ ହୋଇଛି। ଏତଦ୍‌ବ୍ୟତୀତ ଏଠାରେ ବସରୁ ଓହ୍ଲାଉଥିବା ଯାତ୍ରୀମାନେ ମଧ୍ୟ ନିରାପଦ ମଣୁନାହାନ୍ତି। ନିକଟରେ ସତସଙ୍ଗ କେନ୍ଦ୍ର ରହୁଥିବାରୁ ଭକ୍ତମାନେ ସନ୍ଧ୍ୟା ସମୟରେ ଯାତାୟାତ କରିବାକୁ ଭୟ କରୁଛନ୍ତି। ଏ ସମ୍ପର୍କରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ତେଣୁ ଜିଲା ପ୍ରଶାସନ ଯଥାଶୀଘ୍ର ଏହି ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି।

# ଉତ୍କଳ ସେବା ନିବୃତ୍ତ ସେନାନୀ ସଂଘ ବୈଠକ


ବୈଠକରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ଯାଜପୁର ଟାଉନ,୨୫।୪(ଡି.ଏନ.ଏ.):

ଉତ୍କଳ ସେବା ନିବୃତ୍ତ ସେନାନୀ ସଂଘ ଯାଜପୁର ଜିଲା ଶାଖାର ଏକ ବୈଠକ ସ୍ଥାନୀୟ ରୋଟାରି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ସେବା ନିବୃତ୍ତ ସୈନିକ ଯୋଗ ଦେଇଥିଲେ। ରାଜ୍ୟ ସଂରକ୍ଷକ ଦେବରାଜ ସ୍ୱାଇଁ, ରାଜ୍ୟ ସଭାପତି କରୁଣାକର ନାଥ, ସମ୍ପାଦକ ସିତେଶ ପଣ୍ଡା, ଉପଦେଷ୍ଟା କୁମାର ପତି ପ୍ରମୁଖ ଯୋଗଦେଇ ସେବା ନିବୃତ୍ତ ସୈନିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଜିଲାସ୍ତରର ସଂଗଠିତ ହେବା ପାଇଁ ଆହ୍ୱାନ ଦେଇଥିଲେ।

ସୈନିକମାନେ ବିଭିନ୍ନ ସମୟରେ କେନ୍ଦ୍ର ସରକାର ଓ ଅଧିକାରୀଙ୍କ ଦ୍ୱାରା ପ୍ରତାରଣାର ଶିକାର ହେଉଛନ୍ତି। ପ୍ରତ୍ୟେକ ଜିଲାରେ ସେବା ନିବୃତ ସୈନିକଙ୍କ ପାଇଁ ସିଏସ୍‌ଡି କ୍ୟାଣ୍ଟିନ୍, ଇସିଏଚ୍‌ଏସ କ୍ଲିନିକ୍ ଓ ଜିଲା ସୈନିକ ବୋର୍ଡ ସ୍ଥାପନ ପାଇଁ ନିୟମ ଥିଲେ ମଧ୍ୟ ତାହା କାର୍ଯ୍ୟକାରୀ କରାଯାଉ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ପରେ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇ ରବିନାରାୟଣ ସାହୁ, ଚନ୍ଦ୍ରଶେଖର ସାମଲ ଓ ମଦନମୋହନ ପତି ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶାଖା ସଭାପତି ଭାବେ ରବୀନ୍ଦ୍ରନାଥ ସାହୁ, ଉପସଭାପତି ପ୍ରଫୁଲ୍ଲ ପଣ୍ଡା, ସମ୍ପାଦକ ଗୟାଧର ମିଶ୍ର, ସହସମ୍ପାଦକ ନିରଞ୍ଜନ ଦାଶ, ଏବଂ କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ତ୍ରିପାଠୀଙ୍କୁ ଚୟନ କରାଯାଇଛି। ୧୦ ବ୍ଲକ ଓ ୨ ପୌରପାଳିକାରୁ ୨ ସଦସ୍ୟଙ୍କୁ ଚୟନ କରାଯାଇ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି।

# ନବନିର୍ମାଣ କୃଷକ ସଂଗଠନର ଲୋକସମ୍ପର୍କ ଯାତ୍ରା



ସଭାରେ ଯୋଗଦେଇଥିବା ନବନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତା।

ଯାଜପୁର ଟାଉନ,୨୫।୪(ଡି.ଏନ.ଏ.):

ଏପ୍ରିଲ ୨୩ ତାରିଖ ଅକ୍ଷୟ ତୃତୀୟାଠାରୁ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଲୋକସମ୍ପର୍କ ଯାତ୍ରା ପୁରୀର ବେଲଦଳରୁ ଆରମ୍ଭ କରାଯାଇଛି। ଏହା ଆସନ୍ତା ମେ' ୮ ତାରିଖରେ ଭୁବନେଶ୍ୱରଠାରେ ଶେଷହେବ। ଏହି ଅବସରରେ ସୋମବାର ଯାଜପୁର ସହରର ଗାନ୍ଧୀ ଛକ ଠାରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଲୋକସମ୍ପର୍କ ଯାତ୍ରା ସହ ଏକ ସଭା ଆୟୋଜନ କରାଯାଇଥିଲା।

ଏଥିରେ କର୍ମକର୍ତ୍ତା ଯୋଗ ଦେଇ କହିଥିଲେ, ରାଜ୍ୟର ବିଜେଡି ସରକାର ଏବଂ କେନ୍ଦ୍ରରେ ଥିବା ଭାଜପା ସରକାର ଯୁବଶକ୍ତିକୁ ବିପଦ ମୁହଁକୁ ଠେଲିଦେଇଛନ୍ତି। ଚାକିରି ନାହିଁ, ଯୁବକ ଆଜି ବେକାର। ଯୁବକ ନିଶାଶକ୍ତ। ନିଶାନିବାରଣ ପରିବର୍ତ୍ତେ ଛକ ବଜାରରେ ମଦ ଦୋକାନ ଖୋଲାଯାଇ ମଦର ପ୍ରଚାର ପ୍ରସାର ନିମନ୍ତେ ସରକାର ଲାଗିପଡିଛନ୍ତି। ଯୌଥ ପରିବାରକୁ ଭାଙ୍ଗି ଖୀନଭିନ୍ କରିଦିଆଯାଉଛି। ସାମାଜିକ ବ୍ୟବସ୍ଥାରେ ଥିବା ସମରସତା ଆଜି ବିଲୁପ୍ତ ପ୍ରାୟ। ବିଜୁଳି, ଶିକ୍ଷା, ସ୍ୱାସ୍ଥ୍ୟ ସବୁ ସାଧାରଣ ଲୋକଙ୍କ ପାଇଁ ଅପହଞ୍ଚ। ଏସବୁ ବିଷୟକୁ ନେଇ କୃଷକ ଏକମତ ହୋଇ କୃଷକ ସରକାର ରାଜ୍ୟ ଓ କେନ୍ଦ୍ରରେ ଗଠନ କରିବା ପାଇଁ ଲୋକସମ୍ପର୍କ ଯାତ୍ରା ଆରମ୍ଭ କରାଯାଇଛି।

ଯେଉଁ ଦେଶ ଗାନ୍ଧୀ, ସୁଭାଷ ବୋଷ, ଲାଲବାହାଦୁର ଶାସ୍ତ୍ରୀ, ମଧୁସୁଦନଙ୍କ ସ୍ୱପ୍ନର ଦେଶ ତାହା ଆଜି ଅସାଧୁ ରାଜନୈତିକ ବ୍ୟକ୍ତିଙ୍କ ଦ୍ୱାରା ଶାସିତ। ଚାଷୀଙ୍କୁ ଉପେକ୍ଷିତ କରାଯାଉଛି। ଦିଲ୍ଲୀରେ ଆନ୍ଦୋଳନରତ ଚାଷୀଙ୍କ ଆନ୍ଦୋଳନକୁ ଡରାଇ ଧମକାଇ ବନ୍ଦ କରିବାକୁ ପ୍ରଚେଷ୍ଟା ଚଳାଇଥିଲେ। ଏଥି ନିମନ୍ତେ ୭୦୦ରୁ ଊର୍ଦ୍ଧ୍ୱ ଚାଷୀ ରାଜରାସ୍ତାରେ ଜୀବନ ହରାଇଥିଲେ। ପରେ ଏହି କଳା କୃଷି ଆଇନକୁ ସରକାର ଫେରାଇ ନେଇଥିଲେ। ଏବେ ୧୨ବର୍ଷ ହେଲା ନବନିର୍ମାଣ କୃଷକ ସଂଗଠନ ଚାଷୀଙ୍କୁ ପ୍ରାଇସ୍, ପ୍ରେଷ୍ଟିଜ ଓ ପେନସନ୍ ଦାବିନେଇ ଓଡ଼ିଶାରେ ଏକ ଜନଜାଗରଣ ସୃଷ୍ଟି କରିଚାଲିଛି ବୋଲି କୁହାଯାଇଥିଲା। ଏହି ଯାତ୍ରାରେ ନବ ନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ଡ. କୁଳମଣି, ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ସହସଂଯୋଜକ ନିମାଇଁ ରାୟ, ଜିଲା ସଂଯୋଜକ ଅଶୋକ ଶାନ୍ତି, ରାଜ୍ୟ ଉପଦେଷ୍ଟା ରଞ୍ଜିତ ପଟ୍ଟନାୟକ, ରଶ୍ମିରଞ୍ଜନ ସ୍ୱାଇଁ, ରାଜ୍ୟ ସଂଯୋଜକ ମନୱର ଅଲ୍ଲୀ ଓ ଉମାକାନ୍ତ ଭାରତୀଙ୍କ ସମେତ ବହୁ ଚାଷୀନେତା ଉପସ୍ଥିତ ଥିଲେ।

# ଦେଶରେ ନିଃସନ୍ତାନ ଦମ୍ପତିଙ୍କ ସଂଖ୍ୟା ବଢୁଛି

**ନିଃସନ୍ତାନ ଦମ୍ପତିଙ୍କ ସମସ୍ୟା ସମ୍ପର୍କିତ ସଚେତନତା ତାଲିମ**

ରସୁଲପୁର,୨୫।୪(ଡି.ଏନ.ଏ.):


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଙ୍କୁ ଉପହାର ପ୍ରଦାନ କରାଯାଉଛି।

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତରେ ନିଃସନ୍ତାନ ଦମ୍ପତିଙ୍କ ସମସ୍ୟା ସମ୍ପର୍କିତ ଏକ ଦିନିକିଆ ସଚେତନତା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପରିବର୍ତ୍ତିତ ପାଣିପାଗ, ଆଧୁନିକୀକରଣ ଚଳଣି, ଦୈନନ୍ଦିନ ଚଳଣିରେ ବିଜ୍ଞାନ ଓ ଜ୍ଞାନକୌଶଳର ବହୁଳ ବ୍ୟବହାର ମାନବ ଶରୀରରେ ବହୁ ପରିବର୍ତ୍ତନ ଘଟାଉଛି। ଏସବୁ ପରିବର୍ତ୍ତନରେ ଦମ୍ପତିଙ୍କ ବୈବାହିକ ଜୀବନ ପ୍ରଭାବିତ ହେଉଛି। ଦେଶରେ ଦିନକୁ ଦିନ ନିଃସନ୍ତାନ ଦମ୍ପତିଙ୍କ ସଂଖ୍ୟାରେ ବୃଦ୍ଧି ଘଟୁଛି। ଏହିଭଳି ସମସ୍ୟା ନେଇ ଗାଁର ଦମ୍ପତିମାନେ କେତେବେଳେ ଧର୍ମର ଆଶ୍ରା ନିଅନ୍ତି ତ ଆଉ କେତେବେଳେ ଗାଁ ବୈଦ୍ୟ, ଔଷଧ ବିକାଳି, ନକଲି ଡାକ୍ତରଙ୍କ ଉପରେ ଭରସା କରି ସମୟ ଗଡାଇଚାଲନ୍ତି। ଏଭଳିସ୍ଥିତିରେ ଦମ୍ପତିମାନେ ମା'ବାପା ହେବା ସ୍ୱପ୍ନ ମିଳାଇ ଯାଇଥାଏ। ଠିକ୍ ସମୟରେ ସ୍ଥିତି ଚିହ୍ନଟ ହୋଇପାରିଲେ ସମସ୍ୟା ସମାଧାନ ହେବାର ସମ୍ଭାବନା ବହୁତ ବେଶି ରହିଥାଏ। ସେହି ବର୍ଗର ଦମ୍ପତିଙ୍କୁ ତୁରନ୍ତ ଚିହ୍ନଟ କରି ସେମାନଙ୍କ ସମସ୍ୟା ସମ୍ପର୍କରେ ସଚେତନ କରାଇବାର ଆବଶ୍ୟକତା ରହିଛି। ଏଦିଗରେ ଗାଁରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରମୁଖ ଭୂମିକା ରହିଛି। ପଞ୍ଚାୟତସ୍ତରରେ କାର୍ଯ୍ୟରତ ଆଶା, ଅଙ୍ଗନୱାଡି କର୍ମୀ, ଏଏନ୍‌ଏମ୍ ଓ ଜନ ଆରୋଗ୍ୟ ସମିତି ଅଧିକାରୀମାନେ ଏହାକୁ ଗୁରୁତର ସହ ନେଇ କାର୍ଯ୍ୟ କଲେ ନିଃସନ୍ତାନପଣ ଦୂର କରାଯିବାର ବାଟ ଫିଟିପାରିବ। ଦମ୍ପତିଙ୍କ ମଧ୍ୟରେ ସନ୍ତାନ ଜନ୍ମକୁ ନେଇ ରହିଆସୁଥିବା ସମସ୍ୟା ଠାବ କରାଯାଇ ପଦକ୍ଷେପ ନେଲେ ନିଃସନ୍ତାନ ଦମ୍ପତିଙ୍କୁ ସନ୍ତାନ ପ୍ରାପ୍ତ ହୋଇପାରିବ ବୋଲି ତାଲିମ ଶିବିରର ମୁଖ୍ୟ ସମ୍ବଳ ଅଧିକାରୀ ଓଡ଼ିଶା ଫର୍ଟିଲିଟି କେୟାରର ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ସୁରେନ୍ଦ୍ର କୁମାର ମହାନ୍ତି ସୂଚନା ଦେଇଛନ୍ତି।

ଶ୍ରୀଜଗନ୍ନାଥ ହେଲ୍‌ଥ କେୟାର ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଫାର୍ମାସିଷ୍ଟ ଜଗଦୀଶ ପତି ପୌରୋହିତ୍ୟ କରିଥିଲେ। ଶିବିରରେ ମୁଖ୍ୟ ଅତିଥି ଓ ସମ୍ବଳ ଅଧିକାରୀ ଭାବେ ଡାକ୍ତର ମହାନ୍ତି, ସମ୍ମାନିତ ଅତିଥି ଭାବେ ସରପଞ୍ଚ ସ୍ମୃତିରେଖା ରାଉତ, ସମିତିସଭ୍ୟ ରଞ୍ଜିତ ସାହୁ, ଷ୍ଟାଫନର୍ସ ସୁଶ୍ରୀରେଖା ବୁଡ଼ ଓ ସ୍ୱେଚ୍ଛାସେବୀ ଟୁକୁନା ସ୍ୱାଇଁ ପ୍ରମୁଖ ଯୋଗଦେଇ ଶିବିରକୁ ପରିଚାଳନା କରିଥିଲେ। ଅଙ୍ଗନୱାଡି କର୍ମୀ ରଶ୍ମିତା ସାହୁ, ନିରୁପମା କର, ଶାନ୍ତିଲତା ପଣ୍ଡା, ସବିତା ସାହୁ, ନିବେଦିତା ପରିଡ଼ା, ସଂଯୁକ୍ତା ସ୍ୱାଇଁ, ଆଶାକର୍ମୀ ମମତା ମହାନ୍ତି, ଶ୍ରଦ୍ଧାଞ୍ଜଳି ପାଣି, ଶାନ୍ତିଲତା ଦାସ ଓ ବାସନ୍ତୀ ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିବିରରେ ୨୦ରୁ ଊର୍ଦ୍ଧ୍ୱ ଗର୍ଭବତୀଙ୍କ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା। ହେଲ୍‌ଥ କେୟାର ପକ୍ଷରୁ ସମ୍ବଳ ଅଧିକାରୀ ଡାକ୍ତର ମହାନ୍ତି, ନର୍ସ ବୁଡ଼ଙ୍କୁ ସମ୍ମାନିତ କରାଯାଇଥିବାବେଳେ ସମ୍ମାନିତ ଅତିଥିଙ୍କୁ ଉପଢୌକନ ଓ ଉପହାର ପ୍ରଦାନ କରାଯାଇଥିଲା। ଶିବିରାର୍ଥୀଙ୍କୁ ମଧ୍ୟ ଉପହାର ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ଦୁର୍ଘଟଣାରେ ବାପା, ପୁଅ ଗୁରୁତର

ପାଣିକୋଇଲି,୨୫।୪(ଡି.ଏନ.ଏ.): ପାଣିକୋଇଲି ଥାନା ଅନତୀ ଦୂରରେ ଭାରସାମ୍ୟ ହରାଇ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ବାପା,ପୁଅ ଗୁରୁତର ହୋଇଛନ୍ତି। ପାଣିକୋଇଲି ପୋଲିସ ଓ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ସେମାନେ ହେଲେ ଚଣ୍ଡିଖୋଲ ଖୋସାଲପୁର ଗ୍ରାମର କେ. ଗୋବିନ୍ଦ ଓ ତାଙ୍କ ପୁଅ କେ. ସିରିଆ। ଉଭୟ ମଙ୍ଗଳବାର ମଧାହ୍ନରେ ଚଣ୍ଡିଖୋଲରୁ ଯାଜପୁର ଟାଉନ ଯାଉଥିଲେ। କେ. ସିରିଆ ତାଙ୍କ ବାପାଙ୍କୁ ବସାଇ ଯାଉଥିବାବେଳେ ରାସ୍ତାରେ ପଡ଼ିଥିବା ଏକ କାଠ ଗରଣ୍ଡାରେ ବାଇକ୍ ପିଟି ହୋଇ ଏକ ବାଡ଼ାରେ ବାଜିଥିଲା। ଫଳରେ ବାଇକ୍ ସହ ବାପା, ପୁଅ ପଡ଼ି ଯାଇଥିଲେ। ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ଓ ବ୍ୟବସାୟୀ ପହଞ୍ଚି ୧୦୮ ଏବଂ ପୋଲିସକୁ ଖବର ଦେଇଥିଲେ।

### ବିପୁଳ ଗଞ୍ଜେଇ ଜବତ, ୩ ଅଟକ

ଚଣ୍ଡିଖୋଲ,୨୫।୪(ଡି.ଏନ୍.ଏ.): ବଡ଼ଚଣା ଥାନା ଅନ୍ତର୍ଗତ ୫୩ନଂ. ଜାତୀୟ ରାଜପଥର ବେଣାପୁର ଛକ ନିକଟରୁ ମଙ୍ଗଳବାର ମଧାହ୍ନରେ ଜିଲା ପୋଲିସର ସ୍ପେଶାଲ ସ୍କ୍ୱାଡ୍ ୩ଜଣଙ୍କୁ କାବୁ କରିଛି। ଏଥିସହ ସେମାନଙ୍କ ନିକଟରୁ ପାଖାପାଖି ୫୦ କେଜି ଗଞ୍ଜେଇ ଓ ୨ ମୋଟର ସାଇକେଲ ଜବତ କରିଛି। ଗଞ୍ଜେଇ ଚୋରା ଚାଲାଣ ନେଇ କୌଣସି ସୂତ୍ରରୁ ଯାଜପୁର ଏସ୍‌ପି ବିନୀତ୍ ଅଗ୍ରୱାଲ ଖବର ପାଇଥିଲେ। ତେଣୁ ସ୍ପେଶାଲ ସ୍କ୍ୱାର୍ଡ୍‌କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଚଣ୍ଡିଖୋଲ ଛକରୁ ୨ ମଟରସାଇକେଲ ଯୋଗେ ବସ୍ତାରେ ଗଞ୍ଜେଇ ନିଆଯାଉଥିବାବେଳେ ବେଣାପୁର ଛକ ନିକଟରରେ ସ୍ପେସାଲ ସ୍କ୍ୱାଡ୍ ଓ ପୋଲିସ ସେମାନଙ୍କୁ ଧରିଥିଲେ। ଏହାପରେ ସେମାନଙ୍କୁ ବଡ଼ଚଣା ଥାନା ଜିମା ଦିଆଯାଇଛି। ଏ ସମ୍ପର୍କରେ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକଙ୍କୁ ପଚାରିବାରେ ସେ କୁହନ୍ତି ଅଧିକ ତଦନ୍ତ ଚାଲିଛି। ତଦନ୍ତ ପରେ ସବିଶେଷ ସୂଚନା ମିଳିବ।

### ଅଧାପକଙ୍କ ବିୟୋଗରେ ଶୋକ

ନାଉଗାଁ,୨୫।୪(ସ୍ୱ.ପ୍ର)-ନାଉଗାଁ ବ୍ଲକ ଅନ୍ତର୍ଗତ ଦେବୀଦୋଳ ସ୍ଥିତ ମା'କୁତାମଚଣ୍ଡୀ ମହାବିଦ୍ୟାଳୟର ସଂସ୍କୃତ ଅଧାପକ ବିବେକାନନ୍ଦ ମିଶ୍ରଙ୍କ ବିୟୋଗରେ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧକ୍ଷ ପ୍ରସନ୍ନ କୁମାର ବାରିକ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାରେ ଅଧାପକ ସୁଶାନ୍ତ କୁମାର ସ୍ୱାଇଁ, ଅଧାପିକା ସୁଜାତା ରାଉତରାୟ, ସରସ୍ୱତୀ ଦାସ, ଅକ୍ଷୟ କୁମାର ମୁଦୁଲି, କୃଷ୍ଣଚନ୍ଦ୍ର ଦାସଙ୍କ ସମେତ ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗଦେଇ ମିଶ୍ରଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ। ମିଶ୍ର ଦୀର୍ଘ ୩୦ ବର୍ଷ ଧରି ଏହି ମହାବିଦ୍ୟାଳୟରେ ଅଧାପନା କରି ଆସୁଥିଲେ। ସେ ଜଣେ ଛାତ୍ରବତ୍ସଳ, ମିଷ୍ଟଭାଷୀ ବ୍ୟକ୍ତିତ୍ୱ ଥିଲେ।

# କୃଷକ ସଙ୍ଗଠିତ ହେଲେ ଦେଶରୁ ଗରିବୀ ହଟିବ

## ଜିଲା କୃଷକ ସଙ୍ଗଠନର ବାର୍ଷିକୋତ୍ସବ

ରଘୁନାଥପୁର,୨୫।୪(ଡି.ଏନ୍‌ଏ.)

ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ହରିଶପୁରସ୍ଥିତ ମା'ମଳିକେଶରୀ ମନ୍ଦିର ପ୍ରାଙ୍ଗଣରେ ସୋମବାର ସନ୍ଧ୍ୟାରେ ଜଗତ୍‌ସିଂହପୁର ଜିଲା କୃଷକ ସଙ୍ଗଠନର ୧୮ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି ଗୋବିନ୍ଦ ଚନ୍ଦ୍ର ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଉତ୍କଳ ବିକାଶ ପରିଷଦର ମହାସଚିବ ଋଷି ଗୁମାନ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବଜାର ଦର ଅନୁଯାୟୀ, ବିଭିନ୍ନ ସମୟରେ ପେ କମିଶନ ବସି ସରକାରୀ ଚାକିରିଆଙ୍କ ଦରମା ବୃଦ୍ଧି ପାଉଛି। ତଦନୁଯାୟୀ ବେସରକାରୀ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମୂଲିଆ ମଜୁରିଆଙ୍କ ପାରିଶ୍ରମିକ ମଧ୍ୟ ବଢ଼ି ଚାଲିଛି। ଦିନକୁ ଦିନ ଔଷଧଠାରୁ ଆରମ୍ଭ କରି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ବଢ଼ି ଚାଲିଛି। ମାତ୍ର ରାଜ୍ୟର ପ୍ରଧାନ ଅର୍ଥକାରୀ ଫସଲ ଧାନର ସହାୟକ ମୂଲ୍ୟରେ ସେହିପରି ବୃଦ୍ଧି ଘଟୁନାହିଁ। ଫଳରେ ଚାଷୀଟିଏ ଦାରିଦ୍ର୍ୟର କଷାଘାତ ଭିତରେ



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିଙ୍କ ଗହଣରେ ସଫଳ ଚାଷୀମାନେ।

ବୁଡ଼ି ରହି ସାରାଜୀବନ ଯନ୍ତ୍ରଣା ଭୋଗୁଛି। ଅନେକ ସମୟରେ ନିଜର ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ଭଳି ଚରମ ପନ୍ଥାକୁ ବାଛି ନେଉଛି। ଏଥିରୁ ବର୍ତ୍ତିବାକୁ ହେଲେ ଚାଷୀମାନଙ୍କୁ ସଙ୍ଗଠିତ ହେବାକୁ ପଡ଼ିବ। ସେମାନେ ଏକତ୍ର ହେଲେ ସରକାର ସେମାନଙ୍କ କଥା ଶୁଣିବାକୁ ବାଧ ହେବେ। ଫଳରେ ସେମାନଙ୍କ ଗରିବୀ ହଟିବ ବୋଲି ମୁଖ୍ୟ ଅତିଥି ଗୁମାନ ସିଂ ନିଜ ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ବିକାଶ ପରିଷଦର ସଚିବ ସୁଜିତ ପରିଡା ଓ ବିଭୁନ୍ଦେଦୁ କେଶରୀ ଭୋଳ ଯୋଗଦେଇ ଚାଷୀମାନେ ଏକତ୍ରିତ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସଙ୍ଗଠନର ସମ୍ପାଦକ ଇଂ. ବାବାଜୀ ଚରଣ ଜେନା, ଉପଦେଷ୍ଟା ଦିଲୀପ ରଥ ଓ ଅଜୟ ନାୟକ, ଉପସଭାପତି ସାରଦା ପ୍ରସାଦ ରାୟ ଉପସ୍ଥିତ ଥିଲେ। ମଣ୍ଡିରେ ଧାନ ଦେବା ପାଇଁ ନାମ ପଞ୍ଜୀକରଣ ହୋଇଥିଲେ ସୁଧା ଚାଷୀଙ୍କ ଧାନ ବିକ୍ରୟ ହୋଇପାରୁନାହିଁ। ଏଥିସହ ଶୀତଳଭଣ୍ଡାରର ଅଭାବ ଓ ଅଭାବୀ ବିକ୍ରି ଯୋଗୁ ଚାଷୀଙ୍କ ମେରୁଦଣ୍ଡ ଦୋହଲି ଯାଉଛି ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ଆସନ୍ତା ୧୫ ଦିନ ମଧ୍ୟରେ ନାମ ପଞ୍ଜୀକରଣ ଥାଇ ମଣ୍ଡିରେ ଧାନ ଦେଇ ପାରି ନ ଥିବା ଚାଷୀଙ୍କୁ ନେଇ କୃଷକ ସଙ୍ଗଠନ ପକ୍ଷରୁ ଏକ ଜନସ୍ୱାର୍ଥ ମାମଲା ଦାଏର କରାଯିବ ବୋଲି ସଭାପତି ଜେନା ସୂଚନା ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାର ଚାଷ କରି ସଫଳ ଚାଷୀ ବନିଥିବା ୧୦ ଜଣ ବ୍ୟକ୍ତିଙ୍କୁ ସଙ୍ଗଠନ ପକ୍ଷରୁ ଉତ୍ତରୀୟ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଙ୍ଗଠନର କର୍ମକର୍ତ୍ତା ବିନୋଦ ବିହାରୀ ମହାନ୍ତି ସଭା ପରିଚାଳନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଧୈର୍ଯ୍ୟଶକ୍ତିକୁ ଅତୁଟ ରଖି ନିଜର ଅଭିଜ୍ଞତା ବଳରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଶେଷରେ ଉପସଭାପତି ରାୟ ଧନ୍ୟବାଦ ଦେଇଥିଲେ। ବିପିନ ସ୍ୱାଇଁ, ଚନ୍ଦ୍ରଶେଖର ସିଂହ, ଦୁର୍ଗାପ୍ରସାଦ ମହାନ୍ତି, ଅଜୟ ନାୟକ, ପ୍ରହ୍ଲାଦ ସାହୁଙ୍କ ସହ ଜିଲାର ୮ ବ୍ଲକର ଚାଷୀମାନେ ଏଥିରେ ଯୋଗ ଦେଇଥିଲେ।

## ଅନ୍ଧାରରେ ଜାରକା ଅସ୍ଥାୟୀ ବସ୍‌ଷ୍ଟାଣ୍ଡ

ଧର୍ମଶାଳା,୨୫।୪(ଡି.ଏନ.ଏ.): ୧୬ନଂ. ଜାତୀୟ ରାଜପଥର ଜାରକା ନୂତନ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ପରିସର ଅନ୍ଧାରରେ ରହିଛି। ଜାରକାଠାରେ ଜାତୀୟ ରାଜପଥ ପ୍ରଶସ୍ତୀକରଣ କାର୍ଯ୍ୟ ଶେଷ ହେବା ପରେ ରାଜପଥର ଉଭୟ ପାର୍ଶ୍ୱରେ ହାଇ ମାଷ୍ଟ ଲାଇଟର ବ୍ୟବସ୍ଥା କରାଯାଇଥିଲା। ହେଲେ ଗତ ଏକ ମାସ ହେବ ଆଉ ଲାଇଟଗଡ଼ିକ ଜଳୁନାହିଁ। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏହି ସ୍ଥାନଟି ଏକ ନିଛାଟିଆ ଅଞ୍ଚଳ। ଅନ୍ଧାରର ସୁଯୋଗ ନେଇ କେତେଜଣ ଦୁର୍ବୃତ୍ତ ବସ୍‌କୁ ଅପେକ୍ଷା କରି ରହିଥିବା ଯାତ୍ରୀଙ୍କୁ କମେଣ୍ଟ ମାରୁଥିବା ଅଭିଯୋଗ ହୋଇଛି। ଏତଦ୍‌ବ୍ୟତୀତ ଏଠାରେ ବସରୁ ଓହ୍ଲାଉଥିବା ଯାତ୍ରୀମାନେ ମଧ୍ୟ ନିରାପଦ ମଣୁନାହାନ୍ତି। ନିକଟରେ ସତସଙ୍ଗ କେନ୍ଦ୍ର ରହୁଥିବାରୁ ଭକ୍ତମାନେ ସନ୍ଧ୍ୟା ସମୟରେ ଯାତାୟାତ କରିବାକୁ ଭୟ କରୁଛନ୍ତି। ଏ ସମ୍ପର୍କରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ତେଣୁ ଜିଲା ପ୍ରଶାସନ ଯଥାଶୀଘ୍ର ଏହି ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି।

## ଲୋକନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆମ ଗାଁ ପାଠଶାଳା



ପାଠଶାଳା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର।

ପଟ୍ଟାମୁଣ୍ଡାଇ, ୨୫।୪(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଓ ଲୋକନାଥପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ମା' ଛୁଆଳିଆ ପୀଠରେ ଆମ ଗାଁ ପାଠଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ର ଅଭିଭାବକ, ଶିକ୍ଷୟିତ୍ରୀଶିକ୍ଷକମାନେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ସାକ୍ଷରତା ଓ ସଂଖ୍ୟାଜ୍ଞାନ ବିଷୟରେ ଘୋଡା ନାଚ ଓ ଚକୁଳିଆ ପଣ୍ଡା ପାରମ୍ପରିକ ନୃତ୍ୟ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ଲୋକନାଥପୁର ବିଦ୍ୟାଳୟ ଏଫଏଲଏନ୍ ଗୃହକୁ ଜିଲା ଶିକ୍ଷା ପ୍ରତିଷ୍ଠାନ ଅଧକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବ୍ରହ୍ମା ଉଦ୍‌ଘାଟନ କରିଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କବି ଶୁଭ୍ରାଂଶୁ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଆମ ଗାଁ ପାଠଶାଳା କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ପ୍ରତିଷ୍ଠାନ ଅଧକ୍ଷ ଡ. ବ୍ରହ୍ମା ମୁଖ୍ୟ ଅତିଥି, ଜିଲା ଶିକ୍ଷା ପ୍ରତିଷ୍ଠାନ ପ୍ରଶିକ୍ଷିକା ଲୋପାମୁଦ୍ରା ପଣ୍ଡା, ବିଆରସିସି ଚନ୍ଦ୍ରଶେଖର ତ୍ରିପାଠୀ, ଆଳି ବ୍ଲକ ଏବିଇଓ ଉଦକର ସାମଲ, ସିଆରସିସି ମଳୟ ଜେନା, ଗଙ୍ଗା ରାମପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ କବି, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅରକ୍ଷିତ ସାହୁ, ସମିତିସଭ୍ୟ ବିଶ୍ୱରନ ଭୂୟାଁ, ଶିକ୍ଷକନେତା ଗୋଲକ ମଲ୍ଲିକ, ସିଆରସିସି ରମେଶ ମହାନ୍ତି,ମନୋଜ ମୁଦୁଲି ଓ କଳାକର ସାହୁ ଅସୀମା ବେହୁରା, କଳ୍ପନା ସାହୁ, ଶିକ୍ଷକନେତା ଅକ୍ଷୟ ନନ୍ଦ, ନାଏବ ସରପଞ୍ଚ ସଞ୍ଜୟ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସ୍ୱରୂପ ଜେନା ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ସଞ୍ଜୀବ ତରାଇ ସ୍ୱାଗତ ଭାଷଣ, ସ୍ନିଗ୍ଧା ସୁଚରିତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଏଫଏନ୍‌ଏଲ ସମ୍ପର୍କିତ ଗୀତ, ନୃତ୍ୟ, ଗଳ୍ପ, କବିତା ଓ ଘୋଡା ନାଚ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଦୀପ୍ତିରେଖା ବେହେରା, ନେତ୍ରମଣି ଖଟୁଆ, ସ୍ନେହଲତା ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ବଜ୍ରପାତରେ ଜଳିଗଲା ୩ ବଖରା

ଭଣ୍ଡାରିପୋଖରୀ, ୨୫।୪ (ସ୍ୱ.ପ୍ର.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ନେରଡ଼ା ପଞ୍ଚାୟତ ମିଟୁଆଣି ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ବଜ୍ରପାତରେ ୩ ବଖରା ଚାଳ ଛପର ଘର ଜଳିଯାଇଛି। ଗ୍ରାମର ପ୍ରତାପ ମିଶ୍ରଙ୍କ ଘର ସହ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଖବର ପାଇ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ତଥା ସାମାଜିକ କର୍ମୀ ସୌମ୍ୟ ରଞ୍ଜନ ଜେନା ଅଗ୍ନିବିପନ୍ନଙ୍କ ପାଖରେ ପହଞ୍ଚି ପ୍ରାଥମିକ ସହାୟତା ଯୋଗାଇ ଦେଇଛନ୍ତି।

## ଖଣି କ୍ଷତିଗ୍ରସ୍ତ ଗଣମଞ୍ଚର ବିକ୍ଷୋଭ

କାଳିଆପାଣି,୨୫।୪(ଡି.ଏନ.ଏ.)

ସାରୁଆବିଲ ଓ କମର୍ଦା ଖଣିରୁ ଛଟେଇ ହୋଇଥିବା ଶ୍ରମିକଙ୍କୁ ଅବିଳମ୍ବେ ପୁନଃନିଯୁକ୍ତି, ଖଣି ପ୍ରଭାବିତ ଅଞ୍ଚଳର ବେକାର ଯୁବତୀଯୁବକଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି, ଖଣି କ୍ଷତିଗ୍ରସ୍ତ ଅଞ୍ଚଳରେ ଶିକ୍ଷା, ସାସ୍ଥ୍ୟ, ବିଦ୍ୟୁତ୍ ଓ ଗମନା ଗମନ ବ୍ୟବସ୍ଥା ସୁନିଶ୍ଚିତ କରିବା ଓ ଦୀର୍ଘଦିନ ଧରି ବସବାସ କରୁଥିବା ଲୋକଙ୍କୁ ଉଚ୍ଛେଦ କରିବା ପାଇଁ ଷଡ଼ଯନ୍ତ ବନ୍ଦ କରିବା ଆଦି ଦାବିରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସୁକିନ୍ଦା ଉପତ୍ୟକା ଖଣି କ୍ଷତିଗ୍ରସ୍ତ ଗଣମଞ୍ଚ ପକ୍ଷରୁ ଅନୁଷ୍ଠିତ ବିକ୍ଷୋଭରେ ଶତାଧିକ ଖଣି କ୍ଷତି ଗ୍ରସ୍ତ, ଛଟେଇ ଶ୍ରମିକ ସାମିଲ ହୋଇ ଟାଟା ଷ୍ଟିଲ ମାଇନିଙ୍ଗ ଲିମିଟେଡ୍‌ର କମର୍ଦା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ଶଙ୍କର ସିଧୁ ଅଧକ୍ଷତା କରି କମ୍ପାନୀର ଶ୍ରମିକମାରଣ ନୀତି ବିରୋଧରେ କଟୁ ସମାଲୋଚନା କରିଥିବାବେଳେ ଶ୍ରମିକ ନେତା ଜୟସେନ ମେହେର, ସୁରେଶ ପ୍ରଧାନ, ରମାକାନ୍ତ ମହାନ୍ତ, ବ୍ରଜବନ୍ଧୁ ରାଉତ, ରାମ ଚନ୍ଦ୍ର ମୁର୍ମୁ ଓ ରମେଶ ମୁଣ୍ଡା ପ୍ରମୁଖ କମ୍ପାନୀର ଏକ ପାଖିଆ ନିଷ୍ପତ୍ତିକୁ ସମାଲୋଚନା କରିଥିଲେ। ସାରୁଆବିଲ ଓ କମର୍ଦା ଖଣିର ମାଲିକନା ସତ୍ତ୍ୱ ପରିବର୍ତ୍ତନ ପରେ ଶହଶହ ଶ୍ରମିକ କାର୍ଯ୍ୟ ହରାଇଛନ୍ତି। ୨୦୨୦ରୁ ଛଟେଇ ହୋଇ ପୁନଃ ନିଯୁକ୍ତି ପାଇଁ ବର୍ତ୍ତମାନର ଖଣି ଲିଜ ତତ୍ତ୍ୱାଧିକାରୀ ଟାଟା ଷ୍ଟିଲ ମାଇନିଂ ବାରମ୍ବାର ସମୟ ଗଡ଼େଇ ଚାଲିଛି। ତେଣୁ ତୁରନ୍ତ ଉପରୋକ୍ତ ଦାବିଗୁଡ଼ିକ ପ୍ରତି ବିଚାର କରି ପୂରଣ କରାଯାଉ ବୋଲି କୁହାଯାଇଛି। କମ୍ପାନୀ ଟାଳଟୁଳ ନୀତି ଅବଲମ୍ବନ କଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଶ୍ରମିକ ନେତାମାନେ ଚେତାବନୀ ଦେଇଛନ୍ତି।

## ବରପଦା ମୁଖ୍ୟ ଗଡ଼ାଣି ମରାମତି ନ ହେଲେ ଧାରଣା

ପାଣିକୋଇଲି,୨୫।୪(ଡି.ଏନ.ଏ.):

କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ ବରପଦା ଗ୍ରାମର ମୁଖ୍ୟ ଗଡ଼ାଣୀ ୪ ଦିନ ମଧ୍ୟରେ ମରାମତି ନ ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ପକ୍ଷରୁ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ। ଏନେଇ ମଙ୍ଗଳବାର ୫ ନମ୍ବର ୱାର୍ଡସଭ୍ୟା ପ୍ରତିଭା ପରିଡ଼ା ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

ସେ ଦର୍ଶାଇଛନ୍ତି ଯେ, ବୈତରଣୀ ନଦୀ ବନ୍ଧରୁ ବରପଦା ଗ୍ରାମକୁ ଯାଇଥିବା ଗଡ଼ାଣି ରାସ୍ତାକୁ ଦୁଇ ମାସ ତଳେ କେତେଜଣ ଲୋକ ୧୦/୧୨ ଟ୍ରିପ ମାଟି ପକାଇ ଛାଡ଼ି ଦେଇଛନ୍ତି। ଫଳରେ ଯାତାୟାତ ବାଧାପ୍ରାପ୍ତ ହେଉଛି। ୨ ମାସ ହେବ ଏହାର ମରାମତି କରାଯାନାହିଁ କି ବାଲି ମୋରମ ପକାଯାଉନାହିଁ, ଯଦ୍ୱାରା ଆମ୍ବୁଲାନ୍ସ, ସ୍କୁଲ ବସ ଏମିତିକି ଡାକ୍ତରଖାନା ଯିବା ଆସିବା ମଧ୍ୟ କଷ୍ଟକର ହୋଇପଡୁଛି। ଉକ୍ତ କାର୍ଯ୍ୟ ସମ୍ପର୍କରେ ସାଧାରଣ ଲୋକଙ୍କ ଅବଗତି ନିମନ୍ତେ କୌଣସି ସୂଚନା ଫଳକ ନାହିଁ। କେବଳ ମାଟି ପକାଇ ଛାଡିଦେବା ଯୋଗୁ ଗ୍ରାମବାସୀ ଭୋଗୁଥିବା ଅବସ୍ଥା ନେଇ ବିଡିଓ ରଞ୍ଜନ କୁମାର ପରିଡ଼ାଙ୍କ ନିକଟରେ ୧୫ ଦିନ ତଳେ ଅଭିଯୋଗ କରାଯାଇଥିଲା। ମାତ୍ର ବିଡିଓଙ୍କ ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେରେ ଅଟକି ରହିଛି। ବର୍ଷା ହେବା ଯୋଗୁ ଗଡ଼ାଣିରେ ଯାତାୟାତ ଠପ ହୋଇଯାଇଛି। ରାସ୍ତାରେ ବାଲି ମୋରମ ପକାଇବା ପାଇଁ ୱାର୍ଡ ସଭ୍ୟା ଦାବି କରିଛନ୍ତି।



ବିଡିଓଙ୍କୁ ଅଭିଯୋଗ କରିବାକୁ ଆସିଥିବା ୱାର୍ଡ ସଭ୍ୟା।

## ମରାମତି ହେଉନି ଏଲ୍‌ଟି ଲାଇନ୍

ବାଲିଚନ୍ଦ୍ରପୁର,୨୫।୪(ସ୍ୱ.ପ୍ର.)

ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ବିଦ୍ୟୁତ୍ ଉପଖଣ୍ଡ ଅଧୀନରେ ଗ୍ରାମାଞ୍ଚଳରେ ଥିବା ଏଲ୍‌ଟି ଲାଇନ୍ ମରାମତି ହେଉନାହିଁ। ଫଳରେ କେତେକ ଜାଗାରେ ବିଦ୍ୟୁତ୍ ତାର ଝୁଲି ରହୁଥିବା ବେଳେ କେତେକ ସ୍ଥାନରେ ଗଛଡ଼ାଳ ପଡ଼ି ତାର ଶୋଇ ରହିଛି। ଅନେକସ୍ଥାନରେ ଟ୍ରାନ୍ସଫର୍ମରରେ ଲଟା ମାଡ଼ି ଯାଇଥିବା ଦେଖିବାକୁ ମିଳିଛି। ଏ ନେଇ ବାରମ୍ବାର ବିଦ୍ୟୁତ୍ କାଟ ହେବା ସାଙ୍ଗକୁ ଲୋ ଭୋଲଟେଜର ସମସ୍ୟା ଦେଖାଯାଉଛି। କର୍ମଚାରୀମାନେ ବୋଲେରୋ ଗାଡ଼ିରେ ଲମ୍ବା ସିଡ଼ି ବାନ୍ଧି ରାସ୍ତାର ଇଲେଭେନ୍ କେଭି ଲାଇନ୍ ତଦାରଖ କରି ପଳାଇ ଯାଉଛନ୍ତି। ଏଲ.ଟି ଲାଇନ୍ ଗୁଡ଼ିକ ବିପଦପୂର୍ଣ୍ଣ ଅବସ୍ଥାରେ ଥିବାର ଦୃଷ୍ଟି ଆକର୍ଷଣ କଲେ ବି ଶୁଣୁନାହାନ୍ତି କର୍ମଚାରୀ। ଚାରିନଙ୍ଗଳ ପଞ୍ଚାୟତ ବାହାଦୁରନଗର ପ୍ରାଥମିକ ବିଦ୍ୟାଳୟର ରାସ୍ତାରେ ସଂଯୋଗ ହୋଇଥିବା ବିଦ୍ୟୁତ୍ ତାର ଝୁଲି ରହିଛି। ବିଦ୍ୟାଳୟର କୁନି ଛାତ୍ରୀଛାତ୍ର ଖେଳ ଛୁଟିରେ ସେହି ଗଛରେ ଚଢୁଛନ୍ତି। ଗଛର ମଧ୍ୟ ଭାଗରେ ଝୁଲି ରହିଛି ବିଦ୍ୟୁତ୍ ତାର। ଯଦି କୌଣସି କୋମଳମତୀ ଛାତ୍ରୀଛାତ୍ର ଉକ୍ତ ତାର ସଂସ୍ପର୍ଶରେ ଆସିଯାଆନ୍ତି ତେବେ କ'ଣ ଯେ ଘଟିବ ତାହା କହିହେବ ନାହିଁ।

# ହିନ୍ଦୁ ସମାଜର ପ୍ରତିବାଦ ସଭା



ଏରସମା ହିନ୍ଦୁ ସମାଜ ପକ୍ଷରୁ ଅତିରିକ୍ତ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଉଛି।

ଏରସମା,୨୫।୪(ସ୍ୱ.ପ୍ର.)

ସମ୍ବଲପୁର ହନୁମାନ ଜୟନ୍ତୀ ଅବସରରେ ଗତ ୧୪ରେ ଅନୁଷ୍ଠିତ ଶୋଭାଯାତ୍ରାରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଆକ୍ରମଣ ଓ ଜଣେ ହିନ୍ଦୁଙ୍କୁ ହତ୍ୟା କରିବା ପ୍ରତିବାଦରେ ମଙ୍ଗଳବାର ଏରସମା ହିନ୍ଦୁ ସମାଜ ପକ୍ଷରୁ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ଧର୍ମ ଜାଗରଣ ସାମ୍ମୁଖ୍ୟର ଜିଲା ବୌଦ୍ଧିକ ପ୍ରମୁଖ ଦେବୀ ପ୍ରସାଦ ତ୍ରିପାଠୀ ଯୋଗ ଦେଇ ସଂଖ୍ୟାଲଘୁଙ୍କ ଦୌରାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମୀର ରଞ୍ଜନ ଦାଶ, ନାରାୟଣ ନନ୍ଦ, ଅମ୍ବିକା ପ୍ରସାଦ ମହାନ୍ତି, ନିବାରଣ ନାୟକ, କୃଷ୍ଣଚନ୍ଦ୍ର ଘଡାଇ, ସୂର୍ଯ୍ୟକାନ୍ତ ନନ୍ଦ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଶିବବ୍ରତ ଦାସ, ନୃସିଂହ ସାହୁ, ନିର୍ଲିପ୍ତ ଜେନା, ଜଟାଧାରୀ ସ୍ୱାଇଁ ଓ ନିରାକାର ସ୍ୱାଇଁ ପ୍ରମୁଖ ସାମିଲ ହୋଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏଥିସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ତହସିଲଦାର ରଞ୍ଜନ ମହାନ୍ତିଙ୍କୁ ପ୍ରଦାନ କରିଥିଲେ।

# ୩ୟ ପର୍ଯ୍ୟାୟରେ ୧୦୭ ହାଇସ୍କୁଲ ରୂପାନ୍ତରଣ

ଜଗତ୍‌ସିଂହପୁର ଅଫିସ/ତିର୍ତ୍ତୋଲ/ ଏରସମା,(ଡି.ଏନ୍.ଏ./ସ୍ୱ.ପ୍ର.)୨୫।୪

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଲୋକସଭା ଭବନରୁ ତୃତୀୟ ପର୍ଯ୍ୟାୟରେ ୪ ଜିଲାର ୩୫୬ଟି ୫-ଟି ହାଇସ୍କୁଲର ରୂପାନ୍ତରଣକୁ ଆଭାସୀ ମାଧ୍ୟମରେ ଲୋକାର୍ପିତ କରିଛନ୍ତି। ସେଥିମଧ୍ୟରୁ ଜଗତ୍‌ସିଂହପୁର ଜିଲାର ୧୦୭ଟି ହାଇସ୍କୁଲ ରହିଛି। ଜିଲାର ଏହି ହାଇସ୍କୁଲଗୁଡ଼ିକ ମଧ୍ୟରୁ ବାଲିକୁଦା ବ୍ଲକର ୧୨, ବିରିଡ଼ି ୮, ଏରସମା ୨୧, ଜଗତ୍‌ସିଂହପୁର ୧୮, କୁଜଙ୍ଗ ୨୧, ନାଉଗାଁ ୫, ରଘୁନାଥପୁର ୮ ଓ ତିର୍ତ୍ତୋଲର ୧୪ ହାଇସ୍କୁଲ ଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ଉପରୋକ୍ତ ୫-ଟି ହାଇସ୍କୁଲଗୁଡ଼ିକୁ ଲୋକାର୍ପଣ କରିବା ଅବସରରେ ଭିତ୍ତିଭୂମିର ବିକାଶ ସାଙ୍ଗକୁ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ସମୟରେ ୫-ଟି ସଚିବ ଭି. କେ. ପାଣ୍ଡିଆନ ଓ ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିବାବେଳେ ଓସେପା ସଂଯୋଜକ ଅନୁପମ ଶାହା ଧନ୍ୟବାଦ ଦେଇଥିଲେ। ଏ ନେଇ ତିର୍ତ୍ତୋଲ ବ୍ଲକର ମଣିଜଙ୍ଗା ହାଇସ୍କୁଲ ପରିସରରେ ଅନୁଷ୍ଠିତ ଲୋକାର୍ପଣ ଉତ୍ସବରେ ଜିଲାପାଳ ପାରୁଲ ପଟୱାରୀ ପୌରୋହିତ୍ୟ କରି କହିଥିଲେ, ଜିଲାରେ ପ୍ରଥମ ପର୍ଯ୍ୟାୟରେ ୧୪, ଦ୍ୱିତୀୟ ପର୍ଯ୍ୟାୟରେ ୭୫ ଓ ତୃତୀୟ ପର୍ଯ୍ୟାୟରେ



ତିର୍ତ୍ତୋଲ ବ୍ଲକ ମଣିଜଙ୍ଗା ହାଇସ୍କୁଲଠାରେ ଆୟୋଜିତ ରୂପାନ୍ତରଣ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

୧୦୭ ଏପରି ମୋଟ ୧୯୬ଟି ହାଇସ୍କୁଲ ୫-ଟିରେ ରୂପାନ୍ତରିତ ହେଲା। ଏସବୁ ହାଇସ୍କୁଲରେ ୨ଟି ଲେଖାଏ ସ୍ମାର୍ଟ କ୍ଲାସ୍ ରୁମ୍, ଇ-ଲାଇବ୍ରେରୀ, ଉନ୍ନତମାନର ବିଜ୍ଞାନାଗାର, କ୍ରୀଡ଼ା ଭିତ୍ତିଭୂମିର ବିକାଶ, ଝିଅ ଓ ପୁଅଙ୍କ ପାଇଁ ଉନ୍ନତ, ପ୍ରଶାସନ ଗୃହ, ପାନୀୟ ଜଳ ଆଦି ଯୋଗାଇବା ସହ ସୁନ୍ଦର ପରିବେଶ ସୃଷ୍ଟି କରାଯାଉଛି। ସଭାରେ ୯ମ ଶ୍ରେଣୀ ଛାତ୍ରୀ ସ୍ୱାତୀସ୍ନିଗ୍ଧା ଆଚାର୍ଯ୍ୟ କହିଥିଲେ, ଆମେ ଆଜି ସ୍ମାର୍ଟ ସ୍କୁଲର ସ୍ମାର୍ଟ ଛାତ୍ରୀ। ମୁଖ୍ୟମନ୍ତ୍ରୀଙ୍କୁ ପ୍ରତିଶ୍ରୁତି ଦେଉଛୁ ଆମେ ପଢ଼ିବୁ, ଗଢିବୁ ଓ ଶ୍ରେଷ୍ଠ ହେବୁ। ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପ ପାଇଁ ସେ କୃତଜ୍ଞ ବୋଲି କହିଥିଲେ। ସରକାରୀ ଦଳ ମୁଖ୍ୟ ସଚେତକ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି କହିଥିଲେ, ଶିକ୍ଷା, ସଂସ୍କୃତି, ସ୍ୱାସ୍ଥ୍ୟ, ଗମନାଗମନ ଓ ବିପର୍ଯ୍ୟୟ ପରିଚାଳନାରେ ଆମ ରାଜ୍ୟ ଏକ ନମ୍ବର। ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶିତା ଓ ଠିକ ମାର୍ଗଦର୍ଶନ ଯୋଗୁ ଏହା ସମ୍ଭବ ହୋଇପାରିଛି। ଲୋକାର୍ପଣ ଉତ୍ସବରେ ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଓ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ବରିଷ୍ଠ ବୈଷୟିକ ପରାମର୍ଶଦାତା ଶୁଭେନ୍ଦୁ ବରାଳ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟଙ୍କ ସମେତ ତିର୍ତ୍ତୋଲ ବିଡିଓ, ବ୍ଲକ ଅଧକ୍ଷ, ସ୍ଥାନୀୟ ଲୋକ ପ୍ରତିନିଧି, ଶିକ୍ଷୟିତ୍ରୀଶିକ୍ଷକ, ଲୋକାର୍ପିତ ବିଦ୍ୟାଳୟ ଏସ୍‌ଏମ୍‌ସି ଓ ପୁରାତନ ଛାତ୍ର ସଙ୍ଗଠନର ସଭାପତିମାନେ ଉପସ୍ଥିତ ଥିଲେ। ଜିଲାର ଅବଶିଷ୍ଟ ହାଇସ୍କୁଲଗୁଡ଼ିକ ୪ର୍ଥ ପର୍ଯ୍ୟାୟରେ ୫-ଟିରେ ରୂପାନ୍ତରିତ ହେବ ବୋଲି ଏହି ଅବସରରେ ସୂଚନା ଦିଆଯାଇଥିଲା।

## ସଂକ୍ଷେପରେ

### ଗୋଷ୍ଠୀ ସଂଘର୍ଷରେ ୭ ଆହତ, ୬ ଗିରଫ

ଆସିକା, ୨୫।୪ (ଡି.ଏନ୍.ଏ): ଗାଙ୍ଗପୁର ଥାନା ଅନ୍ତର୍ଗତ ସିଙ୍ଗିପୁର ଓ ମୁନିଗାଡି ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ଆକ୍ରମଣ ଓ ପ୍ରତିଆକ୍ରମଣ ଘଟଣାରେ ଉଭୟ ପକ୍ଷର ୭ଜଣ ଆହତ ହୋଇଛନ୍ତି। ଏହି ଘଟଣାକୁ ନେଇ ଉଭୟ ପକ୍ଷ ପରସ୍ପର ବିରୁଦ୍ଧରେ ଗାଙ୍ଗପୁର ପୋଲିସରେ ଅଭିଯୋଗ କରିଛନ୍ତି। ଗୋଟିଏ ପକ୍ଷର ମୁନିଗାଡି ଗ୍ରାମର ସୁକୁଟା ପାତ୍ରଙ୍କ ଅଭିଯୋଗ କ୍ରମେ ପୋଲିସ ଗାଙ୍ଗପୁର ଥାନାରେ ୨୯୩/୨୩ରେ ଏକ ମାମଲା ରୁଜୁ କରିଛି। ଏହି ମାମଲାରେ ସିଙ୍ଗିପୁର ଗ୍ରାମର ରଞ୍ଜିତ କୁମାର ଜେନା, ବସନ୍ତ କୁମାର ଜେନା, ଜିତେନ୍ଦ୍ର କୁମାର ଜେନା ଓ ରାଜେନ୍ଦ୍ର ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେହିଭଳି ସିଙ୍ଗିପୁର ଗ୍ରାମର ବାପୁଜୀ ସାହୁଙ୍କ ଅଭିଯୋଗ କ୍ରମେ ପୋଲିସ ପକ୍ଷରୁ ୨୯୪/୨୩ରେ ଅନ୍ୟ ଏକ ମାମଲା ରୁଜୁ କରାଯାଇ ମୁନିଗାଡି ଗ୍ରାମର ବାସୁ ପାତ୍ର ଓ ପାଣ୍ଡବ ପାତ୍ରଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ସୋମବାର ରାତିରେ ସିଙ୍ଗିପୁର ଗ୍ରାମରେ ଚାଲିଥିବା ଏକ ମେଲୋଡି ଦେଖିବାକୁ ଯାଇଥିଲା ବେଳେ ମୁନିଗାଡି ଗ୍ରାମର ସୁକୁଟା ପାତ୍ର, ବାସୁ ପାତ୍ର, ପାଣ୍ଡବ ପାତ୍ର, ବନମାଳି ପାତ୍ର ଓ ବୁଲୁ ପାତ୍ରଙ୍କୁ ଗ୍ରାମର କେତେକ ଯୁବକ ନିର୍ଘୁମ ମାଡ ମାରିଥିଲେ। ଏହି ଘଟଣାକୁ ନେଇ ମଙ୍ଗଳବାର ସକାଳେ ଗୋଷ୍ଠୀ ସଂଘର୍ଷ ହୋଇଥିଲା।

### ଇତିହାସ ବିଭାଗର ଜନସଚେତନତା

ହିଞ୍ଜିଳିକାଟୁ ,୨୫।୪(ଡି.ଏନ୍.ଏ): ହିଞ୍ଜିଳିକାଟୁ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ଇତିହାସ ବିଭାଗ ତରଫରୁ 'ମୋବାଇଲର ଅପବ୍ୟବହାର' ଶୀର୍ଷକ ଏକ ଜନସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି। ସରପଞ୍ଚ ରଶ୍ମିତା ପ୍ରଧାନ, ରିନା ପୋଲାଇ ଓ ଅନ୍ୟାନ୍ୟ ନେତୃବୃନ୍ଦ ଓ ବୁଦ୍ଧିଜୀବୀମାନେ ଯୁବ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଇତିହାସ ବିଭାଗର ଛାତ୍ରଛାତ୍ରୀ ଜଗନ୍ନାଥ ଜେନା, ସାଗରିକା ବେହେରା, ରାଜେନ୍ଦ୍ର ଡାକୁଆ,ପ୍ରସାଦ ପଣ୍ଡା,ପବିତ୍ର କୁମାର୍ ସାହୁ, ଉଷାରାଣୀ ପ୍ରଧାନ ପ୍ରମୁଖ ଏକ ପଥପ୍ରାନ୍ତ ନାଟକ ଜରିଆରେ ମୋବାଇଲର ଅପବ୍ୟବହାର ଓ ଉଶୃଙ୍ଖଳିତ ହେବା ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଉପସ୍ଥାପନ କରିଥିଲେ। ବିଭାଗୀୟ ମୁଖ୍ୟ ଡକ୍ଟର ବବିତା ପାତ୍ର, ଅକ୍ଷୟ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମକୁ ଇତିହାସ ବିଭାଗର ସମସ୍ତ ଛାତ୍ରଛାତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

### ଠକେଇ ଅଭିଯୋଗରେ ୨ ଗିରଫ

ବୁଗୁଡ଼ା,୨୫।୪(ଡି.ଏନ.ଏ.)-ବୁଗୁଡ଼ା ଥାନା ଅନ୍ତର୍ଗତ ଉଦୟପୁର ଗ୍ରାମରେ ଆଧାର ଲିଙ୍କ୍ ନାମରେ ଠକେଇ ଅଭିଯୋଗରେ ୨ ଜଣଙ୍କୁ ଗିରଫ କରି ପୋଲିସ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଫୁଲବାଣୀ ଟାଉନର ଅମିତ କୁମାର ମହାପାତ୍ର ଓ ନୟାଗଡ ଜିଲା ଓଡଗାଁ ଟାଙ୍ଗିସାହିର ଆକାଶ ବେହେରାପ୍ରକାଶ ଯେ, ବୁଗୁଡ଼ା ବ୍ଲକ କରସିଙ୍ଗି ପଞ୍ଚାୟତ ଅନ୍ତର୍ଗତ ଉଦୟପୁର ଗ୍ରାମ ଏବଂ ଏହାର ଆଖପାଖରେ କମ୍ ଘର ଥିବା ଛୋଟ ଛୋଟ ଗାଁଗୁଡିକର ଲୋକଙ୍କୁ ବ୍ଲକ୍ କର୍ମଚାରୀଙ୍କ ପରିଚୟ ଦେଇ ସେମାନଙ୍କଠାରୁ ଆଧାର ଲିଙ୍କ୍ ନାମରେ ଫିଙ୍ଗର୍ ପ୍ରିଣ୍ଟ ନେଇ ଠକେଇ କରିଥିବା ନେଇ କିଛି ଯୁବକଙ୍କ ବିରୋଧରେ ବୁଗୁଡ଼ା ଥାନାରେ ଗତ ଫେବୃୟାରୀରେ ଅଭିଯୋଗ ହୋଇଥିଲା।

# ଗଣିଆ ତହସିଲଦାରଙ୍କ ବିରୋଧରେ ଏତଲା

**ନୟାଗଡ଼ ଅଫିସ/ଗଣିଆ, ୨୫।୪(ଡି.ଏନ.ଏ.)**

ଇଟା ପକାଇବାକୁ ଅମିନଙ୍କୁ ଲାଞ୍ଚ ନ ଦେବାରୁ ନୟାଗଡ଼ ଜିଲା ଗଣିଆ ଥାନା ପତଣ୍ଡା ଗାଁର ବିଳାସିନୀ ନାୟକ ନାମ୍ନୀ ଜଣେ ଦଳିତ ମହିଳାଙ୍କ ଘରକୁ ଗତ ୧୭ ତାରିଖରେ ଗଣିଆ ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ ଆଳରେ ଭାଙ୍ଗି ଦିଆଯିବା ପରେ ବିବାଦ ବଢୁଛି । ମଙ୍ଗଳବାର ଗଣିଆ ତହସିଲଦାର ପୁଣି ପତଣ୍ଡାରେ ପହଞ୍ଚି ଜବରଦଖଲକାରୀଙ୍କ ପରିବାରର ବିଳାସିନିଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଓ ଜାତିଆଣ ଅକ୍ଷେପ କରିଥିବା ଅଭିଯୋଗ ହୋଇଛି। ଏନେଇ ରାଷ୍ଟ୍ରୀୟ ସମାଜସେବୀ ପରିଷଦ(ଆରଏସପି)ର ରାଜ୍ୟ ସଭାପତି କୁଞ୍ଜ ବିହାରୀ ବେହେରାଙ୍କ ନେତୃତ୍ୱରେ ଏକ ଦଳ ଗଣିଆ ଥାନାରେ ପହଞ୍ଚି ଭୂମିହୀନ ପରିବାର ଉପରେ ନିର୍ଯାତନା ନେଇ ଫେରାଦ୍ ହୋଇଛନ୍ତି।

ଅପରପକ୍ଷେ ତହସିଲଦାର ଜାତିଆଣ ଆକ୍ଷେପ ସହ ଅଶ୍ଳୀଳ ଗାଳିଗୁଲଜ କରିବା ନେଇ ବିଳାସିନୀ ଗଣିଆ ଥାନାରେ ଏତଲା ଦେଇଛନ୍ତି । ସେହିପରି ଆରଏସ୍‌ପି ପକ୍ଷରୁ ପୁଣି ନୟାଗଡ଼ ଜିଲାପାଳ ଓ ଏସ୍‌ପିଙ୍କୁ ଭେଟି ବାସହୀନ ପରିବାର ଉପରେ ଗଣିଆ ତହସିଲଦାରଙ୍କ ନିର୍ଯାତନା ଓ ଜୁଲମ ନେଇ ଫେରାଦ୍ ହୋଇଛନ୍ତି। ବାସହୀନ ଦଳିତ ପରିବାରକୁ ନ୍ୟାୟ ନ ମିଳିଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି ।


ତହସିଲଦାରଙ୍କ ବିରୋଧରେ ଗଣିଆ ଥାନାରେ ଏତଲା ଦିଆଯାଉଛି।

**ଲାଞ୍ଚ ନ ଦେବାରୁ ଜବରଦଖଲ ଉଚ୍ଛେଦ ପ୍ରସଙ୍ଗ**

■ ଜିଲାପାଳ, ଏସ୍‌ପିଙ୍କୁ ଭେଟିଲେ ଆରଏସ୍‌ପି କର୍ମକର୍ତ୍ତା

ପତଣ୍ଡା ଗାଁର ବିଳାସିନୀ ନାୟକଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଶ୍ୱଶୁର ଗୌରାଙ୍ଗ ନାୟକଙ୍କ ସମେତ ୩ ଭାଇଙ୍କ ନାଁରେ ଗାଁରେ ଦେଢ଼ ଡିସିମିଲି ଜମି ରହିଛି । ସେହି ଜମିରେ ଶ୍ୱଶୁରଙ୍କ ୨ ଭାଇ ରହି ଆମକୁ ତଡି ଦେଇଥିଲେ । ସ୍ୱଳ୍ପ ଜମିରେ ଦୁଇ ଶ୍ୱଶୁରଙ୍କ ପରିବାର ରହିବା ମଧ୍ୟ ଅସୁବିଧା ହୋଇଥିଲା । ପରେ ଆମ ପରିବାର ୪୦ ବର୍ଷ ହେଲା ପତଣ୍ଡାର ଖାତା ନଂ. ୧୯୧, ୧୨୩୬ ନଂ. ପ୍ଲଟର ୪ ଏକର ସରକାରୀ ଜମିରେ ଘର କରି ରହି ଆସୁଥିଲୁ । ସ୍ୱାମୀ ବଲ୍ଲଭଙ୍କ ନାଁରେ ୫୦/୨୦୦୯ରେ ଓ ଶ୍ୱଶୁର ଗୌରାଙ୍ଗ ନାୟକଙ୍କ ନାଁରେ ୫୧/୨୦୦୯ରେ ଦୁଇଟି ପୃଥକ ଏନକ୍ରୋଚମେଣ୍ଟ କେଶ ହୋଇଛି । ସରକାରୀ ଭାବେ ପଟ୍ଟା ଦିଆଯିବ ବୋଲି ବିଭିନ୍ନ ସମୟରେ ତହସିଲଦାର କହୁଥିଲେ । ହେଲେ କେହି ଜବରଦଖଲ ଉଚ୍ଛେଦ କରୁ ନ ଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ଆସିବା ପରେ ଘର କରିବା ପାଇଁ ଇଟା ପକାଇବା ସ୍ଥିର କରିଥିଲୁ । ଇଟା ପକାଇବାକୁ ପାଇଁ ରୟାଲିଟି ବାନ୍ଧି ଆରଆଇଙ୍କ ଅନୁମତି ପାଇଁ ପୁଅକୁ ଆରଆଇ ଅଫିସକୁ ପଠାଇଥିଲି। ଆରଆଇ ଅନୁପସ୍ଥିତ ଥିବାବେଳେ ଗଣିଆ ତହସିଲର ଅମିନ ସୁଦୀପ ପଟ୍ଟନାୟକ ଆରଆଇ କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ । ଇଟା ପକାଇବାକୁ ରସିଦ୍ କାଟିବାକୁ ଆସିଥିବା ନେଇ କହିବାରୁ ରସିଦ୍ ଦରକାର ନାହିଁ ୨୦ ହଜାର ଲାଞ୍ଚ ଦେବାକୁ ଅମିନ କହିଥିଲେ । ଲାଞ୍ଚ ଦେବାର ଅସହାୟତା ପ୍ରକାଶ କରିବା ପରେ ଆବାସ ଯୋଜନାରେ ଘର କରି ପାରିବ ନାହିଁ କହିଥିଲେ । ତହସିଲଦାରଙ୍କୁ କହି ସରକାରୀ ଜମିରୁ ଘର ଭାଙ୍ଗି ଦେବେ ବୋଲି ଧମକ ଦେଇଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଇଟା ପକାଇବା ପରେ ଅନୁମତି ନ ଦେଇ ଇଟା କିପରି ପକାଉଛ କହି ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ । ଏନେଇ ଫେବୃୟାରୀ ୧୩ରେ ଅମିନଙ୍କ ନାଁରେ ଗଣିଆ ଥାନାରେ ଅଭିଯୋଗ କରିବା ପରେ ୨୯୪ ଓ ୫୦୬ ଆଇପିସି, ୩(ଆଇ)(ଆର)/୩(୨)(ଆଇ)(ଏସ), ଏସସିଏସଟି ଆକ୍ଟରେ ୧୭/୨୦୨୩ରେ ମାମଲା ରୁଜୁ ହୋଇଛି ।

ନୟାଗଡ଼ ଏସ୍‌ଡିପିଓ ଓ ଏସ୍‌ପି ଘଟଣାର ତଦନ୍ତ କରୁଥିଲେ ହେଁ କାର୍ଯ୍ୟାନୁଷ୍ଠାନ ନାହିଁ । ସେପଟେ ଅମିନ ଗଣିଆ ତହସିଲଦାରଙ୍କୁ ହାତ କରି ଘର ଭଙ୍ଗା ନୋଟିସ୍ ବଲ୍ଲଭ ନାୟକଙ୍କ ନାଁରେ ପଠାଇ ୨ ଜଣଙ୍କ ଘରକୁ ଜବରଦଖଲ ଉଚ୍ଛେଦ କରିଛନ୍ତି । ପୁଣି ଇଟା ପକାଇବା ପାଇଁ ରଖିଥିବା ୧୦ ଟ୍ରିପ ଜାଳେଣି କାଠକୁ ବନବିଭାଗ ସହାୟତାରେ ନେଇଯାଇଛନ୍ତି । ଘର ନ ଭାଙ୍ଗିବା, ଆବାସ ଯୋଜନାରେ ଘର କରିବା, ଅମିନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା, ଅମିନଙ୍କ ବିରୋଧରେ ମାମଲା ରୁଜୁ ପରେ ପଦକ୍ଷେପ ନିଆ ନ ଯିବା ନେଇ ବିଭିନ୍ନ ସମୟରେ ଜିଲାପାଳ, ଏସ୍‌ପି, ନୟାଗଡ଼ ଓ ଦଶପଲ୍ଲା ବିଧାୟକଙ୍କୁ ଭେଟି ଅବଗତ କରାଇଥିଲି। ହେଲେ ଅମିନଙ୍କ ଜିଦ୍ ରହିଲା । ଲାଞ୍ଚ ନ ଦେବାରୁ ମୋ ଘରକୁ ଭାଙ୍ଗି ରାଗ ପରିଶୋଧ କରାଗଲା । ମୋ ପରିବାର ଗଛମୂଳେ ରହିଥିବାବେଳେ ଗତ ୧୭ ତାରିଖରେ ପୁଣି ତହସିଲଦାର ଆସି ଅସ୍ଥାୟୀ ପାନୀୟ ଜଳ ସଂଯୋଗକୁ ବିଚ୍ଛିନ୍ନ କରିଛନ୍ତି । ମଙ୍ଗଳବାର ପୁଣି ତହସିଲଦାର ଅଶ୍ଳୀଳ ଗାଳିଗୁଲଜ କରି ଜାତିଆଣ ଆକ୍ଷେପ କରିଛନ୍ତି ବୋଲି କହିଛନ୍ତି ।

**ଦମ୍ପତିଙ୍କ ନାଁରେ ମାମଲା**

ପତଣ୍ଡାର ବିଳାସିନୀ ନାୟକ ଓ ସ୍ୱାମୀ ବଲ୍ଲଭ ନାୟକଙ୍କ ନାଁରେ ଗଣିଆ ଥାନାରେ ମାମଲା ହୋଇଛି । ଏନେଇ ଗଣିଆ ଥାନା ଅଧିକାରୀ ବିମଳ ମଲ୍ଲିକଙ୍କ ସୂଚନା ଅନୁସାରେ ଜବରଦଖଲ ସମ୍ପର୍କରେ କିଶୋରପ୍ରସାଦ ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟଙ୍କ ଅଭିଯୋଗ ପରେ ମାମଲା ହୋଇଛି । ତେବେ ଗଣିଆ ତହସିଲଦାରଙ୍କ ନାଁରେ ଅଭିଯୋଗ ହୋଇଛି । ସେହିପରି ଗଣିଆ ତହସିଲଦାର କିଶୋର କୁମାର ପଣ୍ଡା କୁହନ୍ତି, ଜବରଦଖଲ ବେଆଇନ ଥିବାରୁ ଘର ଭଙ୍ଗାଗଲା । ଏହି ଘଟଣାକୁ ଅଯଥାରେ ହାଇଲାଇଟସ୍ କରାଯାଉଛି । ମୋତେ ଅଯଥାରେ ଫସାଇବାକୁ ଉଦ୍ୟମ ହେଉଛି । ଆଇନ ତା'ବାଟରେ ଯାଉଛି ବୋଲି କହିଥିଲେ ।

## ସାଢେ ୫ କିମି ରାସ୍ତା ପାଇଁ ୫ କୋଟି ୪୧ ଲକ୍ଷ ଅନୁଦାନ


ରାସ୍ତା ସଂପ୍ରସାରଣ ପାଇଁ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

**ଦାରିଙ୍ଗବାଡି,୨୫।୪(ଡି.ଏନ.ଏ)**

କନ୍ଧମାଳ ଜିଲା ସୀମାବର୍ତ୍ତୀ ଗଞ୍ଜାମ ଜିଲାର ସୋରଡ଼ା ବ୍ଲକ ସାଲିମାଗୋଛାଠାରୁ ଦାରିଙ୍ଗବାଡି ବ୍ଲକ ଦୁର୍ଗମ କାଟିଙ୍ଗିଆ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ କରାଯିବ। ଏଥିପାଇଁ ମଙ୍ଗଳବାର ସାଲିମାଗୋଛା ଠାରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଏବଂ ଜି. ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ପ୍ରମୁଖ ଯୋଗଦେଇ ଏହାର ଭିତ୍ତି ପ୍ରସ୍ତର କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ସାଢେ ୫ କିଲୋମିଟର ରାସ୍ତା ପାଇଁ ମୋଟ ୫ କୋଟି ୪୧ ଲକ୍ଷ ଅନୁଦାନ ରହିଛି। ଏହି ରାସ୍ତା ସମ୍ପ୍ରସାରଣ ହେଲେ ଦୁର୍ଗମ ବାମୁଣୀଗାଁ ଥାନା ଅଞ୍ଚଳର କାଟିଙ୍ଗିଆ ସମେତ ୮ଟି ପଞ୍ଚାୟତ ଏବଂ ପଡୋଶୀ ଗଜପତି ଜିଲାର ପାଣିଗଣ୍ଡାଆଦି ପଞ୍ଚାୟତର ଜନସାଧାରଣ ଉପକୃତ ହେବେ। କାର୍ଯ୍ୟକ୍ରମରେ କନ୍ଧମାଳ ଓ ଗଞ୍ଜାମ ଜିଲା ସୋରଡ଼ା ଅଞ୍ଚଳରୁ ଶତାଧିକ ଲୋକ ଯୋଗଦେବା ସହ ଲୋକ ପ୍ରତିନିଧିଭାବେ ସୋରଡ଼ା ଏନଏସି ଅଧ୍ୟକ୍ଷ, ଶିବଶଙ୍କର ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ସମରେନ୍ଦ୍ର କୁମାର ସାହୁ, ପ୍ରଫୁଲ୍ଲ ମହାକୁଡ଼, ରାମ ଶବର, ସୋରଡ଼ା ବିଜେଡି ବ୍ଲକ ସଭାପତି ବସନ୍ତ କୁମାର ସ୍ୱାଇଁ, ନଗର ବିଜେଡି ସଭାପତି ସଞ୍ଜୀବ ଅଧିକାରୀ ପ୍ରମୁଖ ଯୋଗଦାନ କରିଥିଲେ। ସେହିପରି ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ ଦାରିଙ୍ଗବାଡି ପରପାଙ୍କାଠାରେ ନୂତନ ଗୋଷ୍ଠୀ କେନ୍ଦ୍ରର ଶୁଭ ଉଦଘାଟନ କରିଛନ୍ତି।

## ଏମ୍‌କେସିଜିରେ ପୋଲିସ କର୍ମଚାରୀଙ୍କୁ ସ୍ୱତନ୍ତ୍ର ଚିକିତ୍ସା

**ବ୍ରହ୍ମପୁର ଅଫିସ,୨୫।୪**

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି) ମେଡିକାଲରେ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କ ସ୍ୱତନ୍ତ୍ର ଚିକିତ୍ସା ଆରମ୍ଭ ହୋଇଛି। ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି ସତ୍ୟବ୍ରତ ଭୋଇଙ୍କ ପ୍ରଚେଷ୍ଟାରେ ପୋଲିସ କର୍ମଚାରୀଙ୍କ ଏଭଳି ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ବ୍ରହ୍ମପୁର ପୋଲିସ ଜିଲାରେ କାର୍ଯ୍ୟରତ ୪୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ପୋଲିସ କର୍ମଚାରୀଙ୍କୁ ଶାରୀରିକ ଓ ମାନସିକ ଫିଟ୍ (ସୁସ୍ଥ)ରଖିବା ପାଇଁ ଏଭଳି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏଥିପାଇଁ ଏମକେସିଜି କର୍ତ୍ତୃପକ୍ଷ ଓ ବ୍ରହ୍ମପୁର ପୋଲିସ ଜିଲା ମଧ୍ୟରେ ଏକ ଚୁକ୍ତିନାମା ହୋଇଛି। ଏହି ୫୩୮ ଜଣଙ୍କ ମଧ୍ୟରେ କନଷ୍ଟେବଲଙ୍କ ଠାରୁ ଆରମ୍ଭ କରି ଏଏସଆଇ, ଏସଆଇ, ଇନ୍ସପେକ୍ଟର, ଡିଏସପି, ଏସଡିପିଓ, ଅତିରିକ୍ତ ଏସପି ରହିଛନ୍ତି। ଏମକେସିଜି ମେଡିକାଲ ଓ ପୋଲିସ ମଧ୍ୟରେ ହୋଇଥିବା ଚୁକ୍ତି ଅନୁସାରେ ପ୍ରତ୍ୟେକ ଦିନ ୨୦ ଜଣ ପୋଲିସ କର୍ମଚାରୀ ଏମକେସିଜି ମେଡିକାଲକୁ ଯାଇ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରିବେ। ସୋମବାର ପ୍ରଥମ ଦିନରେ ୨୫ଜଣ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ବ୍ରହ୍ମପୁର ଏସପି ଡା.ଶ୍ରବଣା ବିବେକ ଏମ.ଙ୍କ ଠାରୁ ସୂଚନା ମିଳିଛି। ଏହି ସ୍ୱାସ୍ଥ୍ୟ ପରୀକ୍ଷା ଏକ ମାସ ଧରି ଚାଲୁ ରହିବ। ପୋଲିସ କର୍ମଚାରୀଙ୍କ ପରୀକ୍ଷା ନିରୀକ୍ଷା ପାଇଁ ଏମକେସିଜି ମେଡିକାଲର ଜଣେ ହସ୍ପିଟାଲ ପ୍ଲାନେଜର ଓ ବ୍ରହ୍ମପୁର ପୋଲିସ ଜିଲାର ଜଣେ ଅଧିକାରୀ ସଂଯୋଜକ ଭାବେ କାର୍ଯ୍ୟ କରିବେ।

## ନବୋଦୟ ଛାତ୍ରୀ ମୃତ୍ୟୁର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି



କ୍ରାଇମବ୍ରାଞ୍ଚ ତଦନ୍ତ ଦାବିରେ ବିକ୍ଷୋଭ।

**ପାରଳାଖେମୁଣ୍ଡି, ୨୫।୪ (ଡି.ଏନ୍.ଏ)**

ନବୋଦୟ ଛାତ୍ରୀ ସୌଦାମିନୀ ରଇତଙ୍କ ମୃତ୍ୟୁକୁ ନେଇ ଥମୁନି ଉତ୍ତେଜନା । ସିପିଆଇ ନେତୃତ୍ୱରେ ମଙ୍ଗଳବାର ପୁଣି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ମୃତ ସୌଦାମିନୀଙ୍କ ଆତ୍ମୀୟ ସ୍ୱଜନ। ଏକ ଶୋଭାଯାତ୍ରାରେ ବାହାରି ସହରର ପରିକ୍ରମା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ନିର୍ଜଳ ଆମରଣ ଅନଶନରେ ବସିଛନ୍ତି ମୃତ ସୌଦାମିନୀଙ୍କ ମା' ସୁଜ୍ଞାନୀ ଗମାଙ୍ଗ। କ୍ଷତିପୂରଣ ବାବଦକୁ ୫୦ଲକ୍ଷ ଦିଆଯାଉ, ପରିବାର ଲୋକଙ୍କୁ ଚାକିରି ଦିଆଯାଉ ବୋଲି ଦାବି କରିଛନ୍ତି। ସୌଦାମିନୀଙ୍କ ମୃତ୍ୟୁରେ ନବୋଦୟ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସମ୍ପୃକ୍ତି ରହିଥିବା ଅଭିଯୋଗ କରିଛନ୍ତି। ଏହାର କ୍ରାଇମବ୍ରାଞ୍ଚ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଗତ ଫେବୃଆରୀ ୧୮ ତାରିଖ ବିଳମ୍ବିତ ରାତିରେ ନବୋଦୟ ବିଦ୍ୟାଳୟ ଛାତ୍ରୀବାସରେ ନବମ ଶ୍ରେଣୀରେ ପଢୁଥିବା ଛାତ୍ରୀ ସୌଦାମିନୀ ରଇତଙ୍କ ମୃତ୍ୟୁ ହୋଇଥିଲା।

## ଆଇନ ସଚେତନତା ଶିବିର

**ବେଗୁନିଆପଡ଼ା.୨୫।୪**

ଗଞ୍ଜାମ ଜିଲା କୋଦଳା ଜେଏମ୍‌ଏଫ୍‌ସି କୋର୍ଟ ଭିଡିଓ କନଫରେନ୍ସ ହଲ୍‌ଠାରେ ମଙ୍ଗଳବାର ଅପରାହ୍ଣରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କୋଦଳା ତାଲୁକ ଲିଗାଲ୍ ସର୍ଭିସେସ୍ କମିଟି ପକ୍ଷରୁ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ଅତିଥି ଭାବେ କୋଦଳା ଅତିରିକ୍ତ ଜିଲା ଦୌରାଜଜ୍ ଚିନ୍ମୟ ଗୋଛାୟତ, ଜେଏମଏଫସି ଜଜ୍ ବିମଳ ଲକ୍ଷ୍ମୀ ଚୌଧୁରୀ, ସବ୍‌ଜଜ ଦୀପିକା ମହାନ୍ତି, ବାର୍ ଆସୋସିଏଶନ ସଭାପତି ପୂର୍ଣ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ବରିଷ୍ଠ ଆଇନଜୀବୀ, ପୋଲିସ କର୍ମଚାରୀ, ଲିଗାଲ୍ ସର୍ଭିସେସ୍ କମିଟିର ସଦସ୍ୟ, ସାଧାରଣ ଲୋକ ଉପସ୍ଥିତ ଥିଲେ। ଜଣେ ଅଭିଯୋଗକାରୀ ଏଫ୍‌ଆଇଆର୍ କେମିତି କରିବେ, ଅଭିଯୁକ୍ତ ଜାମିନ କିଭଳି ପାଇବେ, ତଳ କୋର୍ଟରୁ ନିରାଶ ହୋଇ ଉପର କୋର୍ଟରେ କିଭଳି ଆବେଦନ କରିବେ, ଆଦିବାସୀ ହରିଜନ ମହିଳା କିଭଳି ନ୍ୟାୟ ପାଇବେ, ସମନ କ'ଣ ଏବଂ ଏହାକୁ ଅବମାନନା କଲେ ଦଣ୍ଡ ବିଧାନ କ'ଣ ରହିଛି ସେନେଇ ଆଲୋଚନା ହୋଇଥିଲା।

## ହିନ୍ଦୁଙ୍କୁ ଆକ୍ରମଣ ପ୍ରତିବାଦରେ ସ୍ମାରକପତ୍ର

**କବିସୂର୍ଯ୍ୟନଗର,୨୫।୪(ଡି.ଏନ.ଏ.)**

କବିସୂର୍ଯ୍ୟନଗର ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ସମ୍ବଲପୁରରେ ହିନ୍ଦୁଙ୍କ ଉପରେ ଆକ୍ରମଣ ପ୍ରତିବାଦରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ମଙ୍ଗଳବାର ପ୍ରଦାନ କରାଯାଇଛି। ସମ୍ବଲପୁରରେ ହନୁମାନ ଜୟନ୍ତୀ ଅବସରରେ ଆୟୋଜିତ ରାଲିକୁ ଆକ୍ରମଣ କରାଯାଇଥିବା ଓ ଜଣେ ହିନ୍ଦୁଙ୍କର ମୃତ୍ୟୁ ଘଟିଥିବା ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି। ହିନ୍ଦୁ ଜାଗରଣ ମଞ୍ଚର ସଦସ୍ୟଙ୍କ ଦସ୍ତଖତ ସମ୍ବଳିତ ଏକ ସ୍ମାରକପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ମୋନାଲିସା ଆଚାରୀଙ୍କୁ ପ୍ରଦାନ କରାଯାଇଛି। ଇ. ମାହେଶ୍ୱରୀ ଦୋରା, ରାଜକୁମାର ଓମନ ଭୋଶଲେ, ବଳରାମ ବେହେରା, ମୋହନ ସ୍ୱାଇଁ, ବୁଲୁ ପୋଲାଇ, ବିପ୍ର ପ୍ରଧାନ, ଗଜେନ୍ଦ୍ର ନାହାକ, ପ୍ରବୋଧ ପଣ୍ଡା ଓ ପୀତବାସ ପଣ୍ଡା ପ୍ରମୁଖ ୮୭ରୁ ଊର୍ଦ୍ଧ୍ୱ ମଞ୍ଚ ସଦସ୍ୟ ତହସିଲଦାରଙ୍କୁ ସାକ୍ଷାତ କରି ସ୍ମାରକପତ୍ର ଦେଇଥିଲେ।

## ବାଲ୍ୟ ବିବାହମୁକ୍ତ ସଚେତନତା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅଙ୍ଗନୱାଡ଼ି କର୍ମୀ ।

**ବୁଗୁଡା,୨୫।୪(ଡି.ଏନ.ଏ.)**

ବୁଗୁଡା ବ୍ଲକ ଅନ୍ତର୍ଗତ ଗୋଲିଆ ଅଙ୍ଗନୱାଡି ଦ୍ୱିତୀୟ କେନ୍ଦ୍ର ପକ୍ଷରୁ ବାଲ୍ୟ ବିବାହ ମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କେନ୍ଦ୍ରର କର୍ମୀ ଗୋଲାପ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ସିଡିପିଓ ବବିତା ପଣ୍ଡା, ଅଞ୍ଚଳ ପରିଦର୍ଶିକା କୁସୁମ ପଣ୍ଡା, ଜାନକୀ ଦେବୀ ଓ ଗିତାଞ୍ଜଳି ବଡମୁଣ୍ଡି ପ୍ରମୁଖ ପରିଦର୍ଶିକା ଯୋଗଦେଇ ବାଲ୍ୟ ବିବାହ ମୁକ୍ତ ସଚେତନତା ସପ୍ତାହ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହ ବାଲ୍ୟ ବିବାହ ପ୍ରଥାକୁ ସଂପୂର୍ଣ୍ଣ ବନ୍ଦ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିପାଇଁ ସମସ୍ତେ ଉକ୍ତ ଘୃଣ୍ୟ ପ୍ରଥାକୁ ବନ୍ଦ କରିବା ପାଇଁ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ପ୍ରଥମେ ଏକ ସଚେତନତା ଶୋଭାଯାତ୍ରା ସାହି ପରିକ୍ରମା କରିଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅଧିକାରୀମାନଙ୍କ ସହିତ ସମସ୍ତ ଅଙ୍ଗନୱାଡି କର୍ମୀ, ମାତୃ ଅଭିଭାବକ, ଏସ୍‌ଏଚ୍‌ଜି ମହିଳା ଗୋଷ୍ଠୀ, କିଶୋରୀ ବାଳିକା ଅଂଶଗ୍ରହଣ କରିଥିଲେ।

## ପଟୁଆରରେ ସୁନାପାଙ୍ଗା ପରିଭ୍ରମଣ

**ବାଲିଗୁଡା,୨୫।୪(ଡି.ଏନ.ଏ.)**

କନ୍ଧମାଳ ଜିଲା ବାଲିଗୁଡାର ଅଧିଷ୍ଠାତ୍ରୀ ଦେବୀ ମା'ପାଟଖଣ୍ଡା ଠାକୁରାଣୀଙ୍କ ଐତିହାସିକ ଠାକୁରାଣୀ ଯାତ୍ରା ଚଳିତ ମାସ ୨୩ ତାରିଖ ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇଯାଇଛି। ଏହି ଯାତ୍ରା ୨୧ ଦିନ ଧରି ଆୟୋଜନ ହୋଇ ଆସନ୍ତା ମେ ୧୩ ତାରିଖରେ ଉଦଯାପିତ ହୋଇ ମା' ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ଏହି ଯାତ୍ରାକୁ ମା' ପାଟଖଣ୍ଡା ଦୁର୍ଗା ପୂଜା ସମିତି ଆନୁକୂଲ୍ୟରେ ଆୟୋଜନ କରାଯାଇଛି। ପ୍ରତିଦିନ ଶୋଭାଯାତ୍ରାରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ତୃତୀୟ ଦିନ ମଙ୍ଗଳବାରରେ ମା 'ଙ୍କ ପ୍ରଥମ ନଗର ପରିକ୍ରମା ଅସ୍ଥାୟୀ ପୀଠ ବରାଳ ଦେବୀ ମନ୍ଦିରରୁ ଏକ ବିରାଟ ପଟୁଆରରେ ବାହାରି ଷ୍ଟେଟ ବ୍ୟାଙ୍କ ଛକ, ହାଇସ୍କୁଲ ଛକ, ବନ୍ଧସାହି ଛକ ଓ ସାଇ ମନ୍ଦିର ଛକ ଦେଇ ସୁନାପାଙ୍ଗାରେ ପ୍ରବେଶ କରିଥିଲେ। ସେଠାରେ ମହାବୀର ସାଧକ ସୁରେଶ କୁମାର ପତିଙ୍କ ତତ୍ତ୍ୱାବଧାନରେ ସମଗ୍ର ସାହି ପରିକ୍ରମା କରିବା ପରେ ସୁନାପାଙ୍ଗା ସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟରେ ପ୍ରସ୍ତୁତ କରାଯାଇଥିବା ଅସ୍ଥାୟୀ ପୂଜନ ସ୍ଥଳରେ ପହଞ୍ଚି ସେଠାରେ ଯଥାରୀତି ସହକାରେ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ସାହିର ସମସ୍ତ ଭକ୍ତ ଏକତ୍ରିତ ହୋଇ ପୂଜାର୍ଚ୍ଚନା କରିଥିଲେ। ଶେଷରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ପୂଜକ ଶ୍ରୀକାନ୍ତ ପଣ୍ଡା, ସଞ୍ଜୟ କୁମାର ଦାସ, ନୀଳକଣ୍ଠ ମିଶ୍ର, ଟୁଲୁ ପାଢି, ପୂର୍ଣ୍ଣଚନ୍ଦ୍ର ଶତପଥୀ ପ୍ରମୁଖ ସାମିଲ ଅଛନ୍ତି। ଆୟୋଜକ ସମିତିର ସଭାପତି ଲୋକନାଥ ପାଢୀ, ସମ୍ପାଦକ ଭଗବତୀ ପ୍ରସାଦ ସାବତ, ସହ ସମ୍ପାଦକ ସୁଜିତ କୁମାର ପାଳ, କୋଷାଧ୍ୟକ୍ଷ ଡି.ନାଗେଶ୍ୱର ରାଓ, ଏ.ଶ୍ରୀନିବାସ ଦୋରା, ମଦନ ମୋହନ ପାଢୀ, ଡଃ ଶୁଶାନ୍ତ କୁମାର ଦାସ, ପବିତ୍ର ମୋହନ ପାଢୀଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରୁଛନ୍ତି।

**ମା' ପାଟଖଣ୍ଡା ଠାକୁରାଣୀ ଯାତ୍ରା**


ମା' ଠାକୁରାଣୀଙ୍କ ନଗର ପରିକ୍ରମା।

## ସଂକ୍ଷେପରେ

### ୨ରେ ମା'ଶାରଳାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଧର୍ମଶାଳା,୨୫।୪(ଡି.ଏନ.ଏ.): ଧର୍ମଶାଳା ବ୍ଲକ କୁମାରୀ ପଞ୍ଚାୟତ ଦେଉଲିପାଳ ପାହାଡ଼ ପାଦଦେଶରେ ମା' ଶାରଳାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆସନ୍ତା ୨ ତାରିଖରେ ଅନୁଷ୍ଠିତ ହେବ। ଏଥିସହ ଏହି ପୀଠରେ ୩ଦିନ ବ୍ୟାପୀ ଯଜ୍ଞ ଆୟୋଜନ ହେବ। ପ୍ରଥମ ଦିବସରେ ଅଙ୍କୁରା ରୋପଣ, କଳସାଧିବାସ, ଦ୍ୱିତୀୟ ଦିବସରେ ମନ୍ଦିର ପ୍ରତିଷ୍ଠା, ଯଜ୍ଞାରମ୍ଭ, ଭଜନ ସମାରୋହ ଆଦି ପରିବେଷଣ ହେବ। ଶେଷ ଦିବରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଥିବାବେଳେ ପ୍ରତ୍ୟହ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଜନସାଧାରଣ ଯୋଗଦେଇ କାର୍ଯ୍ୟକ୍ରମ ସଫଳ କରିବାକୁ ମା'ଶାରଳା ପୂଜା କମିଟି କର୍ମକର୍ତ୍ତା ନିବେଦନ କରିଛନ୍ତି।

### ମରାମତି ହେଉନି ଏଲ୍‌ଟି ଲାଇନ୍



ବାଲିଚନ୍ଦ୍ରପୁର,୨୫।୪(ସ୍ୱ.ପ୍ର.): ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ବିଦ୍ୟୁତ୍ ଉପଖଣ୍ଡ ଅଧୀନରେ ଗ୍ରାମାଞ୍ଚଳରେ ଥିବା ଏଲ୍‌ଟି ଲାଇନ୍ ମରାମତି ହେଉନାହିଁ। ଫଳରେ କେତେକ ଜାଗାରେ ବିଦ୍ୟୁତ୍ ତାର ଝୁଲି ରହୁଥିବା ବେଳେ କେତେକ ସ୍ଥାନରେ ଗଛଡ଼ାଳ ପଡ଼ି ତାର ଶୋଇ ରହିଛି। ଅନେକସ୍ଥାନରେ ଟ୍ରାନ୍ସଫର୍ମରରେ ଲଟା ମାଡ଼ିଯାଇଥିବା ଦେଖିବାକୁ ମିଳିଛି। ଏନେଇ ବାରମ୍ବାର ବିଦ୍ୟୁତ୍ କାଟ ହେବା ସାଙ୍ଗକୁ ଲୋ ଭୋଲଟେଜର ସମସ୍ୟା ଦେଖାଯାଉଛି। ଯେତେ ଅଭିଯୋଗ କଲେ ବି ଶୁଣୁନାହିଁ ବିଭାଗ। କର୍ମଚାରୀମାନେ ବୋଲେରୋ ଗାଡ଼ିରେ ଲମ୍ବା ସିଡ଼ି ବାନ୍ଧି ରାସ୍ତାର ଇଲେଭେନ୍ କେଭି ଲାଇନ୍ ତଦାରଖ କରି ପଳାଇଯାଉଛନ୍ତି। ଏଲ.ଟି ଲାଇନ୍ ଗୁଡ଼ିକ ବିପଦପୂର୍ଣ୍ଣ ଅବସ୍ଥାରେ ଥିବାର ଦୃଷ୍ଟି ଆକର୍ଷଣ କଲେ ବି ଶୁଣୁନାହାନ୍ତି କର୍ମଚାରୀ। ଚାରିନଙ୍ଗଳ ପଞ୍ଚାୟତ ବାହାଦୁରନଗର ପ୍ରାଥମିକ ବିଦ୍ୟାଳୟର ରାସ୍ତାରେ ସଂଯୋଗ ହୋଇଥିବା ବିଦ୍ୟୁତ୍ ତାର ଝୁଲି ରହି ଗଛରେ ଲାଗିଛି। ବିଦ୍ୟାଳୟର କୁନି ଛାତ୍ରୀଛାତ୍ର ଖେଳ ଛୁଟିରେ ସେହି ଗଛରେ ଚଢୁଛନ୍ତି। ଗଛର ମଧ ଭାଗରେ ଝୁଲି ରହିଛି ବିଦ୍ୟୁତ୍ ତାର। ଯଦି କୌଣସି କୋମଳମତୀ ଛାତ୍ରୀଛାତ୍ର ଉକ୍ତ ତାର ସଂସ୍ପର୍ଶରେ ଆସିଯାଆନ୍ତି ତେବେ କ'ଣ ଯେ ଘଟିବ ତାହା କହିହେବ ନାହିଁ। ତେଣୁ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ ଗ୍ରାମବାସୀ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ପୂର୍ବକ ଘଟଣାର ସୁଧାର ଆଣିବା ପାଇଁ ଦାବି କରିଛନ୍ତି।

# ୩୦ ଶଯ୍ୟା ମେଡିକାଲ ପାଇଁ ସ୍ଥାନ ପରିଦର୍ଶନ

ଯାଜପୁରରୋଡ୍,୨୫।୪(ଡି.ଏନ.ଏ.): ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୩୦ ଶଯ୍ୟା ବିଶିଷ୍ଟ ମେଡିକାଲ ନିମନ୍ତେ ମଙ୍ଗଳବାର ଏକ ଟିମ୍ ସ୍ଥାନ ପରିଦର୍ଶନ କରିଛନ୍ତି। ପାଣିକୋଇଲି ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଆଲୋକ କୁମାର ମହାନ୍ତି ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଡାକ୍ତରଖାନା ଗୃହ ନିମନ୍ତେ ସ୍ଥାନ ନିରୂପଣ କରିବାକୁ ଅନୁରୋଧ କରିଥିଲେ। ଏହାପରେ ପୂର୍ତ୍ତ ବିଭାଗ ପାଣିକୋଇଲି ଅଧୀକ୍ଷଣ ଯନ୍ତ୍ରୀ ମହାନ୍ତି, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ଦାଶ, ଯାଜପୁର ରୋଡ ସହକାରୀ ଯନ୍ତ୍ରୀ ତାପସ କୁମାର ପୃଷ୍ଟି, ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସନ୍ତୋଷ କୁମାର ପୃଷ୍ଟି, ବ୍ୟାସନଗର ଅତିରିକ୍ତ ତହସିଲଦାର ତଥା ପୌର ନିର୍ବାହୀ ଅଧିକାରୀ ବିକ୍ରମ କୁମାର ମଳିକ, ପୌର ଯନ୍ତ୍ରୀ ଅଜୟ କୁମାର ପରିଡ଼ା ବ୍ୟାସନଗର ସହରର ବସଷ୍ଟାଣ୍ଡ ପଛପଟେ ଥିବା ସ୍ଥାନ ବୁଲି ଦେଖିଛନ୍ତି। ଏଠାରେ ମୋଟ୍ ୩ ଏକର ୧୩ ଡିସିମିଲ ଜାଗା ରହିଥିବା ଅତିରିକ୍ତ ତହସିଲଦାର କହିଥିବା ବେଳେ ଡାକ୍ତରଖାନା ଗୃହ ନିମନ୍ତେ ୨ ଏକର ଜାଗା ଆବଶ୍ୟକ ରହିଛି। ଉକ୍ତ ସ୍ଥାନ ମେଡିକାଲ କର୍ତ୍ତପକ୍ଷଙ୍କୁ ହସ୍ତାନ୍ତର ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବ୍ୟାସନଗର ତହସିଲଦାରଙ୍କୁ ବିଧିବଦ୍ଧ ଚିଠି କରିବା ପରେ ସ୍ଥାନ ନିରୂପଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ପରେ ପାଣିକୋଇଲି ପୂର୍ତ୍ତ ବିଭାଗକୁ କାର୍ଯ୍ୟାରମ୍ଭ ନିମନ୍ତେ ଆହ୍ୱାନ କରାଯିବ ବୋଲି ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୂଚନା ଦେଇଛନ୍ତି।



ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

# ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଠାବ

## ମୃତ୍ୟୁର କାରଣ ରହସ୍ୟାବୃତ

ରସୁଲପୁର,୨୫।୪(ଡି.ଏନ.ଏ.): କୁଆଖିଆ ଥାନା ଅନ୍ତର୍ଗତ ରସୁଲପୁର ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ସେକ୍ସନ କାର୍ଯ୍ୟାଳୟର ୪ର୍ଥ ଶ୍ରେଣୀ କର୍ମଚାରୀ ଚଢ଼େଇ ଓରଫ୍ ଚୈତନ୍ୟ ନାୟକ(୫୯)ଙ୍କ ଝୁଲନ୍ତା ମୃତଦେହକୁ ମଙ୍ଗଳବାର କାର୍ଯ୍ୟାଳୟ ପରିସରସ୍ଥ ଏକ କାଜୁଗଛରୁ ଠାବ କରାଯାଇଛି। ପରେ ପୋଲିସ ମୃତଦେହକୁ ଜବତ କରି ଯାଜପୁର ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରରେ ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତାଙ୍କର ମୃତ୍ୟୁର କାରଣ ରହସ୍ୟାବୃତ୍ତ ହୋଇ ରହିଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଏହି ଘଟଣାକୁ ନେଇ ମୃତକଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇ ନ ଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ନଂ.୪/୨୩ ରୁଜୁ କରି ତଦନ୍ତ ଚଳାଇଛି।

ଉକ୍ତ ଥାନା ଅନ୍ତର୍ଗତ ମୁଗୁପାଳ ପଞ୍ଚାୟତ ସାରଙ୍ଗପୁର ଗ୍ରାମର ଚୈତନ୍ୟ ଜଳ ଯୋଗାଣ ସେକ୍ସନ କାର୍ଯ୍ୟାଳୟରେ ପିଅନ ଓ ସାମୟିକ ରାତ୍ର ଜଗୁଆଳ ଭାବରେ କାର୍ଯ୍ୟ କରୁଥିଲେ। ସୋମବାର ରାତିରେ ଚୈତନ୍ୟଙ୍କ ଅଫିସରେ ଡ୍ୟୁଟି ଥିଲା। ସେହି ମୁତାବକ ସେ ରାତିରେ ଘରୁ ଖାଇ ସାରି ଅଫିସକୁ ଆସିଥିଲେ। ମଙ୍ଗଳବାର ସକାଳୁ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଫୋନ କରିଥିଲେ। ଫୋନ ସୁଇଚ୍ ଅଫ ଥିବା ଜଣାପଡିବାରୁ ଘର ଲୋକଙ୍କ ମଧ୍ୟରେ ବ୍ୟସ୍ତତା ବଢି ଯାଇଥିଲା। ବାପାଙ୍କୁ ଖୋଜିବାକୁ ତାଙ୍କ ପୁଅ ଆସିଥିଲେ। ସେ ଅଫିସ ନିକଟରେ ପହଞ୍ଚି ବାପାଙ୍କ ମୃତଦେହ ଅଫିସ ନିକଟସ୍ଥ କାଜୁ ଗଛରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏ ନେଇ ପରିବାର ଲୋକେ ଓ ଅଫିସର କର୍ମଚାରୀମାନେ ପୋଲିସକୁ ଖବର ଦେଇଥିଲେ। ଚୈତନ୍ୟ ଚାକିରିରୁ ଅବସର ନେବାକୁ ଆଉ ମାତ୍ର ୧ ବର୍ଷ ଥିଲା। ସେ ଏଭଳି ଦୁଃଖଦ ପଦକ୍ଷେପ କାହିଁକି ଓ କେଉଁ ପରିସ୍ଥିତିରେ ନେଲେ ସେ ନେଇ ସମସ୍ତେ ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଜଳଯୋଗାଣ ଅଧିକାରୀ ସ୍ୱାଗତିକା ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ସକାଳ ସାଢେ ୭ଟାରେ ଚଢ଼େଇଙ୍କ ମୃତ୍ୟୁ ସମ୍ପର୍କରେ ତାଙ୍କର ଜଣେ ଅଫିସ କର୍ମଚାରୀଙ୍କଠାରୁ ଜାଣିବାକୁ ପାଇଥିଲେ। ଏହାଜାଣି ସେ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହ ତାଙ୍କର ଦିନର କାର୍ଯ୍ୟକ୍ରମକୁ ବାତିଲ କରିଦେଇଥିଲେ। ଚୈତନ୍ୟ ଜଣେ ଶାନ୍ତ ସରଳ ସ୍ୱଭାବର ବ୍ୟକ୍ତି ଥିଲେ। ତେବେ ସେ ଏଭଳି ପଦକ୍ଷେପ କାହିଁକି ନେଲେ ତା'କୁ ନେଇ ସେ ସନ୍ଦିହାନ ହୋଇପଡ଼ିଛନ୍ତି। ଚୈତନ୍ୟ ସୋମବାର ସନ୍ଧ୍ୟାରେ ତାଙ୍କ ହସିହସି ବାର୍ତ୍ତାଳପ କରିଥିବା ଅଧିକାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।



ଚୈତନ୍ୟ ନାୟକ

# ୧୨ ଘଣ୍ଟିଆ କାର୍ଯ୍ୟ ଦିବସ ପାଇଁ ମସୁଧା

## ୮ ଘଣ୍ଟା ବଜାୟ ରଖିବାକୁ ଦାବି

ଯାଜପୁର ଅଫିସ,୨୫।୪ : ସମ୍ପ୍ରତି କର୍ନାଟକ ପରେ ତାମିଲନାଡୁ ୧୯୪୮ କାରଖାନା ଆଇନକୁ ସଂଶୋଧନ କରି ୧୨ ଘଣ୍ଟିଆ କାର୍ଯ୍ୟଦିବସ ପ୍ରଚଳନ କରିବାକୁ ମସୁଧା ଚଳାଇଛି। ଏହାପରେ ୧୮୮୬ ମେ ମାସ ପହିଲା ଘଟଣା ମନେ ପକାଇ ଦେଉଛି । ମେ ପହିଲା ପୂର୍ବରୁ ଶ୍ରମିକମାନେ ୧୨, ୧୫ ଓ ୧୮ଘଣ୍ଟିଆ ପର୍ଯ୍ୟନ୍ତ ହାଡଭଙ୍ଗା ପରିଶ୍ରମ କରୁଥିଲେ । ତେଣୁ ଶ୍ରମ ଦିବସକୁ ୮ ଘଣ୍ଟିଆ ଦାବିରେ ଆମେରିକାରେ ଶ୍ରମିକମାନେ ସଂଘର୍ଷ କରି ରକ୍ତର ଧାରା ବୁହାଇ ଦେଇଥିଲେ। ମାଲିକ ଶ୍ରେଣୀ ବାଧ ହୋଇ ଦୈନିକ ୮ ଘଣ୍ଟା ଶ୍ରମଦିବସ ଦାବିକୁ ମାନି ନେଇଥିଲେ । ସେଇ ଦିନଠାରୁ ସାରା ବିଶ୍ୱର ସବୁଦେଶରେ ଶ୍ରମ ଦିବସ ୮ ଘଣ୍ଟା ପ୍ରଚଳିତ ହୋଇଆସୁଛି। ତେବେ ପ୍ରଥମେ ଚୀନ ଦେଶ ଲାଭର ଲୋଭରେ ପଡି ସକାଳ ୯ରୁ ରାତି ୯ଟା ପର୍ଯ୍ୟନ୍ତ ୧୨ ଘଣ୍ଟା ଶ୍ରମଦିବସ ଆରମ୍ଭ କଲା । ଏବେ ଭାରତ ଚୀନର ପଦା ଅନୁସରଣ କରିବାକୁ ଯାଉଛି । ପୂର୍ବରୁ ସପ୍ତାହରେ ୪୮ ଘଣ୍ଟା କାର୍ଯ୍ୟ କରିବାର ନିୟମ ଥିଲେ ବି ବିଦେଶୀ କମ୍ପାନୀ ଚାପରେ ଇଲେକଟ୍ରିକ ଯାନ, ସୋଲାର ପାୱାର ଇକ୍ୟୁପମେଣ୍ଟ ବ୍ୟାପକ ଆବଶ୍ୟକତାକୁ ଆଖିଆଗରେ ରଖି ଭିଏତନାମ, ଇଣ୍ଡୋନେସିଆ, ଥାଇଲାଣ୍ଡ ସହ ପ୍ରତିଯୋଗିତା କରିବା ଲକ୍ଷ୍ୟରେ ଶ୍ରମିକମାନଙ୍କ ଶକ୍ତି ବାହାରେ କାର୍ଯ୍ୟ କରିବାକୁ ଯାଉଛନ୍ତି । ଏହା ଫଳରେ ମାଲିକମାନେ ଅସଙ୍ଗଠିତ ଠିକା ଶ୍ରମିକମାନଙ୍କୁ ପାଶବିକ ଶୋଷଣର ଦ୍ୱାରଦେଶକୁ ଠେଲି ଦେଉଛନ୍ତି । ସ୍ଥାୟୀ ଶ୍ରମିକମାନେ ୧୨ ଘଣ୍ଟା କାମକରି ଓଭରଟାଇମ, ପେଡ ଲିଭ, ସିକ୍ ଲିଭ ବେନିଫିଟ ପାଉଥିଲାବେଳେ କୋଟି କୋଟି ଅସଙ୍ଗଠିତ ଶ୍ରମିକମାନଙ୍କୁ ଠକି ଦେଇ ଲାଭର ପାହାଡ ସୃଷ୍ଟି କରିବା ମସୁଧାରେ ଅଛନ୍ତି । ମାଲିକମାନଙ୍କର କମ ଖର୍ଚ୍ଚରେ ଅଧିକ ଉତ୍ପାଦନର ନିଶା ଶ୍ରମିକ ଶ୍ରେଣୀ ପ୍ରତି ବିପଦ ଡାକି ଆଣୁଛି। କର୍ନାଟକ, ତାମିଲନାଡୁ ପରେ ଭାରତର ଅନ୍ୟ ରାଜ୍ୟକୁ ଏ ରୋଗ ବ୍ୟାପିବ ବୋଲି ବରିଷ୍ଠ ଶ୍ରମିକନେତା ମାୟାଧର ନାୟକ ସତର୍କ କରାଇଦେଇ ପୂର୍ବଭଳି ଦୈନିକ ୮ ଘଣ୍ଟା କାର୍ଯ୍ୟ ଦିବସ ଚାଲୁ ରଖିବା ପାଇଁ ସେ ଦାବି କରିଛନ୍ତି ।

### କବି ଜୟଦେବଙ୍କ ଜୟନ୍ତୀ ପାଳିତ

ଯାଜପୁର ଟାଉନ, ୨୫।୪(ଡି.ଏନ.ଏ.): ଜିଲା ସଂସ୍କୃତି ପରିଷଦ ଏବଂ ସ୍ୱର ଓ ସ୍ୱାକ୍ଷର ସାଂସ୍କୃତିକ ଅନୁଷ୍ଠାନ ମିଳିତ ଆନୁକୂଲ୍ୟରେ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ କବି ଜୟଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ ଯୋଗଦେଇ ଓଡ଼ିଶା ମାଟିରେ କବି ଜୟଦେବ ଜନ୍ମ ହୋଇ ସେ ବିଶ୍ୱ ସଂସ୍କୃତିକୁ ଯେଉଁ ଐଶ୍ୱରିକ ନିର୍ବିକାର ରାଧା କୃଷ୍ଣଙ୍କର ଗାଥା ଗୀତରେ ରଚନା କରିଛନ୍ତି ତାହା ସମଗ୍ର ବିଶ୍ୱରେ ବିରଳ ବୋଲି କହିବା ସହ ଯାଜପୁର ଜିଲାର ଐତିହ୍ୟ ଓ ସଂସ୍କୃତିକୁ ଅଧିକ ପ୍ରଚାର ପ୍ରସାର ଦିଗରେ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ।

ସମ୍ମାନିତ ଅତିଥିଭାବେ ଯାଜପୁର ପୌରାଧକ୍ଷା ରଞ୍ଜୁଲତା ହୋତା ଯୋଗଦେଇ ଜୟଦେବ ବିଶ୍ୱକୁ ଜଗନ୍ନାଥ ସଂସ୍କୃତିର ଯେଉଁ ବାର୍ତ୍ତା ପ୍ରଦାନ କରିଛନ୍ତି ସେଥିପାଇଁ କବି ଜୟଦେବ ଚିରସ୍ମରଣୀୟ ହୋଇ ରହିବେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାବନ୍ଧିକ ଓ ନାଟ୍ୟକାର ତଥା ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ପ୍ରଫେସର ଡ. ବିଜୟ ଶତପଥୀ ଯୋଗଦେଇ କହିଥିଲେ, ଜୟଦେବ ଭାରତୀୟ ସାହିତ୍ୟର ଜଣେ ଅପ୍ରତିଦ୍ୱନ୍ଦ୍ୱୀ ସ୍ରଷ୍ଟା ଓ ମହା କବି। ସମ୍ମାନିତ ବକ୍ତା ଭାବେ ଗୋକର୍ଣ୍ଣିକାର ସମ୍ପାଦକ ରମାକାନ୍ତ ଜେନା ଯୋଗଦେଇ ଜୟଦେବ ଗୀତ ଗୋବିନ୍ଦ ରଚନାରେ ତ୍ରିବେଣୀ ସଂଗମ ସୃଷ୍ଟି କରି ଓଡ଼ିଶାର ଐତିହ୍ୟ ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ପରିଚିତ କରାଇଛନ୍ତି ବୋଲି କହିଥିଲେ। ସମାରୋହରେ ସ୍ୱର ଓ ସ୍ୱାକ୍ଷରର ସଭାପତି ଡ. ଶ୍ରୀହରି ଧଳ ପୌରୋହିତ୍ୟ କରିଥିବାବେଳେ ସମ୍ପାଦକ ନାରାୟଣ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅନ୍ୱେଷଣ ଥିଏଟର ଗ୍ରୁପ୍‌ର ତପସ୍ୱିନୀ ମଲ୍ଲିକ ଏବଂ ସାଥୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରେ ମୁଖ୍ୟଅତିଥିଙ୍କ ଦ୍ୱାରା ଅନୁଷ୍ଠାନର କଳାକାର ଓ ଅନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ ଟ୍ରଫି, ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ମା' ମଙ୍ଗଳା ମହୋତ୍ସବ ଉଦ୍‌ଘାଟିତ



ମା'ମଙ୍ଗଳାଙ୍କ ବାର୍ଷିକ ମହୋତ୍ସବ ପାଇଁ ମହିଳାମାନେ ୧୦୮ କଳସ ଧରି ଗ୍ରାମ ପରିକ୍ରମା କରୁଛନ୍ତି ।

ଯାଜପୁରରୋଡ୍,୨୫।୪(ଡି.ଏନ.ଏ.): ବ୍ୟାସନଗର ସହର ସନ୍ନିକଟ ରସୁଲପୁର ବ୍ଲକ ଲକ୍ଷ୍ମୀନଗର ପଞ୍ଚାୟତ ଅର୍ନ୍ତଗତ ଭିକିପୁର ଗ୍ରାମର ଆରାଧ ଦେବୀ ମା'ମଙ୍ଗଳାଙ୍କ ୧୧ତମ ବାର୍ଷିକ ମହୋତ୍ସବ ମଙ୍ଗଳବାର ଆରମ୍ଭ ହୋଇଛି। ସକାଳେ ମହିଳାମାନେ ୧୦୮ କଳସ ଧରି ଗ୍ରାମ ପରିକ୍ରମା କରିବା ପରେ ପୂଜାସ୍ଥଳରେ ପହଞ୍ଚିଥିଲେ। ଏହାପରେ କୁଣ୍ଡମଣ୍ଡଳ କାର୍ଯ୍ୟ କରାଯିବା ସହିତ ଯଜ୍ଞ ଆରମ୍ଭ କରାଯାଇଥିଲା। ମୁଖ୍ୟକର୍ତ୍ତା ଭାବେ ଗ୍ରାମର ଜଳଧର ଜେନା, ସନାତନ ଜେନା, ଶରତ ଚନ୍ଦ୍ର ବିଶ୍ୱାଳ ଏବଂ ଚକ୍ରଧର ପାଢ଼ୀ ସତ୍ରିକ ସଙ୍କଳ୍ପ କାର୍ଯ୍ୟ ସମ୍ପାଦନ କରିଥିଲେ। ହରିଗୋସାଇଁ ସମ୍ପର୍କ ସ୍ୱେଚ୍ଛାସେବୀ ସଙ୍ଗଠନ ଏବଂ ଭିକିପୁର ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ମହୋତ୍ସବ ଚଳିତବର୍ଷ ୭ ଦିନ ବ୍ୟାପୀ ପାଳନ କରାଯିବ। ମହୋତ୍ସବରେ ଗ୍ରାମର ହୃଷୀକେଶ ମହଲା, ସୁଧାଂଶୁ ପାଢ଼ୀ, ବେଣୁଧର ପୃଷ୍ଟି, ବଳରାମ ସାହୁ, ଗଣେଶ ସାହୁ, ଜଗନ୍ନାଥ ସାହୁ, ଦିଲ୍ଲୀପ କୁମାର ସାହୁ, ଚକ୍ରଧର ସାହୁ, ସୌମ୍ୟରଞ୍ଜନ ବୋଇତାଇ, ବିବେକାନନ୍ଦ ପୃଷ୍ଟି, କାଳନ୍ଦୀ ସାହୁ ଓ ନିରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସୋମବାର ସନ୍ଧ୍ୟାରେ ଅଙ୍କୁରାରୋପଣ, ଶୁଭାଧିବାସ ଏବଂ ନାମ ସଂକୀର୍ତ୍ତନ କରାଯାଇଥିଲା।

# ରାଧାମାଧବ ମନ୍ଦିରର ବାର୍ଷିକ ଉତ୍ସବ

ଯାଜପୁରରୋଡ୍, ୨୫।୪(ଡି.ଏନ.ଏ.): ଯାଜପୁର ଜିଲା ବ୍ୟାସନଗର ପୌରାଞ୍ଚଳ ରମ୍ଭାସ୍ଥିତ ରାଧାମାଧବ ମନ୍ଦିରର ୧୦ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସୋମବାର ସକାଳୁ କଳସ ଯାତ୍ରା ପରେ ସୂର୍ଯ୍ୟପୂଜା, ଗୋପୂଜା ଆଦି କରାଯାଇଥିଲା। ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେଇଥିଲା। ଉତ୍ସବକୁ ମନ୍ଦିରର ସଦସ୍ୟ ଧ୍ରୁବଚରଣ ଜେନା, ଗଣେଶ୍ୱର ମିଶ୍ର, ସୁବାସ ଚନ୍ଦ୍ର ପହି, ସଞ୍ଜୟ କୁମାର ଦେଓ, ମାନସ କୁମାର ଜେନା, ନରେନ୍ଦ୍ର କୁମାର ଆଇଚ ଓ ରମେଶ ଚନ୍ଦ୍ର ପହିଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ।



# ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ

ବାଲିଚନ୍ଦ୍ରପୁର,୨୫।୪(ସ୍ୱ.ପ୍ର.): ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ପଞ୍ଚାୟତସ୍ଥିତ ବାହାଦୁରନଗର ଗ୍ରାମରେ ପ୍ରତିଷ୍ଠିତ ହନୁମାନ ମନ୍ଦିରର ପଞ୍ଚମବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରୁ କଳସ ଅଧିବାସ ପରେ ଗୁରୁପୂଜା, ସୂର୍ଯ୍ୟପୂଜା ସହ ହନୁମାନ ଜୀଉଙ୍କ ଷୋଡ଼ଷ ଉପଚାର ପୂଜା ସହିତ ଭଗବତ ଗୀତାଯଜ୍ଞ, ଚଣ୍ଡିଯଜ୍ଞ ଓ ପରେ ହନୁମାନ ପୂଜା ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ଗ୍ରାମର ରଞ୍ଜିତ କୁମାର ସାମଲ ଓ ତାଙ୍କ ସହ ଧର୍ମୀଣୀ ସସ୍ମିତା ସାମଲ କାର୍ଯ୍ୟ ନିର୍ବାହ କରିଥିବା ବେଳେ ପଣ୍ଡିତ ଅକ୍ଷୟ ତ୍ରିପାଠୀ, ପଙ୍କଜ କୁମାର ପାଢ଼ୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ପୂଜକ ସମ୍ଭୁନାଥ ତ୍ରିପାଠୀ ଯଜ୍ଞ କାର୍ଯ୍ୟରେ ସହାୟତା କରିଥିଲେ। ବାହାଦୁରନଗର ଗ୍ରାମର ଅମର କୁମାର ସାମଲ, ଜ୍ୟୋତିପ୍ରକାଶ ସାମଲ, ପ୍ରଦ୍ୟୋତ କେଶରୀ ସାମଲ, କାଳିଙ୍ଗିଙ୍କର ସାମଲ, ଶିବପ୍ରସାଦ ସାମଲ, ଆନନ୍ଦବିନୟ ସାମଲ, ସୌମ୍ୟରଞ୍ଜନ ସାମଲ, ରମେଶ ଚନ୍ଦ୍ର ସାମଲ, ରମେଶ ଚନ୍ଦ୍ର ଭୂୟାଁ, ପ୍ରତୀକ୍ଷ ସାମଲ, ଯଶସ୍ୱୀ ଭୂଷଣ ସାମଲ, ଅଶୁନି କୁମାର ସାମଲ ଓ ବିନାୟକ ସାମଲଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ଖଣି କ୍ଷତିଗ୍ରସ୍ତ ଗଣମଞ୍ଚର ବିକ୍ଷୋଭ

କାଳିଆପାଣି,୨୫।୪(ଡି.ଏନ.ଏ.): ସାରୁଆବିଲ ଓ କମର୍ଦା ଖଣିରୁ ଛଟେଇ ହୋଇଥିବା ଶ୍ରମିକଙ୍କୁ ଅବିଳମ୍ବେ ପୁନଃନିଯୁକ୍ତି, ଖଣି ପ୍ରଭାବିତ ଅଞ୍ଚଳର ବେକାର ଯୁବତୀଯୁବକଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି, ଖଣି କ୍ଷତିଗ୍ରସ୍ତ ଅଞ୍ଚଳରେ ଶିକ୍ଷା, ସାସ୍ଥ୍ୟ, ବିଦ୍ୟୁତ୍ ଓ ଗମନା ଗମନ ବ୍ୟବସ୍ଥା ସୁନିଶ୍ଚିତ କରିବା ଓ ଦୀର୍ଘଦିନ ଧରି ବସବାସ କରୁଥିବା ଲୋକଙ୍କୁ ଉଚ୍ଛେଦ କରିବା ପାଇଁ ଷଡ଼ଯନ୍ତ ବନ୍ଦ କରିବା ଆଦି ଦାବିରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସୁକିନ୍ଦା ଉପତ୍ୟକା ଖଣି କ୍ଷତିଗ୍ରସ୍ତ ଗଣମଞ୍ଚ ପକ୍ଷରୁ ଅନୁଷ୍ଠିତ ବିକ୍ଷୋଭରେ ଶତାଧିକ ଖଣି କ୍ଷତି ଗ୍ରସ୍ତ, ଛଟେଇ ଶ୍ରମିକ ସାମିଲ ହୋଇ ଟାଟା ଷ୍ଟିଲ ମାଇନିଙ୍ଗ ଲିମିଟେଡ୍‌ର କମର୍ଦା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ଶଙ୍କର ସିଧୁ ଅଧ୍ୟକ୍ଷତା କରି କମ୍ପାନୀର ଶ୍ରମିକମାରଣ ନୀତି ବିରୋଧରେ କଟୁ ସମାଲୋଚନା କରିଥିବାବେଳେ ଶ୍ରମିକ ନେତା ଜୟସେନ ମେହେର, ସୁରେଶ ପ୍ରଧାନ, ରମାକାନ୍ତ ମହାନ୍ତ, ବ୍ରଜବନ୍ଧୁ ରାଉତ, ରାମ ଚନ୍ଦ୍ର ମୁର୍ମୁ ଓ ରମେଶ ମୁଣ୍ଡା ପ୍ରମୁଖ କମ୍ପାନୀର ଏକ ପାଖିଆ ନିଷ୍ପତ୍ତିକୁ ସମାଲୋଚନା କରିଥିଲେ।

ପ୍ରକାଶଯେ, ସାରୁଆବିଲ ଓ କମର୍ଦା ଖଣିର ମାଲିକନା ସତ୍ତ୍ୱ ପରିବର୍ତ୍ତନ ପରେ ଶହଶହ ଶ୍ରମିକ କାର୍ଯ୍ୟ ହରାଇଛନ୍ତି। ୨୦୨୦ରୁ ଛଟେଇ ହୋଇ ପୁନଃନିଯୁକ୍ତି ପାଇଁ ବର୍ତ୍ତମାନର ଖଣି ଲିଜ ତତ୍ତ୍ୱାଧିକାରୀ ଟାଟା ଷ୍ଟିଲ ମାଇନିଙ୍ଗ ବାରମ୍ବାର ସମୟ ଗଡ଼େଇ ଚାଲିଛି। ତେଣୁ ତୁରନ୍ତ ଉପରୋକ୍ତ ଦାବିଗୁଡ଼ିକ ପ୍ରତି ବିଚାର କରି ପୂରଣ କରାଯାଉ ବୋଲି କୁହାଯାଇଛି। କମ୍ପାନୀ ଟାଳଟୁଳ ନୀତି ଅବଲମ୍ବନ କଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଶ୍ରମିକ ନେତାମାନେ ଚେତାବନୀ ଦେଇଛନ୍ତି। ଏହି ଗଣ ବିକ୍ଷୋଭ ପରେ କମ୍ପାନୀ ଅଧିକାରୀ ଶ୍ରମିକ ନେତାଙ୍କ ସହ ଆଲୋଚନା କରିଥିଲେ। ହେଲେ ସମାଧାନ ନ ହେବାରୁ ମେ' ୧୨ ତାରିଖରେ ପୁନଃ ସମାଧାନ ବୈଠକ କରାଯିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ ଓ ଶ୍ରମିକ ନେତାଙ୍କ ନିକଟରୁ ସୂଚନା ମିଳିଛି।




ଖଣି କ୍ଷତି ଗ୍ରସ୍ତ ଓ ଛଟେଇ ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

# ୫ ଦଫା ଦାବିରେ ଜିଲା ଶ୍ରମ କାର୍ଯ୍ୟାଳୟ ଘେରାଉ

ଯାଜପୁରରୋଡ,୨୫।୪(ଡି.ଏନ.ଏ.): ଓଡ଼ିଶା କନଷ୍ଟ୍ରକଶନ ୱାର୍କର୍ସ ୟୁନିୟନ ଯାଜପୁର ଜିଲା କମିଟି ପକ୍ଷରୁ ୫ ଦଫା ଦାବି ନେଇ ମଙ୍ଗଳବାର ଜିଲା ଶ୍ରମ କାର୍ଯ୍ୟାଳୟ ଘେରାଉ କରାଯିବା ସହ ଧାରଣା ଦିଆଯାଇଛି। ୟୁନିୟନର ରାଜ୍ୟ ଉପସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆନ୍ଦୋଳନରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ଲୋଭାକାନ୍ତ ସାଇଁ, ରାଜ୍ୟ ସମ୍ପାଦକ ଡା. ନିର୍ମଳ ରଥ, ସିପିଆଇଏମ୍ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସନ୍ତୋଷ ଦାସ, ୟୁନିୟନର ଜିଲା ସଭାପତି ସୁରେଶ ସାହୁ ଓ ଗଣେଶ ସାହୁ ପ୍ରମୁଖ ସାମିଲ ହୋଇଥିଲେ। ୨୦୧୮ରୁ ଏପର୍ଯ୍ୟନ୍ତ ଆବେଦନ କରାଯାଇଥିବା ସମସ୍ତ ସହାୟତା ରାଶି ଏବଂ ସତନ୍ତ୍ର କାରୋନା ସହାୟତା ପ୍ରଦାନ, କୌଣସି କାରଣରୁ କେତେଜଣ ହିତାଧିକାରୀଙ୍କ ବ୍ୟାଙ୍କ ଜମାଖାତାକୁ ଯାଇ ନ ଥିବା ସହାୟତା ରାଶି ପ୍ରଦାନ ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ, ନୂତନ ଭାବେ ପଞ୍ଜୀକୃତ ପାଇଁ ଆବେଦନ କରିଥିବା ଶ୍ରମିକଙ୍କୁ ସେମାନଙ୍କ ପରିଚୟପତ୍ର ପ୍ରଦାନ ଏବଂ ପଞ୍ଜୀକୃତ ନିର୍ମାଣ ଶ୍ରମିକମାନଙ୍କ ଅନ୍‌ଲାଇନ୍ ମାଧ୍ୟମରେ ପଇଠ ହେଉଥିବା ବାର୍ଷିକ ଦେୟ ଓ ତଥ୍ୟ ପୁସ୍ତିକାର ସଂଶୋଧନ ପାଇଁ ଆବେଦନକୁ ଅବିଳମ୍ବେ ଅନୁମୋଦନ କରାଯିବା ଆଦି ଦାବିରେ ଏହି ଆନ୍ଦୋଳନ କରାଯାଇଥିଲା। ମ୍ୟୁନିସିପାଲିଟିରେ କାର୍ଯ୍ୟନିର୍ବାହୀ ଅଧିକାରୀ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ୭ ଦିନ ମଧ୍ୟରେ ୟୁନିୟନର ପ୍ରତିନିଧି ଏବଂ ଜିଲା ଶ୍ରମ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇ ଦାବିପୂରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ମାଧବ କୁଣ୍ଟ, ଅଭୟ ଓଝା, ଲାଳମଣି ମୁଣ୍ଡା, ବ୍ରହ୍ମାନନ୍ଦ ବାରିକ, ସୁବ୍ରତ ଜେନା, ବନୋଜ ଓଝା, ପ୍ରତ୍ୟୁଷ ସାହୁ, ଘନଶ୍ୟାମ ଦାସ, ବନମାଳୀ ଭୁଟିଆ, ବାଇଧର ସେଠୀ, ହରେକୃଷ୍ଣ ଦାସ, ମଦନ ମୁଦୁଲି, ଉମାକାନ୍ତ ରଣା ଓ ରମେଶ ଜେନାଙ୍କ ନେତୃତ୍ୱରେ ଆନ୍ଦୋଳନରେ ଶତାଧିକ ନିର୍ମାଣ ଶ୍ରମିକ ଅଂଶଗ୍ରହଣ କରିଥିଲେ। ତେବେ ଉପରୋକ୍ତ ଦାବି ସମାଧାନ ନିମନ୍ତେ ୧୦ ତାରିଖରୁ ଆନ୍ଦୋଳନ ପାଇଁ ଲିଖିତ ନୋଟିସ ଦିଆଯାଇଥିଲା। ହେଲେ ଜିଲା ଶ୍ରମ ଅଧିକାରୀ ଦାବିଶୁଣିବା ପାଇଁ ଅନୁପସ୍ଥିତ ରହିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।




ଓଡ଼ିଶା କନଷ୍ଟ୍ରକଶନ ୱାର୍କର୍ସ ୟୁନିୟନ ଯାଜପୁର ଜିଲା କମିଟି ପକ୍ଷରୁ ଶ୍ରମ କାର୍ଯ୍ୟାଳୟ ଘେରାଉ କରାଯାଇଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଆହତ



ରାଜକନିକା, ୨୫।୪(ଡି.ଏନ୍.ଏ) : ରାଜକନିକା ପଞ୍ଚାୟତ ସମିତି ପୂର୍ବତନ ଅଧକ୍ଷ ସୁବାସ ଚନ୍ଦ୍ର ପରିଡ଼ା ଦୁର୍ଘଟଣାରେ ଆହତ ହୋଇଛନ୍ତି। ମଙ୍ଗଳବାର ସନ୍ଧ୍ୟା ସମୟରେ ରାଜକନିକାର ପ୍ରମୁଖ କଣ୍ଟପଡ଼ା ବଜାର ଷ୍ଟ୍ରକ୍‌ଚର ଛକ ନିକଟରେ ପରିଡ଼ା ତାଙ୍କ ସ୍କୁଟି ନଂ. ଓଡି ୨୯ ୦୮୩୦ ନେଇ ବଜାର ଭିତରକୁ ଯାଉଥିଲେ। ଏହି ସମୟରେ ଚାନ୍ଦବାଲି ପଟୁ ଆସୁଥିବା ଟାଟା ଏସ୍‌ସି ନଂ. ଓଡି ୦୨ ୱାଇ ୪୨୧୦ ସହ ସ୍କୁଟି ସାମ୍ନାସାମ୍ନି ଧକ୍କା ହୋଇଥିଲା। ଫଳରେ ପରିଡ଼ାଙ୍କ ସ୍କୁଟିଟି ଗାଡ଼ି ତଳେ ପଡ଼ିଯାଇଥିଲା। ଗାଡ଼ିଟି ସ୍କୁଟି ଉପରେ ଚଢ଼ି ଯାଇଥିଲା। ସ୍କୁଟିରୁ ପରିଡ଼ା ପଡ଼ିଯିବାରୁ ହାତରେ ଆଘାତ ଲାଗିଛି।

### ଚିନ୍ତାମଣି ମହାନ୍ତି ଯୋର ନିକଟରେ ସ୍ଲୁଇସ୍ ନିର୍ମାଣ ଦାବି

ରାଜନଗର,୨୫।୪(ଡି.ଏନ.ଏ.) ରାଜନଗର ବ୍ଲକ ଖୋଳାରୁ ଡାଙ୍ଗମାଳ ଜଙ୍ଗଲ ପାଖ ରାସ୍ତାର ଚିନ୍ତାମଣି ମହାନ୍ତି ଯୋର ନିକଟରେ ସ୍ଲୁଇସ୍ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଚାଷୀମାନଙ୍କ ଦାବି ମୁତାବକ ବର୍ତ୍ତମାନ ଜଙ୍ଗଲ ପାଖ ରାସ୍ତା ସମ୍ପ୍ରସାରଣ କରାଯାଇ ନିର୍ମାଣ କରାଯାଉଛି। ଏହି ରାସ୍ତାର ରଗଡ଼ାପାଟିଆ ମୌଜା ଚିନ୍ତାମଣି ମହାନ୍ତି ଯୋର ନିକଟରେ ଏକ ସ୍ଥାୟୀ ସ୍ଲୁଇସ୍ ନିର୍ମାଣର ଆବଶ୍ୟକତା ରହିଛି। ଏହି ସ୍ଲୁଇସ୍ ନିର୍ମାଣ ହେଲେ ବର୍ଷାଦିନେ ଚାଷ ଜମିର ଜଳ ସହଜରେ ନିଷ୍କାସିତ ହୋଇପାରିବ। ଖମାରସାହି ଓ ରଗଡ଼ାପାଟିଆର ଶତାଧିକ ଚାଷୀ ଏଥିଯୋଗୁ ଉପକୃତ ହେବେ। ପୂର୍ବରୁ ଏଠାରେ ପାଣି ନିଷ୍କାସନ ପାଇଁ ଛୋଟ ସ୍ଲୁଇସ୍ ଥିଲା। ରାସ୍ତା ପାଇଁ ମାଟି କାମ ସମୟରେ ଏହା ପୋତି ହୋଇଯାଇଛି। ନୂତନ ସ୍ଲୁଇସ୍ ନିର୍ମାଣ ସହ ରାସ୍ତା ନିର୍ମାଣ କରିବାକୁ ଉପେନ୍ଦ୍ର ନାଥ ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ ଚାଷୀ କେନ୍ଦ୍ରାପଡ଼ା ଜିଲାପାଳ ଏବଂ ବିଧାୟକଙ୍କୁ ଜଣାଇଛନ୍ତି।

### ସତ୍ୟସାଇଙ୍କ ଆରାଧନା ମହୋତ୍ସବ

କେନ୍ଦ୍ରାପଡ଼ା ଅଫିସ, ୨୫।୪ କେନ୍ଦ୍ରାପଡ଼ା ଜିଲା ଚଉଦକୁଲାଟସ୍ଥ ସତ୍ୟସାଇ ବାବାଙ୍କ ମନ୍ଦିର ପରିସରରେ ଆରାଧନା ମହୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି।



ସତ୍ୟସାଇ ସେବା ସମିତି ପକ୍ଷରୁ ଏଥିପାଇଁ ବ୍ୟାପକ କାର୍ଯ୍ୟକ୍ରମ ବ୍ୟବସ୍ଥା ହୋଇଥିଲା। ଶ୍ରଦ୍ଧାଳୁମାନେ ଓଁକାରମ, ସୁପ୍ରଭାତମ୍, ନଗରକୀର୍ତ୍ତନ, ପ୍ରଶାନ୍ତି ଧ୍ୱଜା ଉତ୍ତୋଳନ, ସାଇ ଗାୟତ୍ରୀ, ମହାମୃତ୍ୟୁଞ୍ଜୟ ମନ୍ତ୍ର ପଠନ ଆଦି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଏଥିସହ ଏଠାରେ ସମୂହ ଦୀପଦାନ, ବାଳ ବିକାଶ ଓ ସତ୍‌ସଙ୍ଗ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ସାଇ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

# ଡେରାବିଶ: ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ପ୍ରହସନ

■ ପ୍ରଥମ ପର୍ଯ୍ୟାୟରେ ୮୮୪୬ ଅଭିଯୋଗ

■ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଲୋକଙ୍କ ମଧ୍ୟରେ ଅନାଗ୍ରହ

ଡେରାବିଶ,୨୫।୪ (ସ୍ୱ.ପ୍ର.)

ଜିଲା, ତହସିଲ, ବ୍ଲକ ଓ ସଦର ମହକୁମାରେ ସରକାରୀ ଯୋଜନାରୁ ବଞ୍ଚିତ ହେଉଥିବା ସାଧାରଣ ଲୋକ ନିଜର ଅଭିଯୋଗ ପାଇଁ ଖର୍ଚ୍ଚାନ୍ତ ହୋଇ ଏତେ ଦୂର ଯାଇ ପାରୁ ନାହାନ୍ତି। ଏହାକୁ ଲକ୍ଷ୍ୟ କରି କେନ୍ଦ୍ରାପଡ଼ା ଜିଲାରେ ୨୦୨୨ ମସିହାରୁ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ କରାଯାଉଛି। ପ୍ରଶାସନିକ ଅଧିକାରୀମାନେ ପଞ୍ଚାୟତରେ ପହଞ୍ଚି ବିଭିନ୍ନ ଯୋଜନାରୁ ବଞ୍ଚିତ ଥିବା ହିତାଧିକାରୀଙ୍କଠାରୁ ଅଭିଯୋଗ ଗ୍ରହଣ କରି ଏହାର ଦ୍ରୁତ ସମାଧାନ ପାଇଁ ପ୍ରୟାସ କରୁଛନ୍ତି। ଜିଲାର ଡେରାବିଶ ବ୍ଲକରେ ସପ୍ତାହର ପ୍ରତ୍ୟେକ ସୋମବାର ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବ୍ଲକ ଅଧୀନରେ ଥିବା ୨୬ଟି ପଞ୍ଚାୟତ କାର୍ଯ୍ୟାଳୟରେ ଏହି କାର୍ଯ୍ୟକ୍ରମ ପ୍ରଥମ ପର୍ଯ୍ୟାୟରେ ସଫଳତା ହାସଲ କରିଥିବା ବେଳେ ବହୁ ଅଭିଯୋଗ ଆସୁଥିଲା। ହେଲେ ଦ୍ୱିତୀୟ ପର୍ଯ୍ୟାୟ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ପ୍ରଚାର, ପ୍ରସାର ଓ ଲୋକମାନଙ୍କ ପୂର୍ବ ଅଭିଯୋଗର ସମାଧାନ ହୋଇ ନ ଥିବାରୁ ଏବେ ସଂଖ୍ୟା କମିବାରେ ଲାଗିଛି। ଫଳରେ ବ୍ଲକ ଅଞ୍ଚଳରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ପାଇଁ ସରକାରୀ ଅର୍ଥ ଖର୍ଚ୍ଚ ସତ୍ତ୍ୱେ ଏବେ ଏହା ପ୍ରହସନରେ ପରିଣତ ହୋଇଛି।

ପ୍ରଥମ ପର୍ଯ୍ୟାୟରେ ବ୍ଲକର ୨୬ଟି ପଞ୍ଚାୟତରୁ ୮୮୪୬ ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ଆବାସ ଯୋଜନା, ରାଶନ କାର୍ଡ, ଭତ୍ତା, ନିର୍ମାଣ ଶ୍ରମିକଙ୍କ ପାଇଁ ଯୋଜନାରୁ ବଞ୍ଚିତ ଥିବା ହିତାଧିକାରୀମାନେ ସେମାନଙ୍କ ଅଭିଯୋଗ ନିଜ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ଉପସ୍ଥିତ ପ୍ରଶାସନିକ ଅଧିକାରୀଙ୍କୁ ଭେଟି ଅଭିଯୋଗମାନ କରିଥିଲେ। ଏଥିରେ ବିଡିଓ, ତହସିଲଦାରଙ୍କଠାରୁ ଆରମ୍ଭ କରି ବିଭିନ୍ନ ବିଭାଗର ସମ୍ପ୍ରସାରଣ ଅଧିକାରୀ ଉପସ୍ଥିତ ରହି ଅଭିଯୋଗଗୁଡ଼ିକୁ ଗ୍ରହଣ କରୁଥିଲେ। ସେହିପରି ୨୦୨୨ ଡିସେମ୍ବରରୁ ଦ୍ୱିତୀୟ ପର୍ଯ୍ୟାୟରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏପ୍ରିଲ ୩ୟ ସୋମବାର ସୁଦ୍ଧା ବ୍ଲକ ଅଧୀନ ୨୬ଟି ପଞ୍ଚାୟତ ମଧ୍ୟରୁ ୧୮ଟିରେ ଏହି କାର୍ଯ୍ୟକ୍ରମ ହୋଇଯାଇଛି। ମାତ୍ର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭରୁ ଏହି କାର୍ଯ୍ୟକ୍ରମରେ ସମ୍ପୃକ୍ତ ପଞ୍ଚାୟତର ସାଧାରଣ ଲୋକଙ୍କ ମଧ୍ୟରେ ଅନାଗ୍ରହ ଦେଖିବାକୁ ମିଳୁଛି। ଏଥିସହ ବହୁ ପଞ୍ଚାୟତରେ ଦୁଇଅଙ୍କ ମଧ୍ୟରେ ଅଭିଯୋଗଗୁଡ଼ିକ ସୀମିତ ରହୁଛି। ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ପଞ୍ଚାୟତରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ୨୦ରୁ ଊର୍ଦ୍ଧ୍ୱ ଷ୍ଟଲ ପଡ଼ିବା ସହ ବିଭାଗୀୟ ଅଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଗ୍ରହଣ କରୁଥିଲେ। ମାତ୍ର ଦ୍ୱିତୀୟ ପର୍ଯ୍ୟାୟରେ ଏହି ସଂଖ୍ୟା ୧୦କୁ କମିଯିବା ସହ ଏହି କାର୍ଯ୍ୟକ୍ରମରେ ବହୁ ଅଧିକାରୀ ଅନୁପସ୍ଥିତ ରହୁଛନ୍ତି।

ଏ ସମ୍ପର୍କରେ ଯଅଁରାବାରିମୂଳର ପୂର୍ବତନ ସରପଞ୍ଚ ରଘୁନାଥ ଶତପଥୀ କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ବ୍ଲକ ଅଞ୍ଚଳରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସରକାରୀ ଯୋଜନାରୁ ବଞ୍ଚିତ ହିତାଧିକାରୀମାନେ ଦ୍ରୁତ ନ୍ୟାୟ ପାଇବା ଆଶାରେ ଅଭିଯୋଗମାନ ଆଣିଥିଲେ। ମାତ୍ର ସେମାନଙ୍କ ଅଭିଯୋଗର କୌଣସି ସମାଧାନ ହୋଇ ନ ଥିବାରୁ ସାଧାରଣ ଲୋକ ଏହି କାର୍ଯ୍ୟକ୍ରମ ପ୍ରତି ଆଗ୍ରହ ଦେଖାଉନାହାନ୍ତି। ଅପରପକ୍ଷରେ ପ୍ରତ୍ୟେକ ସପ୍ତାହରେ ଅନୁଷ୍ଠିତ ବିଭିନ୍ନ ପଞ୍ଚାୟତରେ ଏ ନେଇ ସରକାରୀ ଅର୍ଥ ମଧ୍ୟ ବ୍ୟୟ କରାଯାଉଛି। ମାତ୍ର ଫଳ ଶୂନ ହେଉଛି। ସେହିପରି ଶିକ୍ଷାବିତ୍ ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର କହିଛନ୍ତି, ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଏବେ ଏକ ପ୍ରହସନରେ ପରିଣତ ହୋଇଛି। କେବଳ ଏହି କାର୍ଯ୍ୟକ୍ରମରେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଅନୁଷ୍ଠିତ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ପଞ୍ଜୀକୃତ ହିତାଧିକାରୀଙ୍କ ମଧ୍ୟରୁ ଅଧିକାଂଶ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଘରକୁ ଫେରୁଛନ୍ତି। ଏ ସମ୍ପର୍କରେ ବିଡିଓ ଦାସରଥି ଜେନାଙ୍କୁ ପଚାରିବାରୁ ଏହି କାର୍ଯ୍ୟକ୍ରମରେ ଆସୁଥିବା ଅଭିଯୋଗଗୁଡ଼ିକୁ ଡାଟାବେସ୍ କରି ରଖାଯାଉଛି। ବିଶେଷକରି ଆବାସ ଯୋଜନାରୁ ବଞ୍ଚିତ ଥିବା ଯୋଗ୍ୟ ହିତାଧିକାରୀଙ୍କ ନାମ ଡାଟାବେସ୍ କରାଯାଇଛି। ଏ ନେଇ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ପାଇବା ମାତ୍ରେ ସେମାନଙ୍କ ନାମ ଆମେ ପଠାଇବା ସହ ସେହି ସମସ୍ୟାର କିପରି ସମାଧାନ ହେବ ସେ ନେଇ ବିଭାଗୀୟ ସ୍ତରରେ ପଦକ୍ଷେପ ନିଶ୍ଚୟ ନିଆଯିବ। ଅପରପକ୍ଷରେ ଦ୍ୱିତୀୟ ପର୍ଯ୍ୟାୟରେ ଲୋକଙ୍କୁ ଏହି କାର୍ଯ୍ୟକ୍ରମ ବିଷୟରେ ସଚେତନ କରିବାକୁ ୨ଦିନ ପୂର୍ବରୁ ସମ୍ପୃକ୍ତ ପଞ୍ଚାୟତ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ଜଣାଇ ଦିଆଯିବାକୁ ମଧ୍ୟ ବ୍ୟବସ୍ଥା କରାଯାଇଛି। ଯେପରି ଲୋକମାନେ ସେମାନଙ୍କ ଅଭିଯୋଗ ପ୍ରଶାସନ ନିକଟରେ କରିପାରିବେ ସେ ନେଇ ସବୁ ପ୍ରକାର ବ୍ୟବସ୍ଥା କରାଯାଉଛି ବୋଲି ସେ କହିଛନ୍ତି।

# ୨୭ରେ ଡେରାବିଶ ଆସିବେ ୫-ଟି ସଚିବ: ପ୍ରଶାସନିକ ତତ୍ପରତା



ପ୍ରଶାସନିକ ଅଧିକାରୀ ଶ୍ରୀଦଧିବାମନଜୀଉ ମନ୍ଦିର ବୁଲି ଦେଖୁଛନ୍ତି।

ଡେରାବିଶ ୨୫। ୪ (ସ୍ୱ.ପ୍ର.)

କେନ୍ଦ୍ରାପଡା ଜିଲାକୁ ୨ ଦିନିଆ ଗସ୍ତରେ ୫-ଟିସଚିବ ଭି.କେ. ପାଣ୍ଡିଆନଙ୍କ ଆସନ୍ତା ୨୭ ଓ ୨୮ ତାରିଖ ଆସିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହି ଅବସରରେ ୫ ଟି ସଚିବ ଗୁରୁବାର ଡେରାବିଶ ବ୍ଲକ ଅଞ୍ଚଳ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଥିବାରୁ ଏଥିପାଇଁ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ୫ ଟି ସଚିବ ପାଣ୍ଡିଆନ ମଧ୍ୟାହ୍ନ ୧ଟା ରେ ବ୍ଲକ ଅନ୍ତର୍ଗତ ଗୋଲରାହାଟ ପଞ୍ଚାୟତସ୍ଥିତ ମିଶନ ଶକ୍ତି ଅଧୀନ ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର ଗ୍ରୁପର ମହିଳା ସଦସ୍ୟାମାନଙ୍କ ଭେଟିବା ସହ ସେମାନଙ୍କ ଦ୍ୱାରା ଏମ୍ବ୍ରୋଡୋରୀ କରାଯାଇଥିବା ସାମଗ୍ରୀମାନ ଦେଖିବେ। ପରେ ଦିନ ୧ଟା ୧୫ ମିନିଟ୍‌ରେ ଡେରାବିଶର ପରମ ଆରାଧ୍ୟ ଶ୍ରୀଦଧିବାମନଜୀଉ ମନ୍ଦିରକୁ ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିବା ସହ ମନ୍ଦିରର ବିଭିନ୍ନ ସମସ୍ୟା ସମ୍ବନ୍ଧରେ କମିଟି କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିବେ। ସେହିପରି ୫ ଟି ସଚିବ ଏଠାରୁ ବାହାରି ସିଧା ଦିନ ୧ଟା ୪୦ମିନିଟ୍‌ରେ ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବ୍ଲକ ପ୍ରଶାସନ ଦ୍ୱାରା ଚାଲିଥିବା ବିଭିନ୍ନ ଉନ୍ନତିମୂଳକ ଓ ଜନହିତକର କାର୍ଯ୍ୟର ତଦାରଖ କରିବା ସହ ବ୍ଲକ ମିଶନ ଶକ୍ତି ସଦସ୍ୟାମାନଙ୍କ ସହିତ ଆଲୋଚନା କରିବେ। ପରେ ବ୍ଲକ କାର୍ଯ୍ୟାଳୟ ପରିସର ସ୍ଥିତ ମିଶନ ଶକ୍ତି କାଫେରେ ମଧ୍ୟାହ୍ନ ଭୋଜନ କରିବାର କାର୍ଯ୍ୟକ୍ରମ ରହିଥିବା ନେଇ ବିଡିଓ ସୂଚନା ଦେଇଛନ୍ତି। ପରେ ବ୍ଲକ ଅଧୀନ ଗୁଆଲସିଂ ପଞ୍ଚାୟତସ୍ଥିତ ଜିଲା ସଂସ୍କୃତି ଭବନରେ ପହଞ୍ଚି ମିଶନ ଶକ୍ତି ବିଭାଗ ଅଧୀନ ଡିଷ୍ଟ୍ରିକ୍ଟ ଲେଭୁଲ ଫେଡେରେଶନ ଓ ବ୍ଲକ ଲେଭୁଲ ଫେଡେରେଶନର କର୍ମକର୍ତ୍ତା ଓ ସଦସ୍ୟାମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ୫ ଟି ସଚିବଙ୍କ ଗସ୍ତ କାର୍ଯ୍ୟକ୍ରମ ପହଞ୍ଚିବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ମଙ୍ଗଳବାର ଅତିରିକ୍ତ ଜିଲାପାଳ ପୀତାମ୍ବର ସାମଲ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ଓ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଅପରାହ୍ନରେ ବିଡିଓ ଦାଶରଥି ଜେନା, ତହସିଲଦାର ଅକ୍ଷୟ କୁମାର ପରିଡା, ଏବିଡିଓ ଭଞ୍ଜ କିଶୋର ନାୟକଙ୍କ ସମେତ ବ୍ଲକ ଓ ତହସିଲର ଅଧିକାରୀମାନେ ୫ ଟି ସଚିବଙ୍କ କାର୍ଯ୍ୟକ୍ରମ ରହିଥିବା ଗୋଲରାହାଟ ପଞ୍ଚାୟତ ଅଧୀନ ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର ଗ୍ରୁପର ସଭ୍ୟା ଓ ଶ୍ରୀଦଧିବାମନଜୀଉ ମନ୍ଦିରର କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଛନ୍ତି। ତେବେ ପ୍ରଶାସନିକ ଅଧିକାରୀଙ୍କ ଏହି ତଦାରଖ କାର୍ଯ୍ୟକ୍ରମ ଅବସରରେ ଗୋଲରାହାଟ ସରପଂଚ କାଶୀନାଥ କାଣ୍ଡି, ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ, ମନ୍ଦିର ଦାୟିତ୍ୱରେ ଥିବା ଟ୍ରଷ୍ଟି ନାରାୟଣ ସାହୁ, ମନ୍ଦିର ପୂଜକଙ୍କ ସମେତ ମନ୍ଦିର ସେବାୟତ ଓ ୩୬ ନିଯୋଗୀ ସଦସ୍ୟମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ।

# ମହାବିଦ୍ୟାଳୟରେ ମେଗା କ୍ୟାରିୟର କାଉନ୍‌ସେଲିଂ



କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ କ୍ୟାରିୟର କାଉନସେଲିଂରେ ଯୋଗ ଦେଇଥିବା ଛାତ୍ରୀଛାତ୍ରମାନେ।

କେନ୍ଦ୍ରାପଡ଼ା ଅଫିସ, ୨୫।୪

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ପୁସ୍ତକ ଆଇ ଓ ଅନ୍ କ୍ୟାରିୟର୍ସ ପକ୍ଷରୁ ମେଗା କ୍ୟାରିୟର କାଉନ୍‌ସେଲିଂ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିସହ ମେଧାବୀ ଶିକ୍ଷାର୍ଥୀଙ୍କୁ କେତେକ ପୁସ୍ତକ ବଣ୍ଟନ କରାଯାଇଛି। ପୂର୍ବତନ ଛାତ୍ର ସଂସଦ ସଭାପତି ତଥା ଓପାକ ମୁଖ୍ୟ ଶୁଭଙ୍କର ନାୟକ ଓ ଭୁବନେଶ୍ୱରସ୍ଥ ଆଇଆଇଟି ପ୍ରଫେସର ସୌମେନ୍ଦ୍ର ରଣା ଏଥିରେ ଯୋଗଦେଇ ଶିକ୍ଷାର୍ଥୀଙ୍କ କ୍ୟାରିୟର ଗଠନ ଦିଗରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ସେମାନେ ଦର୍ଶାଇଥିଲେ ଯେ, ଏବେ ଆଇଟି କ୍ଷେତ୍ର ଆଗକୁ ବଢ଼ୁଛି। ଡାଟା ସାଇନ୍ସ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପରି ନୂଆ କୋର୍ସ ସହିତ ଯୋଡ଼ି ହେଲେ ଭବିଷ୍ୟତ ଉଜ୍ଜ୍ୱଳ ହେବ। ଏହି କାଉନ୍‌ସେଲିଂରେ ମହାବିଦ୍ୟାଳୟର ପ୍ରଫେସର ଏସ.କେ. ମହାନ୍ତି, ଦେବେନ୍ଦ୍ର ଗୋଚ୍ଛାୟତ, ପ୍ରଫେସର ପ୍ରମୋଦ କୁମାର ଦାସ, ଅଧ୍ୟାପକ ରଞ୍ଜିତ କୁମାର ଦାସ ପ୍ରମୁଖ ଯୋଗଦେଇ ସୁସ୍ଥ ଦେଶ ଗଠନରେ ଶିକ୍ଷାର୍ଥୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହାକୁ ଓପାକର ସ୍ୱେଚ୍ଛାସେବୀ ସୋନାଶିଷ ଜେନା, ସୌମ୍ୟରଞ୍ଜନ ଦାସ, ଦେବୀ ପ୍ରସାଦ ପାତ୍ର, ଦେବଦାସ ମଜୁମଦାର, ସୁନିଲ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

### ମେଡିକାଲ ପାଇଁ ସ୍ଥାନ ପରିଦର୍ଶନ

ଯାଜପୁରରୋଡ୍,୨୫।୪(ଡି.ଏନ.ଏ.): ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୩୦ ଶଯ୍ୟା ବିଶିଷ୍ଟ ମେଡିକାଲ ପାଇଁ ମଙ୍ଗଳବାର ଏକ ଟିମ୍ ସ୍ଥାନ ପରିଦର୍ଶନ କରିଛନ୍ତି। ପାଣିକୋଇଲି ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଆଲୋକ କୁମାର ମହାନ୍ତି ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଡାକ୍ତରଖାନା ଗୃହ ନିମନ୍ତେ ସ୍ଥାନ ନିରୂପଣ କରିବାକୁ ଅନୁରୋଧ କରିଥିଲେ। ପରେ ପୂର୍ତ୍ତ ବିଭାଗ ପାଣିକୋଇଲି ଅଧୀକ୍ଷଣ ଯନ୍ତ୍ରୀ ମହାନ୍ତି, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ଦାଶ, ଯାଜପୁର ରୋଡ ସହକାରୀ ଯନ୍ତ୍ରୀ ତାପସ କୁମାର ପୃଷ୍ଟି, ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସନ୍ତୋଷ କୁମାର ପୃଷ୍ଟି, ବ୍ୟାସନଗର ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଳିକ, ଯନ୍ତ୍ରୀ ଅଜୟ କୁମାର ପରିଡ଼ା ବ୍ୟାସନଗରର ବସ୍‌ଷ୍ଟାଣ୍ଡ ପଛପଟେ ଥିବା ସ୍ଥାନ ବୁଲି ଦେଖିଛନ୍ତି। ଏଠାରେ ମୋଟ୍ ୩ ଏକର ୧୩ ଡିସିମିଲ ଜାଗାରୁ ଡାକ୍ତରଖାନା ଗୃହ ନିମନ୍ତେ ୨ ଏକର ଆବଶ୍ୟକ ରହିଛି। ଉକ୍ତ ସ୍ଥାନ ମେଡିକାଲ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର ଲାଗି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତହସିଲଦାରଙ୍କୁ ବିଧିବଦ୍ଧ ଚିଠି କରିବା ପରେ ସ୍ଥାନ ନିରୂପଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ।

# ମ୍ୟାଲେରିଆରୁ ମୁକ୍ତି ପାଇଁ ସଚେତନତା




ସାନଜରିଆ ପ୍ରାଥମିକ ସ୍ୱାଇ୍ୟକେନ୍ଦ୍ରରେ ଲୋକଙ୍କୁ ସଚେତନତା କରାଯାଉଛି।

ପଟ୍ଟାମୁଣ୍ଡାଇ, ୨୫।୪(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସାନଜରିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶ୍ୱ ମ୍ୟାଲେରିଆ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ପ୍ରଦୀପ କୁମାର ଚମ୍ପତି ଯୋଗଦେଇ ବିଶ୍ୱ ବ୍ୟାପି ମ୍ୟାଲେରିଆ ରୋଗର ପ୍ରଭାବ ଓ ଏଥିଯୋଗୁ ଜୀବନହାନି ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ସରକାରୀ ପଦକ୍ଷେପ ଓ ସଚେତନତା, ସତର୍କତା ଏବଂ ନିରାକରଣ ସମ୍ପର୍କରେ ଲୋକମାନଙ୍କୁ ବୁଝାଇ ସଚେତନତା ସୃଷ୍ଟି କରିଥିଲେ। ଏହି କାର୍ଯ୍ୟକ୍ରମରେ ଫାର୍ମାସିଷ୍ଟ ପ୍ରଭାତ କୁମାର ଦାସ, ଲାବୋରେଟୋରୀ ଟେକ୍ନିସିଆନ ରଜନୀକାନ୍ତ ସୂତାର, ସାଗରୀକା ବେହେରା, ସରୋଜ ପଟ୍ଟନାୟକ, ଶରତ ଗାହାଣ, ମହେଶ୍ୱର ଦାସଙ୍କ ସମେତ ଆଖପାଖ ବିଭିନ୍ନ ପଞ୍ଚାୟତର ଜନସାଧାରଣ ଯୋଗ ଦେଇଥିଲେ।

# ମହିମା ଧର୍ମ ସନାତନ ଧର୍ମର ମୂଳ ଆଧାର

ବିରିଡି, ୨୫।୪ (ଡି.ଏନ୍.ଏ.)

ମହିମା ଧର୍ମ ହେଉଛି ସନାତନ ଧର୍ମର ମୂଳ ଆଧାର। ଏହି ଧର୍ମରେ ନିଷ୍କାମ ମାର୍ଗରେ ରହି ସାଧନା କଲେ ପ୍ରଭୁକୃପା ଲାଭ ହୁଏ। ମହିମା ଗୋସ୍ୱାମୀ ବିଶ୍ୱ ମାନବ ସମାଜକୁ ଏବଂ ବ୍ରହ୍ମ ଚେତନାରେ ରହିବା ପାଇଁ ଚେତନା ପ୍ରଦାନ କରି ଯାଇଛନ୍ତି। ଏଥିରେ ଭାରତୀୟ ପରମ୍ପରା ମୌଳିକତାକୁ ବଜାୟ ରଖିବାକୁ ବିଶେଷ ଗୁରୁତ୍ୱାରୋପ କରାଯାଇଛି। ଏହାକୁ ସମସ୍ତେ ଗ୍ରହଣ କଲେ ମାନବ ସମାଜର ମଙ୍ଗଳ ହୋଇପାରିବ ବୋଲି ବିରିଡି ବ୍ଲକ ଅଣଖିଆ ବଜାରର ସୋମବାର ସନ୍ଧ୍ୟାରେ ଅଖଣ୍ଡ ବ୍ରହ୍ମଧ୍ୱନି ଓ ମହିମା ଭଜନ ସମାରୋହରେ ଅବଧୂତ ସନ୍ୟାସୀ ବାବା, ଅରୂପ ବାବା ଓ ସାଧୁ କୃଷ୍ଣ ଦାସ କହଛନ୍ତି। ଏହି ଅବସରରେ ଅଖଣ୍ଡ ଘୃତବତୀ ପ୍ରଜ୍ୱଳନ, ଅଖଣ୍ଡ ବ୍ରହ୍ମଧ୍ୱନି ସ୍ଥାପନା ସହ ସାରା ରାତ୍ରି ପ୍ରଭୁଙ୍କ ନାମ ଭଜନ ଓ ସମବେତ ପ୍ରାର୍ଥନା କରାଯାଇଥିଲା। ମଙ୍ଗଳାବର ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ଏହି ଆଧାତ୍ମିକ କାର୍ଯ୍ୟକ୍ରମକୁ ମହିମା ଧର୍ମୀ ସର୍ବେଶ୍ୱର ବେହେରା ଓ ଧନେଶ୍ୱର ବେହେରା ପରିଚାଳନା କରିଥିଲେ।



# ତରାପୁରଠାରେ ଶାରଳା ମନ୍ଦିର ପ୍ରତିଷ୍ଠା

କେନ୍ଦ୍ରାପଡ଼ା ଅଫିସ, ୨୫।୪



କେନ୍ଦ୍ରାପଡ଼ା ବ୍ଲକ ଚକ୍ରୋଡ଼ା ପଞ୍ଚାୟତ ତରାପୁରଠାରେ ୨ ଏକର ପରିମିତ ସ୍ଥାନରେ ବିଶାଳ ଶାରଳା ମନ୍ଦିର ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ଶେଷ ହୋଇଛି। ମା’ ଶାରଳାଙ୍କ ମୂର୍ତ୍ତି ପ୍ରତିଷ୍ଠା ସହିତ ପାର୍ଶ୍ୱ ଦେବଦେବୀଙ୍କ ପ୍ରତିଷ୍ଠା ହୋଇଛି। ଏହି ପ୍ରତିଷ୍ଠା ଉତ୍ସବ ଗତ ୧୬ ତାରିଖରୁ ଆରମ୍ଭ ହୋଇଥିଲା। ୨୧ ତାରିଖରେ ଜଳଯାତ୍ରା, ଘଟ ନିମଜ୍ଜନ, ଦେବୀଙ୍କ ଦୋଳରହଣ, ଗ୍ରାମ ପରିକ୍ରମା, ଗୁରୁପୂଜା, ଯଜ୍ଞାନୁଷ୍ଠାନ ଆଦି କାର୍ଯ୍ୟକ୍ରମ ହୋଇଥିଲା। ୨୨ ତାରିଖରେ ମନ୍ଦିର ପ୍ରତିଷ୍ଠା ଓ ୨୩ ତାରିଖରେ ଦେବୀ ବିଗ୍ରହଙ୍କ ପ୍ରତିଷ୍ଠା ହୋଇଥିଲା। ୨୫ ତାରିଖରେ ଦେବୀଙ୍କ ରାଜରାଜେଶ୍ୱରୀ ବେଶ, ଅଳତୀ ଆଦି କାର୍ଯ୍ୟକ୍ରମ ଥିଲା। ପ୍ରତିଷ୍ଠାତା ରାଜେନ୍ଦ୍ର କୁମାର ଦାଶ ମନ୍ଦିର ପ୍ରତିଷ୍ଠା ସମ୍ପର୍କରେ ସୂଚନା ଦେଇଛନ୍ତି ଯେ, ସାମ୍ପ୍ରତିକ ସମୟରେ ହିନ୍ଦୁ ସଂସ୍କୃତି ରକ୍ଷା ଏକ ଚିନ୍ତାର ବିଷୟ ହୋଇଛି। ଗ୍ରାମାଞ୍ଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି କରିବା ଏକମାତ୍ର ଲକ୍ଷ୍ୟ ରହିଥିଲା। ଏଥିପାଇଁ ଏହି ମନ୍ଦିର ନିର୍ମାଣ ୨୦୧୧ ମସିହାରୁ ଆରମ୍ଭ ହୋଇଥିଲା। ଏ ସମ୍ପର୍କରେ ସାମାଜିକ କର୍ମୀ ରାଜେଶ କୁମାର ପଣ୍ଡା କହିଛନ୍ତି, ଜଗତ୍‌ସିଂହପୁର ଜିଲାର ମା’ ଶାରଳାଙ୍କ ମନ୍ଦିରରୁ ଆଜ୍ଞାମାଳ ଆସିବାଠାରୁ ପ୍ରତିଷ୍ଠା ଉତ୍ସବରେ ଅନ୍ୟୂନ ୫୦ ହଜାର ଶ୍ରଦ୍ଧାଳୁ ଯୋଗ ଦେଇଛନ୍ତି। ଯାଜପୁରର ବିରଜା ମନ୍ଦିର, ଜଗତ୍‌ସିଂହପୁର ଜିଲାର ଶାରଳା ମନ୍ଦିର ଓ ଇଚ୍ଛାପୁରର ଶ୍ରୀବଳଦେବଜୀଉ ମନ୍ଦିରର ପୁରୋହିତମାନେ ଏହାକୁ ପ୍ରତିଷ୍ଠା କରିଛନ୍ତି। ଜନ୍ମେଜୟ ଦାଶ, ମୃତ୍ୟୁଞ୍ଜୟ ରାଉତ, ଭିକାରୀ ଦାଶ, କ୍ଷୀରୋଦ ନାୟକ, ପ୍ରଫୁଲ୍ଲ କୁମାର ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରତିଷ୍ଠା ଉତ୍ସବକୁ ସୁପରିଚାଳନା କରିଛନ୍ତି। ଭାଗବତପୁର, ଯମଧର ଓ ଚକ୍ରୋଡା ପଞ୍ଚାୟତର ଲୋକ ପ୍ରତିନିଧିମାନେ ଆଇନଶୃଙ୍ଖଳା ଓ ପରିବେଶ ପରିଚାଳନା ପ୍ରତିବିଶେଷ ଧ୍ୟାନ ଦେଇଥିଲେ।

# ଗୋସାଇଁ ଗୁପ୍ତରେ କର୍ଣ୍ଣରେ ଦିଅନ୍ତି ମହାମନ୍ତ୍ର

■ ଯଜୁର୍ବେଦ ଅନୁଯାୟୀ ନାମକରଣ ସମ୍ପନ୍ନ ହୁଏ

ମହାକାଳପଡ଼ା,୨୫।୪(ଡି.ଏନ୍.ଏ.)



ମହାକାଳପଡ଼ା ବ୍ଲକ ଅଧୀନ କୋଚିଳା ଗାଁରେ ନାମ ଦେବା ପାଇଁ ଗୋସାଇଁ ଯାଉଛନ୍ତି।

ପ୍ରାଚୀନ କାଳରେ ଗୁରୁକୁଳ ଆଶ୍ରମରେ ସାଧୁ ସନ୍ନ୍ୟାସୀମାନେ ନିଜର ଛାତ୍ରୀଛାତ୍ରଙ୍କୁ ଗୁପ୍ତରେ କର୍ଣ୍ଣରେ ଗୁରୁ ମହାମନ୍ତ୍ର ଦେଉଥିଲେ। ଆଜିକା ଦିନରେ ଗୁରୁକୁଳ ଆଶ୍ରମ ଲୋପପାଇବାକୁ ବସିଲାଣି। ତଥାପି ଏହି ପ୍ରାଚୀନ ପରମ୍ପରା ଆଧୁନିକ ସଭ୍ୟତାରେ ଆଜି ବି ବଞ୍ଚିରହିଛି। କୁଳ ଗୁରୁମାନେ ଗାଁକୁ ଗାଁ ବୁଲି ପିଲାମାନଙ୍କୁ କର୍ଣ୍ଣରେ ଗୁପ୍ତ ଭାବେ ଗୋସାଇଁ ମହାମନ୍ତ୍ର ପ୍ରଦାନ କରୁଛନ୍ତି। ଯେଉଁ ପିଲାମାନେ ନାମ ନେବେ ସେମାନଙ୍କୁ ସୁସଜ୍ଜିତ ବେଶ କରାଯିବା ସହ ପଇତା ପିନ୍ଧିଲେ ମହାମନ୍ତ୍ର ପ୍ରଦାନ କରାଯାଇଥାଏ।

ସାଧାରଣତଃ ଗ୍ରାମାଞ୍ଚଳରେ ଏହାକୁ ନାମ ଦିଆ ପର୍ବ ବୋଲି କୁହାଯାଏ। ପରିବାରରେ ସନ୍ତାନମାନଙ୍କର ବୟସ ଯେତେବେଳେ ୯ରୁ ୧୨ବର୍ଷ ହୋଇଯାଏ ସେତେବେଳେ ନାମ ନେବା ପାଇଁ ଉପଯୁକ୍ତ ବୟସ ହୋଇଥାଏ। କାରଣ ଭାରତୀୟ ସଂସ୍କୃତି ପରମ୍ପରା ଅନୁସାରେ ମହାମନ୍ତ୍ର ନ ନେଲେ ଠାକୁରଙ୍କର ପୂଜାପାଠ କରିବା ସହ କୌଣସି ମାଙ୍ଗଳିକ କାର୍ଯ୍ୟ ସମ୍ପନ୍ନ ହୋଇ ନ ଥାଏ। ଅନ୍ତତଃ ପକ୍ଷେ ଯେଉଁମାନେ ନାମମନ୍ତ୍ର ନେଇ ନ ଥାନ୍ତି ସେମାନେ ବିବାହ ବେଦି ଉପରେ ନାମକରଣ ସମ୍ପନ୍ନ ହୋଇଥାଏ ବୋଲି କୁହାଯାଏ। ବିଶେଷକରି ବ୍ରାହ୍ମଣ, ବୈଷ୍ଣବ ସମ୍ପ୍ରଦାୟର ଗୁରୁମାନେ ଏହି ନାମକରଣ କରିଥାନ୍ତି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ସ୍ଥାନୀୟ କୋଚିଳା ଗ୍ରାମରେ। ସୁଦୂର କେନ୍ଦ୍ରାପଡ଼ା ନିକଟ ବାଲିଗୋଠ ଗାଁର ବ୍ରାହ୍ମଣ ଗୋସାଇଁ ନିତ୍ୟାନନ୍ଦ ଦାଶ(୭୫) ନିଜର ଯଜମାନ ଘରକୁ ଘର ବୁଲି ସେମାନଙ୍କ ପିଲାମାନଙ୍କ ନାମକରଣ କରୁଥିବା ଦେଖିବାକୁ ମିଳୁଛି। ଗୋସାଇଁଙ୍କ ଗାଁ ମୁଣ୍ଡ ଧରୁ ଧରୁ ଦଣ୍ଡବତ କରି ସମ୍ମାନର ସହ ଘରକୁ ପାଛୋଟି ନେଇଥାନ୍ତି। ନାମକରଣ ଶେଷ ହେବା ପରେ ଯିଏ ଯାହା ଶ୍ରଦ୍ଧାର ସହିତ ଗୋସାଇଁଙ୍କୁ ଚାଉଳ, କଦଳୀ, ପନିପରିବା, ଟଙ୍କା, ନୂତନ ବସ୍ତ୍ର ଆଦି ପ୍ରଦାନ କରି ଆଶିଷ ଭିକ୍ଷା କରିଥାନ୍ତି। ଗୋସାଇଁ ଦାଶ କହିଛନ୍ତି, ଯଜୁର୍ବେଦ ଅନୁଯାୟୀ ପିଲାମାନଙ୍କ କର୍ଣ୍ଣରେ ଗୁପ୍ତରେ ମହାମନ୍ତ୍ର ଉଚ୍ଚାରଣ କରି ନାମକରଣ କରାଯାଏ। ଅପରପକ୍ଷରେ ଏହି ଗୋସାଇଁଙ୍କ ପିଢ଼ି ପରେ ପିଢ଼ି ଏହି କୌଳିକ ବୃତ୍ତିକୁ ଆପଣେଇଥାନ୍ତି। ଜିଲାର ମହାକାଳପଡ଼ା, ପଟ୍ଟାମୁଣ୍ଡାଇ, ରାଜନଗର ଓ କେନ୍ଦ୍ରାପଡା, ମାର୍ଶାଘାଇ ଆଦି ଅଞ୍ଚଳର ଶହେରୁ ଅଧିକ ଗ୍ରାମରେ ଯଜମାନ ଘରେ ନାମକରଣ କରିଛନ୍ତି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### କଞ୍ଚନବିଲି ଗାଁରେ ସିରିଜ ଚୋରି ୩ ଘରେ ବୁଲାଇଲେ କଳାକନା

ନୟାଗଡ଼ ଅଫିସ,୨୫।୪:ନୟାଗଡ଼ ସଦର ଥାନା କ୍ରୀଦାଶପୁର ପଞ୍ଚାୟତ କଞ୍ଚନବିଲି ଗାଁରେ ଗୋଟିଏ ରାତିରେ ୩ଟି ଘରୁ ସିନ୍ଧି ଚୋରି ହୋଇଛି । ଅନ୍ୟ ୩ଟି ଘରେ ଚୋରି ଉଦ୍ୟମ ହୋଇଛି । ଚୋରମାନେ କଞ୍ଚନବିଲି ଗାଁର ରଘୁନାଥ ଦାସଙ୍କ ଘରୁ ସୁନା ମାଳି ଓ ମୁଦି, ରୁପା ପାଉଁଜି, ୯ ହଜାର ୫ ଶହ ଟଙ୍କା ଚୋରି ହୋଇଛି । ଚୋର ମାନେ ଘରୁ ଟ୍ରଙ୍କ ଓ ଦରକାରୀ କାଗଜାତ ନେଇ ଗହୀର ମଝିରେ ଫୋପାଡିଛନ୍ତି । ମାଗୁଣି ଦାସଙ୍କ ଘରୁ ସୁନାର କାନ ପେଣ୍ଡି ଫୁଲ, ୧ ହଜାର ଟଙ୍କା, ମଲ୍ଲି ସାହୁଙ୍କ ଘରୁ କାନର ଫୁଲ, କଂସାବାସନ, ୨୦ ଖଣ୍ଡ ନୂଆ ଶାଢ଼ୀ, ୧୦ ଲୁଙ୍ଗୀ, ୧୨ ଶହ ଟଙ୍କା ଚୋରି ହୋଇଛି । ସେହିଭଳି ଯୋଗି ସାମଲ, ତିଳ ବେହେରା, ସୁମିତ୍ରା ବେହେରାଙ୍କ ଘରୁ କବାଟ ଭାଙ୍ଗି ଚୋରି ଉଦ୍ୟମ ହୋଇଛି । ଏନେଇ ଅଭିଯୋଗ ପରେ ପୋଲିସ ୬୯/୨୩ରେ ମାମଲା ରୁଜୁ କରି ତଦନ୍ତ କରୁଛି ।

# ୨ ଲିଜ୍‌ଧାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ମୟୁରଝାଳିଆ ଖଣି ମାମଲା, ଏନ୍‌ଜିଟିଙ୍କ ଚୂଡ଼ାନ୍ତ ରାୟ**

- ଫସିଲେ ୨ ତହସିଲଦାରଙ୍କ ସମେତ ୫ରୁ ଊର୍ଦ୍ଧ୍ୱ କର୍ମଚାରୀ
- ରୁଜୁ ହେବ ଫୌଜଦାରୀ ମାମଲା, ଅସୁଲ ହେବ କ୍ଷତିପୂରଣ

ନୟାଗଡ଼ ଅଫିସ,୨୫।୪:

ନୟାଗଡ଼ ଜିଲା ରଣପୁର ତହସିଲ ଅଧୀନ ମୟୁରଝାଳିଆ ମୌଜାର ବେଆଇନ ମାଙ୍କଡାପଥର ଓ ମୋରମ ଖଣି ସମ୍ପର୍କିତ ମାମଲାର ଚୂଡ଼ାନ୍ତ ରାୟ ଗତ ୧୮ ତାରିଖରେ କୋଲକାତାର ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ପ୍ରକାଶ ପାଇଛି । ଏହି ମାମଲାରେ ନୟାଗଡ଼ ଜିଲାପାଳଙ୍କ ସମେତ ୪ଜଣଙ୍କ ବିରୋଧରେ ଲିଜ୍‌ଧାରୀ ଆଣିଥିବା ୨୫ ଲକ୍ଷ ଟଙ୍କା ଲାଞ୍ଚ ଅଭିଯୋଗକୁ ଏନ୍‌ଜିଟି ଗ୍ରହଣ କରିନାହାନ୍ତି । ତେବେ ୨୦୨୨ ଡିସେମ୍ବର ୬ରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଦାଖଲ କରିଥିବା ସତ୍ୟପାଠକୁ ଏନ୍‌ଜିଟି ଗ୍ରହଣ କରି ଦୁଇ ଲିଜ୍‌ଧାରୀ ସୁଶାନ୍ତ କୁମାର ବରାଡ଼ ଓ ଅଗ୍ରୱାଲା ଇନଫ୍ରାବିଲ୍‌ଡ ପ୍ରାଇଭେଟ୍ ଲିମିଟେଡର ନିର୍ଦ୍ଦେଶକ ଶଶାଙ୍କ ଅଗ୍ରୱାଲଙ୍କ ବିରୋଧରେ ଓଏମ୍‌ଏମ୍‌ସି ରୁଲ ୨୦୧୬ ଧାରା ୫୧ ଅନୁସାରେ ଫୌଜଦାରୀ ମାମଲା ୨ମାସ ମଧ୍ୟରେ ଦାଏର କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ପରିବେଶ କ୍ଷତିପୂରଣ ଭରଣା ସମ୍ପର୍କରେ ହିସାବ କରି ୨ ଲିଜ୍‌ଧାରୀଙ୍କଠାରୁ ୨ମାସ ମଧ୍ୟରେ କ୍ଷତିପୂରଣ ଅସୁଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ପୁଣି ରଣପୁର ତହସିଲର ତତ୍କାଳୀନ ତହସିଲଦାର ଯୁଗଳ କିଶୋର ମିଶ୍ର ଓ ସଞ୍ଜୟ କୁମାର ସାମନ୍ତରାୟ, ଅତିରିକ୍ତ ତହସିଲଦାର ଅଶୋକ କୁମାର ପଟ୍ଟନାୟକ, ତତ୍କାଳୀନ ରାଜସ୍ୱ ନିରୀକ୍ଷକ, ରାଜସ୍ୱ ପରିଦର୍ଶକ, ଉପବିଭାଗ ଅଧିକାରୀ ଓ ବରିଷ୍ଠ ରାଜସ୍ୱ ସହାୟକମାନଙ୍କ ବିରୋଧରେ ୨ ମାସ ମଧ୍ୟରେ ଫୌଜଦାରୀ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏନ୍‌ଜିଟି ଆଦେଶକୁ ତୁରନ୍ତ ଅନୁପାଳନ ନିମନ୍ତେ ନୟାଗଡ଼ ଜିଲାପାଳ ଓ ରଣପୁର ତହସିଲଦାରଙ୍କୁ ନିର୍ଦ୍ଦେଶ ରହିଛି ।

ସୂଚନା ଅନୁଯାୟୀ, ମୟୁରଝାଳିଆ ମୌଜାର ୧୬୮୯ ପ୍ଲଟରୁ ୪ ଏକର ମାଙ୍କଡ଼ା ପଥର ଖଣି ପାଇଁ ଚାନ୍ଦପୁର ଥାନା ଚମ୍ପାଗଡ଼ର ସୁଶାନ୍ତ କୁମାର ବରାଡ଼ଙ୍କୁ ୫ ବର୍ଷିଆ ଲିଜ୍ ସୂତ୍ରରେ ଦିଆଯାଇଥିଲା । ସେହିଭଳି ଅଗ୍ରୱାଲା ଇନଫ୍ରାବିଲ୍‌ଡ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ଶଶାଙ୍କ ଅଗ୍ରୱାଲଙ୍କୁ ସାଧାରଣ ମାଟି ଖନନ ଓ ପରିବହନ ନିମନ୍ତେ ୨ ଏକର ଜମିରୁ ସାମୟିକ ପରମିଟ୍ ଦିଆଯାଇଥିଲା । ସେମାନେ ଉକ୍ତ ପ୍ଲଟ ନିକଟସ୍ଥ ଅନ୍ୟାନ୍ୟ ଜାଗାରୁ ବେଆଇନ ଭାବେ ମାଙ୍କଡ଼ା ପଥର ଓ ମୋରମ ଚାଲାଣ କରିବା ସହ ଗ୍ରାମ୍ୟ ଜଙ୍ଗଲ ନଷ୍ଟ କରୁଥିଲେ । ଏ ବାବଦରେ ଏନ୍‌ଜିଟି କୋଲକାତାଙ୍କ ନିକଟରେ ବଜ୍ରକୋଟର ଦିଲ୍ଲୀପ କୁମାର ସାମନ୍ତରାୟ, ଓସ୍ତପଡାର ଦୀପକ କୁମାର ରାଉତରାୟ ଓ ଚମ୍ପାଗଡ଼ର ଗଣେଶ କୁମାର ମାନ୍ଧତା କେସ ନଂ–ଓଏ ୮୩/୨୦୨୨ରେ ଅଭିଯୋଗ ଦାଖଲ କରିଥିଲେ । ଅଭିଯୋଗ ପରେ ଏନ୍‌ଜିଟିର ନିର୍ଦ୍ଦେଶ ଅନୁସାରେ ନୟାଗଡ଼ ଜିଲାପାଳ, ରାଜ୍ୟ ସରକାରଙ୍କ ଖଣି ବିଭାଗର ଅଧିକାରୀ, ବୈଜ୍ଞାନିକ ପ୍ରମୁଖ ଏହାର ଯାଞ୍ଚ କରିଥିଲେ । ଅନୁମତିଠାରୁ ଅଧିକ ଖଣି ଉତ୍ତୋଳନ କରାଯାଇଥିବାରୁ ଖଣି ମାଲିକଙ୍କୁ ଗତ ଜାନୁୟାରୀ ୧୦ରେ ୨କୋଟି ୮୧ ଲକ୍ଷ ୫୯ ହଜାର ୯୪୫ ଟଙ୍କା ଜରିମାନା ହୋଇଥିଲା । ଜରିମାନା ଏଡାଇବା ଆଳରେ ଖଣିମାଲିକ ୨୫ ଲକ୍ଷ ଟଙ୍କା ଲାଞ୍ଚ ଅଭିଯୋଗ ଆଣିଥିଲେ ବୋଲି ଅଭିଯୋଗ ହୋଇଛି । ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ବଜ୍ରକୋଟର ଦିଲ୍ଲୀପ କୁମାର ସାମନ୍ତରାୟ, ଓସ୍ତପଡାର ଦୀପକ କୁମାର ରାଉତରାୟ ଓ ଚମ୍ପାଗଡର ଗଣେଶ କୁମାର ମାନ୍ଧତା ପ୍ରମୁଖ ଲାଞ୍ଚ ମାଗିଥିବା ଅଭିଯୋଗ ହୋଇଥିଲା । ଗତ ଜାନୁୟାରୀ ୨୬ରେ ଜିଲାପାଳଙ୍କ ଉପସ୍ଥିତିରେ ଉପରୋକ୍ତ ୩ ଜଣ ଲିଜ୍‌ଧାରୀ ସୁଶାନ୍ତଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରି ଖଣି ବନ୍ଦ କରାଇ ଦେବାକୁ ଧମକ ଦେଇଥିଲେ । ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଗତ ଏପ୍ରିଲ ୧୧ରେ ଲିଜ୍‌ଧାରୀ ବରାଡଙ୍କ ଅଭିଯୋଗକୁ ଭିତ୍ତି କରି ଚାନ୍ଦପୁର ଥାନାରେ ଏକ ମାମଲା (ନଂ.୬୮/୨୦୨୩) ରୁଜୁ ହୋଇଥିଲା ।

### ନନ୍ଦିଘୋର ଚୋରି ଘଟଣାରେ ୨ ଜେଲ ଗଲେ

ଓଡ଼ଗାଁ,୨୫।୪(ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଅଧୀନ ନନ୍ଦିଘୋର ଜାମୁଗାଡିଆ ସାହିରେ ଗତ ୧୦ ତାରିଖ ଏକ ବଡ଼ ଧରଣର ଚୋରି ହୋଇଥିଲା । ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲକୁ ପଠାଇ ଦିଆଯାଇଛି । ସେମାନେ ହେଲେ ନନ୍ଦିଘୋର ପାଇକରା ସାହିର ସାନୁ ପ୍ରଧାନ ଓରଫ କାହ୍ନା(୨୧) ଓ ବରମୁଣ୍ଡା ଛକର କାଳିଆ ସେଠୀ (୧୯) । ସାନୁଙ୍କଠାରୁ କେତେକ ଲୁଗାପଟା ପୋଲିସ ଜବତ କରିଥିଲା । ଅବଶିଷ୍ଟ ବାସନ ଓ ମୂଲ୍ୟବାନ ଲୁଗାପଟା ସେମାନେ ଭୁବନେଶ୍ୱରରେ ବିକ୍ରି କରିଦେଇଥିବା ସ୍ୱୀକାର କରିଛନ୍ତି । ସୁଚନା ଅନୁସାରେ ଅଭିଯୁକ୍ତମାନେ ସେହି ସାହିର ରଶ୍ମିତା ବେହେରାଙ୍କ ଘରେ ପଶି ମୂଲ୍ୟବାନ ଲୁଗାପଟା ସହିତ ବାସନ ଆଦି ଚୋରି କରିବା ନେଇ ଥାନାରେ ଅଭିଯୋଗ ହୋଇଥିଲା ।

### ପୂର୍ବତନ ପାରା କର୍ମଚାରୀ ଗିରଫ

**ରକ୍ତ ଚନ୍ଦନ କାଠ ଜବତ ଘଟଣା**

ରାୟଗଡ଼ (ଗଜପତି),୨୫।୪ (ଡି.ଏନ.ଏ.): ଗଜପତି ଜିଲାରୁ ରାଜ୍ୟ ବାହାରକୁ ଚୋରା ଚାଲାଣ ପାଇଁ ରଖାଯାଇଥିବା କାଠକୁ ରବିବାର ଜବତ କରିଥଲା ଗାରାବନ୍ଧ ଥାନା ପୋଲିସ ଏବଂ ମହେନ୍ଦ୍ରଗିରି ବନାଞ୍ଚଳ।
ଏହି ଘଟଣାରେ ପୂର୍ବତନ ବନ ବିଭାଗର ପାରା କର୍ମଚାରୀଙ୍କୁ ଗିରଫ କରାଯାଇଛି। ସେ ହେଲେ ଏସ୍ ପାଇଲାମ୍ ଗ୍ରାମର ସୀମାଦ୍ରୀ ଭୂୟାଁ। କେସ୍ ନଂ ୧/୨୦୨୩-୨୦୨୪ ରେ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରି ତଦନ୍ତ ଜାରି ରଖିଥିବା ନେଇ ନାରାୟଣପୁର ସ୍ଥିତ ମହେନ୍ଦ୍ର ବନାଞ୍ଚଳ ଅଧିକାରୀ କବିନ ପରିଚ୍ଛା ସୂଚନା ଦେଇଛନ୍ତି।

### ସାମ୍ପ୍ରଦାୟିକ ହିଂସା ପ୍ରତିବାଦରେ ବିକ୍ଷୋଭ

ଆର.ଉଦୟଗିରି,୨୫।୪(ଡି.ଏନ.ଏ.): ଆର.ଉଦୟଗିରି ହିନ୍ଦୁ ସୁରକ୍ଷା ମଞ୍ଚ ଓ ବଜରଙ୍ଗ ଦଳ ପକ୍ଷରୁ ସୋମବାର ଏକ ବିଶାଳ ଶୋଭାଯାତ୍ରା ବ୍ଲକ କାର୍ଯ୍ୟାଳୟ ଠାରୁ ବାହାରି ଶିବ ମନ୍ଦିର ଦେଇ ତହସିଲ କାର୍ଯ୍ୟାଳୟ ପହଞ୍ଚିଥିଲା।
ହିନ୍ଦୁ ସମାଜ ଉପରେ ଆକ୍ରମଣକୁ ବିରୋଧ କରି ବିଭିନ୍ନ ସ୍ଲୋଗାନ ଦେଇ ଶୋଭାଯାତ୍ରା ପହଞ୍ଚିବା ପରେ ସେଠାରେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ଏପ୍ରିଲ ୧୨ ତାରିଖ ହନୁମାନ ଜୟନ୍ତୀ ଅବସରରେ ଅବସରରେ ସମ୍ବଲପୁର ହିନ୍ଦୁଙ୍କ ଉପରେ ହୋଇଥିବା ଆକ୍ରମଣ ଓ ହତ୍ୟାର ପ୍ରତିବାଦ କରାଯିବା ସହ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବା ସହ ନିର୍ଦ୍ଦୋଷଙ୍କୁ ନିଃସର୍ତ୍ତ ଖଲାସ ପାଇଁ ଦାବି କରାଯାଇଥିଲା।
ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଦାବିପତ୍ର ତହସିଲଦାର ଜ୍ୟୋର୍ତିମୟ ଦାସଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜରିଆ ଜାନୀ, ନରେନ୍ଦ୍ର ଜାନୀ, କମଳକାନ୍ତ ମାଳବିଷୋୟୀ ଓ ଅସିତ କୁମାର ସୁନ୍ଦର ରାୟ ପାତ୍ର ନେତୃତ୍ୱ ନେଇଥିଲେ।
ଏଥିରେ ବଜରଙ୍ଗ ଓ ଆରଏସ୍‌ଏସ୍‌ର ଶତାଧିକ ମହିଳା ଓ ପୁରୁଷ ପ୍ରମୁଖ ଯୋଗଦେଇଥିଲେ।

### ଦୁଇଟି କାର ସହ ୪୪.୭ କେ.ଜି. ଗଞ୍ଜେଇ ଜବତ, ୪ ଗିରଫ

ଦାରିଙ୍ଗବାଡି,୨୫।୪(ଡି.ଏନ୍.ଏ): କନ୍ଧମାଳ ଜିଲା ଦାରିଙ୍ଗବାଡି ପୋଲିସ ଦୁଇଟି କାର ସହ ୪୪ କେଜି ୭ ଶହ ଗ୍ରାମ ଗଞ୍ଜେଇ ଜବତ କରିଛି।
ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନୟାଗଡ ଜିଲ୍ଲା ଫତେଗଡ଼ର ସାଜନ ସାହୁ, ଖୋର୍ଦ୍ଧା ଅଞ୍ଚଳର ମାନଭଞ୍ଜନ ଭଞ୍ଜ, ଭଞ୍ଜନଗରର କୃଷ୍ଣଚନ୍ଦ୍ର ନାୟକ ଏବଂ ପୁରୁଷୋତମପୁରର କାହ୍ନୁ ମହାରଣା। ପ୍ରକାଶ ଯେ, ସୋମବାର ବାଲିଗୁଡାରୁ ଭୁବନେଶ୍ୱର ଅଭିମୁଖେ କାର୍ ନଂ (ଓଡି ୦୨ଏପି-୩୮୪୦) ଓ (ଓଡି ୦୨ ବିଜେଏଡ-୪୯୧୮) ଦାରିଙ୍ଗବାଡି ଦେଇ ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ଆମ୍ବଖାଲିଆ ଘାଟିରେ ପୋଲିସ ସେମାନଙ୍କୁ ଧରିଥିଲା।

## ଜବରଦଖଲକାରୀ ଘର ଖାଲି କଲେ

**ଥଇଥାନ ସହିତ ସରକାରୀ ସହାୟତା ପାଇଁ ଦାବି**



ଉଚ୍ଛେଦ ହୋଇଥିବା ଘର ।

ଖଣ୍ଡପଡ଼ା,୨୫।୪(ସ୍ୱ.ପ୍ର)

ସମ୍ପ୍ରତି କଣ୍ଟିଲୋ ଶ୍ରୀ ନୀଳମାଧବ ପୀଠର ବିକାଶ କାମ ଚାଲିଛି । ଠାକୁରଙ୍କ ଚନ୍ଦନ ପୋଖରୀର ନବୀକରଣ କାମ ଚାଲୁ ରହିଥିବା ବେଳେ ଏହାର ଚତୁଃପାର୍ଶ୍ୱରେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ପାଇଁ ପ୍ରଶାସନ ପକ୍ଷରୁ ସ୍ଥାୟୀ ଓ ଅସ୍ଥାୟୀ ଗୃହରେ ବସବାସ କରୁଥିବା ପରିବାର ୨୫ ତାରିଖ ସୁଦ୍ଧା ଘର ଖାଲି କରିବା ପାଇଁ ପରାମର୍ଶ ଦିଆଯାଇଥିଲା । ପ୍ରଶାସନର ପରାମର୍ଶ କ୍ରମେ ମଙ୍ଗଳବାର ସମ୍ପୃକ୍ତ ପରିବାର ନିଜ ଘର ଖାଲି କରିଛନ୍ତି। ସେମାନଙ୍କୁ ଅନ୍ୟତ୍ର ଥଇଥାନ ବ୍ୟବସ୍ଥା କରିବା ସହିତ ସହାୟତା ରାଶି ପ୍ରଦାନ ପାଇଁ ଦାବି କରିଛନ୍ତି ।

ସୂଚନାଯୋଗ୍ୟ, ଚନ୍ଦନ ପୁଷ୍କରିଣୀର ଚତୁଃପାର୍ଶ୍ୱରେ ରାସ୍ତା ନିର୍ମାଣ କରାଯିବ । ଏଥିସହିତ ସେଠାରେ ପର୍ଯ୍ୟଟକମାନଙ୍କ ପାଇଁ ସାମୟିକ ବିଶ୍ରାମଗାର ନିର୍ମାଣ ହେବାର କାର୍ଯ୍ୟକ୍ରମ ରହିଛି । ସେଥିପାଇଁ ଚନ୍ଦନ ପୋଖରୀ ପାର୍ଶ୍ୱରେ ଜବରଦଖଲ କରିଥିବା ବିପିନ ବେହେରା, ସଇଦ ସଲିମ, ଲକ୍ଷ୍ମୀ ମଲ୍ଲିକ, ଦୀନବନ୍ଧୁ ବେହେରା, ସନ୍ତୋଷ କୁମାର ମହାପାତ୍ର, ବଳରାମ ମଲ୍ଲିକ, ଶଙ୍କର ମଲ୍ଲିକ, ସଞ୍ଜୟ ମଳିକ ପ୍ରମୁଖ ଘର ଛାଡ଼ି ଅନ୍ୟତ୍ର ବସବାସ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି । ସମ୍ପୃକ୍ତ ବ୍ୟକ୍ତିମାନେ ଜାଗା ପାଇଁ ଖଣ୍ଡପଡ଼ା ତହସିଲ ଓ ନୟାଗଡ଼ ଜିଲାପାଳଙ୍କୁ ଦରଖାସ୍ତ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଖଣ୍ଡପଡ଼ା ତହସିଲଦାର ଲିପ୍ସା ରାୟଙ୍କ ସହ ଯୋଗାଯୋଗ କରାଯାଇଥିଲା । ଉଚ୍ଛେଦ ପ୍ରକ୍ରିୟାରେ ବାସ ହରାଉଥିବା ପରିବାର ସଦସ୍ୟଙ୍କ ସହ ଆଲୋଚନା କରାଯାଇଛି, ସେମାନଙ୍କୁ ବିଧି ବ୍ୟବସ୍ଥା ଅନୁଯାୟୀ ସହାୟତା ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

# ଶ୍ରୀରାମଙ୍କ ବ୍ରହ୍ମାସ୍ତ୍ରରେ ରାବଣ ନିହତ

ଗଣିଆ,୨୫।୪(ଡି.ଏନ.ଏ.)

ଗଣିଆ ଶ୍ରୀ ରଘୁନାଥଜୀଉଙ୍କ ପୀଠରେ ଗତ ୩୦ତାରିଖ ଶ୍ରୀରାମନବମୀଠାରୁ ଆରମ୍ଭ ହୋଇଥିବା ଲଙ୍କାପୋଡ଼ି ଯାତ୍ରାର ୫୧ତମ ମହୋତ୍ସବ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ମଙ୍ଗଳବାର ରାତିରେ ମଞ୍ଚସ୍ଥ ରାମ ରାବଣ ଲଢେଇ ପରେ ରାମଙ୍କ ବ୍ରହ୍ମାସ୍ତ୍ରରେ ରାବଣ ନିହତ ହୋଇଛନ୍ତି । ଠାକୁରଙ୍କ ଯଥାରୀତି ପୂଜାର୍ଚ୍ଚନା ପରେ ସେହି ରାତିରେ ଲଙ୍କାପୋଡ଼ି ଯାତ୍ରା ଅନୁଷ୍ଠିତ ହୋଇଥିଲା ।

ରାତି ୮ଟାରୁ ବଜାରର ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହାପରେ ରାତି ୧୨ଟାରେ ଆରମ୍ଭ ହୋଇଥିଲା ରାମଲୀଳା ମହୋତ୍ସବ। ମନ୍ଦିର ପରିସର ନାଟ୍ୟମଣ୍ଡପରେ ବାନରସେନା ଓ ରାମଲକ୍ଷ୍ମଣଙ୍କ ସହ ରାବଣ, ଅସୁରସେନାଙ୍କ ଯୁଦ୍ଧ ଦର୍ଶକଙ୍କୁ ମୁଗ୍ଧ କରିଥିଲା । ଇନ୍ଦ୍ରଙ୍କ ପ୍ରେରିତ ବିମାନରେ ରାମ, ଲକ୍ଷ୍ମଣ, ହନୁମାନ, ସୁଗ୍ରୀବ, ବିଭୀଷଣ ଥିବାବେଳେ ରାବଣ ମଧ୍ୟ ସୁସଜ୍ଜିତ ପୁଷ୍ପକ ବିମାନରେ ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ ହୋଇଥିଲେ । ଉଭୟ ପକ୍ଷ ସେନା ନାଟ୍ୟମଣ୍ଡପରୁ ଗଣିଆ ବଜାର ଦେଇ ବ୍ଲକ କାର୍ଯ୍ୟାଳୟ ନିକଟ ହାଟପଡିଆ ପର୍ଯ୍ୟନ୍ତ ଯୁଦ୍ଧ କରି ଯିବା ପରେ ଶ୍ରୀରାମ ତାଙ୍କୁ ବ୍ରହ୍ମାସ୍ତ୍ର ପ୍ରୟୋଗ କରିଥିଲେ । ବ୍ଲକ କାର୍ଯ୍ୟାଳୟ ନିକଟରେ ପୂର୍ବରୁ ନିର୍ମିତ ୨୦ ଫୁଟ ଉଚ୍ଚତା ବିଶିଷ୍ଟ ବାଉଁଶ ଓ କାଗଜରେ ତିଆରି ରାବଣ ମୂର୍ତ୍ତିରେ ଆତସବାଜି ଖଞ୍ଜା ଯାଇଥିଲା । ରାମଙ୍କ ବ୍ରହ୍ମାସ୍ତ୍ର ପ୍ରୟୋଗ ପରେ ସେହି ରାବଣଙ୍କ ଦେହରେ ନିଆଁ ଲଗାଯିବା ସହ ଆତସବାଜି ଫୁଟିଥିଲା । ପରେ ମାନସିକଧାରୀଙ୍କ ଆତସବାଜି ପ୍ରତିଯୋଗିତା ସକାଳ ପର୍ଯ୍ୟନ୍ତ ଚାଲିଥିଲା।

ଲଙ୍କାପୋଡ଼ି ଯାତ୍ରାରେ ଗଣିଆ ବଜାରରେ ୩୨ଫୁଟ ଉଚ୍ଚତା ବିଶିଷ୍ଟ ରାବଣ ପ୍ରତିମୂର୍ତ୍ତିକୁ ଯୁଦ୍ଧାସ୍ତ୍ର ସହ ସଜାଇ ରଖାଯାଇଥିଲା । ଶ୍ରୀରାମ ଦୟା ପରିଷଦର କଳାକାରଙ୍କ ମଧ୍ୟରେ ରାମ, ଲକ୍ଷ୍ମଣ, ସୀତା, ହନୁମାନ ଓ ରାବଣ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା କଳାକାରମାନଙ୍କ ଅଭିନୟ ଜୀବନ୍ତ ହୋଇଥିଲା । ବୁଧବାର ସକାଳୁ ସୀତାଙ୍କ ଅଗ୍ନୀପରୀକ୍ଷା ଓ ଶ୍ରୀରାମାଭିଷେକ ଉତ୍ସବ ଅନୁଷ୍ଠିତ ହେବ । ଏହି ଲଙ୍କାପୋଡ଼ି ଯାତ୍ରା ଦେଖିବାକୁ ଗଣିଆରେ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା । ସନ୍ଧ୍ୟାରେ ଭୁବନେଶ୍ୱର ସୁର ତରଙ୍ଗ ମେଲୋଡି ଗ୍ରୁପ୍ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।



ଲଙ୍କାପୋଡି ଉତ୍ସବ ଅବସରରେ ନିର୍ମାଣ କରାଯାଇଥିବା ବିରାଟକାୟ ରାବଣମୂର୍ତ୍ତି ।

**ଗଣିଆ ଲଙ୍କାପୋଡ଼ି ଯାତ୍ରା**

- ଆଜି ସୀତାଙ୍କ ଅଗ୍ନିପରୀକ୍ଷା, ଶ୍ରୀରାମାଭିଷେକ
- ରାତି ସାରା ଚାଲିଲା ଆତସବାଜି କାର୍ଯ୍ୟକ୍ରମ

## ଖଣ୍ଡପଡ଼ା ଥାନା ସମ୍ମୁଖରେ ମହିଳାଙ୍କ ବିକ୍ଷୋଭ




ମହିଳାମାନେ ଥାନା ଘେରାଉ କରିଛନ୍ତି ।

ଖଣ୍ଡପଡ଼ା,୨୫।୪(ସ୍ୱ.ପ୍ର.)

ଖଣ୍ଡପଡ଼ା ଏନଏସି ୯ନଂ. ୱାର୍ଡର ଶତାଧିକ ମହିଳା ମଙ୍ଗଳବାର ମଦ କାରବାରକୁ ବିରୋଧ କରିବା ସହ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ୯ନଂ.ୱାର୍ଡ କାଉନସିଲର ବିଜୁଳି ଚୌଧୁରୀଙ୍କ ଅଭିଯୋଗ କ୍ରମେ ସୋମବାର ଅପରାହ୍ଣରେ ଜେଲରାସ୍ତା ନିକଟରେ ଜଣେ ବ୍ୟକ୍ତିଙ୍କ ଘରେ ବେଆଇନ ଭାବେ ମଦ କାରବାର ହେଉଥିବା ନେଇ ସ୍ଥାନୀୟ ପୋଲିସକୁ ଖବର ଦିଆଯାଇଥିଲା । ମାତ୍ର ସମ୍ପୃକ୍ତ ଘର ବନ୍ଦ ଥିବା ଏବଂ ଏହି ଦାୟିତ୍ୱ ଅବକାରୀ ବିଭାଗର ହୋଇଥିବାରୁ ପୋଲିସ ସେଠାରୁ ଫେରି ଆସିଥିଲା । ପରେ ସ୍ଥାନୀୟ ଲୋକେ ଅବକାରୀ ବିଭାଗକୁ ଖବର ଦେଇଥିଲେ । ବିଭାଗୀୟ କର୍ମଚାରୀ ଉକ୍ତ ଘରୁ ୩୫ ଲିଟର ଦେଶୀ ମଦ ଜବତ କରିଥିଲେ । ଏ ନେଇ ସ୍ଥାନୀୟ ଅଞ୍ଚଳର ମହିଳାମାନେ ଥାନା ସମ୍ମୁଖରେ ମଦ କାରବାର ବିରୋଧରେ ବିକ୍ଷୋଭ କରିଥିଲେ । ଅନ୍ୟପକ୍ଷେ ମଦ ବେପାରୀ ଥାନାରେ ପାଲଟା ଅଭିଯୋଗ କରିଥିବା ପୋଲିସ ସୂତ୍ରରୁ ଜଣାପଡିଛି । ଉଭୟଙ୍କ ଅଭିଯୋଗ କ୍ରମେ ଥାନାରେ ୨ଟି ମାମଲା ରୁଜୁ ହୋଇଛି । ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ ବିକ୍ଷୋଭକାରୀଙ୍କୁ ବୁଝାଶୁଝା ପରେ ଧାରଣା ପ୍ରତ୍ୟାହୃତ ହୋଇଛି ।

### ‘ଆମ ସଂସ୍କୃତି, ଆମ ଖେଳନା’ କାର୍ଯ୍ୟକ୍ରମ

ଦିଗପହଣ୍ଡି,୨୫।୪(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ବୋମକେଇ ପଞ୍ଚାୟତ ଶ୍ରୀଗୋପାଳ ଦାସ ନୋଡାଲ ବିଦ୍ୟାପୀଠ ମଣିପଡ଼ିଆଠାରେ ମଙ୍ଗଳବାର ଗଞ୍ଜାମ ଜିଲା ସମଗ୍ର ଶିକ୍ଷା ଅଭିଯାନ ଆନୁକୂଲ୍ୟରେ କ୍ଲଷ୍ଟରସ୍ତରୀୟ ‘ଆମ ସଂସ୍କୃତି, ଆମ ଖେଳନା’ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସହକାରୀ ଶିକ୍ଷକ ବିଜୟ କୁମାର ପ୍ରଧାନଙ୍କ ସଂଯୋଜନା ଏବଂ ପ୍ରଧାନ ଶିକ୍ଷକ ରବିନ୍ଦ୍ର ନାଥ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଞ୍ଚଳିକ ସାଧନ କର୍ମୀ ନବୀନ ବାଡତ୍ୟା, ଅନିଲ କୁମାର ଦାଶ, ମେନସନ ପ୍ରଧାନ, ବଡଖେମୁଣ୍ଡି ଚିତ୍ରକାର ସଂଘ ସଭାପତି ରାମାନୁଜ ପଟ୍ଟନାୟକ, ପ୍ରଧାନ ଶିକ୍ଷକ ସୋମନାଥ ପ୍ରଧାନ, ଅମୂଲ୍ୟ ସେଠୀ ଏବଂ ଶିବରାମ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଓ ପ୍ରଦର୍ଶିତ ବିଭିନ୍ନ ଖେଳନା, ଲୋକକଳା ଏବଂ ବେଶ ଭୂଷା ଆଦି ସମସ୍ତଙ୍କୁ ବେଶ ଆକର୍ଷିତ କରିଥିଲା। ଶିକ୍ଷକ ଅନାଦି ଚରଣ ପ୍ରଧାନ, କେଶବ ବେହେରା, ହରିଚନ୍ଦ୍ର ପ୍ରଧାନ, ବିକ୍ରମ ପାଣିଗ୍ରାହୀ, ମୋନାଲିସା ନାୟକ, ସୁନିତା ପ୍ରଧାନ, ଦେବଦର୍ଶିନୀ ପଣ୍ଡା, ସୁନିତା ଭୂୟାଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କବାଡିଆଙ୍କୁ ନୂଆ ପାଠ୍ୟ ପୁସ୍ତକ ବିକ୍ରି

**ଟ୍ରକ ଡ୍ରାଇଭର ସମେତ ୨ ଅଟକ**

ଓଡ଼ଗାଁ,୨୫।୪(ସ୍ୱ.ପ୍ର.)

୨୦୨୩ରେ ଛପା ହୋଇଥିବା ପାଠ୍ୟ ପୁସ୍ତକକୁ କବାଡିଆକୁ ବିକ୍ରି କରିବା ଅଭିଯୋଗରେ ପୋଲିସ ଜଣେ ଟ୍ରକ ଚାଳକ ଓ କବାଡ଼ିଆଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି । ଏହି ଘଟଣାରେ ବ୍ୟବହୃତ ଟ୍ରକକୁ ପୋଲିସ ଜବତ କରିଛି । ନୟାଗଡ଼ ଜିଲା ଆଦର୍ଶ ଥାନା ଅଧୀନ ବାହାଡ଼ାଖୋଲା ଫାଣ୍ଡି ଅଞ୍ଚଳରେ ଏହି ଘଟଣା ଘଟିଛି । ସୂଚନା ଅନୁଯାୟୀ, ବିଭିନ୍ନ ସରକାରୀ ସ୍କୁଲକୁ ପାଠ୍ୟ ପୁସ୍ତକ ପ୍ରଦାନ ନିମନ୍ତେ ଭୁବନେଶ୍ୱରରୁ ଏକ ଟ୍ରକରେ ବହି ଆସିଥିଲା । ହେଲେ ସେହି ପାଠ୍ୟପୁସ୍ତକ ସ୍କୁଲରେ ଦିଆ ନ ଯାଇ ବାହାଡ଼ାଖୋଲାରେ ଏକ କବାଡିଆକୁ ବିକ୍ରି କରାଯାଇଥିବା ପୋଲିସ ସୂଚନା ପାଇଥିଲା । ଫଳରେ ସ୍ଥାନୀୟ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ ମଙ୍ଗଳବାର ସମ୍ପୃକ୍ତ କବାଡିଆ ଗୋଦାମରେ ଚଢାଉ କରି ୨୦୦ରୁ ଊର୍ଦ୍ଧ୍ୱ ୨୦୨୩ ମୁଦ୍ରିତ ପାଠ୍ୟ ପୁସ୍ତକ ଜବତ କରିଥିଲେ । ବନ୍ଧାଭୂମି ଗ୍ରାମର ପାଠ୍ୟପୁସ୍ତକ ପରିବହନ କରୁଥିବା ଟ୍ରକ ଡ୍ରାଇଭର ସମ୍ବିତ ଡାକୁଆ (୨୯)ଙ୍କଠାରୁ ସେ ୫ଶହ ଟଙ୍କା ଦେଇ ଉପରୋକ୍ତ ବହି କିଣିଥିବା କବାଡିଆ ରବି ରାଉତ (୨୯) ପୋଲିସ ଆଗରେ ସ୍ୱୀକାର କରିଛନ୍ତି । ରବି ଓ ସମ୍ବିତଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି । ସମ୍ବିତ ବ୍ୟବହାର କରୁଥିବା ଟ୍ରକ(ନଂ.ଓଡି୦୨ ଭି ୩୮୩୫)କୁ ପୋଲିସ ଜବତ କରିଛି ।




ଜବତ ହୋଇଥିବା ଟ୍ରକ୍ ।

# ନକଲି ଶିକ୍ଷକଙ୍କ ମାଷ୍ଟରମାଇଣ୍ଡ ନକଲି ବିଇଓ

■ କାର୍ଯ୍ୟାନୁଷ୍ଠାନ ବଦଳରେ କେନ୍ଦ୍ରାପଡ଼ା ବଦଳି
■ କେନ୍ଦ୍ରାପଡ଼ା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କଲେ ଅଞ୍ଚଳବାସୀ

ଯାଜପୁର ଅଫିସ/କୋରେଇ, (ଡି.ଏନ.ଏ.),୨୫।୪ :

ରାଜ୍ୟରେ ବିଭିନ୍ନ ଜିଲାରେ ନକଲି ପ୍ରମାଣପତ୍ରଧାରୀଙ୍କ ଉପରେ ତନାଘନା ତଦନ୍ତ ଚାଲିଛି। ହେଲେ ଯାଜପୁର ଜିଲାରେ ନକଲି ଆଦିବାସୀ ସାଜି ଶିକ୍ଷକତା କରୁଥିବା ବ୍ୟକ୍ତିଙ୍କ ଉପରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଆଶୀର୍ବାଦ ରହିଥିବା ଚର୍ଚ୍ଚା ହେଉଛି। ଏପରି କି କଟକ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର(ଆରଡିସି)ଙ୍କ କାର୍ଯ୍ୟାଳୟର ଜଣେ କିରାଣୀ ଏବଂ ଶିକ୍ଷା ବିଭାଗର କେତେକ କର୍ମଚାରୀ ମୋଟା ଅଙ୍କର ହାତଗୁଞ୍ଜା ନେଇ ନକଲି ପ୍ରମାଣପତ୍ରଧାରୀଙ୍କ ତାଲିକାକୁ ବାଦ ଦେଉଥିବା ଅଭିଯୋଗ ହେଉଛି। ଆଖପାଖ ଅଞ୍ଚଳରୁ ସ୍ୱଳ୍ପ ଜମି କିଣି ସେହି ଜମି ପଟ୍ଟା ବଳରେ ତଫସିଲଭୁକ୍ତ କିମ୍ବା ତଫସିଲଭୁକ୍ତ ଜନଜାତି ପ୍ରମାଣପତ୍ର ହାସଲ ହେଉଛି। ଏହାର ତଦନ୍ତ ନିର୍ଦ୍ଦେଶ ହେଲେ ସମ୍ପୃକ୍ତ ତହସିଲଦାର ଗ୍ରାଉଣ୍ଡ ତଦନ୍ତ ବଦଳରେ ନିଜ ଅଫିସରେ ବସି କାଗଜପତ୍ର ଯାଞ୍ଚ କରି ରିପୋର୍ଟ ପ୍ରଦାନ କରୁଛନ୍ତି। ଯାଜପୁର ଜିଲା କୋରେଇ ଅଞ୍ଚଳର ବାସିନ୍ଦା ତଥା ଏବେ କେନ୍ଦ୍ରାପଡ଼ା ଜିଲାରେ ଅବସ୍ଥାପିତ ଜଣେ ନକଲି ବିଇଓ(ବ୍ଲକ ଶିକ୍ଷାଧିକାରୀ) ଏହି କାରବାରରେ ମାଷ୍ଟରମାଇଣ୍ଡ ସାଜି ଅନ୍ୟ ନକଲି ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ସୁରକ୍ଷା ଦେଉଛନ୍ତି। ଏହି ମର୍ମରେ ଅଞ୍ଚଳବାସୀ ଯାଜପୁର, କେନ୍ଦ୍ରାପଡା ଜିଲାର ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ନକଲି ଶିକ୍ଷକଙ୍କ ତଥ୍ୟ ଦେବାକୁ ରାଜ୍ୟର ସମସ୍ତ ଶିକ୍ଷାଧିକାରୀ (ଡିଇଓ), ଜିଲା ପ୍ରକଳ୍ପ ସଂଯୋଜକ (ଡ଼ିପିସି) ଏବଂ ବିଇଓମାନଙ୍କୁ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରାୟ ଶହେ ଥରରୁ ଊର୍ଦ୍ଧ୍ୱ ନିର୍ଦ୍ଦେଶ ଜାରି ହୋଇଛି । ହେଲେ ବିଡମ୍ବନାର ବିଷୟ ଯେଉଁଠି ଅଧିକାରୀ ନିଜେ ନକଲି ହୋଇଥିବେ ସେଭଳି ସ୍ଥଳେ ନକଲି ଶିକ୍ଷକଙ୍କ ତଦନ୍ତ କିପରି ହେବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯାଜପୁର ଜିଲା କୋରେଇ ବ୍ଲକ ଅଧୀନ ଅସନଝର ଗ୍ରାମର ପୁରୁଷୋତ୍ତମ ଦଳେଇଙ୍କ ପୁଅ ହରିହର ଦଳେଇଙ୍କୁ ଏଠାରେ ଉଦାହରଣ ଭାବେ ନିଆଯାଇଛି। ସେହି ଗ୍ରାମର ସାମାଜିକ କର୍ମୀ ରଞ୍ଜନ ନାୟକ ଓ ଅନ୍ୟମାନଙ୍କ ଅଭିଯୋଗ ଅନୁସାରେ ହରିହରଙ୍କ ମୂଳ ଜମିପଟ୍ଟା ଅନୁସାରେ ସେ ଖଣ୍ଡୁଆଳ ଜାତିର ଏବଂ ଏହି ଜାତି ସମ୍ପ୍ରଦାୟର ଲୋକମାନେ ଓବିସି ବର୍ଗର। ହେଲେ ବିଇଓ ଦଳେଇ ଦୀର୍ଘ ବର୍ଷ ହେବ ନକଲି ଅନୁସୂଚିତ ଜନଜାତି (ଏସଟି) ସାର୍ଟିଫିକେଟ ହାସଲ କରି ଶିକ୍ଷା ବିଭାଗରେ ଚାକିରୀ କରି ସମସ୍ତ ସରକାରୀ ସୁବିଧା ଉପଭୋଗ କରୁଛନ୍ତି। ବିଇଓ ଦଳେଇ ପ୍ରଥମେ ଶିକ୍ଷକ ଭାବେ ନିଯୁକ୍ତି ପାଇଥିବାବେଳେ ସେହି ନକଲି ଜାତିଗତ ପ୍ରମାଣପତ୍ର ବଳରେ ସେ ପଦୋନ୍ନତି ପାଇ ପ୍ରଥମେ ଯାଜପୁର ଜିଲା ବଡ଼ଚଣା ବ୍ଲକ ଶିକ୍ଷାଧିକାରୀ ଭାବେ ଦାୟିତ୍ୱ ନେଇଥିଲେ । ଜିଲାର କିଛି ସାମାଜିକ କର୍ମୀ ଏକାଧିକ ଥର ତାଙ୍କ ଜାତିଗତ ପ୍ରମାଣପତ୍ର ବାବଦରେ ସୂଚନା ଅଧିକାର ଆଇନ ବଳରେ ଯାଜପୁର ଜିଲା ଶିକ୍ଷାଧିକାରୀଙ୍କୁ ମାଗିଥିଲେ । ହେଲେ ଦଳେଇ ନିଜର ସମସ୍ତ ତଥ୍ୟ ହଜିଯାଇଥିବା ଦର୍ଶାଇ ଆବେଦନକାରୀଙ୍କୁ ଭୁଆଁ ବୁଲାଉଥିଲେ। ଚଞ୍ଚକତା କରି ବର୍ଷର ଅଧାଦିନ ଦେହ ଖରାପ ଦର୍ଶାଇ ସେ ଛୁଟିରେ ରହୁଥିଲେ। ଏଥିରେ ଯାଜପୁର ଜିଲା ଶିକ୍ଷାଧିକାରୀ ମଧ୍ୟ ସହଯୋଗ କରି ଆସୁଥିଲେ। ଏନେଇ ବଡ଼ଚଣା ଭାଜପା ନେତା ଅମର ନାୟକ ମଧ୍ୟ ଅଭିଯୋଗ କରିଥିଲେ, ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା । ତେବେ ଦିନକୁ ଦିନ ଏହି ନକଲି ବିଇଓଙ୍କ ନାମରେ ଅଭିଯୋଗ ବଢ଼ିବା ପରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକକୁ ବଦଳି କରାଯାଇଛି । ଏହି ନକଲି ବିଇଓଙ୍କ ଜାତିଗତ ପ୍ରମାଣପତ୍ର ସଠିକ ଭାବେ ଯାଞ୍ଚ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

ଖାଲି ସେତିକି ନୁହେଁ ଏହି ନକଲି ବ୍ଲକ ଶିକ୍ଷାଧିକାରୀ ଜଣକ କୁଆଡ଼େ କୋରେଇ ଅଞ୍ଚଳର ଅନେକ ନକଲି ଶିକ୍ଷକଙ୍କ ମାଷ୍ଟରମାଇଣ୍ଡ ବୋଲି କୁହାଯାଉଛି । ଉପରିସ୍ଥ ଅଧିକାରୀଙ୍କୁ ଧରାଧରି କରି ଏହି ବିଇଓ ଜଣକ ନିଜେ ସୁରକ୍ଷିତ ରହିବା ସହିତ ଏକାଧିକ ନକଲି ଶିକ୍ଷକଙ୍କୁ ସୁରକ୍ଷା ଦେଇ ଆସୁଛନ୍ତି । ଏଥିସହିତ ନକଲି ଶିକ୍ଷକଙ୍କ ନିକଟରୁ ମାସିକ ମୋଟା ଅଙ୍କର ଅର୍ଥ ଅସୁଲ କରି ଅଧିକାରୀଙ୍କୁ ଲାଞ୍ଚ ଆକାରରେ ଦେଉଥିବା ଭଳି ସଙ୍ଗିନ ଅଭିଯୋଗ ଏହି ବିଇଓଙ୍କ ନାମରେ ପୂର୍ବରୁ ରହିଛି । ଯେତେବେଳେ ଜାଲ ସାର୍ଟିଫିକେଟକୁ ନେଇ ସାରା ରାଜ୍ୟରେ ହଟଚମଟ ସୃଷ୍ଟି ହୋଇଛି ସେତେବେଳେ ଜଣେ ବିଇଓ କିଭଳି ନକଲି ଜାତିଗତ ପ୍ରମାଣପତ୍ର ବଳରେ ଦୀର୍ଘ ଦିନ ଧରି ଶିକ୍ଷା ବିଭାଗରେ କାର୍ଯ୍ୟରତ ଅଛନ୍ତି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଥିରେ ଜିଲାର ଜଣେ ପ୍ରଭାବଶାଳୀ ରାଜନେତା ମଧ୍ୟ ସହଯୋଗ କରୁଛନ୍ତି ବୋଲି ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ ବିଇଓ ଦଳେଇଙ୍କ ମତାମତ ନେବାକୁ ମଙ୍ଗଳବାର ସନ୍ଧ୍ୟା ୬ଟା ୨୦ ମିନିଟ ସମୟରେ ତାଙ୍କ ମୋବାଇଲକୁ ଯୋଗାଯୋଗ କରିଥିଲେ ମଧ୍ୟ ସେ କଲ ଗ୍ରହଣ କରି ନ ଥିଲେ। ଏହାର ଏକ ଉଚ୍ଚସ୍ତରୀୟ ଭିଜିଲାନ୍ସ ତଦନ୍ତ କରିବାକୁ କେତେଜଣ ସାମାଜିକ କର୍ମୀ ଦାବି କରିଛନ୍ତି ।

# ୩ ବ୍ରାଞ୍ଚ ପୋଷ୍ଟମାଷ୍ଟର ଚାକିରିରୁ ବହିଷ୍କୃତ



କେନ୍ଦ୍ରାପଡ଼ା ପୋଷ୍ଟ ଅଫିସ।

## କେନ୍ଦ୍ରାପଡ଼ା ଡାକ ବିଭାଗରେ ଜାଲ ସାର୍ଟିଫିକେଟ ଲିଙ୍କ୍

କେନ୍ଦ୍ରାପଡ଼ା ଅଫିସ, ୨୫।୪

କେନ୍ଦ୍ରାପଡ଼ା ଡାକ ବିଭାଗରେ ଜାଲ ସାର୍ଟିଫିକେଟ ମାଧ୍ୟମରେ ଚାକିରି ଲିଙ୍କ୍ ଧରାପଡ଼ିଛି। ଡାକ ଅଧୀକ୍ଷକ ୨୦୧୮ରୁ ଅଦ୍ୟାବଧି ଚାକିରି କରିଥିବା କର୍ମଚାରୀଙ୍କ ସାର୍ଟିଫିକେଟ ଯାଞ୍ଚ କରି ୩ଜଣ ବ୍ରାଞ୍ଚ ପୋଷ୍ଟମାଷ୍ଟରଙ୍କୁ ମଙ୍ଗଳବାର ଚାକିରିରୁ ବହିଷ୍କୃତ କରିଛନ୍ତି। ଏଥିସହ ଜଣେ କର୍ମଚାରୀଙ୍କ ସାର୍ଟିଫିକେଟ ଅଦ୍ୟାବଧି ସନ୍ଦେହ ଘେରରେ ରହିଛି। ବହିଷ୍କୃତ କର୍ମଚାରୀଙ୍କ ନାମରେ ଟାଉନ ଥାନାରେ ମାମଲା ରୁଜୁ ହୋଇଛି।

ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଡାକ ଅଧୀକ୍ଷକ ଦେବରାଜ ସେଠୀ କହିଛନ୍ତି ଯେ, ଜିଲାର ଧରିବିଲ ବ୍ରାଞ୍ଚର ମାମାଶ୍ରୀ ଭାରତୀ, ନରସିଂହପୁର ଡିହପଡ଼ା ବ୍ରାଞ୍ଚର ସୌମ୍ୟରଞ୍ଜନ ସେଠୀ ଓ କଦଳୀବଣ ବ୍ରାଞ୍ଚର ପ୍ରଶାନ୍ତ କୁମାର ସେଠୀଙ୍କୁ ନକଲି ଶିକ୍ଷା ସାର୍ଟିଫିକେଟ ପ୍ରଦାନ ପାଇଁ କାର୍ଯ୍ୟରୁ ବହିଷ୍କୃତ କରାଯାଇଛି। ଭଦ୍ରକ ଜିଲା ସୋରା କୁଲଣା ଗ୍ରାମର ମାମାଶ୍ରୀ ୨୦୨୧ ଜାନୁୟାରୀ ୨୯ରୁ ଏଠାରେ ଚାକିରି କରିଥିଲେ। ସେହିପରି ଭଦ୍ରକ ଜିଲା ରାଣିପଡ଼ା ଗ୍ରାମର ସୌମ୍ୟରଞ୍ଜନ ୨୦୨୨ ସେପ୍ଟେମ୍ବର ୫ ଓ ବନ୍ତ ଗ୍ରାମର ପ୍ରସନ୍ନ ୨୦୨୨ ସେପ୍ଟେମ୍ବର ୧୨ ତାରିଖଠାରୁ କେନ୍ଦ୍ରାପଡ଼ା ଜିଲାରେ ନିଯୁକ୍ତି ପାଇଥିଲେ। ସେମାନଙ୍କ ସାର୍ଟିଫିକେଟ ଉତ୍ତରପ୍ରଦେଶର ଥିବାବେଳେ ଓଡ଼ିଆ ବିଷୟରେ ୯୦ରୁ ୯୫ ପ୍ରତିଶତ ମାର୍କ ରହିଥିବା ଦେଖିବାକୁ ମିଳିଥିଲା। ଯାଞ୍ଚ ସମୟରେ ଏହାର ତଥ୍ୟ ଠିକ୍ ନ ଥିବା ଜାଣି ଚାକିରିରୁ ବହିଷ୍କୃତ ସହ ଥାନାରେ ଏ ନେଇ ଏଫ୍ଆଇଆର୍ ଦିଆଯାଇଛି। ଟାଉନ ଥାନା ଆଇଆଇସି ତପନ କୁମାର ନାୟକ କହିଛନ୍ତି, ଡାକ ଅଧୀକ୍ଷକ ସେଠୀଙ୍କ ଅଭିଯୋଗକୁ ଭିତ୍ତିକରି ମାମାଶ୍ରୀଙ୍କ ନାମରେ ନଂ.୧୩୧/୨୩, ସୌମ୍ୟରଞ୍ଜନ ଓ ପ୍ରସନ୍ନଙ୍କ ନାମରେ ନଂ. ୧୨୫/୨୩ରେ ମାମଲା ରୁଜୁ ହୋଇଛି। ଏ ନେଇ ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଥିବା ଆଇଆଇସି ନାୟକ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ମାର୍ଚ୍ଚ ୨୧ ତାରିଖରେ କେନ୍ଦ୍ରାପଡ଼ା ଡାକ ମଣ୍ଡଳ ଅଧୀନରେ ଗ୍ରାମୀଣ ଡାକସେବକ ଚାକିରି ପାଇଁ ଭଦ୍ରକ ଜିଲା ଲୁଣିଆ ଗ୍ରାମର ଅନୀତା ଜେନା ନିଜର ଶିକ୍ଷାଗତ ପ୍ରମାଣପତ୍ର ଦାଖଲ କରିଥିଲେ। ଉତ୍ତରପ୍ରଦେଶ ଆଦର୍ଶ ଆରିଆ ଏସ୍ଏସ୍ ଏଚ୍ଏସ୍ଏସ୍ ତରୁଲୀ ହାର୍ଦ୍ଦୋଇ ହାଇସ୍କୁଲରୁ ୨୦୦୯ ମସିହାରେ ମାଟ୍ରିକ ପାସ୍ ପ୍ରମାଣପତ୍ରରେ ମୋଟ ୬୦୦ ନମ୍ବରରୁ ୫୭୭ ନଂ. ରଖିଥିବା ମାର୍କଲିଷ୍ଟରେ ଦେଖିବାକୁ ମିଳିଥିଲା; ଯାହା ଡାକ ବିଭାଗର ସନ୍ଦେହକୁ ଆସିଥିଲା। ଏ ନେଇ ଅଭିଯୋଗ ପରେ ଟାଉନ ଥାନା ପୋଲିସ ଅନୀତାଙ୍କ ବିରୋଧରେ ନଂ. ୧୦୧/୨୩ରେ ମାମଲା ରୁଜୁ କରିଥିଲା।

# ବଜ୍ରପାତରେ ଚାଷୀ ମୃତ

ତିର୍ତ୍ତୋଲ, ୨୫।୪ (ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ସାମନ୍ତରାପୁର ପଞ୍ଚାୟତ ଅନୁପଲ୍ଲା ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅନୁପଲ୍ଲାର ନୃସିଂହ ଚରଣ ବେହେରା (୫୫)। ସେ ବିଲରେ ମୁଗ ଓପାଡୁଥିବା ବେଳେ ବଜ୍ରପାତରେ ଗୁରୁତର ହୋଇ ପଡ଼ିଥିଲେ। ପାଖ ବିଲରେ ଥିବା ଚାଷୀମାନେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ନୃସିଂହଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରିଛି।

# ୨୦ ଗ୍ରାମ୍ ବ୍ରାଉନ୍ସୁଗାର ଜବତ,୩ ଗିରଫ


ଗିରଫ ୩ ଅଭିଯୁକ୍ତ।

ନାଉଗାଁ,୨୫।୪(ସ୍ୱ.ପ୍ର.)

ନାଉଗାଁ ଥାନା ପକ୍ଷରୁ ସୋମବାର ରାତିରେ ବିଲିପଡା ଛକ ନିକଟରେ ଚଢ଼ାଉ କରାଯାଇ ୨୦ ଗ୍ରାମ୍ ବ୍ରାଉନ୍ସୁଗାର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୨ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ପୋଲିସ କହିଛି। ବ୍ରାଉନ୍ସୁଗାର ରଖିବା ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନିଆଳି ଥାନା ଅଞ୍ଚଳର ସୁଦର୍ଶନ ବାରିକ, ତ୍ରିଲୋଚନ ସ୍ୱାଇଁ, ରଞ୍ଜନ ରାଉତ। ପୋଲିସ ସେମାନଙ୍କ ନିକଟରୁ ବ୍ରାଉନ୍ସୁଗାର ସମେତ ୩ ମୋବାଇଲ, ଗୋଟିଏ ବାଇକ୍ ଓ ନଗଦ ୧୨ ଶହ ଟଙ୍କା ଜବତ କରିଛି। ଏ ନେଇ ଥାନା ନଂ.୧୦୧/୨୩ରେ ମାମଲା ରୁଜୁ ହୋଇଛି। ଆଇଆଇସି ଅନିରୁଦ୍ଧ ନାୟକ ପାଟ୍ରୋଲିଂ କରିବା ସମୟରେ ଏକ ବିଶେଷ ସୂତ୍ରରୁ ଖବରପାଇ ସେଠାରେ ଚଢ଼ାଉ କରିଥିଲେ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଜିତେନ୍ଦ୍ର


@ ସନ୍ତୋଷ


@ ଶାଶ୍ୱତୀ


@ ଶିବଶଙ୍କର


@ ଏସ୍.କେ. ଇଦ୍ରିଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପିପିଏଲ ରାସ୍ତାରେ ଭାରିଯାନ କଟକଣା




ପାରାଦୀପ,୨୫।୪(ସ୍ୱ.ପ୍ର.)

ପାରାଦୀପର ପିପିଏଲ କାରଖାନାକୁ ସଂଯୋଗ କରୁଥିବା ରାସ୍ତା ଏବେ ନବୀକରଣ ହେଉଛି। ସେଥିପାଇଁ ଉକ୍ତ ରାସ୍ତାରେ ଆସନ୍ତା ୩୦।୪।୨୩ ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ଓ ପାର୍କିଂ ଉପରେ କଟକଣା ଲଗାଯାଇଛି। ଏ ନେଇ ଜିଲାପାଳ ପାରୁଲ ପଟୱାରୀ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଏହି କଟକଣା ରହିବ ବୋଲି ସେଥିରେ ଦର୍ଶାଯାଇଛି। ରାସ୍ତା ଓ କୋଠାବାଡି ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ସୁପାରିସ ଅନୁସାରେ ଏହି କଟକଣା ଲାଗୁ କରାଯାଇଛି।

# ଭୂତକୋଠି ପାଲଟିଛି ଫରେଷ୍ଟ ବିଟ୍ ହାଉସ

## ଅବାଧରେ କଟା ଚାଲିଛି ଝାଉଁ ଜଙ୍ଗଲ

ପାରାଦୀପ,୨୫।୪(ସ୍ୱ.ପ୍ର.)


ଜଗତ୍ସିଂହପୁର ଜିଲା ପାରାଦୀପ ଷଣ୍ଢକୁଦ ଉପାନ୍ତରେ ଥିବା ଜଙ୍ଗଲ ଓ ପରିବେଶ ବିଭାଗର ଫରେଷ୍ଟ ବିଟ୍ ହାଉସ।

ଜଗତ୍ସିଂହପୁର ଜିଲା ପାରାଦୀପ ଷଣ୍ଢକୁଦ ଉପାନ୍ତରେ ଜଙ୍ଗଲ ଓ ପରିବେଶ ବିଭାଗର ଫରେଷ୍ଟ ବିଟ୍ ହାଉସ ରହିଛି। ସମ୍ପ୍ରତି ଏହା ଭାଙ୍ଗିରୁଜି ଗଲାଣି। ସେଠାରେ ଏବେ କେହି ରହୁନାହାନ୍ତି। ସମୁଦ୍ର ବେଳାଭୂମି ରାସ୍ତାରେ ଗଲେ ତାହା ଦୂରରୁ ଭୂତକୋଠି ପରି ଦୃଶ୍ୟମାନ ହେଉଛି। ଏହି ବିଟ୍ ହାଉସ ନିକଟରେ ଏକ ପୋଖରୀ ରହିଛି। ଏହାକୁ ଜଙ୍ଗଲ ବିଭାଗ ପକ୍ଷରୁ ଖନନ କରାଯାଇଛି। ସେଠାରେ ଏକ ଫଳକ ମଧ୍ୟ ରହିଛି। ସେଥିରେ ଦର୍ଶାଯାଇଛି ଏହି ପୋଖରୀରେ ବନ୍ୟଜୀବମାନେ ପାଣି ପିଇବେ। ତେବେ ଉକ୍ତ ଅଞ୍ଚଳରେ କୌଣସି ବନ୍ୟଜନ୍ତୁଙ୍କୁ ଦେଖିବାକୁ ମିଳନ୍ତି ନାହିଁ। ବିଶ୍ୱସ୍ତରୀୟ ସଙ୍ଗଠନ କାମ୍ପା ଅର୍ଥରେ ଏହି ପୋଖରୀ କରାଯାଇଥିଲେ ମଧ୍ୟ କାହା କାମରେ ଲାଗି ପାରୁନାହିଁ।

ଉକ୍ତ ବିଟ୍ ହାଉସ ଉତ୍ତର ପାର୍ଶ୍ୱ ଷଣ୍ଢକୁଦ ଏବଂ ଦକ୍ଷିଣ ପାର୍ଶ୍ୱ ଜଟାଧାରମୁହାଣ ପର୍ଯ୍ୟନ୍ତ ଝାଉଁ ଜଙ୍ଗଲ ଅଛି। ପ୍ରତିବର୍ଷ ଏଠାରେ ଝାଉଁ ଚାରାରୋପଣ କରାଯାଉଛି। କିନ୍ତୁ ପରିତାପର ବିଷୟ ସେହି ଝାଉଁ ଗଛଗୁଡ଼ିକୁ ଅବାଧରେ କଟାଯାଉଛି। ଅଞ୍ଚଳର କେତେଜଣ କାଠ ବେପାରୀ ନିୟମିତ ଭାବେ ଏପରି ଗଛ କାଟିବାରେ ଲାଗିଛନ୍ତି। ବଡ଼ଗଛଗୁଡ଼ିକୁ କାଟିବା ଦ୍ୱାରା ସେହି ଅଞ୍ଚଳରେ କେବଳ ଛୋଟ ଗଛ ଦୃଶ୍ୟମାନ ହେଉଛି। ଫରେଷ୍ଟ ବିଭାଗର ଜଗୁଆଳିମାନେ ବିଟ୍ ହାଉସରେ ନ ରହିବା ଦ୍ୱାରା ଗଛ କଟାଳିଙ୍କ ପାଇଁ ଅପୂର୍ବ ସୁଯୋଗ ସୃଷ୍ଟି ହୋଇଛି। ଯେଉଁ ୨ଜଣ ଗାର୍ଡ ଅଛନ୍ତି ସେମାନେ ପାରାଦୀପ ବନ୍ଦର ଟାଉନଶିପରେ ରୁହନ୍ତି ବୋଲି କୁଜଙ୍ଗ ବନାଞ୍ଚଳ ଅଧିକାରୀ ରଞ୍ଜନ ମିଶ୍ର କୁହନ୍ତି। ସୂଚନାଯୋଗ୍ୟ, ପାରାଦୀପ ବତିଘରଠାରୁ ଜଟାଧାରୀମୁହାଣ ପର୍ଯ୍ୟନ୍ତ ସୁଦୀର୍ଘ ବେଳାଭୂମି ମୁକୁଳା ପଡ଼ିଛି। ଏହି ବେଳାଭୂମିର ଯେଉଁଠାରେ ସ୍ୱଳ୍ପ ଝାଉଁ ଜଙ୍ଗଲ ଅଛି ସେଠାରେ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ଏପରିକି ସେହି ଜଙ୍ଗଲ ମଧ୍ୟରେ କେତେଜଣ ଲୋକ ସମୁଦ୍ର ବାଲି ଖୋଳି ବିକୁଛନ୍ତି। ଆଉ କିଛି ଜାଗାରେ ନଳକୂପ ଖୋଳି ପାଣି ବିକୁଛନ୍ତି। ଜଙ୍ଗଲ ଉଜୁଡ଼ିବା ଏବଂ ବାଲି ଖୋଳିବା ଫଳରେ ପ୍ରାକୃତିକ ସମ୍ପଦ ପ୍ରତି ବିପଦ ସୃଷ୍ଟି ହୋଇଛି ବୋଲି ପ୍ରକୃତି ବନ୍ଧୁ ପ୍ରଭାସ ଚନ୍ଦ୍ର ସ୍ୱାଇଁ କୁହନ୍ତି। ବାତ୍ୟା ସମୟରେ ସମୁଦ୍ର ପାଣିକୁ ବାଲିକୁଦ ଅଟକାଇଥାଏ ଏବଂ ପବନକୁ ଝାଉଁ ଜଙ୍ଗଲ କିଛି ମାତ୍ରାରେ ପ୍ରତିରୋଧ କରିଥାଏ। ମାତ୍ର ଏସବୁ ଲୁଟ୍ ହେଉଥିବାରୁ ଉପକୂଳ ପ୍ରତି ବିପଦ ଆଶଙ୍କା ରହିଛି ବୋଲି ସେ କହିଛନ୍ତି। ଗଛ କଟାଯିବା ସମ୍ପର୍କରେ ବନାଞ୍ଚଳ ଅଧିକାରୀ ମିଶ୍ର କୁହନ୍ତି, କେତେବେଳେ କିଏ କାଟୁଛନ୍ତି ତାହା ଜଣାପଡୁନାହିଁ। ବିଟ୍ ହାଉସ ଜରାଜୀର୍ଣ୍ଣ ପ୍ରସଙ୍ଗରେ କୁହନ୍ତି, ତାହା ଭାଙ୍ଗିଯାଇଥିବାରୁ ସେଠାରେ ରହିବା ପାଇଁ ବ୍ୟବସ୍ଥା ନାହିଁ। ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀମାନଙ୍କୁ ଅବଗତ କରାଯାଇଛି। ବଜେଟ ଆସିଲେ ନୂଆ ଘର ହେବ। ସେହିପରି ଜଙ୍ଗଲ ମଧ୍ୟରେ ନଳକୂପ ଖୋଳି ପାଣି ବିକିବା ଘଟଣାରେ ପାନୀୟ ଜଳ ବିଭାଗୀୟ ଯନ୍ତ୍ରୀ ନରେନ୍ଦ୍ର ଦାସ କୁହନ୍ତି, ଏ ନେଇ ସମ୍ପୃକ୍ତ ଅଞ୍ଚଳରେ ଯାଞ୍ଚ କରିବା ପରେ ଜଣଙ୍କୁ ନୋଟିସ କରାଯାଇଛି।

# ୨ ବଖରା ପାଉଁଶ: ଗାଈ, ବାଛୁରି ଅର୍ଦ୍ଧଦଗ୍ଧ

ଯାଜପୁର ଟାଉନ,୨୫।୪(ଡି.ଏନ.ଏ.):

ଯାଜପୁର ବ୍ଲକ୍ ଅନ୍ତର୍ଗତ ଜମଧର ପଞ୍ଚାୟତ ରେକାବି ବଜାର ଗ୍ରାମର ମୁସ୍ତାକ ମିର୍ଜାଙ୍କ ଘରେ ଅଗ୍ନିକାଣ୍ଡ ଘଟି ତାଙ୍କର ୨ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ଏଥିସହିତ ଏକ ଗାଈ ଓ ବାଛୁରି ଅର୍ଦ୍ଧଦଗ୍ଧ ହୋଇଛନ୍ତି। ଘରେ ଥିବା ଚାଉଳ, ଅଟା, ଖାଦ୍ୟପଦାର୍ଥ ସହ ସମସ୍ତ ରୋଷେଇ ସରଞ୍ଜାମ ନଷ୍ଟ ହୋଇଯାଇଛି। ସୋମବାର ରାତି ପ୍ରାୟ ୩ଟାରେ ହଠାତ୍ ନିଆଁଲାଗି ଯାଇଥିଲା। ଖବର ପାଇ ବରୁହାଁ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସ୍ଥାନୀୟ ସରପଞ୍ଚ ବାଦଲ ଖୁଣ୍ଟିଆ ଓ ସମିତିସଭ୍ୟ ସେକ୍ ମୋଜାହିଦ ପହଞ୍ଚି ଅନୁକମ୍ପା ମୂଳକ ସହାୟତା ଯୋଗାଇଛନ୍ତି। ଅଶୋକ ଦାସ ଫାଉଣ୍ଡେଶନ୍ର କର୍ମକର୍ତ୍ତା କ୍ଷତିଗ୍ରସ୍ତ ପରିବାରକୁ ପାଲ ଓ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ତୁରନ୍ତ ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଜନସାଧାରଣ ଓ ସରପଞ୍ଚ ଦାବି କରିଛନ୍ତି। ଘରପୋଡ଼ିର କାରଣ ଜଣାପଡ଼ିନାହିଁ।


ଅଗ୍ନିକାଣ୍ଡରେ ପୋଡ଼ିଯାଇଥିବା ଗୃହ।

# ସ୍ୟାଣ୍ଡ ରିସୋର୍ଟ ପରିଚାଳନା ଦେଉଛି ରୋଜଗାର



ଗାଁରେ ନିର୍ମାଣ କରାଯାଇଥିବା ନୂତନ ମନ୍ଦିର ।



ପାନୀୟ ଜଳପ୍ରକଳ୍ପ ନିର୍ମାଣ କାମ ଚାଲିଛି ।

- ଆତ୍ମ ନିର୍ଭରଶୀଳ ହେଉଛନ୍ତି ମୁଦୁଲିଗାଡ଼ିଆ ଗ୍ରାମବାସୀ
- ରାଜସ୍ୱ ବୃଦ୍ଧି ସଙ୍ଗେ ବଦଳୁଛି ଗାଁର ରୂପରେଖ

**ନୟାଗଡ଼ ଅଫିସ/ଗଣିଆ, ୨୫।୪(ଡି.ଏନ୍.ଏ.):** ଇକୋ ଟୁରିଜିମରେ ନୟାଗଡ଼ ଜିଲାର ଗଣିଆ ବ୍ଲକ ମଙ୍ଗାନାସିସ୍ଥିତ ସାତକୋଶିଆ ସ୍ୟାଣ୍ଡ ରିସୋର୍ଟକୁ ପରିଚାଳନା କରି ନୟାଗଡ଼ ଜିଲା ଗଣିଆ ବ୍ଲକର ମୁଦୁଲିଗାଡ଼ିଆ ଗ୍ରାମବାସୀ ଆତ୍ମନିର୍ଭରଶୀଳ ହୋଇ ପାରିଛନ୍ତି । ସ୍ୟାଣ୍ଡ ରିସୋର୍ଟ ଯୋଗୁ ଗାଁ ଲୋକଙ୍କ ରୋଜଗାର ଓ କୋଠ ସମ୍ପତ୍ତି ବଢୁଥିବାବେଳେ ସରକାରଙ୍କର ରାଜସ୍ୱ ମଧ୍ୟ ବୃଦ୍ଧି ପାଉଛି । ରାଜସ୍ୱ ବୃଦ୍ଧି ଯୋଗୁ ଗାଁର ରୂପରେଖ ବଦଳିବା ସହ ସ୍ଥାନୀୟ ଲୋକଙ୍କ ଜୀବନଜୀବିକାର ମାନ ବଦଳିବାରେ ଲାଗିଛି। ମୁଦୁଲିଗାଡ଼ିଆରେ ପାନୀୟଜଳଠାରୁ ଆରମ୍ଭ କରି ବିଭିନ୍ନ ସମସ୍ୟା ଲାଗି ରହିଥିଲେ ମଧ୍ୟ ଏହାର ସମାଧାନ ପାଇଁ ବ୍ୟବସ୍ଥା ହେଉ ନ ଥିଲା । ଗାଁ ଲୋକେ ବିଭିନ୍ନ ସମୟରେ ବିଡିଓଙ୍କଠାରୁ ଆରମ୍ଭ କରି ଜିଲାପାଳ ଓ ରାଜନେତାଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳୁ ନ ଥିଲା । ତେବେ ସ୍ୟାଣ୍ଡ ରିସୋର୍ଟ ଯୋଗୁ ସେମାନେ ଆଉ ଅନ୍ୟଉପରେ ନିର୍ଭରଶୀଳ ହେବାକୁ ଚାହୁଁ ନାହାନ୍ତି । ରାଜ୍ୟରେ ଶିମିଳିପାଳ ଓ ସାତକୋଶିଆ ନାମରେ ଦୁଇଟି ବ୍ୟାଘ୍ର ପ୍ରକଳ୍ପ ରହିଛି । ଏହି ଦୁଇ ପ୍ରକଳ୍ପକୁ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନ୍‌ଟିସିଏ) ମହାବଳ ବାଘଙ୍କ ଆବାସ ସ୍ଥଳୀ ରୂପେ ମାନ୍ୟତା ଦେଇଛନ୍ତି। ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଅଥବା ଅଭୟାରଣ୍ୟ ଦୁଇଟି ବନଖଣ୍ଡକୁ ନେଇ ଗଠିତ । ମହାନଦୀ ଗଣ୍ଡର ଏପାଖରେ ସାତକୋଶିଆ ବନଖଣ୍ଡ ଅନୁଗୋଳ ଜିଲାରେ ରହିଥିବାବେଳେ ନୟାଗଡ଼ ଜିଲାରେ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ରହିଛି । ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡଟି ୧୯୯୯ରେ ବାଇଶିପଲ୍ଲୀ ଓ ସାତକୋଶିଆ ଅଭୟାରଣ୍ୟକୁ ନେଇ ଗଠିତ । ଏହି ବନଖଣ୍ଡର ଭୌଗୋଳିକ ଅଞ୍ଚଳ ୪୩୩.୮୬ ବର୍ଗ କିମି ରହିଛି। ୨୦୦୭ରୁ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ ରୂପେ ଘୋଷଣା ହୋଇଛି। ଏଭଳିସ୍ଥଳେ ରାଜ୍ୟ ସରକାର ୧୮ଟି ଜିଲାରେ ଇକୋ ଟୁରିଜିମର ବିକାଶ କରିଛନ୍ତି। ୨୦୧୪-୧୫ରୁ ଏଯାବତ ୪୮ ଟି ସ୍ୟାଣ୍ଡ ରିସୋର୍ଟ (ପ୍ରକୃତି ନିବାସ) ପର୍ଯ୍ୟଟକଙ୍କ ପାଇଁ ହୋଇଛି । ଏଥିରେ ନୟାଗଡ଼ ଜିଲାର ମଙ୍ଗାନାସିଠାରେ ଥିବା ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ କେବଳ ଗୋଟିଏ ରହିଛି । ୨୦୧୪- ୧୫ ଆର୍ଥିକ ବର୍ଷରୁ ଯଦିଓ ଏହି ସ୍ୟାଣ୍ଡ ରିସୋର୍ଟ କାମ କରୁଛି ତେବେ ପ୍ରଥମ ବର୍ଷ ଏହା ଅଫ୍ ଲାଇଲାଇନରେ ପର୍ଯ୍ୟଟକଙ୍କ ବୁକିଂ କରାଯାଉଥିଲା । ପରବର୍ତ୍ତୀ ବର୍ଷ ୨୦୧୫-୧୬ରୁ ଅନ୍‌ଲାଇନ ବୁକିଂ ଆରମ୍ଭ ହୋଇଛି । ୨୦୧୫-୧୬ ଆର୍ଥିକ ବର୍ଷରେ ୨୭୫ ଜଣ ପର୍ଯ୍ୟଟକ ଆସିଥିବାବେଳେ ୨ ଲକ୍ଷ ୯୦ ହଜାର ରାଜସ୍ୱ ମିଳିଛି । ୨୦୧୬-୧୭ରେ ୧୩୫୨ ପର୍ଯ୍ୟଟକଙ୍କ ଠାରୁ ୧୯ ଲକ୍ଷ ୩୫ ହଜାର ୫୭୦ ଟଙ୍କା ମିଳିଛି । ୨୦୧୭-୧୮ରେ ୨୭୦୨ ପର୍ଯ୍ୟଟକଙ୍କଠାରୁ ୫୮ ଲକ୍ଷ ୭୯ ହଜାର ୭୧୧, ୨୦୧୮-୧୯ ଆର୍ଥିକ ବର୍ଷରେ ୪୪୪୯ ପର୍ଯ୍ୟଟକଙ୍କଠାରୁ ୧କୋଟି ୯୯ ହଜାର ୧୩୯ ଟଙ୍କା ରାଜସ୍ୱ ଆଦାୟ ହୋଇଛି ।୨୦୧୯-୨୦ ଆର୍ଥିକ ବର୍ଷରେ ୪୮୦୭ ପର୍ଯ୍ୟଟକଙ୍କଠାରୁ ୧କୋଟି ୯ ଲକ୍ଷ ୬୮ ହଜାର ୭୮୯, ୨୦୨୦-୨୧ରେ ୪୫୨୯ ପର୍ଯ୍ୟଟକଙ୍କଠାରୁ ୧କୋଟି ୨ ହଜାର ୯୩୩, ୨୦୨୧-୨୨ରେ ୫୧୮୦ ପର୍ଯ୍ୟଟକଙ୍କଠାରୁ ୧କୋଟି ୨୩ ଲକ୍ଷ ୨୬ ହଜାର ୪୯୩ ଟଙ୍କା ରାଜସ୍ୱ ଆଦାୟ ହୋଇଛି। ଏହି ସ୍ୟାଣ୍ଡ ରିସୋର୍ଟକୁ ମୁଦୁଲିଗାଡ଼ିଆର ମା'ସାତ ଭଉଣୀ ପରିବେଶ ବିକାଶ ସମିତି ପରିଚାଳନା କରୁଛି । ଗାଁରେ ୩୫ ପରିବାରର ୧୨୦ ଲୋକ ରହୁଥିବାବେଳେ ସ୍ୟାଣ୍ଡ ରିସୋର୍ଟ ପରିଚାଳନା କମିଟିର ସଦସ୍ୟ ସଂଖ୍ୟା୨୬। ସ୍ୟାଣ୍ଡ ରିସୋର୍ଟର ବାର୍ଷିକ ଆୟରୁ ୧୦ ପ୍ରତିଶତ ଅର୍ଥ ମୁଦୁଲିଗାଡ଼ିଆ ଗାଁ କୋଠକୁ ଆସୁଛି। ୨୦୧୫ରୁ ଏଯାବତ ଗାଁ କୋଠକୁ ୪୨ ଲକ୍ଷ ଟଙ୍କା ଆସିଥିବାବେଳେ ଏଥିରୁ ୨୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ସାରିଛି। ଗାଁ କୋଠରୁ ୫ ଲକ୍ଷ ୭୫ ହଜାରରେ ମା'ସାତ ଭଉଣୀ ମନ୍ଦିର ନିର୍ମାଣ ହୋଇଛି। ଇକୋ ଭିଲେଜ ପାଇଁ ୫ ଲକ୍ଷ ଓ ପାନୀୟ ଜଳ ପାଇଁ ୮ ଲକ୍ଷ ୫୬ ହଜାର ଟଙ୍କା ଖର୍ଚ୍ଚ ହୋଇ ସାରିଲାଣି। ପୁଣି ୨ଲକ୍ଷ ୩୦ ହଜାର ଟଙ୍କାର କାମ ଗାଁ କୋଠଘର ନିର୍ମାଣ ଚାଲିଛି। ଏନେଇ ମା'ସାତ ଭଉଣୀ ପରିବେଶ ବିକାଶ ସମିତି ସଭାପତି ସୁମନ୍ତ କୁମାର ଦାସ କୁହନ୍ତି, ପର୍ଯ୍ୟଟନ ଋତୁବେଳେ ଗାଁର ୨୬ଜଣ ସଦସ୍ୟ ସ୍ୟାଣ୍ଡ ରିସୋର୍ଟରେ କାମ କରନ୍ତି। ପର୍ଯ୍ୟଟନ ଋତୁ ଶେଷ ହୋଇଗଲେ କେବଳ ୯ଜଣ କାମ କରିଥାନ୍ତି । ଯେଉଁ ୧୭ ଜଣ କାମରୁ ବିରତି ରୁହନ୍ତି ସେମାନଙ୍କୁ ଗାଁ କୋଠରୁ ଚାଷ ଓ ବିଭିନ୍ନ ଜୀବିକା ନିର୍ବାହ ପାଇଁ ବିନା ସୁଧରେ ୧୫ ହଜାର ଲେଖାଏ ସହାୟତା ପ୍ରଦାନ କରାଯାଉଛି । ମାର୍ଚ୍ଚରୁ ଅକ୍ଟୋବର ମାସ ମଧ୍ୟରେ କେବଳ ମୂଳଧନ ପରିଶୋଧ କରିବାକୁ ପଡିଥାଏ । ମା'ସାତ ଭଉଣୀ ପରିବେଶ ବିକାଶ ସମିତିର ସଦସ୍ୟ ପ୍ରକାଶ ବେହେରା କୁହନ୍ତି, ମେଗା ଜଳ ଯୋଗାଣ ପ୍ରକଳ୍ପରେ ବୋରୱେଲ ଖୋଳାଯିବା ପରେ ପିଇବା ପାଣି ପାଇଁ ବସୁଧା ବୋର୍ଡ ଲଗାଯାଇଛି । ଅନ୍ୟପକ୍ଷେ ଗାଁରେ ପାଇଖାନା ଓ ଗାଧୁଆ ଘର ନିର୍ମାଣ ସ୍ୱଚ୍ଛ ଭାରତ ମିଶନରେ ହୋଇଥିଲେ ହେଁ ଏହା କାର୍ଯ୍ୟକ୍ଷମ ହୋଇପାରୁ ନାହିଁ । କାମ ଠିକରେ ହୋଇ ନ ଥିବାରୁ ଏପରି ଅବ୍ୟବସ୍ଥା ଦେଖା ଦେଇଛି। ମହାନଦୀ ପାଖରେ ଥାଇ ପିଇବା ପାଣି ମିଳୁନି । ଏଭଳିସ୍ଥଳେ ପ୍ରତି ଘରେ ଘରେ କୋଠ ଟଙ୍କାରୁ ପାଇଖାନା ଓ ଗାଧୁଆ ଘର ନିର୍ମାଣ ପାଇଁ ପ୍ରସ୍ତାବ ଗୃହୀତ ହୋଇଛି । ପରିବେଶ ସ୍ୱଚ୍ଛତା ପାଇଁ ଗାଁ ଲୋକେ ଆଉ ବାହାରେ ମଳତ୍ୟାଗ କରିବେ ନାହିଁ ବୋଲି କହିଛନ୍ତି ।

*-ରିପୋର୍ଟ: ଲୋକନାଥ ମିଶ୍ର, ସହାୟତା:ସନ୍ତୋଷ ପ୍ରଧାନ ।*

## ୯କେଜି ଗଞ୍ଜେଇ ଜବତ, ଗିରଫ ଅଭିଯୁକ୍ତ ଜେଲ ଗଲେ



ଗିରଫ ନିରଞ୍ଜନ ନାୟକ ।

**ନୟାଗଡ଼ ଅଫିସ,୨୫।୪:** ନୟାଗଡ଼ ଅବକାରୀ ବିଭାଗର କର୍ମଚାରୀମାନେ ମହିତମା ଠାରୁ ୯ କେଜି ଗଞ୍ଜେଇ ଜବତ କରିଛନ୍ତି । ଗଞ୍ଜେଇ ବିକ୍ରି ବେଳେ ନୟାଗଡ଼ ସଦର ଥାନା ସୁବର୍ଣ୍ଣପୁର ଗାଁର ନିରଞ୍ଜନ ନାୟକ(୩୧)ଙ୍କୁ ଗିରଫ ଯାଇଛି । ମଙ୍ଗଳବାର ନିରଞ୍ଜନଙ୍କୁ କୋର୍ଟ ଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା(ନଂ.୮/୨୩) ରୁଜୁ କରାଯାଇ ତଦନ୍ତ ଚାଲିଛି । ଅବକାରୀ ଆଇଆଇସି ଦୀପକ କୁମାର ଜେନାଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା ।

## ଅଗ୍ନି ବିପନ୍ନଙ୍କୁ ଭେଟିଲେ ଉପାଧ୍ୟକ୍ଷ

**ଭାପୁର,୨୫।୪(ଡି.ଏନ୍.ଏ.)** ଭାପୁର ବ୍ଲକ କେନ୍ଦୁପଲ୍ଲୀ ପଞ୍ଚାୟତ ଅଧୀନ କେନ୍ଦୁପଲ୍ଲୀ ଗ୍ରାମରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ଦୁଇ ପରିବାର ସର୍ବସ୍ୱାନ୍ତ ହୋଇଯାଇଥିଲେ। ମଙ୍ଗଳବାର ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ କେନ୍ଦୁପଲ୍ଲୀ ଗ୍ରାମରେ ପହଞ୍ଚି ଅଗ୍ନିବିପନ୍ନ ଗୋବିନ୍ଦ ଦାଶ ଓ ତୋଫାନ ଦାଶଙ୍କ ପରିବାରକୁ ଭେଟି କିଛି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଉପାଧ୍ୟକ୍ଷ ପ୍ରଧାନ ସ୍ଥାନୀୟ ସାମାଜିକ କର୍ମୀ ସୁଦର୍ଶନ ବେହେରା ଓ ନେତୃବୃନ୍ଦଙ୍କ ସହ ଆଲୋଚନା କରିବା ସହିତ ସରକାରୀ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# ବିଶ୍ୱ ବିଦ୍ୟାଳୟର ମାନ୍ୟତା ପାଇଁ ସମ୍ମିଳିତ ଉଦ୍ୟମ ଲୋଡ଼ା

### ୪ ବିଧାୟକଙ୍କୁ ଚିଠି ଲେଖିଲେ ଜିଲା କଂଗ୍ରେସ ସଭାପତି




**ନୟାଗଡ଼ ଅଫିସ,୨୫।୪:** ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟର ମାନ୍ୟତା ପ୍ରଦାନ ପାଇଁ ସମ୍ମିଳିତ ଉଦ୍ୟମ ଦରକାର । ଏଥିପାଇଁ ବିଧାୟକମାନେ ଆଗେଇ ଆସନ୍ତୁ ବୋଲି ଜିଲା କଂଗ୍ରେସ କମିଟି ସଭାପତି ରଣଜିତ ଦାଶ ଅନୁରୋଧ କରିଛନ୍ତି । ଏଥିପାଇଁ ସେ ଜିଲାର ନୟାଗଡ଼, ରଣପୁର,ଖଣ୍ଡପଡା ଓ ଦଶପଲ୍ଲା ବିଧାୟକଙ୍କୁ ଚିଠି ଲେଖି ବିଶ୍ୱ ବିଦ୍ୟାଳୟ ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି ।

କଂଗ୍ରେସର ଅଭିଯୋଗ ଅନୁଯାୟୀ, ୧୯୬୧ରେ ସ୍ଥାପିତ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏଯାବତ ସ୍ନାତକୋତର ପିଜି ଶ୍ରେଣୀ ଖୋଲି ପାରିଲା ନାହିଁ । ନୟାଗଡ଼ ଜିଲାର ପ୍ରମୁଖ ପରିଚୟନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରସଙ୍ଗରେ ଜିଲାର ବିଧାୟକମାନଙ୍କ ଆନ୍ତରିକତା ନ ଥିବା ୧୨ ଲକ୍ଷ ଜିଲାବାସୀ ଅନୁଭବ କରୁଛନ୍ତି । ଏଠାରେ ଅଭିଜ୍ଞ ପ୍ରାଧ୍ୟାପକଙ୍କ ଅଭାବ ପାଇଁ ୟୁଜିସି ନାକ୍ ଟିମ ଦ୍ୱାରା ଏ ଗ୍ରେଡ ମାନ୍ୟତା ମିଳିବାରୁ ଉକ୍ତ କଲେଜ ବାଦ ପଡିଛି । ଯାହାକି ପାଠ ପଢୁଥିବା ପ୍ରାୟ ୪ହଜାର ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଅନ୍ଧକାରକୁ ଠେଲି ଦେଇଛି। ଖୁସିର କଥା ଅନେକ କୋଟି ଟଙ୍କା ବ୍ୟୟରେ ମହା ଆଡମ୍ବରରେ କଲେଜର ପ୍ଲାଟିନମ ଜୁବୁଲି ପାଳନ ହୋଇଯାଇଛି। ଏଭଳିସ୍ଥଳେ ୧୯୬୦ ଦଶକରେ ସ୍ଥାପିତ ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରସଙ୍ଗରେ ଖୋର୍ଦ୍ଧାର ବିଧାୟକଙ୍କ ନେତୃତ୍ୱରେ ଜିଲାର ଅନ୍ୟ ବିଧାୟକ, ଲୋକ ପ୍ରତିନିଧି ଏବଂ ପୁରାତନ ଛାତ୍ରୀଛାତ୍ର ସହଯୋଗ କରୁଛନ୍ତି। ଏ ନେଇ ଗତ ୧୪ ଏପ୍ରିଲରେ ଏକ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇ ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଭେଟି ଦାବି ଉପସ୍ଥାପନ କରିବା ପାଇଁ ସର୍ବସମ୍ମତି ପ୍ରସ୍ତାବ ପାରିତ କରାଯାଇଛି । ଯଦି ଖୋର୍ଦ୍ଧା ଜିଲା ଲୋକ ପ୍ରତିନିଧିମାନେ ଖୋର୍ଦ୍ଧାରେ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ସମ୍ମିଳିତ ପ୍ରୟାସ ଆରମ୍ଭ କଲେଣି ତେବେ ଆମ ନୟାଗଡ଼ ଜିଲାର ବିଧାୟକମାନେ ନୟାଗଡ଼ ସ୍ୱୟଂଶାସିତ କଲେଜକୁ ବିଶବିଦ୍ୟାଳୟ ମାନ୍ୟତା ପ୍ରସଙ୍ଗରେ ନୀରବ ରହିବାକୁ ଜିଲା କଂଗ୍ରେସ ସଭାପତି ନାପସନ୍ଦ କରିଛନ୍ତି। ପୁଣି ଜିଲାର ରଣପୁର ଏବଂ ଦଶପଲ୍ଲା ବିଧାୟକ ନୟାଗଡ଼ କଲେଜର ପୁରାତନ ଛାତ୍ର ହୋଇ ମଧ୍ୟ ଚୁପ ରହିବା ଠିକ୍ ନୁହେଁ। ଖୋର୍ଦ୍ଧା ପ୍ରାଣନାଥ ମହାବିଦ୍ୟାଳୟଠାରୁ ନୟାଗଡ଼ ମହାବିଦ୍ୟାଳୟ କୌଣସି ଗୁଣରେ କମ ନୁହେଁ । ନୟାଗଡ଼ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସଂଖ୍ୟା ପ୍ରାୟ ୪ ହଜାରରୁ ଊର୍ଦ୍ଧ୍ୱ। ବିଶ୍ୱବିଦ୍ୟାଳୟ ପାଇଁ ଆବଶ୍ୟକ ଭିତ୍ତିଭୂମି ରହିଛି । ଏଣୁ ନୟାଗଡ଼ ବିଧାୟକ ତଥା ପୂର୍ବତନ ଉଚ୍ଚ ଶିକ୍ଷାମନ୍ତ୍ରୀ ଏହାର ନେତୃତ୍ୱ ନିଅନ୍ତୁ ବୋଲି ଦାଶ ବିଧାୟକଙ୍କୁ ପ୍ରଦାନ କରିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ।

# ରଣପୁରରେ ଶ୍ରୀଜୀଉଙ୍କ ଚନ୍ଦନଯାତ୍ରା



ବଧି ପୁଷ୍କରଣିରେ ଶ୍ରୀଜୀଉ ଜଳକ୍ରୀଡ଼ା କରୁଛନ୍ତି ।

**ରଣପୁର,୨୫।୪(ସ୍ୱ.ପ୍ର.)** ନୟାଗଡ଼ ଜିଲା ରଣପୁର ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ଚନ୍ଦନ ଯାତ୍ରା ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଛି । ଦୋଳ ଗୋବିନ୍ଦଙ୍କ ସହିତ ପଞ୍ଚୁମହାଦେବ ବଧି ପୁଷ୍କରଣୀରେ ଜଳ କ୍ରୀଡ଼ା କରୁଛନ୍ତି । ଏହି ଯାତ୍ରା ୨୧ଦିନ ଚାଲିବ । ପରମ୍ପରା ଅନୁଯାୟୀ, ଅକ୍ଷୟ ତୃତୀୟ ତିଥିରେ ମନ୍ଦିରରେ ମଧ୍ୟାହ୍ନ ଧୂପ ସାରିବା ପରେ ଠାକୁରଙ୍କ ଆଜ୍ଞାମାଳ ଅଣାଯାଇଥିଲା । ଏହାପରେ ବିମାନରେ ଠାକୁରଙ୍କୁ ବିଜେ କରାଯାଇ ଥିଲା । ଘଣ୍ଟା,କାହାଳି,ବାଜା,ଛତା ତଳେ ସେବାୟତଙ୍କ ଗ୍ରହଣରେ ଠାକୁର ରଥଖଳା ନିକଟରେ ପହଞ୍ଚି ଥିଲେ । ସେଠାରେ ରଥ ନିର୍ମାଣର ଅନୁକୂଳ ହୋଇଥିଲା । ସେଠାରୁ ଠାକୁରମାନେ ଚନ୍ଦନ ଯାତ୍ରା ଲାଗି ବଧି ପୁଷ୍କରଣୀ ଅଭିମୁଖେ ଶୋଭାଯାତ୍ରାରେ ଯାଇଥିଲେ । କାହିଁ କେଉଁ କାଳରୁ ବଧି ପୁଷ୍କରଣୀରେ ଶ୍ରୀଜୀଉ ଡଙ୍ଗାରେ ଚାପ ଖେଳିବା ପରମ୍ପରା ରହିଛି । ଚନ୍ଦନ ଯାତ୍ରାରେ ବି ବିଭିନ୍ନ ନୀତିକାନ୍ତି ପାଳନ କରାଯାଇଥାଏ । ଠାକୁରମାନଙ୍କୁ ଜଗତି ଉପରେ ବିଜେ କରାଯାଏ ଜଳଲାଗି କରିବା ପରେ ଶୀତଳ ମଣୋହି ଓ ଉପଚାରରେ ପୂଜା କରାଯାଏ । ଏହି ଅବସରରେ ଠାକୁରମାନଙ୍କୁ ସ୍ୱତନ୍ତ୍ର ବେଶ କରାଯାଇ ଡ଼ଙ୍ଗାରେ ଚାପ କ୍ରୀଡା ପାଇଁ ନିଆଯାଇଥାଏ । ଠାକୁରଙ୍କ ଏହି ଲୀଳା ଦେଖିବା ପାଇଁ ରାତିରେ ଆଖପାଖ ଅଞ୍ଚଳରୁ ବହୁ ଭକ୍ତଙ୍କ ସମାଗମ ହୋଇଥାଏ ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜିତେନ୍ଦ୍ର



@ ସନ୍ତୋଷ



@ ଶାଶ୍ୱତୀ



@ ଶିବଶଙ୍କର



@ ଏସ୍.କେ. ଇଦ୍ରିଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବଜ୍ରପାତରେ ୫ମ ଶ୍ରେଣୀ ଛାତ୍ର ମୃତ, ୨ ଗୁରୁତର

## ଆହତଙ୍କୁ ଭେଟିଲେ ଭାପୁର ବ୍ଲକ ଉପାଧ୍ୟକ୍ଷ

**ଭାପୁର,୨୫।୪(ଡି.ଏନ୍.ଏ.)** ନୟାଗଡ଼ ଜିଲା ଫତେଗଡ଼ ଥାନା ଅନ୍ତର୍ଗତ ଭାପୁର ବ୍ଲକରେ ମଙ୍ଗଳବାର ଅପରାହ୍ନରେ ବଜ୍ରପାତ ଘଟି ଜଣେ ୫ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ନୟାଗଡ଼ ଜିଲା ଭାପୁର ପଞ୍ଚାୟତ ଅଧୀନ ଭାଲୁଖାଇ ଗ୍ରାମରେ ଏହି ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ନରେଶ ନାୟକଙ୍କ ପୁଅ ସର୍ବେଶ୍ୱର (୧୦)। ଆହତ ହେଲେ ସେହି ଗ୍ରାମର ପତିତ ନାୟକ (୪୦) ଏବଂ କାଳନ୍ଦି ନାୟକଙ୍କ ପୁଅ ଚନ୍ଦନ (୮) ।

ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ଗ୍ରାମରେ ଜେସିବି ମେଶିନରେ ଏକ ପୋଖରୀ ଖୋଳା ହେଉଥିଲା । ସେଠାରେ ବହୁ ଲୋକ ଜମା ହୋଇଥିଲେ। ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ହଠାତ ବଜ୍ରପାତ ସହିତ ପ୍ରବଳ ବର୍ଷା ହୋଇଥିଲା । ବର୍ଷା ଯୋଗୁ ଗୋଟିଏ ଗଛ ତଳେ ସମସ୍ତେ ଆଶ୍ରୟ ନେଇଥିଲେ। ଏହି ସମୟରେ ବଜ୍ରପାତ ଯୋଗୁ ସର୍ବେଶ୍ୱର ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ । ଅନ୍ୟମାନେ ଗୁରୁତର ହୋଇପଡିଥିଲେ। ପରିବାର ଲୋକେ ସର୍ବେଶ୍ୱରଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ ଆହତଦ୍ୱୟଙ୍କୁ ଖୋର୍ଦ୍ଧା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ମେଡିକାଲରେ ମୃତକ ଓ ଆହତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ସରକାରୀ ସହାୟତା ପାଇଁ ସେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି । ସେହିପରି ଭାପୁର ଅତିରିକ୍ତ ତହସିଲଦାର ମନ୍ଦାକିନୀ ପ୍ରଧାନ ମେଡିକାଲରେ ମୃତକଙ୍କ ପରିବାରକୁ ଭେଟି ସରକାରୀ ସହାୟତା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଫତେଗଡ଼ ଥାନା ସେକେଣ୍ଡ ଅଫିସର ଶ୍ରଦ୍ଧା ନାୟକ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ନୟାଗଡ଼ ଜିଲା ମେଡ଼ିକାଲକୁ ପଠାଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଆଦିତ୍ୟ
ପରିବାରବର୍ଗ


ଦିବ୍ୟା
ପରିବାରବର୍ଗ


କଣ୍ଢେଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



# ବିବାହ ପୂର୍ବରୁ ଗର୍ଭବତୀ ହେଲେ ଇଲିଆନା

**ମୁମ୍ବାଇ:** ବଲିଉଡ୍ ନାୟିକା ଇଲିଆନା ଡିକ୍ରୁଜ ୩୬ ବର୍ଷ ବୟସରେ ମା' ହେବାକୁ ଯାଉଛନ୍ତି। ଏନେଇ ଅଭିନେତ୍ରୀ ଜଣଙ୍କ କିଛିଦିନ ତଳେ ପ୍ରେଗ୍ନାନ୍ସି ଖବର ଶେୟାର କରି ତାଙ୍କ ପ୍ରଶଂସକଙ୍କୁ ଚକିତ କରିଥିଲେ। ଇନ୍‌ଷ୍ଟାଗ୍ରାମ୍‌ରେ ଅଭିନେତ୍ରୀ ତାଙ୍କ ପ୍ରେଗ୍ନାନ୍ସିରେ ଭଉଣୀଙ୍କ ପ୍ରସ୍ତୁତ ବ୍ଲାକ ଫରେଷ୍ଟ କେକର ମଜା ଉଠାଉଥିବା ଏକ ଫଟୋ ଶେୟାର କରିଥିଲେ। ସେ ଏକ ବାଉଲରେ ଗୋଟେ ପିସ୍ କେକ୍ ରଖି କ୍ୟାପ୍ସନରେ ଲେଖିଥିଲେ, କମ୍ ଟୁ ମାମା। ଇଲିଆନା ତାଙ୍କ ପ୍ରେଗ୍ନାନ୍ସିକୁ ନେଇ ଖୁବ୍ ଖୁସି ଥିବା ନଜରକୁ ଆସିଛନ୍ତି। ହେଲେ ଏଠାରେ ସମସ୍ତଙ୍କ ମନରେ ପ୍ରଶ୍ନ ଉଠୁଛି ଯେ ଇଲିଆନା ବିବାହ କରିନାହାନ୍ତି। ତେବେ ଏହି ପିଲାର ବାପା କିଏ? ପୂର୍ବରୁ ଇଲିଆନା କ୍ୟାଟ୍ରିନା କୈଫଙ୍କ ଭାଇ ସେବାଷ୍ଟିନ ଲୌରେଣ୍ଟଙ୍କୁ ଡେଟ୍ କରୁଥିବା ଶୁଣିବାକୁ ମିଳିଥିଲା। ହେଲେ ଏବେ ତାଙ୍କର ସମ୍ପର୍କ ନେଇ କୌଣସି ସତ୍ୟତା ଜଣାପଡ଼ିନି। ଇଲିଆନା ତେବେ କାହାକୁ ଡେଟ୍ କରୁଛନ୍ତି, ତାହାକୁ ନେଇ ସସ୍‌ପେନ୍ସ ଲାଗିରହିଛି।

# ସୃଜନଶୀଳତାକୁ ସମ୍ମାନ ପାଇଁ ଦିନଟିଏ

**ବି**ଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ ପ୍ରତିବର୍ଷ ଏପ୍ରିଲ ୨୬ରେ ପାଳିତ ହେଉଛି। ଏହା ୨୦୦୦ରେ ବିଶ୍ୱ ବୌଦ୍ଧିକ ସମ୍ପତ୍ତି ସଂଗଠନ (ଡବ୍ଲ୍ୟୁଆଇପିଓ) ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ସୃଜନଶୀଳତା ଏବଂ ନୂଆ ଭାବର ପ୍ରବର୍ତ୍ତନ (ଅଭିନବତ୍ୱ) ଦ୍ୱାରା ବିଶ୍ୱର ଅର୍ଥନୀତି ଓ ସମାଜର ବିକାଶରେ ଉଲ୍ଲେଖନୀୟ ଅବଦାନ ଦେଇଥିବା ଉଦ୍ଭାବକ ଓ ନବ ପ୍ରବର୍ତ୍ତକମାନଙ୍କ କୃତିକୁ ମନେପକାଇ ସମ୍ମାନ ଦେବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ସାରା ବିଶ୍ୱରେ ସୃଜନଶୀଳତା ଏବଂ ଅଭିନବତ୍ୱକୁ ପ୍ରୋତ୍ସାହନ ଦେବାରେ ବୌଦ୍ଧିକ ସମ୍ପତ୍ତି ଅଧିକାରଗୁଡ଼ିକ ଯଥା ପେଟେଣ୍ଟ, କପିରାଇଟ୍, ଟ୍ରେଡ୍ ମାର୍କ ଏବଂ ଡିଜାଇନ୍‌ର ଭୂମିକା ଉପରେ ଏହି ଦିବସ ସଚେତନତା ସୃଷ୍ଟି କରିଥାଏ।

ଡବ୍ଲ୍ୟୁଆଇପିଓ ହେଉଛି ଜାତିସଂଘର ଏକ ପୁରୁଣା ଏଜେନ୍ସି। ଜାତିସଂଘର ୧୫ଟି ସ୍ୱତନ୍ତ୍ର ଏଜେନ୍ସି ମଧ୍ୟରୁ ଏହା ଅନ୍ୟତମ। ଏହା ୧୪ ଜୁଲାଇ ୧୯୬୭ରେ ପ୍ରତିଷ୍ଠା ହୋଇଥିଲା। ସ୍ୱିଜରଲାଣ୍ଡର ଜେନେଭାରେ ଏହାର ମୁଖ୍ୟ କାର୍ଯ୍ୟାଳୟ ରହିଛି। ଭାରତ ସମେତ ୧୯୩ ଦେଶ



ଡବ୍ଲ୍ୟୁଆଇପିଓର ସଦସ୍ୟ ରହିଛନ୍ତି। ଡବ୍ଲ୍ୟୁଆଇପିଓ ଦ୍ୱାରା ପରିଚାଳିତ ଅନେକ ଚୁକ୍ତିର ଅଂଶୀଦାର ହୋଇଛି ଭାରତ। ୧୯୭୦ ଏପ୍ରିଲ ୨୬ରେ ବିଶ୍ୱ ବୌଦ୍ଧିକ ସମ୍ପତ୍ତି ସଂଗଠନର ପ୍ରଥମ ସମ୍ମେଳନ ହୋଇଥିଲା। ଉକ୍ତ ଦିନକୁ ହିଁ ବିଶ୍ୱ ବୌଦ୍ଧିକ ଦିବସ ଭାବେ ପାଳନ କରାଯାଉଛି। ସାରା ଦୁନିଆର ଲୋକଙ୍କ ସହ ଯୋଡ଼ିହେବାର ଏକ ଅନନ୍ୟ ଅବସର ପ୍ରଦାନ କରୁଛି ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ। ଫଳରେ ବିଶ୍ୱ କଳା ପ୍ରତିଭା କ୍ଷେତ୍ରକୁ ବିକାଶ କରିବାରେ ବୌଦ୍ଧିକ ସମ୍ପତ୍ତି ଦିବସ କିଭଳି ସହାୟକ ହେଉଛି ଏବଂ ମାନବ ପ୍ରଗତିକୁ ଗତି ଦେଉଥିବା ବୈଷୟିକ ଅଭିନବତ୍ୱକୁ ସକ୍ଷମ ବନାଉଛି ତାହା ବୁଝିବା ସହଜ ହୋଇଥାଏ।

### ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ

ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସର ୨୦୨୩ ମସିହା ଥିମ୍ ହେଉଛି 'ମହିଳା ଏବଂ ଆଇପି (ବୌଦ୍ଧିକ ସମ୍ପତ୍ତି): ଅଭିନବତ୍ୱ ଓ ସୃଜନଶୀଳତାକୁ ତ୍ୱରାନ୍ୱିତ କରିବା'। ସମଗ୍ର ବିଶ୍ୱରେ ମହିଳା ଉଦ୍ଭାବକ, ନବ ପ୍ରବର୍ତ୍ତକ ଏବଂ ଉଦ୍ୟୋଗୀମାନଙ୍କ ମନୋଭାବ ଏବଂ ସେମାନଙ୍କ ଅଗ୍ରଗାମୀ କାର୍ଯ୍ୟକୁ ପ୍ରୋତ୍ସାହନ ଦେବା ଏହାର ଉଦ୍ଦେଶ୍ୟ। ମହିଳାମାନେ ସେମାନଙ୍କର କଳ୍ପନା, ଚତୁରତା ଏବଂ କଠିନ ପରିଶ୍ରମ ମାଧ୍ୟମରେ ସାରା ଦୁନିଆକୁ ଆକୃଷ୍ଟ କରୁଛନ୍ତି। କିନ୍ତୁ ସେମାନେ ଜ୍ଞାନକୌଶଳ ଏବଂ ସହାୟତା ପାଇବା ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି।

**ଇତିହାସ:** ସେପ୍ଟେମ୍ବର ୧୯୯୮ରେ ଡବ୍ଲ୍ୟୁଆଇପିଓର ସଦସ୍ୟ ରାଷ୍ଟ୍ରଗୁଡିକ ସମ୍ମେଳନକୁ ଦେଇଥିବା ବିବୃତି ଅନୁଯାୟୀ ନ୍ୟାଶନାଲ ଆଲଜେରିଆ ଇଣ୍ଡଷ୍ଟ୍ରିଆଲ ପ୍ରପର୍ଟି ଇନଷ୍ଟିଚ୍ୟୁଟ୍ (ଆଇଏନ୍ଏପିଆଇ) ମହାନିର୍ଦ୍ଦେଶକ ଏପ୍ରିଲ ୭, ୧୯୯୯ରେ ଅନ୍ତର୍ଜାତୀୟ ବୌଦ୍ଧିକ ସମ୍ପତ୍ତି ଦିବସ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦେଇଥିଲେ। ବୌଦ୍ଧିକ ସମ୍ପତ୍ତିର ପୃଷ୍ଠପୋଷକମାନଙ୍କ ସଫଳତାକୁ ସାରା ବିଶ୍ୱକୁ ପରିଚୟ କରାଇବା ଏବଂ ଅଭିନବତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଢାଞ୍ଚା ସୃଷ୍ଟି କରିବା ଲକ୍ଷ୍ୟରେ ଏହି ଦିବସ ପାଳନକୁ ଗୁରୁତ୍ୱ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ୯ ଅଗଷ୍ଟ ୧୯୯୯ରେ ଡବ୍ଲ୍ୟୁଆଇପିଓର ଚାଇନା ପ୍ରତିନିଧି ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତାବ ଆଗତ କରିଥିଲେ। ଫଳରେ ଅକ୍ଟୋବର ୧, ୧୯୯୯ରେ ଡବ୍ଲ୍ୟୁଆଇପିଓର ଏକ ସାଧାରଣ ବୈଠକରେ ଏକ ବିଶେଷ ଦିବସକୁ ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ ରୂପେ ପାଳନ କରାଯିବା ପ୍ରସ୍ତାବକୁ ମଞ୍ଜୁରୀ ଦିଆଯାଇଥିଲା। ଏହା ମାଧ୍ୟମରେ ବୌଦ୍ଧିକ ସମ୍ପତ୍ତି ସୁରକ୍ଷା, ନିୟମାବଳୀ, ଅଧିକାର ବିଷୟରେ ଆଇନଗତ ସଚେତନତା ଏବଂ ଉଦ୍ଭାବନ କାର୍ଯ୍ୟକଳାପକୁ ଉତ୍ସାହିତ କରାଯାଇପାରୁଛି।


## ଜନ୍ମଦିନ ଶୁଭେଚ୍ଛା



**ଦିବ୍ୟା**

ଆଜି ତୁମର ଜନ୍ମଦିନ ଅବସରରେ ତୁମ ଚଲାପଥ କୁସୁମିତ ହେଉ ଓ ଜଗତର ନାଥ ଶ୍ରୀଜଗନ୍ନାଥ ତୁମ ଜୀବନକୁ ସୁଖମୟ କରନ୍ତୁ।

-:ଶୁଭେଚ୍ଛା ସହ:-

ପୁସ୍ତମ, ଜନ୍‌ସନ୍, ଜିବରନ୍, ଶୁଭମ୍, ସୁରେନ୍ଦ୍ରି, ଶୃତି, ଉପେନ୍ଦ୍ରି ଓ ପରିବାରବର୍ଗ ।

ଧ-୦୧୮୩

## ୧୨ତମ ଜନ୍ମଦିନ ଶୁଭେଚ୍ଛା



**ସାଇସ୍ମିତୋଲ (କଣ୍ଢେଇ)**

୧୨ତମ ଜନ୍ମବାର୍ଷିକୀ ଅବସରରେ ଭଗବାନ୍ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ବିନତି ତୋର ଚଲାପଥ କୁସୁମିତ ହେବା ସହିତ ଆୟୁଷ ଦୀର୍ଘାୟୁ ହେଉ ।

-:ଆଶୀର୍ବାଦ ସହ:-

ଅଜା, ଆଈ, ବାବା, ମାମା, ପଲ୍‌କୀ

ଧ-୦୧୭୨

## ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା



**ଆଦିତ୍ୟ ଶ୍ରୀଚନ୍ଦନ**

ରସୁଲଗଡ଼

ଆଜି ତୁମର ଜନ୍ମଦିନ ଅବସରରେ ତୁମ ଚଲାପଥ କୁସୁମିତ ହେଉ ଓ ଜଗତର ନାଥ ଶ୍ରୀଜଗନ୍ନାଥ ତୁମ ଜୀବନକୁ ସୁଖମୟ କରନ୍ତୁ।

-:ଶୁଭେଚ୍ଛା ସହ:-

ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧ-୦୧୧୯


# ରବିବାର ଚାଲେ ସ୍କୁଲ




**କଲିକତା:** ପ୍ରତ୍ୟେକ ସ୍କୁଲ, କଲେଜ ସାଧାରଣତଃ ରବିବାର ସାପ୍ତାହିକ ଛୁଟି ଥାଏ। ହେଲେ ଏପରି ଏକ ସ୍କୁଲ ରହିଛି, ଯାହା ରବିବାର ଖୋଲା ରୁହେ। କଥାଟି ଅଜବ ଲାଗୁଥିଲେ ମଧ୍ୟ ଏହା ସତ। ରିପୋର୍ଟ ମୁତାବକ, ପଶ୍ଚିମବଙ୍ଗର ଇଷ୍ଟ ବର୍ଦ୍ଧମାନ ଜିଲାରେ ଅବସ୍ଥିତ ଗୋପାଳପୁର ମୁକ୍ତକେଶୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରତ୍ୟେକ ରବିବାର ଖୋଲା ରୁହେ। ଏଠାରେ ରବିବାର ବଦଳରେ ସୋମବାର ଛୁଟି ହୋଇଥାଏ। ଏହି ବିଦ୍ୟାଳୟ ୨୫/୩୦ ବର୍ଷ ପୁରୁଣା ନୁହେଁ, ଏହା ପାଖାପାଖି ୧୦୦ ବର୍ଷର ପୁରୁଣା। ସ୍କୁଲଟି ଜାନୁୟାରୀ ୫, ୧୯୨୨ରେ ୧୩ ଜଣ ବିଦ୍ୟାର୍ଥୀଙ୍କୁ ନେଇ ଆରମ୍ଭ ହୋଇଥିଲା। ସ୍କୁଲଟି କଲିକତାଠାରୁ ୭୩ କିମି ଦୂରରେ ରହିଥିବାବେଳେ ନିକଟ ଠାକୁରାଣୀ ମା' ମୁକ୍ତକେଶୀଙ୍କ ନାମ ଅନୁସାରେ ସ୍କୁଲର ନାମକରଣ ହୋଇଛି। ସେବେଠାରୁ ଏହି ସ୍କୁଲରେ ରବିବାର ଛୁଟି ନ ହୋଇ ପାଠପଢା ହୋଇଥାଏ। ଏପରି ନିୟମରେ ଚାଲୁଥିବା ଏହା ଦେଶର ଏକମାତ୍ର ସ୍କୁଲ। ସ୍କୁଲର ଏପରି ନିୟମ ବ୍ରିଟିଶ ସରକାରଙ୍କ ଶାସନ ବିରୋଧରେ ସଂଘର୍ଷକୁ ବୁଝାଇଥାଏ। ସେତେବେଳେ ଏହି ସ୍କୁଲ ଖୋଲିବା ପାଇଁ ଜମିଦାର ଅଭିନାଶ ଚନ୍ଦ୍ର ହାଲଦାର ଏବଂ ବିଜୟକୃଷ୍ଣ କୁମାର ୩.୩ ଏକର ଜମି ପ୍ରଦାନ କରିଥିଲେ। ଏଥିସହ ବ୍ରିଟିଶ ଶାସନ ବିରୋଧରେ ରବିବାର ସ୍କୁଲ ଖୋଲିବା ନେଇ ଅଭିଯାନ ଆରମ୍ଭ କରିଥିଲେ। ସେବେଠାରୁ ଏହି ସ୍କୁଲ ଦେଶରେ ଏକ ଭିନ୍ନ ପରିଚୟ ସୃଷ୍ଟି କରିଛି।


# Classified Everyday

0674-2580101, 2549949



MATRIMONIAL

GROOM WANTED

34 ବୟସ୍କା Government ଚାକିରିଆ, ଦରମା 62000/- Divorce ନିଃସନ୍ତାନ ସୁନ୍ଦର ଗୋପାଳ ଝିଅଙ୍କୁ ଘରଜ୍ୱାଇଁ ଆବଶ୍ୟକ। 8327715036. D-0163

Searching Kaibarta Groom in Bhubaneswar for Very Fair Kaibarta Bride. Contact Brother, Mob.: 9990161440. D-0174



REAL ESTATE

SALE

Plot for sale in and around Bhubaneswar investment commercial and residential. 9777345831. D-71052

Hitech Medical ପଛପଟେ 30ft ପିଚୁରୋଡ ଥାଇ ପ୍ଲଟ ମିଳୁଛି-7008699350. D-74844

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା- 300/-. 6371569855. D-74849

Well developed gharabari yellow zone plot for sale. Kantabada-1250, Vola- 1350, Ranga Bazar- 650. Contact: 9439702573, 7978236408. D-0133

A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452. D-74673

ଅନୁଗୁଳ, ଛେଣ୍ଡିପଦା ଅଞ୍ଚଳରେ ପଟ୍ଟାଥାଇ ବାସଉପଯୋଗୀ ପ୍ଲଟ କିଣିବା ପାଇଁ ଯୋଗାଯୋଗ କରନ୍ତୁ। 9437621753. D-75102



My house at Nayapalli 1BHK, 2BHK, 3BHK for Family. 9438490107, 8895096862. D-74675



Newly open health benefits Spa special offer @999 Nayapalli. 7846814019. D-75101

Relax, Refresh your body, Mind at Saikrupa Spa with best therapies. 8984068077. D-0145

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74674

All type of professional full body massage by professional therapist at Rajmahal @ 999. Contact: 7855053566. D-0078

All types hair cutting, body massage by smart lady, one hour 700/-. room services available. Contact. 9668767100. D-71372

All types hair cutting, body massage by smart lady, one hour 700/-, room services available. Contact. 9937833100. D-71373

Newly open health benefits SPA special offer @799 Jaydev Vihar. 8018429809. D-73700

Newly open health benefits SPA special offer @ 799, Jaydev Vihar. 8018429809. D-75103

SPA head to foot body point only massages best Therapist Gents & Lady Senior Citizen @999/- Bhubaneswar- 9337672475. D-0171

LOST

ଏତଦ୍ୱାରା ସୂଚିତ କରାଯାଉଛି ଯେ ମେସର୍ସ ନନ୍ଦନ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରା. ଲିଃ ଏବଂ ଶ୍ରୀ ରଜନୀଶ ମିଶ୍ରଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ତଥା ଏସ୍‌ଆର୍‌ଓ ଖଣ୍ଡଗିରିଙ୍କ ନିକଟରେ ପଞ୍ଜୀକୃତ ମୂଳ ବିକ୍ରି କବଲା, ତାରିଖ- 29 ଡିସେମ୍ବର, 2012 (ବିକ୍ରି କବଲା ନଂ.- 11131301356) ହଜିଯାଇଛି ଏବଂ ଏପର୍ଯ୍ୟନ୍ତ ତାହାର ପତ୍ତା ମିଳୁନାହିଁ । ଏହା ଖଣ୍ଡଗିରି ଏସ୍‌ଆର୍‌ଓରୁ ଚନ୍ଦକା ଯିବା ବାଟରେ ହଜିଯାଇଥିଲା । ଏ ବାବଦରେ ଚନ୍ଦକା ଥାନାରେ ତା25।04।23ରିଖ ଦିନ ଏତଲା ନଂ.541 ମାଧ୍ୟମରେ ଏତଲା ଦାୟର କରାଯାଇଛି । ଯଦି କେହି ଉକ୍ତ କବଲାଟିକୁ ପାଇଥାନ୍ତି ତେବେ ସୁଦୀପ୍ତି ପ୍ରଧାନଙ୍କ ସହ ମୋ. ନଂ.- 9439017717ରେ ଯୋଗାଯୋଗ କରିବାକୁ ଅନୁରୋଧ । ଧ-୦୧୭୯

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

By virtue of an affidavit sworn before the Notary Public, Jharsuguda, I, Poonam Singh, W/o. Pawanesh Kumar Singh, R/o. C/o. Suprava Naik, 1st floor, Cox Colony, PO. Industrial Estate, Dist. Jharsuguda declared that before marriage I was known as Poonam Kumari, D/o. Dadan Singh. But after marriage I have changed my surname from Poonam Kumari to Poonam Singh for all purposes. D-0182

ମୁଁ ଶ୍ରୀ ରତ୍ନାକର ମଲ୍ଲୀକ୍, ପିତା- ସ୍ୱର୍ଗତ ଇନ୍ଦ୍ରମଣି ମଲ୍ଲୀକ୍, ସା- ବୈରୀମାଳ, ପୋ- ହାତୀବାରି, ଥାନା- ସୁକିନ୍ଦା, ଜିଲ୍ଲା- ଯାଜପୁର ଏତଦ୍ୱାରା ସତ୍ୟପାଠ କରିଅଛି କି ମୋର ପତ୍ନୀ ଶ୍ରୀମତୀ ସସ୍ମିତା ସ୍ୱାଇଁ ଓରଫ ସସ୍ମିତା ମଲ୍ଲିକଙ୍କର ନାମରେ ଥିବା ଆଧାର କାର୍ଡ, ଭୋଟର ପରିଚୟ ପତ୍ର ଆଦି ସମସ୍ତ ପ୍ରମାଣପତ୍ରରେ ସ୍ୱାଇଁ ପରିବର୍ତ୍ତେ ମଲ୍ଲୀକ୍ ଦର୍ଶାଯାଇଅଛି। ଯାହାକି ମୋର ପିଲାମାନଙ୍କ ପାଠପଢ଼ା ସମ୍ବନ୍ଧୀୟ ସମସ୍ତ କାଗଜପତ୍ର ଓ ପ୍ରମାଣପତ୍ରରେ ସ୍ୱାଇଁ ପରିବର୍ତ୍ତେ ଏହି ମଲ୍ଲୀକ୍ ସାଙ୍ଗିଆ କରାଯିବାକୁ ମାନ୍ୟବର ତହସିଲଦାର, ବ୍ୟାସନଗର ତଥା ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ସତ୍ୟପାଠ କରିଅଛି। ତଦନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନେବାକୁ ଆପତ୍ତି ଜଣାଉଅଛି। ଧ-୦୧୭୭

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Before Executive Magistrate, Bhubaneswar dt. 25.01.2023, the spelling of my name has corrected according to my H.S.C. Certificate as Kahnu Charan Sahoo, S/o- Late Laxman Sahoo, At- Rajatei, P.O- Sampur, P.S- Pipili, Dist.- Puri instead of Kanhu Charan Sahoo according to my Aadhaar & Pan Card. Kahnu Charan Sahoo & Kanhu Charan Sahoo is same & one person i.e. my self for all purposes. D-0173

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

୧୯ତମ ଶ୍ରାଦ୍ଧବାର୍ଷିକୀ



ସ୍ୱଅଭିଷେକ ସାମଲ (ପିଣ୍ଟୁ)
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଆବିର୍ଭାବ: ୨୨।୦୧।୧୯୮୩
ତିରୋଧାନ: ୨୬।୦୪।୨୦୦୪
ତୁ ଚାନ୍ଦକୁ ଚାଲିଗଲୁ
ତାରା ଭିତରେ ରହିଲୁ
ମୁଁ ଏଇଠି ଏ ମାଟିରେ ରହିଛି
ତତେ ହୃଦୟ ଭିତରେ ସାଇତିଛି
ତୋର: ହତଭାଗୀ ମମି, ବାବା, ବେବି ଦେଇ, କଲି ଦେଇ, ରିଣ୍ଟୁ, ମାମୁନି, ପ୍ରିନ୍ସ
ଧ-୭୨୦୪୩

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱବରୁଣ କୁମାର ରାଉତ (ପିକୁନା)
ରାଉତ ସାହି, ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ: ୨୦.୧୧.୧୯୭୭ | ତିରୋଧାନ: ୧୪.୦୪.୨୦୨୩
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଓ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ।
ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୪୫୪୬

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱସଞ୍ଜୟ କୁମାର ବଳିଆରସିଂହ
କାଇମାଟିଆ, ଖୋର୍ଦ୍ଧା
ଆବିର୍ଭାବ-୨୩।୦୨।୧୯୫୨
ତିରୋଧାନ- ୧୬।୦୪।୨୦୨୩
"ସେ ପୁରରେ ଥାଇ ତୁମେ ଦିଅ ଶୁଭାଶିଷ ଭୁଲିବୁନି କେବେ ତୁମ ନୀତି ଓ ଆଦର୍ଶ, ବିଶ୍ୱ ନିଅନ୍ତାଙ୍କ ପାଖେ କରୁଅଛୁ ଅଳି ସରଗରେ ଥାଅ ତୁମେ ତାରାଟିଏ ପରି।"
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।"
ଶୋକସନ୍ତପ୍ତ: ଅଭାଗିନୀ ସ୍ତ୍ରୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି ଏବଂ ଆତ୍ମୀୟସ୍ୱଜନ ।
ଧ-୦୧୪୬

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## ମିଶ୍ରିତ ଫସଲ



**ବ**ର୍ତ୍ତମାନ ମକା ଓ ବରଗୁଡ଼ିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଚାଷ ଲାଗି ଉପଯୁକ୍ତ ସମୟ। ଶେଷଓଡ଼ ଚାଷରେ ଏକର ପ୍ରତି ୫ଗାଡ଼ି ଶଢ଼ା ଗୋବର ଖତ,୪୦କି.ଗ୍ରା. ଯବକ୍ଷାରଜାନ, ୪୦କି.ଗ୍ରା. ଫସ୍‌ଫରସ ଓ ୪୦କି.ଗ୍ରା., ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବା ଆଶଙ୍କା ଥିଲେ ଶେଷ ଓଡ ଚାଷରେ ଏକର ପ୍ରତି ୧୦କି.ଗ୍ରା. ଶତକଡା ୧.୫ଭାଗ କ୍ଲୋରୋପାଇରିଫସ ଗୁଣ୍ଡ ପ୍ରୟୋଗ କରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ-ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କିଗ୍ରା ମକା ବିହନ ଓ ୨୦କି.ଗ୍ରା. ବରଗୁଡି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ପରେ ସିଆର ପଛରେ ପ୍ରତି ୨ଧାଡି ମକା ପରେ ୨ଧାଡି ବରଗୁଡି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।

## ପ୍ରାଣୀଙ୍କ ଯତ୍ନ



ଅଂଶୁଘାତ ପାଇଁ ସତର୍କ ରୁହନ୍ତୁ । ପ୍ରାଣୀଙ୍କୁ ପ୍ରଚୁର ଥଣ୍ଡା ପାଣି ପିଇବାକୁ ଦିଅନ୍ତୁ । ଗୁହାଳକୁ ଥଣ୍ଡା ରଖିବା ସହ ସଙ୍କର ଜାତୀୟ ଗାଇ ଓ ମଇଁଷିକୁ ଦିନରେ ଥରେ କିମ୍ବା ଦୁଇଥର ଗାଧୋଇ ଦିଅନ୍ତୁ। ଖାଦ୍ୟରେ ୩୦ ଗ୍ରାମ୍ ଖଣିଜ ଲବଣ ମିଶାଇ ପ୍ରତ୍ୟେକ ଦିନ ଖାଇବାକୁ ଦିଅନ୍ତୁ । ଦିନ ୧୦ଟା ପରେ ଗୋରୁଙ୍କୁ ବାହାରକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ। ଦାନାକୁ ଯଥା ସମ୍ଭବ ସନ୍ଧ୍ୟା ସମୟରେ ଦେବାକୁ ଚେଷ୍ଟା କରନ୍ତୁ । ଏହି ସମୟରେ ଛେଳି ଓ ମେଣ୍ଢାଙ୍କୁ ଥଣ୍ଡା ପରିବେଶରେ ରଖନ୍ତୁ। ଦିନ ୧୦ଟା ପରେ ପଡ଼ିଆକୁ ଚରିବାକୁ ଛାଡ଼ନ୍ତୁ ନାହିଁ। ଯଥେଷ୍ଟ ପରିମାଣର ପିଇବା ପାଣି ଯୋଗାଇ ଦିଅନ୍ତୁ । ପିପିଆର୍ ଟିକା, ଏଣ୍ଟାରୋଟକ୍ସେମିଆ ଓ ଛେଳି ବସନ୍ତ ଟିକା ଦିଅନ୍ତୁ । ପ୍ରତ୍ୟେକ ଦିନ ୫ ରୁ ୧୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଖାଇବାକୁ ଦିଅନ୍ତୁ । ଛେଳି ଓ ମେଣ୍ଢାମାନେ ଦିନସାରା ଚରିଲେ ମଧ୍ୟ ଖରା ଦିନରେ ଯଥେଷ୍ଟ ଘାସ ପାଆନ୍ତି ନାହିଁ। ତେଣୁ ପ୍ରତି ଛେଳି ବା ମେଣ୍ଢାକୁ ଓଜନ ହିସାବରେ ଦିନକୁ ୧୦୦ରୁ ୨୦୦ ଗ୍ରାମ୍ ଦାନା ଦେବା ଆବଶ୍ୟକ।

## ଭେଣ୍ଡି ପାଇଁ ଶେଷ ଓଡ ଚାଷ



**ଭେଣ୍ଡି** ପାଇଁ ଶେଷ ଓଡ଼ଚାଷ ବେଳେ ଏକର ପ୍ରତି ୧୦ ଶଗଡ ଗୋବରଖତ,୪୫କି.ଗ୍ରା. ଯବକ୍ଷାରଜାନ,୨୫କି.ଗ୍ରା. ଫସ୍‌ଫରସ ଓ ୩୦ କି.ଗ୍ରା. ପଟାସ୍ ସାର ଏବଂ ସଙ୍କର ଜାତୀୟ ପାଇଁ ୨୦-୨୫ ଶଗଡ ଗୋବରଖତ,୮୦କି.ଗ୍ରା. ଯବକ୍ଷାରଜାନ, ୪୦କି.ଗ୍ରା. ଫସ୍‌ଫରସ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ ଗଛକୁ ଗଛ ୪୫ସେ.ମି. ବ୍ୟବଧାନରେ ମଞ୍ଜି ପୋତନ୍ତୁ। ବର୍ଷସାରା ଭେଣ୍ଡି ଲଗାଯାଇପାରେ। ଉନ୍ନତ କିସମ ବିହନ ବ୍ୟବହାର କରନ୍ତୁ। ଯଥା-ଉତ୍କଳ, ଗୌରବ, ଅର୍କ,ଅନାମିକା,ଉପହାର,ପର୍ବାଣୀକ୍ରାନ୍ତି ଏବଂ ହାଇବ୍ରିଡ୍ ଜାତୀୟ ଯଥା-ବର୍ଷା,ବିଜୟ,ବିଶାଳ,ତାରା,ଆଧୁନିକ,ଅତ୍ୟାଧୁନିକ,ସୁପ୍ରିୟ ମଧ୍ୟ ଲଗାଇପାରିବେ। କିସମ ଅନୁସାରେ ଏକର ପ୍ରତି ୫ରୁ ୭ କିଲୋଗ୍ରାମ୍ ବିହନ (ଉନ୍ନତ କିସମ) ଓ ସଙ୍କର ଜାତୀୟ ପାଇଁ ୧୨୫୦ରୁ ୧୫୦୦ଗ୍ରାମ୍ ବିହନ ଦରକାର ହୁଏ।

## ଅଳ୍ପରେ..

➤ସୂର୍ଯ୍ୟମୁଖୀରେ କଳଙ୍କିରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ମାଙ୍କୋଜେବ୍/ଟେବୁକୋନାଯୋଲ୍ ୧ ମି.ଲି. ମିଶାଇ ପତ୍ର ସିଞ୍ଚନ କରନ୍ତୁ। ପତ୍ରଚିତା ରୋଗ ଥିଲେ ମଧ୍ୟ ଏହି ରାସାୟନିକ ସିଞ୍ଚନ ଦ୍ୱାରା ନିୟନ୍ତ୍ରିତ ହୋଇପାରିବ ।

➤ରାଶି ଫସଲରେ ଫୁଲ ଧରିବା ଓ ଫଳ ବୃଦ୍ଧି ସମୟରେ ଜଳସେଚନ କରନ୍ତୁ । ପତ୍ରମୋଡ଼ା ଓ ଫଳବିନ୍ଧା ପୋକ ଲାଗିଲେ ପ୍ରତି ଲିଟର ପାଣିରେ ୨ ମି.ଲି. ପ୍ରୋଫେନୋଫସ୍ କିମ୍ବା ୨ ମି.ଲି. କ୍ଲୋରପାଇରିଫସ୍ ୨୦ ଇ.ସି. ମିଶାଇ ପ୍ରୟୋଗ କରନ୍ତୁ। ତଳପତ୍ରଠାରୁ ଉପରକୁ ପତ୍ରଗୁଡ଼ିକ ହଳଦିଆ ପଡ଼ିଆସିଲେ ବା ଫଳ ଶୁଖି ଆସିଲେ ରାଶି ଅମଳ କରନ୍ତୁ ।

➤ଚିନାବାଦାମ ଫସଲ ପାକଳ ହୋଇ ଅମଳ ଅବସ୍ଥାକୁ ଆସିଯାଇଥିଲେ ହାଲୁକା ଜଳସେଚନ ଦେଇ ଅମଳ କରନ୍ତୁ ।

➤ନଳିତା ଫସଲର ଘାସବଛା କାର୍ଯ୍ୟ ଶୀଘ୍ର ଶେଷ କରନ୍ତୁ । ଫସଲ ଗଜା ହେବାର ୨୧ ଦିନ ମଧ୍ୟରେ ପ୍ରଥମ ଥର ଓ ଏହାର ଠିକ୍ ୭ ଦିନ ପରେ ଆଉଥରେ କୋଡ଼ାଖୁସା ଏବଂ ଘାସ ବଛା କରି ଗଛ ପତଳା କରି ଦିଅନ୍ତୁ, ଯେପରି ଗଛକୁ ଗଛ ୫ ରୁ ୭ ସେ.ମି. ମଧ୍ୟରେ ବ୍ୟବଧାନ ରହିବ ।

➤ମକା ବିହନ ବୁଣିବା ପୂର୍ବରୁ ଜମି ପ୍ରସ୍ତୁତ କରି ହେକ୍ଟର ପ୍ରତି ୨୦ କି.ଗ୍ରା. ବିହନ ବିଶୋଧନ କରି ଧାଡ଼ିରେ ବୁଣନ୍ତୁ। ଧାଡ଼ିକୁ ଧାଡ଼ି ୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୩୦ ସେ.ମି. ବ୍ୟବଧାନ ରଖନ୍ତୁ ।



# ପୋଡୁଚାଷ ଓ ପ୍ରତିକାର





**ରା**ଜ୍ୟର ସମୁଦାୟ କ୍ଷେତ୍ରଫଳର ଶତକଡ଼ା ପ୍ରାୟ ୩୩ ଭାଗ ଜମି ଜଙ୍ଗଲ । ଉକ୍ତ ଜଙ୍ଗଲ ଜମି ସବୁ ପାହାଡ଼ ଓ ପର୍ବତ ଘେରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଯଥା କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ମାଲକାନଗିରି, କନ୍ଧମାଳ, ବୌଦ୍ଧ ଓ ଗଜପତି ଜିଲାରେ ବିସ୍ତୀର୍ଣ୍ଣ ଭାବେ ଅବସ୍ଥିତ । ଏହି ଜିଲାଗୁଡ଼ିକରେ ପାହାଡ଼ର ନିମ୍ନଭାଗରେ ଆଦିବାସୀମାନେ ଛୋଟ ଛୋଟ ଗ୍ରାମରେ ବସତି ସ୍ଥାପନ କରି ବାସକରନ୍ତି । ଜଙ୍ଗଲକୁ ଆଦିବାସୀମାନେ ସେମାନଙ୍କର କର୍ମକ୍ଷେତ୍ର ବୋଲି ଭାବନ୍ତି। କାରଣ ଜଙ୍ଗଲକୁ ନେଇ ସେମାନଙ୍କର ଜୀବନ ଜୀବିକା। ଆଦିବାସୀମାନେ ସେମାନଙ୍କର ଖାଦ୍ୟ, ପାଣି ଏବଂ ଜାଳେଣି ପାଇଁ ମୁଖ୍ୟତଃ ଜଙ୍ଗଲ ଉପରେ ନିର୍ଭର କରନ୍ତି । ଜଙ୍ଗଲର ଫଳମୂଳ ଆଦି ସେମାନଙ୍କର ଖାଦ୍ୟ ପାଇଁ ଯଥେଷ୍ଟ ହୁଏ ନାହିଁ । ତେଣୁ ସେମାନେ ଜଙ୍ଗଲ ଜମିକୁ ବିଭିନ୍ନ ଉପାୟରେ ଅକ୍ତିଆର କରି ଆବଶ୍ୟକ ଅବଶିଷ୍ଟ ଖାଦ୍ୟ ସଂଗ୍ରହ ପାଇଁ ଚେଷ୍ଟାକରନ୍ତି । ଜଙ୍ଗଲରେ ଚାଷଜମିର ଅଭାବରୁ ଆଦିବାସୀମାନେ ପାହାଡ଼ର ପାଦଦେଶରେ ଥିବା ଜଙ୍ଗଲକୁ ଚାଷଜମିରେ ପରିଣତ କରିବା ପାଇଁ ଗ୍ରୀଷ୍ମ ଋତୁରେ ଜଙ୍ଗଲରେ ଥିବା ଶୁଖିଲା ପତ୍ର, ଡାଳ ଓ ଘାସବୁଦା ଆଦିରେ ନିଆଁ ଲଗାନ୍ତି। ଏହାଦ୍ୱାରା ଜଙ୍ଗଲର ଛୋଟ ବଡ଼ ସବୁଜ ଗଛରେ ନିଆଁ ଲାଗେ । ବର୍ଷାଋତୁ ଆରମ୍ଭରେ ଜଙ୍ଗଲର ନିଆଁ ଲିଭିଲେ ଖୋଲା ସ୍ଥାନକୁ ଆଦିବାସୀମାନେ କୁଜି ଲଙ୍ଗଳ କିମ୍ବା କୋଡ଼ି ବା କୋଦାଳରେ ମାଟିକୁ ଚଷି ସେମାନଙ୍କର ପ୍ରିୟ ଶସ୍ୟଜାତୀୟ ଫସଲ ଯଥା ମକା, ବାଜରା, ଜୁଆର, ସୁଆଁ, କୋଦ, କାଙ୍ଗୁ, ମାଣ୍ଡିଆ ; ଡାଲିଜାତୀୟ ଫସଲ ଯଥା ହରଡ଼, କାନ୍ଦୁଲ, ବରଗୁଡି, ବାଇଲ ଏବଂ ତୈଳବୀଜ ଫସଲ ଅଳସି ଓ ସୋରିଷ ଆଦି ବୁଣନ୍ତି । ଏହିସବୁ ଫସଲ ସ୍ୱଳ୍ପ ଅମଳକ୍ଷମ ସ୍ଥାନୀୟ କିସମ ଏବଂ ୨/୩ ମାସ ମଧ୍ୟରେ ଅମଳ ହୁଏ। ଜଙ୍ଗଲକୁ ପୋଡ଼ି, ପୋଡ଼ାଯାଇଥିବା ସ୍ଥାନରେ ହେଉଥିବା ବିଭିନ୍ନ ଫସଲର ଚାଷକୁ 'ପୋଡୁଚାଷ' କୁହାଯାଏ ।

ଆଦିବାସୀଙ୍କର ବିଶ୍ୱାସ ଜଙ୍ଗଲ ପୋଡ଼ିରୁ ମିଳୁଥିବା ପାଉଁଶ ଏକ ଉତ୍ତମ ଉର୍ବରକ । କିନ୍ତୁ ଉକ୍ତ ପାଉଁଶରେ ଫସଲର ମୁଖ୍ୟ ତିନିଗୋଟି ଖାଦ୍ୟସାର ଯଥା ଯବକ୍ଷାରଯାନ, ଫସ୍‌ଫରସ ଓ ଗନ୍ଧକ ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଥାଏ । ଅନ୍ୟ ଖାଦ୍ୟ ଉପାଦାନ ଯଥା ପଟାସ, କ୍ୟାଲସିୟମ, ମ୍ୟାଗ୍ନେସିୟମ ଏବଂ କେତେକ ଅଣୁଖାଦ୍ୟ ପୋଷଣ ଫସଲର ଆବଶ୍ୟକଠାରୁ ଯଥେଷ୍ଟ କମ୍ ଥାଏ । ପୁନଶ୍ଚ ବର୍ଷା ଦ୍ୱାରା ପାଉଁଶ, ପାହାଡିଆ ଗଡାଣି ଜମିରୁ ଧୋଇ ନଷ୍ଟ ହୁଏ । ଜଙ୍ଗଲ ପୋଡି ଦ୍ୱାରା ମାଟିରେ ଥିବା ଜୈବ ଅଂଶ ଓ ଉପକାରୀ ଅଣୁବୀଜାଣୁ ଏବଂ କବକ ଆଦି ପୋଡି ନଷ୍ଟ ହୁଅନ୍ତି । ଏହା ଦ୍ୱାରା ଜଙ୍ଗଲ ଜମିର ଉର୍ବର ମାଟି ଅନୁର୍ବର ହଏ। ଜଙ୍ଗଲର ସବୁଠାରୁ ମୂଲ୍ୟବାନ୍ ସମ୍ପତ୍ତି ଯଥା ବିଭିନ୍ନ କିସମ ଗଛ ପୋଡ଼ି ଧ୍ୱଂସ ହୁଏ । ନିର୍ଦ୍ଦିଷ୍ଟ ସ୍ଥାନର ପୋଡୁଚାଷରୁ ଆଦିବାସୀମାନେ ଯଥେଷ୍ଟ କମ୍ ଫସଲ ଅମଳ ପାଉଥିବାରୁ ସମୟକ୍ରମେ ସେହି ସ୍ଥାନକୁ ପରିତ୍ୟାଗ କରି ଦୂରରେ ଥିବା ଅନ୍ୟ ଏକ ଜଙ୍ଗଲକୁ ପୋଡ଼ି ସେଠାରେ ପୂର୍ବପରି ଫସଲ ଚାଷ କରନ୍ତି । ଏହାକୁ 'ସ୍ଥାନାନ୍ତରିତ ପୋଡୁ ଚାଷ' କୁହାଯାଏ ।

ପୋଡୁଚାଷ ଉଭୟ ରାଜ୍ୟ ଓ ଆଦିବାସୀମାନଙ୍କ ପାଇଁ ଯେ କେତେ କ୍ଷତିକାରକ ସେମାନେ ଏହାକୁ ସହଜରେ ବୁଝିପାରନ୍ତି ନାହିଁ । ଜଙ୍ଗଲ ପୋଡି ଦ୍ୱାରା ଜଙ୍ଗଲ ଧ୍ୱଂସ ହେବାସହ ପରିବେଶ ପ୍ରଦୂଷିତ ହୁଏ । ନିକଟସ୍ଥ ଗ୍ରାମ ଓ ସହରର ଜଳବାୟୁ ଉତ୍ତପ୍ତ ହୁଏ । ଜଙ୍ଗଲର ମାଟି ଧୋଇହୋଇ ନଷ୍ଟ ହୁଏ । ଜଙ୍ଗଲରେ ରହୁଥିବା ପ୍ରାଣୀ ଓ ପକ୍ଷୀ ବାସହରା ହୁଅନ୍ତି ଏବଂ କେତେକ ମୃତ୍ୟୁମୁଖରେ ପଡନ୍ତି। ଏହା ଦ୍ୱାରା ଜଙ୍ଗଲ ପରିବେଶର ସନ୍ତୁଳନରେ ବାଧା ସୃଷ୍ଟି ହୁଏ । ପୋଡୁଚାଷ ଆଦିବାସୀମାନଙ୍କର ଏକ କୁପ୍ରଥା। ଉକ୍ତ କୁପ୍ରଥାକୁ ଉଭୟ ସରକାରୀ ଏବଂ ବେସରକାରୀ ମାଧ୍ୟମରେ ଆଦିବାସୀଙ୍କୁ ନିରୁତ୍ସାହିତ କରିବା ଆବଶ୍ୟକ । ପୋଡୁଚାଷର ଅପକାରିତା ବିଷୟରେ ଆଦିବାସୀମାନଙ୍କୁ ଉପଯୁକ୍ତ ଶିକ୍ଷାଦେବା ଜରୁରୀ । ପୋଡୁଚାଷର ବିକଳ୍ପ ପାଇଁ ଆଦିବାସୀମାନଙ୍କୁ ଜଙ୍ଗଲଠାରୁ ଦୂରରେ ଥିବା ଅଣଜଙ୍ଗଲ ସମତଳ ସରକାରୀ ଜମିକୁ ସେମାନଙ୍କ ନାମରେ ବିଧିବଦ୍ଧ ପଟ୍ଟା ପ୍ରଦାନ କରି ଚାଷ ଜମିର ମାନ୍ୟତା ଦେବା ଆବଶ୍ୟକ । ଉକ୍ତ ଜମିରେ ଆଧୁନିକ ପ୍ରଣାଳୀରେ ଚାଷ କରିବା ପାଇଁ ଶିକ୍ଷା ଦେବା ପ୍ରୟୋଜନ। ସେମାନଙ୍କର ପସନ୍ଦର ଖାଦ୍ୟଶସ୍ୟ ଉନ୍ନତ ଏବଂ ଅଧିକ ଅମଳକ୍ଷମ ହେବା ଆବଶ୍ୟକ । ଚାଷୀଙ୍କୁ ଉନ୍ନତ ଏବଂ ଅଧିକ ଅମଳକ୍ଷମ ମକା, ବାଜରା, ଜୁଆର, ସୁଆଁ, କାଙ୍ଗୁ ଏବଂ ଅଧିକ ଅମଳକ୍ଷମ ଡାଲି ଓ ତୈଳବୀଜ ଜାତୀୟ ବିହନ ବିନା ମୂଲ୍ୟରେ ଯୋଗାଇଦେଲେ ଆଦିବାସୀ ଚାଷୀ ଉନ୍ନତ ପ୍ରଣାଳୀର ଫସଲ ଚାଷ ପାଇଁ ଉତ୍ସାହିତ ହେବେ। ଆଦିବାସୀଙ୍କ ଗ୍ରାମରେ ଉନ୍ନତ ଫସଲର ପ୍ରଦର୍ଶନ କ୍ଷେତ୍ର କରି ସେମାନଙ୍କର ବିଶ୍ୱାସଭାଜନ ହେବା ଆବଶ୍ୟକ । ଚାଷରେ ରାସାୟନିକ ସାର ଏବଂ ଶସ୍ୟ ସଂରକ୍ଷଣ ଦ୍ରବ୍ୟ ବ୍ୟବହାର ନ କରି ଜୈବ ପ୍ରଣାଳୀରେ ଚାଷ ପାଇଁ ଶିକ୍ଷା ଦେବା ଦରକାର । ଫସଲ ଚାଷ ସହ ଆଦିବାସୀମାନଙ୍କୁ ପ୍ରାଣୀପାଳନ ଏବଂ କୁକୁଡା ଚାଷ ସମ୍ବନ୍ଧରେ ଶିକ୍ଷା ଦେଲେ ସେମାନେ ଆତ୍ମନିର୍ଭରଶୀଳ ହେବେ । ପ୍ରାଣୀପାଳନ ପାଇଁ ଆଦିବାସୀଙ୍କୁ ମାଗଣାରେ ଉନ୍ନତ ପ୍ରଜାତିର ଛେଳି, ମେଣ୍ଢା, ଘୁଷୁରି ଓ କୁକୁଡ଼ା ଆଦି ଯୋଗାଇଦେବା ଆବଶ୍ୟକ । ଜଙ୍ଗଲରେ ମହୁଚାଷ ଏକ ଲାଭଜନକ କୃଷି କାର୍ଯ୍ୟକ୍ରମ। ମହୁଚାଷର ଆବଶ୍ୟକ ସରଞ୍ଜାମ ଯଥା ମହୁବାକ୍ସ, ମହୁ ନିଷ୍କାସନ ଯନ୍ତ୍ର ସହ ଉନ୍ନତ ମହୁମାଛି ଦଳ ଯୋଗାଇ ମହୁଚାଷ ସମ୍ବନ୍ଧରେ ଶିକ୍ଷା ଦେଲେ ଆଦିବାସୀମାନେ ଭିନ୍ନ ଏକ ରୋଜଗାରର ପନ୍ଥା ପାଇପାରିବେ।

ଜଙ୍ଗଲ ପୋଡ଼ିରୁ ନିବୃତ୍ତ ହେବା ପାଇଁ ଉଦ୍ୟାନ କୃଷି ଏକ ଉତ୍ତମ ପନ୍ଥା। ଉନ୍ନତ କିସମ ଆମ୍ବ, ପଣସ, କଦଳୀ ଓ ସପୁରି ଆଦିର ଫଳ ଗଛ ଚାରା ବିନା ମୂଲ୍ୟରେ ଯୋଗାଇ ଚାଷୀମାନଙ୍କୁ ପାହାଡ଼ର ଗଡ଼ାଣି ବିପରୀତରେ ଚାରା ରୋପଣ ପାଇଁ ଶିକ୍ଷା ଦେଲେ ଜଙ୍ଗଲର ମାଟି ସୁରକ୍ଷିତ ହେବା ସହ ଚାଷୀ ଫଳଚାଷ ଦ୍ୱାରା ସ୍ୱାବଲମ୍ବୀ ହୋଇପାରିବେ। ପୋଡୁଚାଷ ଏକ ଜନ ବିରୋଧୀ ଅଣସାମ୍ବିଧାନିକ କାର୍ଯ୍ୟ । ପ୍ରକୃତି ଏବଂ ଜନଜୀବନ ଉପରେ ଏହାର ପ୍ରଭାବ ଯଥେଷ୍ଟ କ୍ଷତିକାରକ । ତେଣୁ ପୋଡୁଚାଷରୁ ସମ୍ପୂର୍ଣ୍ଣ ନିବୃତ୍ତ ହେବା ପାଇଁ ସରକାରଙ୍କର କୃଷି ବିଭାଗ ଏବଂ ବନ ବିଭାଗ ସଦାସର୍ବଦା ସଚେତ ହେବା ଜରୁରୀ।

> "ପୋଡୁଚାଷ ଦ୍ୱାରା ଜଙ୍ଗଲ ଧ୍ୱଂସ ହେବାସହ ପରିବେଶ ପ୍ରଦୂଷିତ ହୁଏ । ନିକଟସ୍ଥ ଗ୍ରାମ ଓ ସହରର ଜଳବାୟୁ ଉତ୍ତପ୍ତ ହୁଏ । ଜଙ୍ଗଲର ମାଟି ଧୋଇହୋଇ ନଷ୍ଟ ହୁଏ । ଜଙ୍ଗଲରେ ରହୁଥିବା ପ୍ରାଣୀ ଓ ପକ୍ଷୀ ବାସହରା ହୁଅନ୍ତି ଏବଂ କେତେକ ମୃତ୍ୟୁମୁଖରେ ପଡନ୍ତି। ଏହା ଦ୍ୱାରା ଜଙ୍ଗଲ ପରିବେଶର ସନ୍ତୁଳନରେ ବାଧା ସୃଷ୍ଟି ହୁଏ । ପୋଡୁଚାଷଠାରୁ ଦୂରେଇ ରହିବା ଲାଗି ଆଦିବାସୀଙ୍କୁ ଉଭୟ ସରକାରୀ ଏବଂ ବେସରକାରୀ ସ୍ତରରେ ନିରୁତ୍ସାହିତ କରିବା ଆବଶ୍ୟକ ।"

-ଶୈଳଶ୍ରୀବିହାର,ଭୁବନେଶ୍ୱର
ମୋ: ୯୫୫୬୨୬୬୦୮୫

## ଧାନ ଚାଷ ପୂର୍ବରୁ ଜମି ପ୍ରସ୍ତୁତି

**ଧା**ନ ଚାଷ ଲାଗି ପୂର୍ବରୁ ଜମିକୁ ଗଭୀର ଚାଷ କରି ମାଟିକୁ ଗୁଣ୍ଡ କରନ୍ତୁ ଓ ମଇ ଦେଇ ସମତୁଲ କରନ୍ତୁ । ଶେଷ ଓଡ଼ ଚାଷ ବେଳେ ହେକ୍ଟର ପ୍ରତି ୧୦ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ଛଟାବୁଣା ନ କରି ବିହନ ବୁଣା ଯନ୍ତ୍ର ସାହାଯ୍ୟରେ ଅଥବା ଲଙ୍ଗଳ ସିଆରରେ ୨-୩ ସେ.ମି. ଗଭୀରରେ ଓ ଧାଡ଼ିରେ ବିହନ ବୁଣନ୍ତୁ। ବୁଣିସାରି ଥରେ ମଇ ଦେଇ ଦିଅନ୍ତୁ । ସହଳ କିସମରେ ଧାଡ଼ିକୁ ଧାଡ଼ି ୧୫ ସେ.ମି. ଓ ବିଳମ୍ବ କିସମରେ ୨୦ ସେ.ମି. ବ୍ୟବଧାନ ରଖନ୍ତୁ । ହେକ୍ଟର ପ୍ରତି ୮୦ କି.ଗ୍ରା. ବିହନ ବିଶୋଧନ କରି ବୁଣନ୍ତୁ। ଯେଉଁଠାରେ ଜଳର ସୁବିଧା ଅଛି ରୋଇବା ନିମନ୍ତେ ତଳିଘରା ପ୍ରସ୍ତୁତ କରନ୍ତୁ । ୧ ହେକ୍ଟର ପାଇଁ ତଳି ଉତାରିବା ନିମନ୍ତେ ଆବଶ୍ୟକ ୨୫ ଡେସିମିଲି ତଳିଘରାରେ ୧ ମିଟର ଚଉଡ଼ାର ପଟି କରି ମଝିରେ ମଝିରେ ୩୦ ସେ.ମି. ଉଚ୍ଚତାର ନାଳି ଛାଡ଼ନ୍ତୁ । ତଳି ପଟିଗୁଡ଼ିକରେ ଆବଶ୍ୟକ ହେଉଥିବା ୫୦ କି.ଗ୍ରା. ଅଧିକ ଅମଳକ୍ଷମ ନଚେତ୍ ୧୫ କି.ଗ୍ରା. ସଙ୍କର କିସମ ଓଦା ତଳିଘରାରେ ଗଜା ଫିଟିଥିବା ବିହନ ବୁଣନ୍ତୁ । ଦୋରସା ମାଟି ଥିବା ବର୍ଷାଧାରିତ ଜମିରେ ଶୁଖିଲା ତଳି ପଟି ମଧ୍ୟ କରାଯାଇପାରିବ । ଏଣୁ ଶୁଖିଲା ତଳି ପଟିରେ ଧାଡ଼ିରେ ୧୦ ସେ.ମି. ବ୍ୟବଧାନରେ ତଳି ପଟିରେ ବିହନ ବୁଣନ୍ତୁ ଏବଂ ଖତ ଓ ମାଟି ମିଶାଇ ଘୋଡ଼ାଇ ଦିଅନ୍ତୁ । ତଳି ପତ୍ର ଫିଟିଗଲେ ତଳିପଟିରେ ଧୀରେ ଧୀରେ ଜଳର ସ୍ତର ବୃଦ୍ଧି କରନ୍ତୁ । ଗଜା ହେବା ପାଇଁ ମାଟିରେ ଯଥେଷ୍ଟ ବତର ଥାଇ ବୁଣିବା ଆବଶ୍ୟକ ।

## ଅଦା-ହଳଦୀ ଚାଷ ପାଇଁ ପ୍ରସ୍ତୁତି



**ବ**ର୍ତ୍ତମାନ ଅଦା ଓ ହଳଦୀ ଲଗାଇବାର ପ୍ରକୃଷ୍ଟ ସମୟ। ଜମି ପ୍ରସ୍ତୁତ କରି ଅଦା ଓ ହଳଦୀ ଲଗାନ୍ତୁ । ଅନୁମୋଦିତ ଅଦା କିସମଗୁଡ଼ିକ ହେଲା - ସୁରଭି, ସୁରୁଚି, ସୁପ୍ରଭା । ଅଦା ଚାଷ ପାଇଁ ହେକ୍ଟର ପ୍ରତି ୧୫ ରୁ ୧୭ କୁଇଣ୍ଟାଲ ବିହନ ଆବଶ୍ୟକ। ଅନୁମୋଦିତ ହଳଦୀ କିସମଗୁଡ଼ିକ ହେଲା - ରଙ୍ଗ, ସୁରମା, ରୋମା, ରଶ୍ମି । ହଳଦୀ ଚାଷ ପାଇଁ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ୍ ବିହନ ଦରକାର। ଏକ ମିଟର ଚଉଡ଼ା ଓ ୩୦ ସେ.ମି. ଉଚ୍ଚର ପଟାଳିମାନ କରାଯାଏ। ଦୁଇ ପଟାଳି ମଝିରେ ୩୦ ସେ.ମି. ଜଳ ନିଷ୍କାସନ ନାଳୀ ରହିବା ଆବଶ୍ୟକ । ଉଚ୍ଚ ପଟାଳି ଯୋଗୁ ଜଳ ନିଷ୍କାସନ ସୁବିଧାଜନକ ହୋଇଥାଏ । ଅତିକମ୍‌ରେ ଲଗାଇବାର ଏକ ମାସ ପୂର୍ବରୁ ଜମି ପ୍ରସ୍ତୁତ କରି ଖରାପଡ଼ିବାକୁ ଦିଆଯିବା ଆବଶ୍ୟକ। ପଟାଳି ଉପରେ ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୫ ରୁ ୨୦ ସେ.ମି. ବ୍ୟବଧାନ ରଖନ୍ତୁ । ୫ ସେ.ମି. ଗଭୀର ସିଆରରେ ଆବଶ୍ୟକ ଖତ ଓ ସାର ଦିଅନ୍ତୁ। ଶୁଖିଲା ପାଳ ବା ନଡ଼ା ବା ପତ୍ର ଦ୍ୱାରା ପଟାଳିକୁ ଆଚ୍ଛାଦନ (ମଲ୍‌ଚିଙ୍ଗ୍) କରି ଜଳସେଚନ କରନ୍ତୁ। ଅଦା ଲଗାଇବା ବେଳେ ହେକ୍ଟର ପ୍ରତି ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୫୦ କି.ଗ୍ରା. ପଟାସ୍ ସାର ଦରକାର। ହଳଦୀ ଲଗାଇବା ବେଳେ ହେକ୍ଟର ପ୍ରତି ୩୦ କି.ଗ୍ରା. ଫସ୍‌ଫରସ୍ ଓ ୬୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ ।

## ଖରିଫ ଫସଲ ପାଇଁ ଯୋଜନା

**ବ**ର୍ତ୍ତମାନଠାରୁ ନିଜ ଜମିର ପ୍ରକାର, ମାଟିର ଉର୍ବରତା, ସେଚଜଳର ସୁବିଧା ଓ ଅନ୍ୟାନ୍ୟ କୃଷି ସାମଗ୍ରୀଗୁଡିକର ଉପଲବ୍ଧତାକୁ ବିଚାରକୁ ନେଇ ଫସଲ ଯୋଜନା ପ୍ରସ୍ତୁତ କରନ୍ତୁ। ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ। ସବୁଠାରୁ ଖାସ୍ କଥା ହେଲା ପ୍ରତି ୩ବର୍ଷରେ ବିହନକୁ ବଦଳାଇ ଦିଅନ୍ତୁ। ଉନ୍ନତମାନର ବିହନ ବ୍ୟବହାର କରିବା ଦ୍ୱାରା ଅମଳ ୧୫ ପ୍ରତିଶତ ବୃଦ୍ଧି ପାଇଥାଏ। ଘରେ ସାଇତି ରଖୁଥିବା ବିହନ ବ୍ୟବହାର କରୁଥିଲେ ଗଜା ପରୀକ୍ଷା କରାଇ ନିଅନ୍ତୁ। ବୃଷ୍ଟିପୃଷ୍ଟ ଜମିଗୁଡ଼ିକରେ ଧାନ ପରିବର୍ତ୍ତେ ଅଧିକ ଅର୍ଥକରୀ ଅଣଧାନ ଫସଲ, ଯଥା-ଡାଲି, ତୈଳବୀଜ, କପା, ସୂର୍ଯ୍ୟମୁଖୀ, ପନିପରିବା ଆଦି ଏକକ ଫସଲ ଭାବରେ ଅଥବା ମିଶ୍ରିତ ଫସଲ ଭାବରେ ଚାଷ କରନ୍ତୁ। ଖାଲ ଜମିଗୁଡ଼ିକରେ ଅଧିକ ଘାସ ଥିଲେ ଏହାର ଦମନ ପାଇଁ ତୃଣନାଶକ ବ୍ୟବହାର କରନ୍ତୁ।



## ଅଣଧାନ ଫସଲ



**ଧା**ନ ବଦଳରେ ଅଣଧାନ ଫସଲ ଯଥା ମକା-ବରଗୁଡ଼ି,ହରଡ଼,ବିରି,ମାଣ୍ଡିଆ, ଚିନାବାଦାମ,ଜଡ଼ା ଓ କନ୍ଦମୂଳ ଇତ୍ୟାଦି ଚାଷ କରନ୍ତୁ। ମରୁଡ଼ି ସହଣି ଥିବା ଗଭୀର ଚେର, ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି କିସମ ନିର୍ବାଚନ କରନ୍ତୁ। ଫସଲର ସଙ୍କଟ ଅବସ୍ଥାରେ ଜଳସେଚନ ପାଇଁ ବର୍ଷାପାଣିକୁ ସଞ୍ଚୟ କରି ରଖନ୍ତୁ। ଗଡାଣିଆ ଜମିରେ ଗଡାଣିର ବିପରୀତ ଦିଗରେ ହୁଡା ଓ ନାଳ ଅଦଳବଦଳରେ କରନ୍ତୁ, ଯଦ୍ୱାରା ମାଟିରେ ଅଧିକ ବର୍ଷା ପାଣି ସଞ୍ଚିତ ହୋଇରହିବ। ଖରାଟିଆ ଚାଷ ନିଶ୍ଚିତ ଭାବେ କରନ୍ତୁ। ଏହାଦ୍ୱାରା ରୋଗପୋକ ଓ ଘାସ ଦମନ କରାଯାଇପାରିବ ଏବଂ ଫସଲ ଶୀଘ୍ର ବୁଣା ଯାଇପାରିବ। ଅମ୍ଳ ମାଟିରେ ଚୂନ, କାଗଜକଳ ମଇଳା ଇତ୍ୟାଦି ମୃତ୍ତିକା ସଂଶୋଧନ ବ୍ୟବହାର କରନ୍ତୁ। ଫଳତଃ ଜମିରେ ଘାସ କମ୍ ହୋଇଥାଏ। ଅଧିକ ଜଳ ସଞ୍ଚିତ ହୁଏ ଓ ଅମଳ ଅଧିକ ହୋଇଥାଏ। ଏକକ ଫସଲ ପରିବର୍ତ୍ତେ ମିଶ୍ରିତ ବା ଅନ୍ତଃଫସଲ ଚାଷ କରନ୍ତୁ। ଢିପ ଜମିଗୁଡିକରେ କେବଳ ଧାନ ନ କରି ଅନ୍ୟ ଫସଲ ଯଥା-ମୁଗ, ବିରି, ହରଡ଼, ମାଣ୍ଡିଆ, ମକା ଆଦି ଫସଲ ଅନ୍ତଃଫସଲ ହିସାବରେ ନିଆଯାଇପାରେ। ବୁଣିବାବେଳେ ନାଳୀରେ ଖତ ପ୍ରୟୋଗ କରନ୍ତୁ। ମରୁଡି ସହି ପାରୁଥିବା ଧାନ କିସମ ଯଥା-ଅନ୍ନଦା, ପଥରା, ଯୋଗେଶ, ଖଣ୍ଡଗିରି, କଳିଙ୍ଗ-୩, ହୀରା, ବନ୍ଦନା ଇତ୍ୟାଦି ବ୍ୟବହାର କରନ୍ତୁ।

# ‘ଜିଲାସ୍ତରରେ ଭିତ୍ତିଭୂମି ବିକାଶ ଅପରିହାର୍ଯ୍ୟ’

ଭୁବନେଶ୍ୱର,୨୫।୪
(ସ୍ପୋର୍ଟ୍ସ ବ୍ୟୁରୋ)

କ୍ରୀଡ଼ା ସଂସ୍କୃତିକୁ ପ୍ରୋତ୍ସାହିତ କରିବାକୁ ହେଲେ ଜିଲାସ୍ତରରେ ସ୍ୱଳ୍ପ ବ୍ୟୟରେ ଭିତ୍ତିଭୂମି ବିକାଶ ଅପରିହାର୍ଯ୍ୟ। ସମ୍ପ୍ରତି ଇମ୍ଫାଲଠାରେ କେନ୍ଦ୍ର କ୍ରୀଡ଼ା ଓ ଯୁବସେବା ମନ୍ତ୍ରଣାଳୟ ଏବଂ କ୍ରୀଡ଼ା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ଆୟୋଜିତ ଦୁଇ ଦିନିଆ ସମ୍ମିଳନୀ ‘ଚିନ୍ତନ ଶିବିର’ରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ବିଭାଗୀୟ ସଚିବ ଭିନିଲ କ୍ରିଷ୍ଣା ମତବ୍ୟକ୍ତ କରିଥିଲେ। ‘ଚିନ୍ତନ ଶିବିର’ରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା କ୍ରୀଡ଼ାମନ୍ତ୍ରୀ ବେହେରା କହିଥିଲେ ଯେ, ରାଜ୍ୟରେ କ୍ରୀଡ଼ା ଇକୋସିଷ୍ଟମର ସାମଗ୍ରିକ ବିକାଶ ପାଇଁ ଓଡ଼ିଶାର ପ୍ରତିବଦ୍ଧତା ଅନନ୍ୟ ଭାଗୀଦାରି ହାଇପରଫର୍ମାନ୍ସ ସେଣ୍ଟର ଏବଂ ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକ ସହ ପାର୍ଟନରଶିପ୍‌ରୁ ପ୍ରତିଫଳିତ ହେଉଛି। ଏଫ୍‌ଆଇଏଚ୍ ଓଡ଼ିଶା ପୁରୁଷ ହକି ବିଶ୍ୱକପ୍ (୨୦୧୮, ୨୦୨୩), ଫିଫା ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍, ସାଫ୍ ୨୦ ବର୍ଷରୁ କମ୍ ଚାମ୍ପିୟନଶିପ୍ ଭଳି ବଡ଼ ବଡ଼ ଅନ୍ତର୍ଜାତୀୟ ଓ ଜାତୀୟ ଇଭେଣ୍ଟ ସମେତ ଅନ୍ୟ କ୍ରୀଡ଼ାର ସଫଳ ଆୟୋଜନ ଦ୍ୱାରା ଓଡ଼ିଶା ଏକ ସ୍ପୋର୍ଟ୍ସ ହବ୍‌ରେ ପରିଣତ ହୋଇପାରିଛି। ସେ କହିଥିଲେ, ଭାରତକୁ ଏକ କ୍ରୀଡ଼ା ସୁପରପାୱାର ଭାବେ ଗଢ଼ିତୋଳିବାକୁ ହେଲେ ଦେଶରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ କରିବାକୁ ହେବ। ଏଥିପାଇଁ ଆମ ସମସ୍ତଙ୍କୁ ମିଳିମିଶି କାର୍ଯ୍ୟ କରିବାକୁ ହେବ। ‘ଚିନ୍ତନ ଶିବିର’ରେ ରାଜ୍ୟ କ୍ରୀଡ଼ା ସଚିବ ଭିନିଲ କ୍ରିଷ୍ଣା ଓଡ଼ିଶା, ତାମିଲନାଡୁ, ରାଜସ୍ଥାନ, ନାଗାଲାଣ୍ଡ, ମଣିପୁର, ପଶ୍ଚିମବଙ୍ଗ ଏବଂ ମେଘାଳୟକୁ ନେଇ ଗଠିତ ଗ୍ରୁପ୍‌ର ନେତୃତ୍ୱ ନେଇଥିଲେ। ସେ କ୍ରୀଡ଼ା ଭିତ୍ତିଭୂମି ଓ କୋଚ୍ ବିକାଶ ଉପରେ ଆଲୋକପାତ କରିଥିଲେ। କ୍ରୀଡ଼ା ବିଜ୍ଞାନ, ତୃଣମୂଳସ୍ତରରେ ବିକାଶ, କୋଚ୍ ଶିକ୍ଷା କାର୍ଯ୍ୟକ୍ରମ ଏବଂ ବ୍ଲକ ଓ ଜିଲା ସ୍ତରରେ ସ୍ୱଳ୍ପ ବ୍ୟୟରେ ଭିତ୍ତିଭୂମି ସ୍ଥାପନ ଉପରେ ଗୁରୁତ୍ୱାରୋପ କରିଥିଲେ।



ଇମ୍ଫାଲଠାରେ ଆୟୋଜିତ ଦୁଇ ଦିନିଆ ସମ୍ମିଳନୀ ‘ଚିନ୍ତନ ଶିବିର’ ଅବସରରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର, ଓଡ଼ିଶା କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, କ୍ରୀଡ଼ା ସଚିବ ଆର୍. ଭିନିଲ କ୍ରିଷ୍ଣା ଓ ଅନ୍ୟମାନେ।

# ଦେଢ଼ ବର୍ଷ ପରେ ରାହାନେ ଫେରିଲେ

**ଡବ୍ଲ୍ୟୁଟିସି ଫାଇନାଲ ପାଇଁ ଭାରତୀୟ ଦଳ ଘୋଷିତ**

ନୂଆଦିଲ୍ଲୀ,୨୫।୪(ପି.ଟି)

ମଙ୍ଗଳବାର ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଫାଇନାଲ ପାଇଁ ୧୫ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳକୁ ଦୀର୍ଘ ଦେଢ ବର୍ଷ ପରେ ଅଜିଙ୍କ୍ୟ ରାହାନେ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ୍‌ରେ ସାମିଲ ଥିବା ସୂର୍ଯ୍ୟକୁମାର ଯାଦବ, ଇଶାନ କିଶନ ଓ କୁଲଦୀପ ଯାଦବ ବାଦ୍ ପଡିଛନ୍ତି। ରିହାବ୍‌ରେ ରହିଥିବା ପେସ୍ ବୋଲର ଯଶପ୍ରୀତ୍ ବୁମ୍‌ରା ମଧ୍ୟ ଏହି ଦଳରେ ସ୍ଥାନ ପାଇ ନାହାନ୍ତି। ଏକଦା ଭାରତୀୟ ଟେଷ୍ଟ ବ୍ୟାଟିଂ ଲାଇନ୍ ଅପର ଅଭିନ୍ନ ଅଙ୍ଗ ରହିଥିବା ରାହାନେ ଘରୋଇ କ୍ରିକେଟ ଓ ଆଇପିଏଲରେ ଉଲ୍ଲେଖନୀୟ ପ୍ରଦର୍ଶନ ପରେ ଟିମ୍‌କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଲଣ୍ଡନର ଓଭାଲରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଜୁନ୍ ୭ରୁ ୧୧ ମଧ୍ୟରେ ଅନୁଷ୍ଠିତ ହେବ। ବିସିସିଆଇର ୫ ଜଣିଆ ଚୟନ କମିଟି, ଅଧିନାୟକ ରୋହିତ ଶର୍ମା, ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍ ଓ ସମ୍ପାଦକ ଜୟ ଶାହାଙ୍କ ମଧ୍ୟରେ ସୋମବାର ସନ୍ଧ୍ୟାରେ ଏକ ବୈଠକ ପରେ ଏହି ଟିମ୍‌କୁ ଚୟନ କରାଯାଇଛି। ଦୀର୍ଘ ୧୫ ମାସ ପରେ ରାହାନେ ଭାରତୀୟ ଦଳକୁ ପୁନର୍ବାର ଡାକରା ପାଇଛନ୍ତି। ଘରୋଇ କ୍ରିକେଟରେ ମୁମ୍ବାଇର ନେତୃତ୍ୱ ନେଉଥିବା ରାହାନେ ରଣଜୀ ଟ୍ରଫିରେ ୧୧ ମ୍ୟାଚ୍‌ରୁ ୫୭.୬୩ର ଆଭରେଜ ସହିତ ୬୩୪ ରନ୍ ସ୍କୋର କରିଥିଲେ। ଚଳିତ ଆଇପିଏଲ୍‌ରେ ସେ ଅଦ୍ୟାବଧି ୧୯୦ରୁ ଅଧିକ ଷ୍ଟ୍ରାଇକରେଟରେ ରନ୍ ସଂଗ୍ରହ କରିଛନ୍ତି। ଏହା ବ୍ୟତୀତ ସେନା(ସାଉଥ୍ ଆଫ୍ରିକା, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ) ରାଷ୍ଟ୍ରରେ ଖେଳିବାରେ ରାହାନେଙ୍କ ଅଭିଜ୍ଞତା କାରଣରୁ ତାଙ୍କୁ ଚୟନ କରାଯାଇଛି। ଶେଷ ଥର ପାଇଁ ରାହାନେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଜାନୁୟାରୀ ୨୦୨୨ରେ ଅନ୍ତିମ ଟେଷ୍ଟ ମ୍ୟାଚ୍ ଖେଳିଥିଲେ।

ଏହା ବ୍ୟତୀତ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳରେ ଅନ୍ୟ ଖେଳାଳି ଆପାତତଃ ସମାନ ରହିଛନ୍ତି। କୌଣସି ଖେଳାଳିଙ୍କୁ ଉପଅଧିନାୟକ ଭାବରେ ନିଯୁକ୍ତ କରାଯାଇ ନ ଥିବା ବେଳେ ଚେତେଶ୍ୱର ପୂଜାରାଙ୍କୁ ଏହି ଦାୟିତ୍ୱ ମିଳିପାରେ। ପୂଜାରା ବର୍ତ୍ତମାନ ଇଂଲିଶ କାଉଣ୍ଟି ଦଳ ସସେକ୍ସର ନେତୃତ୍ୱ ନେଉଛନ୍ତି। ଶ୍ରୀକର ଭରତ ଏକମାତ୍ର ସ୍ପେଶାଲିଷ୍ଟ ଉଇକେଟ କିପର ଭାବରେ ଦଳରେ ସ୍ଥାନ ପାଇଥିବା ବେଳେ ଇଶାନ୍ କିଶନ୍‌ଙ୍କୁ ଦଳରୁ ବାଦ୍ ଦିଆଯାଇଛି। ମାତ୍ର ଗୋଟିଏ ଟେଷ୍ଟ ଖେଳିବାକୁ ଥିବାରୁ ଦ୍ୱିତୀୟ ଉଇକେଟକିପର ନିଆଯାଇ ନାହିଁ। ଫର୍ମ ସହିତ ସଂଘର୍ଷ କରୁଥିବା ଲୋକେଶ ରାହୁଲ ଯଦି ଉଇକେଟ କିପିଂ କରିବେ ତେବେ ଅତିରିକ୍ତ ବ୍ୟାଟର ଭାବରେ ଅଜିଙ୍କ୍ୟ ରାହାନେ ଟିମ୍‌ରେ ସ୍ଥାନ ପାଇପାରିବେ। ଭାରତୀୟ ଦଳରେ ୪ ଜଣ ବୋଲିଂ ଅଲରାଉଣ୍ଡରଙ୍କୁ ସ୍ଥାନ ମିଳିଛି। ରବିଚନ୍ଦ୍ରନ ଅଶ୍ୱିନ୍, ଶାର୍ଦ୍ଦୂଳ ଠାକୁର, ରବୀନ୍ଦ୍ର ଜାଡେଜା ଓ ଅକ୍ଷର ପଟେଲଙ୍କୁ ଏହି ୧୫ ଜଣିଆ ଦଳରେ ସ୍ଥାନ ମିଳିଛି। ଓଭାଲର ପରିସ୍ଥିତି ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ସ୍ପିନରଙ୍କୁ ସାମାନ୍ୟ ସୁହାଇଥାଏ। ତେଣୁ ଭାରତ ୩ ପେସ୍ ଓ ଦୁଇ ଜଣ ସ୍ପିନ୍ ବୋଲରଙ୍କ ସହିତ ଖେଳିପାରେ। ମହମ୍ମଦ ଶାମି, ମହମ୍ମଦ ସିରାଜ ଓ ଶାର୍ଦ୍ଦୂଳଙ୍କ ଉପରେ ପେସ୍ ବୋଲିଂ ଭାର ରହିବ। ଶାର୍ଦ୍ଦୂଳଙ୍କ ସ୍ଥାନରେ ଉମେଶ ଯାଦବଙ୍କୁ ମଧ୍ୟ ସୁଯୋଗ ମିଳିପାରେ। ପଞ୍ଚମ ସିମ୍ ବୋଲର ଭାବରେ ରହିଥିବା ଜୟଦେବ ଉନାଡକଟଙ୍କୁ ସୁଯୋଗ ମିଳିବାର ସମ୍ଭାବନା କମ୍ ରହିଛି।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଶୁବମାନ ଗିଲ୍, ଚେତେଶ୍ୱର ପୂଜାରା, ବିରାଟ କୋହଲି, ଅଜିଙ୍କ୍ୟ ରାହାନେ, ଲୋକେଶ ରାହୁଲ, ଶ୍ରୀକର ଭରତ, ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ଶାର୍ଦ୍ଦୂଳ ଠାକୁର, ମହମ୍ମଦ ଶାମି, ମହମ୍ମଦ ସିରାଜ, ଉମେଶ ଯାଦବ ଓ ଜୟଦେବ ଉନାଡ୍‌କଟ।



ଅଜିଙ୍କ୍ୟ ରାହାନେ

# ପୁରୀକୁ ୧୫-୧ରେ ହରାଇଲା ସୁନ୍ଦରଗଡ଼



ସୁନ୍ଦରଗଡ଼ ଓ ପୁରୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ଭୁବନେଶ୍ୱର, ୨୫।୪
(କ୍ରୀଡ଼ା ପ୍ରତିନିଧି)

**ସାହାଣୀ କପ୍ ଫୁଟ୍‌ବଲ**

ସିନିୟର ପୁରୁଷ ଆନ୍ତଃ ଜିଲା ଫୁଟବଲ ଚାମ୍ପିୟନଶିପ୍ ସାହାଣୀ କପ୍‌ରେ ମଙ୍ଗଳବାର ୪ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ୭ମ ବାଟାଲିୟନ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ସୁନ୍ଦରଗଡ଼ ୧୫-୧ ଗୋଲରେ ପୁରୀକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଆକାଶ ବେକ୍ ୧୭, ୨୧, ୩୯, ୫୧ ଓ ୬୩ତମ ମିନିଟରେ ୫ଟି, କିଶୋର ଖାଡିଆ ୫, ୬୭, ୮୭ ଓ ୯୦ତମ ମିନିଟରେ ୪ଟି, ସ୍ୱାଧୀନ ବଡ଼େଇ ୫୩ ଓ ୫୬ତମ ମିନିଟରେ ୨ଟି ଏବଂ ଶକ୍ତି କିଶାନ ୨୦, ମହେଶ ପ୍ରଧାନ ୪୩, ଜମିର ଓରାମ ୭୫ ଓ ପ୍ରଶାନ୍ତ ଓରାମ ୬୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପୁରୀ ପକ୍ଷରୁ ବି. ଶିବା ୬୭ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ।

**ଭୁବନେଶ୍ୱର ୧୧, ନୟାଗଡ଼ ୨**

କ୍ୟାପିଟାଲ ଫୁଟବଲ ଆରେନାରେ ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର ୧୧-୨ ଗୋଲରେ ନୟାଗଡ଼କୁ ପରାସ୍ତ କରିଛି। ଭୁବନେଶ୍ୱର ପକ୍ଷରୁ ଭାବଗ୍ରାହୀ ପଡ଼ିହାରୀ ୩୩, ୩୪, ୪୫+୧ ଓ ୪୬ତମ ମିନିଟରେ ୪ଟି, ପପୁ ମାଝି ୭, ୯ ଓ ୫୬ତମ ମିନିଟରେ ୩ଟି, ରାଜେଶ ନାୟକ ୨୫ ଓ ୪୫ତମ ମିନିଟରେ ୨ଟି ଏବଂ ସେକ୍ ଜାହିଦ ୬୦ ଓ ସମିତ ପାନା ୭୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ନୟାଗଡ଼ ପକ୍ଷରୁ ବସନ୍ତ ହେମ୍ବ୍ରମ ୪୯ ଓ ମୁନୁ ଗଗରାଇ ୯୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।

**ବୌଦ୍ଧ ୬, ବାଲେଶ୍ୱର ୦**

କଟକର ବିଡ଼ାନାସୀ ପଡ଼ିଆରେ ଆୟୋଜିତ ମ୍ୟାଚରେ ବୌଦ୍ଧ ୬-୦ ଗୋଲରେ ବାଲେଶ୍ୱରକୁ ହରାଇ ଦେଇଛି। ବୌଦ୍ଧ ପକ୍ଷରୁ ଅନୁରାଗ ସାହୁ ୨୯ ଓ ୪୫+୨ ମିନିଟରେ ୨ଟି, ବିକ୍ରମ ନାଏକ ୭୨ ଓ ୮୩ତମ ମିନିଟରେ ୨ଟି ଏବଂ ଓଁକାର ଦେହୁରୀ ୫୧ ଓ ଦେବାଶିଷ ବେହେରା ୫୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

**ଜଗତ୍‌ସିଂହପୁର ୨, ଅନୁଗୋଳ ୦**

କଟକ ଚୌଦ୍ୱାରସ୍ଥିତ ଓଟିଏମ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଜଗତ୍‌ସିଂହପୁର ୨-୦ ଗୋଲରେ ଅନୁଗୋଳକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ଯଦୁନାଥ ହାଁସଦା ୮୫ ଓ ଚତୁରଞ୍ଜନ ମାରାଣ୍ଡି ୯୦+୧ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।

# ମୁମ୍ବାଇକୁ ହରାଇଲା ଗୁଜରାଟ

ଅହମଦାବାଦ, ୨୫।୪

ଶୁବମନ ଗିଲ୍‌ଙ୍କ ଦ୍ରୁତ ଅର୍ଦ୍ଧଶତକ ଏବଂ ଡେଭିଡ ମିଲର ଓ ଅଭିନବ ମନୋହରଙ୍କ ଦୃଢ଼ ବ୍ୟାଟିଂ ପରେ ଆଫଗାନ ସ୍ପିନରଙ୍କ ଚମତ୍କାର ବୋଲିଂ ସହାୟତାରେ ଗୁଜରାଟ ଟାଇଟନ୍ସ ମଙ୍ଗଳବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସକୁ ୫୫ ରନରେ ପରାସ୍ତ କରିଛି। ଘରୋଇ ଦର୍ଶକଙ୍କ ସମର୍ଥନରେ ଉତ୍ସାହିତ ଗୁଜରାଟ ୨୦ ଓଭରରେ ୬ ଉଇକେଟ ହରାଇ ୨୦୭ ରନ କରିଥିଲା। ଜବାବରେ ମୁମ୍ବାଇ ୨୦ ଓଭରରେ ୯ ଉଇକେଟ ହରାଇ ୧୫୨ ରନ କରିଥିଲା। ୭ ମ୍ୟାଚରୁ ୫ମ ବିଜୟ ସହ ଗୁଜରାଟ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଫଳରେ ଚେନ୍ନାଇ ସୁପରକିଙ୍ଗ୍ସ ପରେ ଦ୍ୱିତୀୟ ଦଳଭାବେ ଗୁଜରାଟ ଦଳର ପଏଣ୍ଟ ୧୦ରେ ପହଞ୍ଚିଛି। ଅନ୍ୟପକ୍ଷରେ ମୁମ୍ବାଇ ୭ ମ୍ୟାଚରୁ ୪ର୍ଥ ପରାଜୟ ବରଣ କରିଛି।

ଟସ୍‌ଜିତି ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ରୋହିତ ଶର୍ମା ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଗୁଜରାଟ ଯଦିଓ ମାତ୍ର ୧୨ ରନରେ ପ୍ରଥମ ଉଇକେଟ ହରାଇଥିଲା ତେବେ ଶୁବମନ ଗିଲ୍‌ଙ୍କ ଦ୍ରୁତ ଅର୍ଦ୍ଧଶତକ ସହାୟତାରେ ଲକ୍ଷ୍ୟ ପଥରେ ଅଗ୍ରସର ହୋଇଥିଲା। ଶୁବମନ ୩୪ ବଲ୍‌ରୁ ୭ ଚୌକା ଓ ୧ ଛକା ସହାୟତାରେ ୫୬ ରନ କରିଥିଲେ। ଡେଭିଡ ମିଲର ଓ ଅଭିନବ ମନୋହରଙ୍କ ବିସ୍ଫୋରକ ବ୍ୟାଟିଂ ମୁମ୍ବାଇ ଇଣ୍ଡିଆନ୍ସ ବୋଲରଙ୍କ ପାଇଁ ଦୁଃସ୍ୱପ୍ନ ପାଲଟିଥିଲା। ମିଲର ୨୨ ବଲ୍‌ରୁ ୪୬ (୨ ଚୌକା, ୪ ଛକା) ଓ ମନୋହର ୨୧ ବଲ୍‌ରୁ ୪୨ (୩ ଚୌକା, ୩ ଛକା) ରନ ସ୍କୋର କରିଥିଲେ। ଶେଷ ଭାଗରେ ରାହୁଲ ଟେୱାଟିଆ ମାତ୍ର ୫ ବଲ୍‌ରୁ ୨୦ (୩ ଛକା) ରନ କରିବାରୁ ଗୁଜରାଟ ସ୍କୋର ୨୦୦ ଅତିକ୍ରମ କରିଥିଲା।

ବଡ଼ ଟାର୍ଗେଟର ଚାପ ରହିଥିବାବେଳେ ମୁମ୍ବାଇ ଦ୍ୱିତୀୟ ଓଭରରେ ଅଧିନାୟକ ରୋହିତ ଶର୍ମା (୨ ରନ)ଙ୍କ ଉଇକେଟ ହରାଇ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ହାର୍ଦ୍ଦିକ ପାଣ୍ଡ୍ୟା ଏହି ଉଇକେଟ ନେଇଥିଲେ। ଏହାପରେ ଆଫଗାନିସ୍ତାନର ଦୁଇ ସ୍ପିନର ନୁର୍ ଅହମଦ ଓ ରଶିଦ ଖାଁ ୫ ଉଇକେଟ ବାଣ୍ଟିନେବାରୁ ମୁମ୍ବାଇ ପରାଜୟ ମୁହାଁ ହୋଇଥିଲା। ଲୋୟର ଅର୍ଡର ବ୍ୟାଟର ନେହାଲ ୱାଧେରା ସର୍ବାଧିକ ୪୦ ରନ୍ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୨୦୭/୬ (ଶୁବମନ ଗିଲ-୫୬, ଡେଭିଡ ମିଲର-୪୬, ଅଭିନବ ମନୋହର-୪୨, ପୀୟୁଷ ଚାୱଲା-୨/୩୪, ଅର୍ଜୁନ ତେନ୍ଦୁଲକର-୧/୯, ଜାସନ ବେହରନଡର୍ଫ-୧/୩୭, କୁମାର କାର୍ତ୍ତିକେୟ-୧/୩୯, ରିଲେ ମେରେଡିଥ୍-୧/୪୯)। ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୫୨/୯ (ନେହାଲ ୱାଧେରା-୪୦, କାମେରନ ଗ୍ରୀନ୍-୩୩, ସୂର୍ଯ୍ୟକୁମାର ଯାଦବ-୨୩, ନୁର୍ ଅହମଦ-୩/୩୭, ରଶିଦ ଖାଁ-୨/୨୭, ମୋହିତ ଶର୍ମା-୨/୩୮, ହାର୍ଦ୍ଦିକ ପାଣ୍ଡ୍ୟା-୧/୧୦)।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)
**ବାଙ୍ଗାଲୋର ବନାମ କୋଲକାତା**
ସ୍ଥାନ:ବେଙ୍ଗାଲୁରୁ,
ସମୟ: ରାତି ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଓଡ଼ିଶା ଏଫ୍‌ସି ଜିତିଲା ସୁପରକପ୍

ଭୁବନେଶ୍ୱର,୨୫।୪
(ସ୍ପୋର୍ଟ୍ସ ବ୍ୟୁରୋ)

ସୁପର୍ କପ୍ ଫୁଟବଲର ଚତୁର୍ଥ ସଂସ୍କରଣରେ ଚାମ୍ପିୟନ୍ ହୋଇଛି ଓଡ଼ିଶା ଏଫ୍‌ସି (ଓଏଫ୍‌ସି)। ନୂତନ କୋଚ୍ କ୍ଲିଫୋର୍ଡ ମିରାଣ୍ଡାଙ୍କ ଅଧୀନରେ ପ୍ରଥମ ଥର ପାଇଁ ସୁପର କପ୍‌ରେ ଅଂଶଗ୍ରହଣ କରିଥିବା ବେଳେ ଦଳ ଏହାର ପ୍ରଥମ ଜାତୀୟ ଟାଇଟଲ୍ ହାସଲ କରିଛି। ଏହା ସହିତ ପ୍ରଥମ ଭାରତୀୟ କୋଚ୍ ଭାବରେ ମିରାଣ୍ଡା ଓଏଫ୍‌ସିକୁ ଚାମ୍ପିୟନ କରାଇଛନ୍ତି। ମଙ୍ଗଳବାରର ଫାଇନାଲ ମ୍ୟାଚରେ ଡିଏଗୋ ମରିସିଓ ଡବଲ ଗୋଲ ସ୍କୋର କରିଥିବା ବେଳେ ବେଙ୍ଗାଲୁରୁ ଏଫ୍‌ସିକୁ ୨-୧ ଗୋଲରେ ହରାଇଛି ଓଏଫ୍‌ସି। ଓଡ଼ିଶା ପକ୍ଷରୁ ମରିସିଓ (୨୩ ଓ ୩୭ ତମ ମିନିଟରେ) ଦୁଇଟି ଗୋଲ ସ୍କୋର କରିଥିବା ବେଳେ ୮୫ ତମ ମିନିଟରେ ବେଙ୍ଗାଲୁରୁ ପକ୍ଷରୁ ସୁନୀଲ ଛେତ୍ରୀ ଗୋଟିଏ ଗୋଲ ପରିଶୋଧ କରିଥିଲେ। କୋଝିକୋଡ ସ୍ଥିତ ଇଏମଏସ୍ ଷ୍ଟାଡିୟମରେ ଫାଇନାଲ ଅନୁଷ୍ଠିତ ହୋଇଥିଲା। ଫାଇନାଲରେ ଡବଲ୍ ଗୋଲ୍ ସହିତ ଆଇଏସ୍‌ଏଲ୍ ଗୋଲ୍ଡେନ୍ ବୁଟ୍ ବିଜେତା ଡିଏଗୋ ମରିସିଓ ଓଏଫ୍‌ସି ପକ୍ଷରୁ ସର୍ବାଧିକ ୫ ଗୋଲ ସ୍କୋର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନନ୍ଦ କୁମାର ଶେକର ୪ ଗୋଲ ମାରିଛନ୍ତି। ଅମରିନ୍ଦର ସିଂଙ୍କୁ ଗୋଲକିପର୍ ଅଫ୍ ଦ ଟୁର୍ଣ୍ଣାମେଣ୍ଟ ଘୋଷଣା କରାଯାଇଥିଲା।

# ଉତ୍କଳ ଚାମ୍ପିୟନ, ନିଲ୍‌ସୁ ରନରଅପ୍

ଭୁବନେଶ୍ୱର, ୨୫।୪
(କ୍ରୀଡ଼ା ପ୍ରତିନିଧି)

**ସର୍ବଭାରତୀୟ ଓପନ ଫିଡେ ରେଟିଂ ଚେସ**

ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ ଖୋର୍ଦ୍ଧାର ବରୁଣେଇଠାରେ ଆୟୋଜିତ କେଟି ଗ୍ଲୋବାଲ ସର୍ବଭାରତୀୟ ଓପନ ଫିଡେ ରେଟିଂ ଚେସ୍ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ୯ ରାଉଣ୍ଡ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ଉତ୍କଳ ରଞ୍ଜନ ସାହୁ ଓ ନିଲ୍‌ସୁ ପଟ୍ଟନାୟକ ଏବଂ ପଶ୍ଚିମବଙ୍ଗର ଆଲେଖ୍ୟ ମୁଖୋପାଧ୍ୟାୟ ଓ ଅର୍ପଣ ଦାସ ୭.୫ ପଏଣ୍ଟ ଲେଖାଏ ପାଇଛନ୍ତି। ତେବେ ବୁକୋଲଜରେ ଉତ୍କଳ ପ୍ରଥମ ଓ ନିଲସୁ ଦ୍ୱିତୀୟ ସ୍ଥାନ ଅଧିକାର କରି ଯଥାକ୍ରମେ ଚାମ୍ପିୟନ ଓ ରନରଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶାର କୌସ୍ତୁଭ ଦାଶ, ତପନ ବଡ଼ମୁଣ୍ଡି, ପ୍ରିୟାଂଶ ଦାସ, ସାଜନ କୁମାର ନାୟକ ଏବଂ ପଶ୍ଚିମବଙ୍ଗର ଅରିତ୍ରୟ ପାଲ୍ ଓ ଉଦ୍ଦୀପନ ରାୟ ଟପ୍-୧୦ ଫିନିଶ୍ କରିଛନ୍ତି। ଚାମ୍ପିୟନ ଉତ୍କଳଙ୍କୁ ଟ୍ରଫି ସହ ୫୦,୦୦୦, ରନରଅପ୍ ନିଲସୁଙ୍କୁ ୩୦,୦୦୦ ଓ ତୃତୀୟ ହୋଇଥିବା ଆଲେଖ୍ୟଙ୍କୁ ୨୦,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଛି। ୨୦ ଖେଳାଳିଙ୍କୁ ମୁଖ୍ୟ ପୁରସ୍କାର ବ୍ୟତୀତ ୧୦୦୦ରୁ ୧୧୯୯, ୧୨୦୦ରୁ ୧୩୯୯, ୧୪୦୦ରୁ ୧୫୯୯ ରେଟିଂ ବର୍ଗରେ ଶ୍ରେଷ୍ଠ ୧୦ ଜଣ ଲେଖାଏ ଏବଂ ୫ ଅଣରେଟେଡ, ୫ ଓଡ଼ିଆ ଖେଳାଳି ଏବଂ ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା।

ଅରାତି ବିଜୟ ମହାନ୍ତିଙ୍କ ସ୍ମୃତିରେ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଓ ସର୍ବଭାରତୀୟ ଚେସ୍ ଫେଡେରେଶନର ସ୍ୱୀକୃତିପ୍ରାପ୍ତ ଏହି ଟୁର୍ଣ୍ଣାମେଣ୍ଟ ପ୍ରତି ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନର ସମର୍ଥନ ରହିଥିଲା। ଏଥିରେ ଭାଗ ନେଇଥିବା ୧୯୦ଙ୍କ ମଧ୍ୟରେ ସିରିୟାର ଜଣେ ଖେଳାଳି ଅଲ୍‌ହାଜାର ମହାଇଦ୍ ଆକର୍ଷଣର କେନ୍ଦ୍ରରେ ରହିଥିଲେ। ସେ ୧୨୦୦ରୁ କମ୍ ରେଟିଂ ବର୍ଗରେ ୮ମ ସ୍ଥାନରେ ରହିଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ଶୁଭ୍ରାଂଶୁ ମିଶ୍ର ମୁଖ୍ୟ ଅତିଥି ଏବଂ ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ, କେଟି ଗ୍ଲୋବାଲ ସ୍କୁଲ ପ୍ରିନ୍ସିପାଲ ଦୀପ୍ ଖାରେ, ଓଡ଼ିଶା କ୍ରିକେଟ ଆସୋସିଏଶନ ଜୁନିୟର ଚୟନ କମିଟି ମୁଖ୍ୟ ପ୍ରଭଞ୍ଜନ ମଲିକ, ଆଇଆଇଜି ଟେକ୍ନୋଲୋଜି ନିର୍ଦ୍ଦେଶକ ନିରଞ୍ଜନ କୁମାର ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟ ଆର୍ବିଟର ନିହାର ରଞ୍ଜନ ସାସମଲ ଓ ଡେପୁଟି ଆର୍ବିଟର ଜ୍ୟୋତି ଶଙ୍କର ନନ୍ଦ ଉପସ୍ଥିତ ଥିଲେ।



କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ